କାରଣରୁ କେଚେୱାଏ ଏ ଭୂଟାନ ସେହି ସବୁ ରାଂଘର ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଅଛନ୍ତି, ସେମାନେ କେଚେୱାଙ୍କୁ ଏହାବେଳକେ ଦଣ୍ଡ କରିବାକୁ ଉଚିତ । କମିଶନର ଲର୍ଡ ଉଲିକ୍ ବ୍ରାଉନ ଏହି ଉପଦ୍ରବ ନିବାରଣାର୍ଥେ ବକ୍ସା ପାହାଡ଼କୁ ଯାଇ ଅଛନ୍ତି ନାଗମାନେ ଅମ୍ଭ ନ ଅମ୍ଭମୁ ପୁନରପି ଏକ ନୂତନ ଉତ୍ପାତ ଆରମ୍ଭ ହେଲା ।

* ଶାଟକାମୁଡ଼ାର କୌଣସି ନୂତନ ଔଷଧ ବାହାର ହୋଇଅଛି ଅସ୍ମାନଙ୍କର ପାଠକ ସ୍ୱୟଂ ତାହା ପରୀକ୍ଷା କରି ଦେଖିବେ । ସର୍ପ କାମୁଡ଼ିଲା ମାତ୍ରକେ ତତ୍କ୍ଷଣାତ୍ ରୋଗୀକୁ ଅଳ୍ପ ଲୁଣପାଣି ଖୁଆଇଲେ ମଧ୍ୟ ଦଂଶସ୍ଥାନରେ ଦେଇ ପାରିଲେ ଶୀଘ୍ର ବିଷ ଓହ୍ଲାଇ ଯାଏ । ଅସ୍ମେମାନେ ବହୁ ଔଷଧର କଥା ଶୁଣିଅଛୁଁ ଯେତେବେଳେ କପାଳଦୋଷର କାମୁଡ଼େ ସେତେବେଳେ ସାକ୍ଷାତ୍ ମନସା ଥିଲେହେଁ କିଛି ହୋଇ ନ ପାରେ ।

୭ । ସମ୍ପ୍ରତି ଭୁଟ ରାଜଧାନୀରେ ୫୦୦ ଲୋକ ବନ୍ଦୀ ହୋଇ ଥିବା ହୋଇ ଅଛନ୍ତି । ତନ୍ମଧ୍ୟରେ ଅଧିକାଂଶ ସ୍ତ୍ରୀ ଲୋକ ବ୍ୟଭିଚାର ଜାରିକତା ଓ ରାଜଦ୍ରୋହ ଏହାର ପ୍ରାୟ ଏକତ୍ର ସମାବେଶ ଦେଖା ଯାଏ । ଏଥିର କୌଣସି ଗୋଟିଏ ଥିଲେ ଅପର ଦୁଇଟି ଅବଶ୍ୟ ଯୋଗ ହେବ ।

ସମ୍ବାଦପତ୍ରମାନଙ୍କରେ ଲେଖା ଯାଏ ଯେ ଜଣେ ଇଉରୋପୀୟ ଅତି ସୁନ୍ଦରୀ ବାଳିକା ସନ ୧୮୫୭ ସାଲର ବିଦ୍ରୋହ ସମୟରେ ହତ ହୋଇଥିବା ସମ୍ପ୍ରତି ଇଣ୍ଡିଆ ଅଫିସରେ ପ୍ରକାଶ ହୋଇଅଛି ଯେ ଉକ୍ତ ସ୍ତ୍ରୀ ମକ୍କାର ଏକ ଅନ୍ତଃପୁରରେ ଥିଲା । ସମ୍ପ୍ରତି ସେ ଭାରତବର୍ଷରେ ଅଛି ଓ ତାହାର ବଞ୍ଚିବାର ପ୍ରମାଣ ନିମିତ୍ତ କେତେକ ପ୍ରଶ୍ନ ଏଠାକୁ ଆସିଅଛି ।

ଆଇରିଶ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ନିଯୁକ୍ତଥିବା କମିଟି ଛୋଟଲାଟଙ୍କୁ ଧନ୍ୟବାଦର ପତ୍ର ପାଇ ଅଛନ୍ତି । ସୁଖର ବିଷୟ ।

ତ୍ରିବେଣୀରେ ଗଙ୍ଗା ବସ୍ତ୍ର ଘର ରଜଣୀ ଦୁଇହେଁ ଗୋଟିଏ ବାଳକ ପୁତ୍ରକୁ ଘେନି ଗଲେ । ବାଳକଟି ପାଣିରେ ପ୍ରବେଶ ମାତ୍ରକେ ବୁଡ଼ି ଗଲା । ବାଳକାଟି ଛାତି ପାଣି ପର୍ଯ୍ୟନ୍ତ ଯାଇ ଭାବଲା ଭଲ ମୋତ୍ ହାତ ଧରି ଉଠି ଅସ କାହିଁକି ପାଣିରେ ବୁଡ଼ି ରହିଲି ଏମନ୍ତ ସମୟରେ ଦୁଇଜଣ ସ୍ତ୍ରୀଲୋକ ପ୍ରବେଶ ହୋଇ ଉଦ୍ଧାର କରିବାରେ ଅନେକ ଲୋକ ଦେଖି ଅଛି ତାହାଙ୍କାର କଲେ ମାତ୍ର କେହି ସେ ବାଳକର ଉଦ୍ଧାର ଚେଷ୍ଟା ନ କଲେ । ତାହାର ପିତା ଅସି ପାଣିରେ ପଶିଲା ମାତ୍ର କୃତକାର୍ଯ୍ୟ ହୋଇ ନ ପାରି କାନ୍ଦିବାରେ ରହିଲା । ଜଣେ ବ୍ରାହ୍ମଣ ନାହକଟ୍ରଙ୍କ ପାଣିରେ ବୁଡ଼ି ସେ ବାଳକକୁ ଉଠାଇ ଆଣିଲା । ବାଳକ ମୃତକଳ୍ପ ହୋଇଥିବା ମାତ୍ର ଶୁଶ୍ରୂଷା କରିବାରେ ଅର୍ଦ୍ଧଘଣ୍ଟାରେ ସଚେତନ ହେଲା । ଧନ୍ୟ ସେ ବ୍ରାହ୍ମଣ ! ଏହିପରି କାର୍ଯ୍ୟହିଁ ଯଥାର୍ଥ ବୀରତ୍ୱ ଓ ମହାପୁଣ୍ୟ !

୧ ଏଭଜେକସନ ଟେକ୍ସରୁ କଣାଯାଏ ଯେ ସିପାହୀମାନଙ୍କ ମଧ୍ୟରୁ ଯେଉଁମାନେ ପେନସନ ନେଇ ଅଛନ୍ତି, ସେମାନଙ୍କ ମଧ୍ୟରେ ଅନେକ ଲୋକ ଅଦ୍ୟାପି ସବଳ ଓ କର୍ମକ୍ଷମ ଅଛନ୍ତି ବଙ୍ଗଳା ଗବର୍ଣ୍ଣମେଣ୍ଟରୁ ଏହିରୂପ ୧୦,୦୦୦ ମାନ୍ଦ୍ରାଜରୁ ୨୦୦୦୦ ବୋମ୍ବେଇରୁ ଏହିରୂପ ଦଶ ହଜାର ଲୋକ ମିଳି ପାରିବ ଗବର୍ଣ୍ଣମେଣ୍ଟ ମନେ କରୁ ଅଛନ୍ତି ଏହିମାନେ ସିପାହୀଙ୍କ ଅର୍ଦ୍ଧବେତନ ଦେବା ନିୟମରେ ଉପସ୍ଥିତ ବନ୍ଦୋବସ୍ତ ସମୟରେ ରକ୍ଷା ଭଳି କାର୍ଯ୍ୟରେ ନିଯୁକ୍ତ କରିବେ । ପରାମର୍ଶ ମନ୍ଦ ନୁହେ । ଏପରି ଲୋକଙ୍କଦ୍ୱାରା ସହଜେ ଉତ୍ତମରୂପେ କାର୍ଯ୍ୟ ନିର୍ବାହ ହେବାର ସମ୍ଭାବନା ।

୨ କାବୁଲର ଚତୁଃପାର୍ଶ୍ୱରେ ମାଇଲକ ମଧ୍ୟରେ ଶତ୍ରୁ ଥାଇଣର ନଷ୍ଟେ ଅଛି ସ୍ୱଚଷ୍ଟ ପ୍ରକୃତ ହୋଇଅଛି । ଅସ୍ଥାୟୀ ଯେଉଁ ସକଳଙ୍କୁ ଦୃଷ୍ଟ ହେଉ ଅଛନ୍ତି ସେମାନେ ଏହାବେଳକେ ଧୃତ ହୋଇ ଦଣ୍ଡ ପାଉଅଛନ୍ତି ।

କଲିକତାସ୍ଥ ଶିକ୍ଷାର ଗୋଟିଏ ସଭା ଅଛି । ମହାମାନ୍ୟ ବଡ଼ ଲାଟ ସାହେବ ତାହା ସଂଦର୍ଶନାର୍ଥ ଗମନ କରିଥିବାରୁ ଏହି ଶୁଭଘଟଣାର ଚିରସ୍ମରଣ ନିମନ୍ତେ ଉକ୍ତ ସଭାକୁ ବଙ୍ଗଳାର ରାଜା ଏକ ସହସ୍ର ଟଙ୍କା ଦାନ କରି ଅଛନ୍ତି । ଏଦାନରେ ସେ ସଭାର ଉନ୍ନତି ସାଧନ ହେବ ଅଥଚ ନାମ ରହିବ । ଏହିପରି ଦାନ ଯଥାର୍ଥ ଶ୍ରେୟସ୍କର ।

କାବୁଲଠାରେ ଗରିବମାନଙ୍କ ମଧ୍ୟରୁ ଜ * ଣ ଗରିବଙ୍କ କାମନା ହେବାରୁ ସବୁ ଗରିବେ ମିଳି ଧର୍ମଘଟ କରି ବିଷାରମାନଙ୍କୁ ଗୋରୁ ବଣ୍ଟି କରିବେ ନାହିଁ ବୋଲି ପ୍ରତିଜ୍ଞା କରିଅଛନ୍ତି ; ଏଣୁ କଲିକତା ନଗରରେ ମାଂସ ଭୋଜିମାନଙ୍କ ସଙ୍ଗରେ ଅକାଳ ପଡ଼ିଅଛି ।

ଗତବର୍ଷ ଭାରତରେ ଗବର୍ଣ୍ଣମେଣ୍ଟଙ୍କର ଅୟ ୮୦ କୋଟି ଟଙ୍କା, ବ୍ୟୟ ୮୪ କୋଟି ଟଙ୍କା ; ସୁତରାଂ ଅୟ ଅପେକ୍ଷା ବ୍ୟୟ ଅଧିକ ହୋଇଅଛି; ତଥାପି କୌଣସି କ୍ଷତିବୃଦ୍ଧି ହୋଇ ନାହିଁ । ଯେଣୁକି ଅଫଗାନ ଯୁଦ୍ଧର ବ୍ୟୟଭାର ଭାରତବର୍ଷ ଉପରେ ଲଦା ଗଲା ; ସୁତରାଂ ତାହାର ମତାମତ ଗ୍ରହଣ କରିବାର ପ୍ରୟୋଜନ ନାହିଁ ।

## ପତ୍ର-ପ୍ରେରକଙ୍କପ୍ରତି ।

କୋହିନୂର ୨ ୟ ସଂଖ୍ୟା—ଅତ ପ୍ରକାଶ କରିବାର ପ୍ରୟୋଜନ ନାହିଁ । ପ୍ରଥମ ସଂଖ୍ୟା ପାଠକଙ୍କ ରୁଚିକୁ କପାଳ ଯେମନ୍ତ ନୂତନ ସମ୍ପାଦକ ଅବଶ୍ୟ ଅନୁସନ୍ଧାନ କରି ବୁଝି ଥିବେ । ଯେବେ ତାହା ଉତ୍ସାହଜନକ ଅଟଇ ତେବେ ସେ ଅପେ ମୁଦ୍ରିତ କରିଇ ପ୍ରଚାର କରନ୍ତୁ ।

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ତା୧ ମଇ ସନ ୧୮୮୦ ମସିହାଠାରୁ ଲଗାଏତ ତା୧ ଜୁନ ସନ ୧୮୮୦ ପର୍ଯ୍ୟନ୍ତ ମରାମତି ସକାଶେ ତଳଲିଖିତ ନାଳ ବନ୍ଦ ହେବ । ଅତଏବ ମହାଜନମାନଙ୍କୁ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ସେମାନେ ଉକ୍ତ ସନ ୧୮୮୦ ସାଲ ଅପ୍ରେଲମାସ ୩୦ ତାରିଖରେ କିମ୍ବା ତତ୍ପୂର୍ବେ ଉକ୍ତ ନାଳରୁ ଆପଣାର ନୌକାଇତ୍ୟାଦି ବାହାର କରି ନେବେ

ତାଳଦଣ୍ଡା ନାଳ ।

ମାଚ୍ଚଗାଁ ନାଳ ।

ଏଜନ ଏକ୍ସଟେନସନ ।

ପ୍ରଥମ ୭ ମାଇଲ କେନ୍ଦ୍ରାପଡ଼ା ଏକ୍ସଟେନସନ ମାର୍ଶାଘାଇଠାରୁ ତଳକୁ ।

| | |
|---|---|
| ଏକଜେକ୍ୟୁଟିଭ ଇଞ୍ଜିନିୟର କଟକ, ମହାନଦୀ ଡିଭିଜନ । କଟକ ତା୧୫ରିଖ ସନ ୧୮୮୦ ଅପ୍ରେଲ । | ଜେ ମାକ୍‌ମିଲନ, ଏକଜେକ୍ୟୁଟିଭ ଇଞ୍ଜିନିୟର ମହାନଦୀ ଡିଭିଜନ । |

Is hereby given, that the following Canals in this Division will be closed for repairs from the first May 1880 to the 1st. June 1880. Merchants and others are requested to remove their boats, &c., from the Canals on or before the 30th. April 1880.

(1)—Taldundah Canal.

(2)—Matchgong Canal.

(3)— Do. Extension.

(4)—First 7 miles of the Kendraparah Canal Extension, from Marsaghye downwards.

| | |
|---|---|
| *Exe. Engr's Office, Mahanuddy Ir. Divn. Cuttack, 15th April 1880.* | JOHN MACMILLAN. *Exe. Engineer, Mahanuddy Irrigation Division* |

## ନୂତନ ପଦ୍ୟପୁସ୍ତକ ।

# ପ୍ରେମତରଙ୍ଗ ।

ମୂଲ୍ୟ ... ... ... ... ୫ ୦ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଓଡ଼ିଶା ମେଡ଼ିକାଲ ସ୍କୁଲର ୫ମ ବର୍ଷୀୟ ଶ୍ରେଣୀ ଛାତ୍ର ଯୋ ୧୫ ଟି ବୃତ୍ତି ଖାଲି ଅଛି, ଯେଉଁମାନେ ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ମେ ମାସ ତା ୧୫ ରିଖରେ ଆପଣା ପ୍ରଶଂସା ପତ୍ର ସହିତ ଲେକଲେଲ ଟେଷ୍ଟିମୋନିଏଲ ସହିତ ଉକ୍ତ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉ କି ଯେଉଁମାନେ ପ୍ରବେଶିକା ମାଇନର ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେହିମାନଙ୍କୁ ଉକ୍ତ ବୃତ୍ତି ପ୍ରଦାନ କରା ଯିବ

ସୁପରିଣ୍ଟେଣ୍ଡେଣ୍ଟ
ତା ୧ । ୭ । ୧୮୮୦ ଓଡ଼ିଶା ମେଡ଼ିକାଲ ସ୍କୁଲ
କଟକ

କଲିକତା ଓ କଟକର ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡ଼ା ଇଷ୍ଟ ଇଣ୍ଡିଆନ ଷ୍ଟିମ ନେଭିଗେସନ କମ୍ପାନୀଙ୍କ ପକ୍ଷେ ଯାହା ନେଉଥିଲେ ବର୍ତ୍ତମାନ ତାହା ଊଣା କରିବାକୁ ଉକ୍ତ କମ୍ପାନୀର ଏଜେଣ୍ଟ ବ୍ରାଉନ ମେସର୍ସ ଜାନ୍ସ ଏଣ୍ଡ କୋ ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ତଳଲିଖିତ ନିୟମରେ ଜାହାଜ ଭଡ଼ାର ଟିକଟମାନ ଛାପ କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା;—

| | | | |
|---|---|---|---|
| ପ୍ରଥମ ଶ୍ରେଣୀ କଲିକତାଠାରୁ | କଟକଯାଏ | | ଟ ୨୫ |
| ଦ୍ୱିତୀୟ ଶ୍ରେଣୀ | ଏଜନ | ଏଜନ | ଟ ୧୨॥ |
| ଉପରେ ବସିବା ଲୋକ | " | ଏଜନ | ଟ ୨୧ |

ଉପର ଲିଖିତ ସ୍ଥାନ ଦୃଷ୍ଟିରେ ଚାନ୍ଦବାଲିଠାରୁ କଲିକତାକୁ ଯିବାର ଜାହାଜ ଭଡ଼ା ଫାଲ୍‌ସପଏଣ୍ଟ ଲଞ୍ଚ ତଳଲିଖିତ ରୂପେ ନିର୍ଦ୍ଧିଷ୍ଟ ଯଥା;—

| | | |
|---|---|---|
| ୧ମ ଶ୍ରେଣୀ | ଏକଜଣ ଚାକର ସହିତ ସହିତ | ଟ ୨୨ |
| ୨ୟ ଶ୍ରେଣୀ | ଓଡ଼ ଲୋକଙ୍କ | ଟ ୧୨॥ |
| ଉପରେ ବସିବା ଲୋକ ... ... ... | | ଟ ୨୧ |

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଲକ୍ଷ୍ମୀଧର ଦାସ | କଟକ | ଜଲସା | ଟ ୬୧ |
| " ରଘୁନାଥ ସରକାର | " | " | ଟ ୨୧ |
| " ଗୋପାଳଚନ୍ଦ୍ର ଘୋଷ | | " | ୬୨ |
| " ପରିଚୟ ମହାନ୍ତି ପୁରୀଟାଉ | | " | ଟ ୨୦॥ |

* ଏହି ଉତ୍କଳଦୀପିକା ପତ୍ର କଟକ ପ୍ରତିଶନିବାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସ ୧୮ ଖ୍ୟା

ତା ୧ ରଖ ମାହେ ମଇ ସନ ୧୮୮୦ ମସିହା । ମୂ । ବୈଶାଖ ଦ ୨୧ ଦ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬
ମଫସଲପାଇଁ ଡାକମାସୁଲ ଟ ୧୷

ନୂତନ ପାର୍ଲିମେଣ୍ଟର ପ୍ରଧାନ କର୍ମଚାରୀମାନେ ନିଯୁକ୍ତ ହେବାର ଆରମ୍ଭ ହୋଇଅଛି । ପ୍ରଥମେ ଶ୍ରୀମତୀ ମହାରାଣୀ ଲର୍ଡ ହାର୍ଟିଂଟନଙ୍କୁ ପ୍ରଧାନ ମନ୍ତ୍ରୀତ୍ୱରେ ବରଣ କରିବାକୁ ଇଚ୍ଛା କରିଥିଲେ ମାତ୍ର କୌଣସି କାରଣରୁ ସେ ଅସ୍ୱୀକାର କରିବାରୁ ଶ୍ରୀଯୁକ୍ତ ଗ୍ଲାଡ୍‌ଷ୍ଟୋନ ସାହେବ ଉକ୍ତ ପଦରେ ନିଯୁକ୍ତ ହେଲେ । ଅନ୍ୟାନ୍ୟ କର୍ମଚାରୀମାନେ ଏହିପରି ନିଯୋଗ ହୋଇଅଛନ୍ତି ଯଥା; ଅର୍ଲ-ଗ୍ରାନଭିଲ—ବିଦେଶୀୟ ବ୍ୟାପାରର ସେକ୍ରେଟରୀ, ଶ୍ରୀଯୁକ୍ତ ଚାଇଲଡର୍ସ—ଯୁଦ୍ଧର ସେକ୍ରେଟରୀ, ଲର୍ଡ ହାର୍ଟିଂଟନ-ଭାରତବର୍ଷର ସେକ୍ରେଟରୀ, ଲର୍ଡନର୍ଥବ୍ରୁକ—ରଣତରୀ ବିଭାଗର ପ୍ରଧାନ ଲର୍ଡ, ଶ୍ରୀଯୁକ୍ତ ଫର୍ଷ୍ଟର—ଆଏରଲଣ୍ଡର ପ୍ରଧାନ ସେକ୍ରେଟରୀ ।

---

ଏ ନଗରର ହିତୈଷିଣୀ ଯନ୍ତ୍ର ସମ୍ପ୍ରତି ଭାରି ଚଞ୍ଚଳ । ପୁସ୍ତିକା ଉପରେ ପୁସ୍ତିକା ବାହାର ପଡ଼ୁଅଛି । ଏ ସପ୍ତାହରେ ଆମ୍ଭେମାନେ ଦୁଇ ଖଣ୍ଡ ପାଇ ଅଛୁଁ । ପ୍ରଥମର ନାମ ଜଗନ୍ନାଥୀ ନମ୍ବର । ଏଥିରେ ପ୍ୟାରୀ ବାବୁଙ୍କ ଇତିହାସ ବିଷୟକ କେତେକ ଖଣ୍ଡ ସରକାରୀ ଚିଠି ପତ୍ର ପ୍ରକାଶିତ ହୋଇ ଅଛି ଏ ପୁରୁଣା କଥା ଶୁଣି ୨ ସମସ୍ତଙ୍କ ପରି ଆମ୍ଭମାନଙ୍କର ମଧ୍ୟ ବିରକ୍ତି ଜନ୍ମିଲାଣି ଏବଂ କାଳୀପଦ ବାବୁ ଏଣିକି ଆମ୍ଭମାନଙ୍କୁ କ୍ଷମା ଦେବାରୁ ବଡ ବାଧିତ ହେଲୁଁ । ଦ୍ୱିତୀୟର ନାମ 'ଭୂତାବେଶ ନାଟକ' ଏଥିରେ ଭୂତ କଲି ୨ ଦେଇ ଅଛନ୍ତି । ଓଃ ଏ ବୈଶାଖ ମାସ ଝାଞ୍ଜିରେ ଚାହିଁଲେ ତୁମ ଟାଙ୍କର ଉଠୁଅଛି ଶୁଣିଲୁଁ କେହି ୨ ଭେଟଣା ହୋଇ ହତଜ୍ଞାନ ହେଲେଣି ଓ କେହି ଅବାଡ଼ଚୈତିସ୍ୱରରେ ଜଗନ୍ନାଥ ୨ ଶବ୍ଦ କରି ନିସ୍ତାର ପାଇବାର ପନ୍ଥା ଖୋଜୁ ଅଛନ୍ତି । ଫଳତଃ ଏପରି ଭୂତର ନାଟ ଓଡିଶାରେ କେବେ ଦେଖା ଶୁଣା ନ ଥିଲା । ଦୁଃଖର ବିଷୟ ଯେ ନାଟକର ଭାଷା ଅଧିକାଂଶ ବଙ୍ଗଳା ହେଲା ନୋହିଲେ ଓଡ଼ିଆ ଭାଷାରେ ନାଟକର ଅଭାବ ଏହାଦ୍ୱାରା ନିବାରିତ ହୋଇଥାନ୍ତା । ଯାହା ହେଉ ଲେଖକଙ୍କ ସହିତ ଆମ୍ଭେମାନେ ମଧ୍ୟ ଆଶା କରୁଁ ଯେ 'ଚୈତନ୍ୟଚରିତାମୃତ' ( ହିନ୍ଦୁ ପାଠକମାନେ କ୍ଷମା କରିବେ ) ପରି ଏହା ଓଡିଶାର ପ୍ରତିଘରେ ଚିରକାଳ ବିରାଜିବ ।

---

### ଲାଟବନ୍ଦୀ ।

ଏବର୍ଷ ଲାଟବନ୍ଦୀ ଖଜଣା ଅକ୍ଲେଶରେ ଓ ବିନା ଖର୍ଚ୍ଚାରେ ଦାଖଲ ହେବା କାରଣ ଖଜଣାଖାନାର ଭାରପ୍ରାପ୍ତ ଡେପୋଟି କଲେକ୍ଟର ବାବୁ ଶ୍ରୀନାଥ ଭଦ୍ର ଉତ୍ତମ କଟକଣା କରିଥିଲେ । ତହୁଁ ସିରସ୍ତାକୁ ଆପଣା ସମ୍ମୁଖକୁ ନେଇ ସେହିଠାରେ ଚାଲାଣ ରେଜଷ୍ଟରୀ କରାଇଲେ ଓ ଏକାଉଣ୍ଟାଣ୍ଟ ସିରସ୍ତାରେ ଯେ ଚାଲାଣ ଦୋବାରା ରେଜଷ୍ଟରୀ ହେଉଥିଲା ତାହା ଉଠାଇ ଦେଲେ । ଏଥିରେ ଟଙ୍କା ଦାଖଲ କରିବାବାଲାଙ୍କର ବଡ ସୁବିଧା ହେଲା ଦୋହରୀ କଷ୍ଟ ଇତ୍ୟାଦିରୁ ରକ୍ଷା ପାଇଲେ । ଡେପୋଟି କଲେକ୍ଟର ତିନ ଚାରିଦିନ ଅଉ କିଛି କର୍ମ ନ କରି କେତେବେଳେ ଚାଲାଣ ରେଜଷ୍ଟରୀ ଓ କେତେବେଳେ ପୋଦାର ପାଖରେ ଉପସ୍ଥିତ ଥାଇ ଟଙ୍କା ଚଞ୍ଚଳ ଦାଖଲ ପକ୍ଷରେ ଚେଷ୍ଟା କରୁଥାନ୍ତି ଓ କୌଣସି ଅମଲାକୁ କିଛି ନ ଦେବା କାରଣ ଲୋକମାନଙ୍କୁ ବୁଝାଇ ଦେଉଥାନ୍ତି । ଏହେତୁ ଅନେକଙ୍କ ବର୍ଷିକ ଅନେକ ମରି ପଡିଲା । କେହି ୨ କହନ୍ତି କୌଣସି ହାକିମ ଉତ୍କୋଚ ନିବାରଣ କରି ନ ପାରେ ମାତ୍ର ଆମ୍ଭେମାନେ କହୁଁ ଚେଷ୍ଟା କଲେ ଅବଶ୍ୟ ଅନେକ ନିବାରଣ ହୋଇ ପାରେ ଓ ଏହା ପ୍ରତ୍ୟକ୍ଷ ଦେଖା ଗଲା । ଏହିପରି ସମସ୍ତ ହାକିମଙ୍କର ଚେଷ୍ଟା ହେଲେ ଅବଶ୍ୟ ଅନେକ ପରିମାଣରେ ନିବାରଣ ହୋଇ ପାରେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଜଣେ ଗୌରବର୍ଣ୍ଣ ହାକିମ କହିଥିଲେ ଅଳ୍ପ ବେତନଭୋଗୀ ଅମଲାମାନେ କିଛି ଉତ୍କୋଚ ନ ନେଲେ ସେମାନଙ୍କର ନିର୍ବାହ ଚଳିବ କିପରି ।

ଡେପୋଟି କଲେକ୍ଟର ଏତେ କଟକଣା କରିଥିଲେହେଁ ଶେଷ ଦିନ ଲୋକଙ୍କ କଷ୍ଟ ନିବାରଣ ହୋଇପାରିଲା ନାହିଁ । ଏଥିରେ ବନ୍ଦୋବସ୍ତର କିଛି ଦୋଷ ନାହିଁ । ଲାଟବନ୍ଦୀ ପ୍ରଣାଳୀ ଓ ଲୋକମାନଙ୍କର ଦୋଷ ଅଟଇ । ଅଧିକାଂଶ ଲୋକେ ଶେଷ ଦିନକୁ ରହିଲେ ଓ ଅଧିକା ପୋଦାର ନିଯୁକ୍ତ ହୋଇଥିଲେହେଁ ସେମାନେ ଚଞ୍ଚଳ ଏତେ ଟଙ୍କା ନେଇ ନ ପାରିଲେ । ସୁତରାଂ ପୋଦାର

Digitized by srujanika@gmail.com

Split by PDF Splitter



ପାଖରେ ଘାସ ଭଡ଼ ହେଲା ସେଠାକୁ ଯିବାର କଷ୍ଟ ହେଲା । ଏଥିର ଗୋଟିଏ ଅତି ସହଜ ପ୍ରତୀକାର ଅଛି ତାହା ହେଲେ ଏତେ କଷ୍ଟ କଦାପି ନ ହେବ । ବର୍ତ୍ତମାନ ସବୁ ମହାଲ ପକ୍ଷରେ ଅଠପଣୀ କିସ୍ତ ନବେମ୍ବର ତା ୮ ରଖରେ ଓ ଷୋଳପଣୀ କିସ୍ତ ଅପ୍ରେଲ ତା ୨୮ ରଖରେ ଅଟେ । ଯଦ୍ୟପି ତିନଶ କି ପାଞ୍ଚଶ ଟଙ୍କା ସଦରଜମାର ମହାଲ ପକ୍ଷରେ ନବେମ୍ବର ତା୮ରଖ ଓ ତହିଁରୁ ଊର୍ଦ୍ଧ୍ୱ ସଦରଜମା ମହାଲ ପକ୍ଷରେ ସେହି ମାସ ତା ୧୫ ରଖ ହୁଏ ତେବେ ଟଙ୍କା ଦାଖଲ ପକ୍ଷରେ ଅତି ସୁବିଧା ହେବ ଓ ବର୍ତ୍ତମାନର କଷ୍ଟ ପାଏକରେ ରହିବ ନାହିଁ । ଷୋଳପଣୀ କିସ୍ତର ମଧ୍ୟ ଏହି ପରି ଦୁଇ ତାରଖ ହେବ । ଶ୍ରୀଯୁକ୍ତ କମିଶନର ସାହେବ ସୁବିଚାର କରି ଏପରି ନିୟମଟିଏ କରାଇ ଦେଲେ ବହୁତ ଭଲ ହେବ ।

---

## କାବୁଲ ଦରବାର ।

ଏଥିର ପ୍ରସଙ୍ଗ ଗତ ସପ୍ତାହରେ ଉଲ୍ଲେଖ କରିଥିଲୁଁ ବର୍ତ୍ତମାନ ତହିଁର ବୃତ୍ତାନ୍ତ ଲେଖୁଅଛୁଁ । କାବୁଲର ଭବିଷ୍ୟତ ଶାସନ ବିଷୟରେ ଗବର୍ଣ୍ଣମେଣ୍ଟ ଯେ ପରି ସ୍ଥିର ଅଛନ୍ତି ତାହା ଏଥିରୁ ପ୍ରକାଶ ପାଇବ । ଦରବାର ଶେରପୁରରେ ହୋଇଥିଲା । ଗବର୍ଣ୍ଣମେଣ୍ଟ ପକ୍ଷରୁ ମୁସ୍ତାଫି ହେଭେକ କନ୍ଧେଥୀ ସରଦାରଙ୍କୁ ବୁଝାଇ ସୁଝାଇ କାବୁଲକୁ ଆଣି ଥିଲେ ମାତ୍ର ଯେତେ ଜଣଙ୍କର ଆସିବାର ଆଶା ଥିଲା ତନ୍ମଧ୍ୟରେ ତେତେ ଆସି ନ ଥିଲେ । ସେମାନେ ଓ ଅନ୍ୟାନ୍ୟ ସରଦାର ଓ କର୍ମଚାରୀମାନେ ଦରବାରରେ ଉପସ୍ଥିତ ହେଲାରୁ ଗୃବର୍ଡ ସାହେବ ସରଦାରମାନଙ୍କୁ ସମ୍ବୋଧନ କରି କହିଲେ ଆପଣମାନଙ୍କ ଆସିବାରେ ଆମ୍ଭେ ଆନନ୍ଦିତ ହୋଇଅଛୁଁ ଓ ଏଣିକି ଏପରି ବ୍ୟବସ୍ଥା କରାଯିବ କି ଯେପରି କାବୁଲରେ ଶାନ୍ତି ବସିବ ଏବଂ କାବୁଲୀ ଲୋକ ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ପ୍ରୀତି ସଂସ୍ଥାପନ ହେବ । ତୁମ୍ଭମାନଙ୍କ ମାନ ମର୍ଯ୍ୟାଦା ରକ୍ଷାର ଆମ୍ଭେ ବଚନ ଦେଇଥିବା ପ୍ରସଂଗେ ତହିଁର ଅନ୍ୟଥାର ଆଶଙ୍କା କରିଥିଲ ମାତ୍ର ଏକ କଥା କହି ଅନ୍ୟ କଥା କରିବା ଇଂରେଜଙ୍କର ରୀତି ନୁହଇ । ତୁମ୍ଭମାନଙ୍କର ସମ୍ମାନିତ ମର୍ଯ୍ୟାଦା ହୋଇଅଛି ଓ ଦରବାର ଉତ୍ତାରେ ତୁମ୍ଭେମାନେ ସ୍ୱଚ୍ଛନ୍ଦେ ଆପଣା୨ ଘରକୁ ଫେରି ଯାଇପାର । ତଦନନ୍ତର ଗ୍ରୀଫିନସାହେବ ପାରସ୍ୟ ଭାଷାରେ ଯେ ବକ୍ତୃତା କଲେ ତହିଁର ସାରାଂଶ ନିମ୍ନେ ଲେଖୁଅଛୁଁ ଯଥା;—

ତୁମ୍ଭମାନଙ୍କ ସଙ୍ଗେ ସାକ୍ଷାତ ହେବାରେ ଆମ୍ଭେ ଯାହା କହୁଅଛୁଁ ତାହାଇ ବର୍ତ୍ତମାନ ପ୍ରକାଶ୍ୟରେ ସମସ୍ତଙ୍କ ଗୋଚରାର୍ଥେ କହୁଅଛୁଁ । ତୁମ୍ଭମାନଙ୍କର ଇଚ୍ଛା ଏହି ଯେ ପୂର୍ବେ ଅମିର ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଯେ ପରି ବନ୍ଧୁଭାବ ଥିଲ ସେହି ପରି ହେବ; ଅମିର ଯାକୁବ ଖାଁ ମୁକ୍ତ ହୋଇ ସିଂହାସନରେ ପୁନର୍ବାର ବସିବେ ଓ ଇଂରେଜଙ୍କ ସୈନ୍ୟ କାବୁଲରୁ ପ୍ରତ୍ୟାଗମନ କରିବେ । ଏଥିକୁ ଅମିର ଶେରଅଲି ଖାଁ ବନ୍ଧୁଭାବ ଭଙ୍ଗ କଲେ, ଗବର୍ଣ୍ଣମେଣ୍ଟଙ୍କର ବନ୍ଧୁଭାବ ରକ୍ଷିବାର ସମ୍ପୂର୍ଣ୍ଣ ଇଚ୍ଛା ଓ ଯେ କି ଗବର୍ଣ୍ଣମେଣ୍ଟଙ୍କ ମିତ୍ର ସଙ୍ଗେ ମିତ୍ର ହେବ ଓ ଶତ୍ରୁ ସଙ୍ଗେ ଶତ୍ରୁ ହେବ ତାହାଙ୍କୁଇ ଗବର୍ଣ୍ଣମେଣ୍ଟ ଅମିର କରିବେ । ଏ ହେତୁ ମହାମାନ୍ୟ ଲର୍ଡ ସାହେବ ନିଷ୍ପତ୍ତି କରିଅଛନ୍ତି ଯେ ଯାକୁବ ଖାଁ କାବୁଲକୁ ଫେରି ଆସି ପାରିବେ ନାହିଁ । ତୁମ୍ଭେମାନେ ଜାଣ ସେ ଗବର୍ଣ୍ଣମେଣ୍ଟଙ୍କୁ ଯେ ବଚନ ଦେଇଥିଲେ ତାହା ସେ ରକ୍ଷା କରି ନାହାନ୍ତି, ଆମ୍ଭମାନଙ୍କୁ ଯେଉଁମାନେ ପ୍ରତିରୋଧ କଲେ ସେମାନଙ୍କୁ ସେ ପୁରସ୍କାର ଦେଲେ ଓ ଯେଉଁମାନେ ଆମ୍ଭମାନଙ୍କୁ ସାହାଯ୍ୟ କଲେ ସେମାନଙ୍କୁ ସେ ଦଣ୍ଡିଲେ । ତୁମ୍ଭେମାନେ କହୁଅଛ ଗବର୍ଣ୍ଣମେଣ୍ଟ ଯାକୁବ ଖାଁକୁ ଛାଡି ନ ଦେଲେ ଅନ୍ୟ କାହାରିକୁ ଅମିର ସ୍ୱରୂପ ନିଯୁକ୍ତ କରି ଦେଉନ୍ତୁ । ଅଧିକାଂଶ ସରଦାର ଯେଉଁ ବ୍ୟକ୍ତିକୁ ମନୋନୀତ କରିବେ ତାହା ଲାଟ ସାହେବଙ୍କ ବିଚାରାର୍ଥେ ରିପୋର୍ଟ କରାଯିବ ଓ ଅନ୍ୟ ମାନେ ଅମିରଙ୍କ ବଂଶର କାହାରିକୁ ମନୋନୀତ କଲେ ତାହା ମଧ୍ୟ ଲାଟ ସାହେବଙ୍କୁ ଜଣାଇ ଦିଆଯିବ । କାବୁଲ ଦେଶ ନେବାର ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ନାହିଁ କେବଳ ଭାରତବର୍ଷର ସୀମା ରକ୍ଷାର୍ଥେ ଯେତିକି ଆବଶ୍ୟକ ସେତିକି ଆପଣା ଅଧିକାରରେ ରଖିବେ କାନ୍ଦାହାର କାବୁଲରୁ ପୃଥକ ରହିବ ଓ ତହିଁର ଜଣେ ସ୍ୱତନ୍ତ୍ର ଶାସନକର୍ତ୍ତା ନିଯୁକ୍ତ ହେବେ । ଯେଉଁ ବ୍ୟକ୍ତି ପ୍ରଜାମାନଙ୍କୁ ଶାସନ କରିବାକୁ ପାରଗ ହେବେ ଓ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ବନ୍ଧୁଭାବ ରକ୍ଷା କରି ପାରିବେ ତାଙ୍କୁହିଁ ଗବର୍ଣ୍ଣମେଣ୍ଟ ଅମିର ସ୍ୱରୂପ ନିଯୁକ୍ତ କରି ସୈନ୍ୟଗଣ ବାହୁଡ଼ାଇ ନେବେ । ଯେଉଁମାନେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପାଳନ କରିବେ ସେମାନଙ୍କଠାରେ ଗବର୍ଣ୍ଣମେଣ୍ଟ ମିତ୍ରବତ୍ ବ୍ୟବହାର କରିବେ ଓ ଯେଉଁମାନେ ଅମାନ୍ୟ ବା ପ୍ରତିରୋଧ କରିବେ ସେମାନଙ୍କୁ ଅବଶ୍ୟ ଦଣ୍ଡ ଦେବେ ।

ଏ ବକ୍ତୃତାରୁ ପ୍ରକାଶ ଯେ ଗବର୍ଣ୍ଣମେଣ୍ଟ କାବୁଲ ରାଜ୍ୟ ନିଜ ରାଜ୍ୟଭୁକ୍ତ କରିବେ ନାହିଁ କିନ୍ତୁ ଯେପରି ବ୍ୟକ୍ତି ଅମିର କରିବାକୁ ଚାହାନ୍ତି ସେପରି ବ୍ୟକ୍ତି ମିଳିବେ କି ? ଏଥି ପକ୍ଷରେ ଆମ୍ଭମାନଙ୍କର ବଡ଼ ସନ୍ଦେହ । କାନ୍ଦାହାର କାହିଁକି ପୃଥକ ହେବ ଏହା ବୁଝାଯାଉ ନାହିଁ । ଯାହା ହେଉ କାବୁଲମାନେ ଅସଭ୍ୟ ଥିଲେହେଁ ସେମାନଙ୍କର ସ୍ୱଦେଶାନୁରାଗ ଓ ରାଜଭକ୍ତି ବିଲକ୍ଷଣ ଅଛି । ଏ ହେତୁ ସେମାନେ ଆପଣାର ଅମିର ଯାକୁବ ଖାଁକୁ ଲୋଡ଼ୁ ଅଛନ୍ତି । ବର୍ତ୍ତମାନ ଯେ ଗଣ୍ଡଗୋଳ ଲାଗିଅଛି ତହିଁର ଗୋଟିଏ କାରଣ ଯାକୁବଙ୍କ ବନ୍ଦୀ ହୋଇଥିବାରେ । ଏ ଦରବାର ଉତ୍ତାରେ ମଧ୍ୟ ପୂର୍ବବତ୍ ଗୋଳ ଓ ଷଡ଼ଯନ୍ତ୍ର ଲାଗିଅଛି ଓ ତାହା ଯେ କେବେ ରହିତ ହେବ କିଛି ଜଣାଯାଉ ନାହିଁ । କାବୁଲଙ୍କ ମଧ୍ୟରେ ପରସ୍ପର ବିବାଦ, ଜଣେ ସର୍ଦ୍ଦାର ଅମିର ହୋଇ ଯେ ସମସ୍ତଙ୍କୁ ଆୟତ୍ତରେ ରଖିବ ଏହା ସହଜ ବ୍ୟାପାର ନୁହେ ।

---

## କଟକର ଅତ୍ୟାଚାର ଓ ଛୋଟ ଅଦାଲତ ।

ଏ ମାମଲାମାନ ଛୋଟ ଅଦାଲତରେ ଯେପରି ବିଚାର ହେଉଅଛି ତହିଁର ବିବରଣ ଏଥି ପୂର୍ବେ ଆମ୍ଭେମାନେ ଲେଖି ଥିଲୁଁ । ଏଥି ମଧ୍ୟରେ ଅନେକ ମୋକଦମା ଉପସ୍ଥିତ ଓ ନିଷ୍ପତ୍ତି ହେଲାଣି । ସବୁଥିରେ ଉଇଣ୍ଟର ଷ୍ଟେଲ ସାହେବର ହାତ । କି ଭାବରେ ଏ ମୋକଦମାମାନ ନିଷ୍ପତ୍ତି ହେଉଅଛି ତହିଁର ଉଦାହରଣସ୍ୱରୂପ ଦଫୋଷ୍ଟ ମୋକଦମାର ବୃତ୍ତାନ୍ତ ଏଠାରେ ଲେଖା ଗଲା ।

ପ୍ରଥମ ମୋକଦମାରେ ତୋଫାନ ନାମରେ ଜଣେ ମୁସଲମାନ ମୁଦାଇ । ଏ ବ୍ୟକ୍ତି ଗତ ସେପ୍ଟେମ୍ବର ମାସରେ ଶଦେଇ ନାମ୍ବେ ଏକ ଉଇଣ୍ଟର ଷ୍ଟେଲ ସାହେବଙ୍କର କାରପରଦାଜ ମଧୁସୂଦନ ଦାସ ଓ ଆଉ ଦୁଇ ଏକଜଣ ଚାକର ନାମରେ ଫଉଜଦାରୀରେ ନାଲିଶ କରି ଥିଲା କି ଉକ୍ତ ଲୋକମାନେ ତାହାଠାରୁ ମାମୁଲ ତଲବ କରି ତାହା ନ ଦେଲେ ନୌକାରୁ ମାଲ ଉତ୍ତାରିବାକୁ ଦେବେ ନାହିଁ ବୋଲି କହି ମାଲ ଅଟକାଇଲେ । ଡେପୁଟି ମାଜିଷ୍ଟ୍ରେଟ ହାଣ୍ଡଲି ସାହେବ ଏ ମୋକଦମାର ବିଚାର କରି ଅପହରଣ ଉଦ୍ୟୋଗ ଅପରାଧରେ ଶଦେଇ ନାମ୍ବ ମଧୁ-

Digitized by srujanika@gmail.com

ସୂଦନ ଦାସ ଓଗେର ଆସାମିଙ୍କ ଉପରେ ଅର୍ଥଦଣ୍ଡ କରି ସେମାନଙ୍କଠାରୁ ଛଅମାସର ମୁଚ୍‌ଲିକା ନେଇଥିଲେ ! ଏଣେବେଳେ ଉଇଣ୍ଟର ଷ୍ଟେଲ ସାହେବ ସେହି ଭୋଫାଲ ନାମରେ ଶ୍ରେଷ୍ଠ ଅଦାଲତରେ ଜମିର ଖଜଣା ସକାଶେ ନାଲିଶ କଲେ ଭୋଫାଲ ସାହେବର ଜମି ନଥିବା ଓ ପରିଷ୍କାର ଶର୍ତ୍ତ ଅନୁସାରେ ନୌକାରୁ ଚୂନସ ଓଲ୍ହାଇ କୂଳରେ ରଖି ସେଠାରୁ ସଗଡ କରି ଆପଣା ଦୋକାନକୁ ନେଇ ଆସିବା ଓ ସାହେବ ଅଦାଲତରେ ନାଲିଶ କରିବା ଇତ୍ୟାଦି ଯବାବ ଦେଲା । ସାହେବଙ୍କ ତରଫରୁ ସେହି ଗଦେଇ ନାୟକ ଏବଂ ମଧୁସୂଦନ ଦାସ ଗୁହା ହେଲେ ଏବଂ ଏହାଙ୍କ ଜୋବାନବନ୍ଦୀ ଅନୁସାରେ ସାହେବ ଡିକ୍ରୀ ପାଇଲେ । ଯେଉଁମାନଙ୍କୁ ଭୋଫାଲ ଦଣ୍ଡ ଦେଇ ଥିଲ ସେହିମାନଙ୍କ ନାଲିଶ ଓ ଗୁହାଇରେ ସେ ଅର୍ଥଦଣ୍ଡ ପାଇଲା । ଛୋଟ ଅଦାଲତ ଜଣେ ସୁଦ୍ଧା ସ୍ୱାଧୀନ ଗୁହାର ଅପେକ୍ଷା ରଖିଲେ ନାହିଁ କିମ୍ବା ଏମନ୍ତ ସ୍ଥଳରେ ମୂଦାଲକୁ ଆପଣା ଇଜହାରର ପ୍ରମାଣ ଦେବା ନିମନ୍ତେ ସୁଯୋଗ ଦେଲେ ନାହିଁ ।

ଦ୍ୱିତୀୟ ମୋକଦ୍ଦମାରେ ଜଣେ ଦଣ୍ଡିଦାର ମୂଦାଲ । ସେ ଉତ୍ତର କଲା କି ମୃଦେଇର କିଛି ଜମି ସେ ଦଖଲ କରଇ ନାହିଁ । ବେପାରୀମାନେ ନୌକାରେ ଚୂନସ ଆଣି ଯେଉଁଠାରେ ରଖନ୍ତି ସେ କେବଳ ତାହା ମାପି ଦେଇ ଆପଣା ପରିଶ୍ରମ ନିମିତ୍ତ ପା:ଓସେଷି ସେମାନଙ୍କଠାରୁ ପାଏ ଏହି କାର୍ଯ୍ୟ ସେ ବରାବର କରି ଆସୁଅଛି ମୃଦେଇର କିଛି ଜମି ସେ ବନ୍ଦ କରି ରଖି ନାହିଁ କିମ୍ବା ତାହା କରିଥିଲେ ମୃଦେଇ ପଟ୍ଟା ନେବାରୁ ତାହାକୁ ଉଠିଯିବା କି ସେ କାର୍ଯ୍ୟ ନ କରିବା ସକାଶେ ବିଧିମତ ନୋଟିସ ଦେଇ ନାହିଁ ଇତ୍ୟାଦି । ଏ ମୋକଦ୍ଦମାରେ ମଧ୍ୟ ସାହେବଙ୍କ ତରଫରୁ ଉପର ଲିଖିତ ଦୁଇଜଣ ଗୁହାଙ୍କ ଜବାନବନ୍ଦୀ ନେଇ ଶ୍ରେଷ୍ଠ ଅଦାଲତ ଡିକ୍ରୀ ଦେଲେ । ଫଳତଃ ପ୍ରାୟ ସମସ୍ତ ମୋକଦ୍ଦମାରେ ଏହିମାନେ ଅଥବା ସାହେବଙ୍କ ଅନ୍ୟ ଚାକର ଗୁହାସ୍ୱରୂପ ଉପସ୍ଥିତ ହୁଅନ୍ତି ଏବଂ ଏହାଙ୍କ ଉପରେ ଛୋଟ ଅଦାଲତଙ୍କ ଅଟଳ ବିଶ୍ୱାସ ରହି ଥିବାର ଦେଖାଯାଏ ।

ଏହି ପରି ପାଠକମାନେ ଦେଖିବେ ଯେ ଛୋଟ ଅଦାଲତ ସମସ୍ତ ବନ୍ଧନଶୂନ୍ୟକୁ ଭୁକ୍ତ କରି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଇତ୍ୟାଦିରେ ଡିକ୍ରୀ ଦେବାକୁ ବସିଅଛନ୍ତି କାରଣ ନଦୀ ବାଲିରେ ସାହେବଙ୍କ ସ୍ୱତ୍ୱ ସ୍ୱୀକାର କଲେ ମଧ୍ୟ ଯେଉଁମାନଙ୍କର ମାଲ ସେଠାରେ ବିକ୍ରୟ ହେଲା ସେମାନେ ତାହାର ଜମି ବ୍ୟବହାର କରିବାର ଛାନ ହେବ ଦଣ୍ଡିଦାରର ଜମି ସଙ୍ଗରେ ସମ୍ପର୍କ ନାହିଁ ତାହାର କାର୍ଯ୍ୟ ଆକାଶରେ ସୁତରାଂ ଆକାଶ ଉପରେ ଶ୍ରେଷ୍ଠ ଅଦାଲତ ଡିକ୍ରୀ ଦେଇଅଛନ୍ତି ଶ୍ରୀଯୁକ୍ତ ଗ୍ରଣ୍ଟ ସାହେବ ଏଠାର ସୁଶିକ୍ଷିତ ବହୁଦର୍ଶୀ ଓ ସୁବିବେକ ହାକିମ ହୋଇ ଯେ ଏ ମାମଲର ପ୍ରକୃତ ମର୍ମ ଗ୍ରହଣ କରି ପାରୁ ନାହାନ୍ତି ଏହା ଆମ୍ଭେମାନେ କହି ନ ପାରୁଁ ଅଥଚ ଏଠାରେ ଯେ ସୁବିଚାର ହୋଇଅଛି ଏହା ମଧ୍ୟ ଆମ୍ଭେମାନେ କହି ନ ପାରୁଁ । ସେ କୌଣସି ବିଷମ ଭ୍ରମରେ ପଡି ଅନେକ ଦୁଃଖୀ ପ୍ରଜାଙ୍କୁ ଅକାରଣ କ୍ଲେଶ ଦେଲେଣି ଓ ଦେଉଅଛନ୍ତି । ଦୁଃଖୀଙ୍କ ଚିତ୍କାର ଶୁଣିବାକୁ କି କେହି ନାହିଁ ଏପରି ହେଲେ ଇଂରେଜଙ୍କ ଏଡେ ଉତ୍କୃଷ୍ଟ ଶାସନପ୍ରଣାଳୀ ଅରାଜକତାଠାରୁ ପୃଥକ୍ ବୋଲି ଇତର ଲୋକମାନେ କଦାଚ ଅନୁଭବ କରି ପାରିବେ ନାହିଁ । ଏଣେବେଳେ ସୁଦ୍ଧା ସେମାନଙ୍କ ମନରେ ନାନାଦି କୁସଂସ୍କାର ଜାତ ହେଲଣି ଓ ହେବାର ଆଶ୍ଚର୍ଯ୍ୟ ନୁହଇ ।

---

## ମହାନଦୀକୂଳ ଅତ୍ୟାଚାର ଓ ମାଜିଷ୍ଟ୍ରେଟ ।

ଏହି ନଦୀକୂଳ ବ୍ୟବହାର ହେବା ବିଷୟରେ କାର୍ଯ୍ୟବିଧିର ୫୩୨ ଧାରା ଅନୁସାରେ ଉତ୍ଥାପନ ହୋଇଥିବା ମକଦ୍ଦମାମାନ ଗତ ସପ୍ତାହରେ ମାଜିଷ୍ଟ୍ରେଟ ନିଷ୍ପତ୍ତି କରିଥିବାର ଆମ୍ଭେ ସମ୍ବାଦ ଦେଇ ଥିଲୁଁ ଆମ୍ଭମାନଙ୍କର ମତ ବ୍ୟକ୍ତ କରିବା ପୂର୍ବେ ସେ ନିଷ୍ପତ୍ତିର ଅବିକଳ ଅନୁବାଦ ପାଠକଙ୍କୁ ଜଣାଇବାର ଆବଶ୍ୟକ ବିବେଚନାରେ ଏଠାରେ ଲେଖୁଅଛୁଁ ଯଥା ।—

"ତା ୧୬ ଋଖରେ ପ୍ରାପ୍ତ ହେବା ପୁଲିସ ରିପୋର୍ଟରୁ ଜଣାଯାଏ ଯେ ଯେଉଁ ବାଡ଼ ବିରୁଦ୍ଧରେ ନାଲିଶ ହୋଇ ଅଛି ଉଇଣ୍ଟରଷ୍ଟେଲ ସାହେବ ତାହା ଉଠାଇ ନେଇ ଅଛି ଓ ମୃଦେଇର ଜମି ଦଖଲପ୍ରତି ଆଉ କୌଣସି ବାଧା ନାହିଁ ଅତଏବ ଧା ୫୩୨ ଅନୁସାରେ କାର୍ଯ୍ୟ କରିବା ବର୍ତ୍ତମାନ ଅନାବଶ୍ୟକ ବୋଧ ହେଉଅଛି । କାଗଜମାନ ନଥିସାମିଲ ହେଉ ।

ପାଠକମାନେ ଜାଣନ୍ତି ଯେ ଏହିସ୍ଥାନର ଦଖଲ ପକ୍ଷରେ କହୁତଦନରୁ କଳି ଲାଗିଅଛି । ମା ୬୨୭ ସ ପୂର୍ବେ ଗଦେଇ ନାୟକ ଓ ଉଇଣ୍ଟର ସାହେବଙ୍କ ଲୋକ ଏହି ସ୍ଥାନରେ ଦଖଲ ବସାଇବା ସକାଶେ ମହାଜନଙ୍କ ଦ୍ରବ୍ୟାଦି ଅଟକ କରିବା ଓ ତୋଲା ମାଗିବା ଅପରାଧରେ ଦଣ୍ଡ ପାଇଥିଲେ ଏବଂ ତୋଲାଇତ୍ୟାଦି ନେବା ସକାଶେ ଛୋଟ ଅଦାଲତରେ ନାଲିଶ କରି ହାରି ଯାଇଥିଲେ । ତୋଲା ନେବାର ଅଧିକାର ନାହିଁ ବୋଲି ଛୋଟ ଅଦାଲତ ଓ ଫଉଜଦାରୀରୁ ଉତ୍ତମରୂପେ ବୁଝିପାରି ସେ ବାଟ ଛାଡିଦେଇ ଖେସାରି ଅର୍ଥାତ୍ ନଦୀକୂଳବାଲି ବ୍ୟବହାର କରିବାର ଖଜଣା ସକାଶେ ଛୋଟ ଅଦାଲତରେ ନାଲିଶ କଲେ ଓ ଉକ୍ତ ଅଦାଲତ ଅଦାଯ୍ୟାସରେ ବଡ ଅଦାଲତର କ୍ଷମତା ଗ୍ରହଣକରି ଅନ୍ୟାୟରୂପ ଡିକ୍ରୀ ଦେଲେ (କାରଣ ଯେଉଁଠାରେ ଦଖଲ ତକରାର ସେଠାରେ ଛୋଟ ଅଦାଲତର ଅଧିକାର ନାହିଁ) ଗରିବ ଗୋଲାବାଲା ଓ ବେପାରୀମାନେ ଏଥିରେ ଉତ୍ୟକ୍ତ ହୋଇ ଗବର୍ଣ୍ଣମେଣ୍ଟ ସରକୁଲର୍‌ର ଅନୁସାରେ ଅର୍ଥାତ୍ ଯହିଁରେ ନଦୀକୂଳ ସର୍ବସାଧାରଣଙ୍କୁ ଛଡା ଦିଆଯାଇଅଛି ସ୍ଥାନ ଚିହ୍ନିତ କରିଦେବା-ପାଇଁ ମାଜିଷ୍ଟ୍ରେଟଙ୍କଠାରେ ପ୍ରାର୍ଥନା କଲେ । ମାଜିଷ୍ଟ୍ରେଟ ଅନାଧୁନ ୨୦ ଦିନ ଅଜ୍ଞା ଦେବାରୁ ତହିଁର ବଳରେ ଉଇଣ୍ଟରଷ୍ଟେଲ ସାହେବ ଆପଣା ଦଖଲ ଦୃଢକରି ବସାଇବା ସକାଶେ ଏକ ବାଡ ଦେଲେ । ବେପାରୀମାନେ କମିଶନରସାହେବଙ୍କ ସାହାଯ୍ୟ ଲୋଡିଲେ ଓ କେହି କେହି ମାଜିଷ୍ଟ୍ରେଟଙ୍କଠାରେ ନାଲିଶ କଲେ । କମିଶ୍ନରସାହେବ ଧା ୫୩୨ର ଅନୁସାର ମୋକଦ୍ଦମା ନିଷ୍ପତ୍ତି କରିବାକୁ ମାଜିଷ୍ଟ୍ରେଟଙ୍କୁ ଆଜ୍ଞା ଦେଲେ ମାଜିଷ୍ଟ୍ରେଟ ତଦନୁସାର ଉକ୍ତ ଦଫାରେ ମୋକଦ୍ଦମା ଚଳାଇ ଉଇଣ୍ଟରଷ୍ଟେଲ ସାହେବଙ୍କୁ ବାଡ ଉଠାଇ ନେବାକୁ କହିଲେ ଓ ସେ ବାଡ ଉଠାଇ ନେଲାରୁ ଉପୋରେକ୍ତ ଆଜ୍ଞା ଦେଲେ । ଏ ଆଜ୍ଞା କି ଯଥାର୍ଥ ହୋଇ ଅଛି ? ଆମ୍ଭମାନଙ୍କ ବିବେଚନାରେ କଦାଚ ନୁହେ କାରଣ ସ୍ପଷ୍ଟ ଜଣାଯାଏ ଯେ ମାଜିଷ୍ଟ୍ରେଟସାହେବ ମୋକଦ୍ଦମାର ପ୍ରକୃତ ବୃତ୍ତାନ୍ତ ଓ ଧା ୫୩୨ ର ଉଦ୍ଦେଶ୍ୟ ବୁଝି ନାହାନ୍ତି । ଏବଂ ଉକ୍ତ ସ୍ଥାନ ଯେ କାହା ଦଖଲରେ ରହିଲା ତାହା ତାହାଙ୍କ ଆଜ୍ଞାରୁ ନିର୍ଣ୍ଣୟ କରିବା କଠିନ । ସାହେବ ବାଡ଼ ଉଠାଇ ନେଲେ ବୋଲି ଦଖଲରୁ କ୍ଷାନ୍ତ ହେଲେ ବୋଲି ଯାଇ ପାରନ୍ତା ମାତ୍ର ଯେ ସ୍ଥଳେ ସେ ଅଦ୍ୟାପି ଛୋଟ ଅଦାଲତରେ ଦଖଲକାର ଥିବା ଇଜହାରରେ ଖେସାରିର ମୋକଦ୍ଦମାମାନ କରୁଅଛି

Split by PDF Splitter
Digitized by srujanika@gmail.com

Split by PDF Splitter



ସେ ସ୍ଥଳେ ସେ କାର୍ଯ୍ୟତଃ ଦଖଲ ତ୍ୟାଗ କର ନାହିଁ କେବଳ ବାଡ ଉଠାଇନେଇ ମାଜିଷ୍ଟ୍ରେଟଙ୍କୁ ଫାଙ୍କି ଦେଇ ଅଛି । ପୁଣି ଧା ୫୩୨ ର କାର୍ଯ୍ୟ ଉଠାଇବା ବିଷୟରେ ନୁହଇ ଜମି ଦଖଲ ବର୍ତ୍ତିର୍ଭରେ ଅଟଇ ଯେବେ ଜାହେବ ଦଖଲ ଛାଡଦେବାର କହିଥାନ୍ତା ତେବେ ବରଂ ମାଜିଷ୍ଟ୍ରେଟଙ୍କ ଆଜ୍ଞା ଯଥାର୍ଥ ହୁଅନ୍ତା । ମାତ୍ର ସେ ତାହା କହି ନାହିଁ ଓ କାର୍ଯ୍ୟତଃ ତହିଁର ବିପରୀତ କରୁଅଛି । ମାଜିଷ୍ଟ୍ରେଟ ଲେଖିଅଛନ୍ତି କି ମୁଦେଇର ଦଖଲ ପ୍ରତି ଆଉ ବାଧା ନାହିଁ । ଏହି ସ୍ଥଳରେ କି ସତ୍ୱର ମତେ ହ୍ରେଟ ଅଦାଲତରେ ତାହାର ଦଖଲକାରିତା ଗ୍ରାହ୍ୟ ହେବ ? ଅତଏବ ଆମ୍ଭମାନଙ୍କର ଅଭିପ୍ରାୟ ଏହି ଯେ ମାଜିଷ୍ଟ୍ରେଟ ଏ ମକଦ୍ଦମାକୁ ଧା ୫୩୨ ର ଅନୁସାରେ ନ ଚଳାଇବାରେ ବିଚାରର ଭୟାନକ ତ୍ରୁଟି ହୋଇ ଅଛି ଓ ଦୁଃଖିଲୋକମାନେ ଅକାରଣ କ୍ଳେଶ ପାଉ ଅଛନ୍ତି । ଏତେବେଳେ ସୁଦ୍ଧା ଆମ୍ଭେମାନେ ଶ୍ରୀଯୁକ୍ତ କମିଶନରସାହେବଙ୍କୁ ଅନୁରୋଧ କରୁଅଛୁଁ କି ସେ ଦୁଃଖି ଗୋଲବାଲ ଓ ବେପାରିମାନଙ୍କ ଶୋଚନୀୟ ଅବସ୍ଥାପ୍ରତି ଦୃଷ୍ଟିକରି ସେମାନଙ୍କୁ କଲର ମାଜିଷ୍ଟ୍ରେଟ ଓ ହ୍ରେଟ ଅଦାଲତର ଅନ୍ୟାୟ ବିଚାରରୁ ରକ୍ଷା କରନ୍ତୁ କଡ଼ଲୋକଙ୍କ ସକାଶେ ସମସ୍ତେ, ଦୁଃଖି ସକାଶେ ଏକମାତ୍ର ଗବର୍ଣ୍ଣମେଣ୍ଟ ବିନା କେହି ନାହିଁ ଓ କମିଶନରସାହେବ ଆପଣା କକ୍ଷରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତିନିଧି ଅଟନ୍ତି ।

---

# ସାପ୍ତାହିକସଂବାଦ ।

ମୋଫସଲରେ ଏପର୍ଯ୍ୟନ୍ତ ବସନ୍ତରୋଗ ଲଗି ଅଛି ଓ କେତେ ଲୋକ ମଧ୍ୟ ମରୁ ଅଛନ୍ତି । ପ୍ରାୟ ବର୍ଷାବର୍ଷକାଳ ଏ ରୋଗ ଏ ଜିଲାରେ ଲଗି ରହୁଅଛି ! କି ଅଦ୍ଭୁତ ! ଏପରି କେବେ ଦେଖା ନ ଥିଲା !

ଗତ ରବିବାର ଏ ନଗରରେ ଓ ମୋଫସଲର ଅନେକ ସ୍ଥାନରେ ଯଥେଷ୍ଟ ବୃଷ୍ଟି ହୋଇଅଛି ଓ ହଳ ଉତ୍ତମ ରୂପେ ହେଉଅଛି । ଏବର୍ଷ ଗ୍ରୀଷ୍ମର ପ୍ରାଦୁର୍ଭାବ ଏପର୍ଯ୍ୟନ୍ତ ଅଧିକ ହୋଇ ନାହିଁ ଏଣିକି ଯାହା ହେଉ ।

ଶ୍ରୀଯୁତ ହାଣ୍ଡଲ ସାହେବ ଗୟାକୁ ବଦଳୀ ହେଲେ । ସେ ପୁରୀରୁ ଗତ ମଙ୍ଗଳବାର ଏଠାକୁ ଆସିଲେ । କାଲି ଏଠାରୁ ପ୍ରସ୍ଥାନ କରିବେ । ସେ ଓଡ଼ିଆ ଭାଷାରେ ଉତ୍ତମ ଜ୍ଞାତ ହୋଇ ଥିଲେ ଓ ଦେଶୀୟ ଲୋକଙ୍କ ସଙ୍ଗେ ବେଶ ମିଶୁ ଥିଲେ । ତାଙ୍କ ବଦଳୀର କାରଣ ତାତ୍ପର୍ଯ୍ୟ ବୁଝା ଯାଉ ନାହିଁ ।

ଆମ୍ଭେମାନେ ଶୁଣିଲୁଁ ପୁରୀର କଲେକ୍ଟର ଅର୍ମଷ୍ଟ୍ରଙ୍ଗ ସାହେବ ବଙ୍ଗଳାକୁ ବଦଳୀର ପ୍ରାର୍ଥନା କରି ଅଛନ୍ତି ଏ ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟରୁ କିଛି ଆଜ୍ଞା ହୋଇ ନାହିଁ ମାତ୍ର ପୁରୀକୁ ବାର୍ଟନ ସାହେବ ଆସିବାର ଜନରବ ଉଠିଅଛି ।

ଏଠା ଷ୍ଟାମ୍ପ ଅଫିସର କର୍ମରେ ବାବୁ ହରିଶ୍ଚନ୍ଦ୍ର ମୁଖର୍ଯ୍ୟାଙ୍କୁ ଶ୍ରୀଯୁତ କମିଶନର ସାହେବ ମନୋନୀତ କରିବାର ଶୁଣା ଯାଏ ! ଅଳ୍ପକାଳ ନିମନ୍ତେ ଆପଣାର ହେଡ଼ କିରାଣୀଙ୍କୁ ସେ ଛାଡିଲେ ନାହିଁ ।

ଅତଶୟ ଆନନ୍ଦର ସହିତ ପ୍ରକାଶ କରୁ ଅଛୁଁ ଯେ ଆୟର୍ଲଣ୍ଡର ଦୁର୍ଭିକ୍ଷ ନିମନ୍ତେ କୁମାର ବୈକୁଣ୍ଠନାଥ ଦେ ଟ ୫୦୦୲ ଙ୍କା ଦାନ କରିଅଛନ୍ତି ।

ଜନରବ ଶୁଣାଗଲା ଯେ ବ୍ରହ୍ମଦେଶର ନିଷ୍ଠୁର ରାଜା ବସନ୍ତ ରୋଗରେ ପୀଡିତ ହେବାରୁ ଆରୋଗ୍ୟ ନିମନ୍ତେ ଶହେ ଗୋଟି ବାଳକା ବଳିଦାନ ଦେଲେ ମାତ୍ର ରୋଗ ତହିଁରେ ବୋଧ ନ ହୋଇ ତାହାର ବଢ଼ିଗଲା । ଭେଇନ୍ଦ୍ୟସପତ୍ରିକା ବୋଲନ୍ତି ରାଜା ବଞ୍ଚି ଅଛନ୍ତି ତାଙ୍କ କୁମାର ଉକ୍ତ ରୋଗରେ ମରି ଅଛନ୍ତି । କେହି କହନ୍ତି ୭୦୦ ନରବଳି ଦିଆ ହୋଇ ଥିଲା ଓ ସେଥି ମଧ୍ୟରେ ଶହେ ଜଣ ବ୍ରାହ୍ମଣ ଓ ଅଧିକାଂଶ ବାଳକ ଥିଲେ । କି ନିଷ୍ଠୁର ଓ ଭୟଙ୍କର ବ୍ୟାପାର !! ଧର୍ମ ସହିଛି କେମନ୍ତେ ।

ଫସେଟ ସାହେବ ପାର୍ଲିମେଣ୍ଟ ସଭର ସଭ୍ୟ ସ୍ୱରୂପ ମନୋନୀତ ହେବା ବ୍ୟୟ ନିର୍ବାହାର୍ଥ କଲିକତାରେ ଟ୫୭୮୦ ଙ୍କା ଓ ବୋମ୍ବାଇରେ ଟ ୩୦୦୦ ଙ୍କା ଏରୂପ ଟ ୮୭୮୦ ଙ୍କା ଚାନ୍ଦା ସଂଗ୍ରହ ହୋଇଅଛି ।

ମହାମାନ୍ୟ ଲେଟ ଲାଟ ସାହେବ ଗତ ମାସ ତା ୧୩ ରିଖରେ ଦାର୍ଜିଲିଂକୁ ଯାତ୍ରା କରି ଅଛନ୍ତି ।

ମହାମାନ୍ୟ ବଡ଼ ଲାଟ ସାହେବ ଗତ ମାସ ତା୧୬ ରିଖରେ ସିମଲାକୁ ଗମନ କଲେ ତାଙ୍କ ମେଲଣି କରିବା କାରଣ ଅନେକ ସମ୍ଭ୍ରାନ୍ତ ଇଂରେଜ ଓ ଦେଶୀୟଲୋକ ହାବଡ଼ାରେ ଉପସ୍ଥିତ ହୋଇଥିଲେ ଏବଂ ସେଠାରେ ଓ ଷ୍ଟ୍ରୀମ ଘୋଲ ରେ ରୋଷଣୀ ହୋଇଥିଲା ।

ପ୍ରଶଂସିତ ସାହେବଙ୍କର ସିମଲା ଯାତ୍ରାରେ କଣ୍ଟ୍ରିର ଠାରେ ଭୂମସର୍ଣ୍ଣରର ମହାରାଜା ତାଙ୍କୁ ବଡ଼ ସମାରୋହରେ ଖାନା ଦେଇ ଥିଲେ ସ୍ଟେସନ ଅତି ସୁନ୍ଦରରୂପେ ସଜ୍ଜିତ ହୋଇଥିଲା ଓ ଲାଟ ସାହେବଙ୍କ ବସିବା ପାଇଁ ସୁବର୍ଣ୍ଣଜଡିତ ରୂପାର ଚୌକିଟିଏ ହୋଇଥିଲା । ସାହେବ ମହୋଦୟ ଏ ଅଭ୍ୟର୍ଥନା ଓ ଖାନାରେ ସନ୍ତୋଷ ପ୍ରକାଶ କରି ଏବଂ ମହାରାଜା ଓ ଅନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ସଦାଳାପ ଓ ହସ୍ତ ମିଳନ କରି ବିଦାୟ ହେଲେ ।

ମହାମାନ୍ୟ ଲାଟ ସାହେବ ସିଦ୍ଧାନ୍ତ କରି ଅଛନ୍ତି ଯେ ଦେଶୀୟ ଲୋକଙ୍କୁ ଉଚ୍ଚିତ ହାକମ ପଦରେ ନିଯୁକ୍ତ କରିବାର ଯେ ନୂତନ ନିୟମ ହୋଇଅଛି ତଦନୁସାରେ ମାଷ୍ଟର ଫିରଙ୍ଗିମାନେ ମଧ୍ୟ ନିଯୁକ୍ତ ହୋଇ ପାରନ୍ତି ।

ବିଜ୍ଞାନର କୌଶଳରେ ଯାହା ଅଦ୍ଭୁତ ଘଟଣା ଦେଖା ଯାଉଅଛି । ଜଣେ ବିଜ୍ଞାନବିତ୍ ପଣ୍ଡିତ ଆକାଶରୁ ବୃଷ୍ଟି କରିବାର ସେ ଏକପ୍ରକାର ବାରୁଦ ପ୍ରସ୍ତୁତ କରିଅଛନ୍ତି ତାହାକୁ ବେଲୁନ ଯନ୍ତ୍ରଦ୍ୱାରା ଆକାଶରେ ଉଡାଇଦେବାକୁ ହୁଏ ସେହି ବାରୁଦ ଆକାଶରେ ଅନେକ ଦୂର ଉଠିଲେ ତାରତ ଯୋଗେ ତହିଁରେ ନିଆଁ ଲଗାଇ ଦେଲେ ଉପରର ମେଘ ତରଳ ପଡ଼େ ଅଣ୍ଡାପବନ ଲାଗିବାରୁ ସେହି ମେଘ ତରଳ ବର୍ଷା ହୁଏ । କି ଅଦ୍ଭୁତକାଣ୍ଡ ! ଏହା କାର୍ଯ୍ୟରେ ପରିଣତ ହେଲେ ଅନାବୃଷ୍ଟି ଜନିତ ଆଉ କୌଣସି ଦେଶରେ ଦୁର୍ଭିକ୍ଷର କଷ୍ଟ ସହ୍ୟ କରିବାକୁ ହେବ ନାହିଁ ବର୍ତ୍ତମାନରେ ସାଂସାରିକ ପ୍ରୟୋଜନୀୟ ବସ୍ତୁର ଆଉ କଦାପି ଅଭାବ ନ ରହିବ ।

ସୁ, ସ୍,

ଫେଡେର ସାହେବ କଥା କହିବାର ଗୋଟିଏ କଲ ପ୍ରସ୍ତୁତ କରି ଅଛନ୍ତି । ଠିକ ମନୁଷ୍ୟ କଥା କହିଲା ପରି ସେ କଳ କଥା କହେ । ଧନ୍ୟ ଇଂରେଜଙ୍କର ବୁଦ୍ଧି !

ଶିକ୍ଷା ବିଭାଗର ଅଧୀନସ୍ଥ କର୍ମଚାରୀମାନେ ଟଙ୍କା ଅନୁସାର କରିବାରୁ ସ୍କୁଲ ସବଇନ୍ସପେକ୍ଟରମାନଙ୍କ ଠାରୁ ଟ ୨୫୦ ଙ୍କାର ଜାମିନ ନେବାର ଗବର୍ଣ୍ଣମେଣ୍ଟ ଆଜ୍ଞା କରି ଅଛନ୍ତି । ( ହେଲିକ୍ସ )

ଗତ ଫେବୃଆରୀ ମାସ କଲିକତା ଡୁନାମ ଗଳୀରେ ଉପୁକାର ନରହତ୍ୟା ହୋଇ ଥିବାର ପାଠକମାନଙ୍କୁ ଜଣାଇ ଅଛୁଁ । ବର୍ତ୍ତମାନ ସେ ସ୍ଥାନର ନିକଟରେ ଦସ୍ୟୁତ ନରହତ୍ୟା ହୋଇ ଅଛି । ଗତ ମାସ ତା ୧୯ ରିଖରେ ଜଣେ ବ୍ୟକ୍ତି ଅନ୍ୟ ଦୁଇ ଜଣଙ୍କୁ ହତ କରି ଆପଣା ଘର ମଧ୍ୟକୁ ଯାଇ କବାଟ କିଳି ଦେଲା । ତତ୍ପରେ ପୁଲିସ ଯାଇ ତାକୁ ଧରିଲେ । କାହିଁକି ସେ ଏପରି କଥ କଲା କିଛି ଜଣା ଯାଉ ନାହିଁ । ବୋଧ ହୁଏ ଏଥିର ମୂଳରେ ବ୍ୟଭିଚାର ଦୋଷ ଥିବ ।

କଲିକତାର ନିକଟ କାଳୀଠାକୁରାଣୀଙ୍କ ମନ୍ଦିରରେ ଗୋଟିଏ ଦଙ୍ଗା ହଙ୍ଗାମା ହୋଇ ଅଛି । ମନ୍ଦିରରେ ଆଠ ଜଣ ପ୍ରହରୀ ନିଯୁକ୍ତ ଅଛନ୍ତି ସେମାନଙ୍କ ସଙ୍ଗେ ପୁଲିସର ବିବାଦ ହେବାରୁ ସେ ପୁଲିସ ମନ୍ଦିରରେ ପ୍ରବେଶ କରି ସେମାନଙ୍କ ସହିତ ଯୁଦ୍ଧଘଟାଇଲେ । ଜଣେ ମଧ୍ୟସ୍ଥବ୍ୟକ୍ତି ଦଙ୍ଗା ନିବାରଣ କରିବାକୁ ଉଦ୍ୟତ ହେବାରୁ ଲଠିର ପ୍ରହାରରେ ତାହାର ମୁଣ୍ଡ ଫାଟି ଗଲା ଆଉ କେତେକ ଲୋକ ଗୁରୁ ଆଘାତ ପାଇ ଅଛନ୍ତି । ଏ ମକଦ୍ଦମାର ତଦନ୍ତ ହେଉ ଅଛି ।

ଦାର୍ଜିଲିଂ ଲଟେରିରୁ ଷ୍ଟେସନଗାଡ଼ି ଟିକେଟ ଟ ୩୦୦୦୲ ଙ୍କା ଡାକ ଏବଂ ଅନ୍ୟାନ୍ୟ ଟିକେଟ ଟ ୭୦୦୲ ଙ୍କା ଏବଂ ଷ୍ଟାମ୍ପକାଗଜ ଟ ୩୦୦୲ ଙ୍କା ଏରୂପ ଟ ४००० ଙ୍କାର ଚୋରି ଯାଇଅଛି ।

---

## ବିଜ୍ଞାପନ ।

କଲିକତା ଓ କଟକର ମଧ୍ୟରେ ମନୁଷ୍ୟ ଯାତାୟାତର ନିମନ୍ତେ ଇଷ୍ଟ କୋଷ୍ଟ ଇଣ୍ଡିଆନ ଷ୍ଟିମ ନେଭିଗେସନ କମ୍ପାନି ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା କମ କରିବାରୁ ଉକ୍ତ କମ୍ପାନୀର ଏଜେଣ୍ଟ ବୁଲକ୍ ବେଲ୍ ଏଣ୍ଡ କମ୍ପାନୀ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ତଳଲିଖିତ ଦରରେ ଜାହାଜ ଭଡାର ଟିକେଟମାନ ଜାରି କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା;—

| | | | |
|---|---|---|---|
| ପ୍ରଥମ ଶ୍ରେଣୀ | କଟକରଠାରୁ | କଲିକତାକୁ | ଟ ୨୫୲ |
| ଦ୍ୱିତୀୟ ଶ୍ରେଣୀ | ଏଜନ | ଏଜନ | ଟ ୧୨॥ |
| ଉପରେ କସିବା ଲୋକ | | ଏଜନ | ଟ ୨୲ |

ଉପର ଲିଖିତ ସ୍ଥଳ ଦୃଷ୍ଟିରେ କଟକଠାରୁ କଲିକତାକୁ ଯିବାର ଜାହାଜ ଭଡା ଖାଦ୍ୟସାମଗ୍ରୀ ସହିତ ତଳଲିଖିତ ରୂପେ ନିର୍ଦ୍ଧିଷ୍ଟ ଯଥା;—

| | | |
|---|---|---|
| ୧ମ ଶ୍ରେଣୀ | ଏକାଜଣ ଦୁଇ ଖୋରାକ ସହିତ | ଟ ୨୫୲ |
| ୨ୟ ଶ୍ରେଣୀ | ଏକ ଖୋରାକ | ଟ ୧୨॥ |
| ଉପରେ କସିବା ଲୋକ ... ... ... | | ଟ ୨୲ |

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରାଧାନାଥ ମିତ୍ର | କର୍ଣ୍ଣମାଳ | ଅଗ୍ରିମ | ଟ ୧୩ । |
| " ହରମୋହନ ମିତ୍ର | କଟକ | " | ଟ ୬ |
| ମୁନସି ଗଜନଫର ହୋସେନ୍ | କେନ୍ଦ୍ରାପଡା | ବକେୟା | ଟ ୨॥୵ |
| ଭୁବନେଶ୍ୱରୀ ଦାସୀ | ଢେଙ୍କାନାଳ | ଅଗ୍ରିମ | ଟ ୨॥୵ |
| ବାବୁ ମଧୁସୂଦନ ପଟ୍ଟନାୟକ | ମଙ୍ଗେଶ୍ୱର | ବକେୟା | ଟ ୨॥୵ |

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ । ସଂ ୧୯ ଖ୍ୟା ।
ତା ୮ ରଖ ମାହେ ମଇ ସନ ୧୮୮୦ ମସିହା । ମୁ । ବୈଶାଖ ତ ୨୮ ନ ସନ ୧୨୮୭ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୯
ମଫସଲପାଁଇ ଡାକମାସୁଲ ଟ ୧୷

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠା ମାଜିଷ୍ଟ୍ରେଟ କଲେକ୍ଟର ଶ୍ରୀଯୁକ୍ତ ଫସି ସାହେବ ପ୍ୟାରୀ ବାବୁଙ୍କ ଇତିହାସ ବର୍ତ୍ତମାନ ବିଦ୍ୟାଳୟମାନଙ୍କରେ ପଠିତ ହେବାର ନିଷେଧ କରିଅଛନ୍ତି କାଳ ବାବୁଙ୍କ ଜଗନ୍ନାଥମାନ ବ୍ୟର୍ଥ ଯାଇ ନାହିଁ । ବସ୍ତୁ କମେଟୀର ମତ ନେବା ଉତ୍ତାରୁ ମାଜିଷ୍ଟ୍ରେଟ ସାହେବ ଉପର ଏହା କଲେ ଏବଂ ତାହାଙ୍କର ଏପରି କରିବାର କ୍ଷମତା ଅଛି ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଯେବେ ସାଧାରଣଙ୍କ ଅର୍ଥର ବିରୁଦ୍ଧରେ କେବଳ କାଳୀପଦ ବାବୁଙ୍କ ଅସାର ଯୁକ୍ତିର ଅନୁଗାମୀ ହୋଇ ଏପରି କରି ଥାନ୍ତି ତେବେ ବଡ଼ ଦୁଃଖର ବିଷୟ ଅଟଇ କାରଣ ସେପରି ଯୁକ୍ତିକୁ ଦେଖିଲେ ଅଧିକ କେତେ ପୁସ୍ତକ ବିଦ୍ୟାଳୟରୁ ଉଠାଇ ଦେବାକୁ ହେବ ଏବଂ ତହିଁର ଫଳ ଏହି ହେବ ଯେ ଆଉ କେହି ପୁସ୍ତକ ଲେଖିବାକୁ ସାହସୀ ହେବେ ନାହିଁ ।

—※—

ଗତ ସପ୍ତାହରେ ଲର୍ଡ ହାର୍ଟିଂଟନ ଭାରତବର୍ଷର ସେକ୍ରେଟେରୀ ନିଯୁକ୍ତ ହେବାର ଆମ୍ଭେମାନେ ଲେଖିଥିଲୁଁ । ଏସପ୍ତାହରେ ପ୍ରଥମେ ସମ୍ବାଦ ଆସିଥିଲା କି ଅର୍ଲ ମୋରଲି ଭାରତବର୍ଷର ଅଣ୍ଡର ସେକ୍ରେଟେରୀ ହେବେ ମାତ୍ର ତହିଁଉତ୍ତାରୁ ସମ୍ବାଦ ଆସିଲା ଯେ ମାର୍କୁଇସ ଅବ୍ ଲନ୍ସଡାଉନ ଉକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି । ସୁତରାଂ ଫସେଟ୍ ସାହେବ ଏପଦରେ ନିଯୁକ୍ତ ହେବାର ଯେ ସମ୍ଭାବନା ହୋଇଥିଲା ତାହା ହେଲା ନାହିଁ ଫସେଟ୍ ସାହେବ ପୋଷ୍ଟମାଷ୍ଟର ଜେନରଲ ହେଲେ । ନୂତନ ଅଣ୍ଡରସେକ୍ରେଟେରୀଙ୍କ କଥା ଆମ୍ଭେମାନେ ଅବଗତ ହୋଇ ନାହୁଁ କିନ୍ତୁ ସେକ୍ରେଟେରୀ ଲର୍ଡ ହାର୍ଟିଂଟନ ଅତି ଉଚ୍ଚ ଶ୍ରେଣୀର ଲୋକ ଓ ଲିବରଲ ଦଳର ପ୍ରଧାନ ହୋଇଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀମତୀ ମହାରାଣୀ ପ୍ରଥମେ ଏହାଙ୍କୁ ପ୍ରଧାନ ମନ୍ତ୍ରୀ କରିବାକୁ ମନସ୍ଥ କରିଥିଲେ ଭାଗ୍ୟକୁ ତାହାଙ୍କ ହସ୍ତରେ ଆମ୍ଭମାନଙ୍କର ସମସ୍ତ ଭାର ପଡ଼ିଲା ବଡ଼ ସୁଖର ବିଷୟ ଅଟଇ । ଏହାଙ୍କଦ୍ୱାରା ସୁବିଚାରର ତ୍ରୁଟି ହେବ ନାହିଁ ।

———

ଏ ନଗରବାସି ମୁସଲମାନମାନେ କଦମରସୁଲ ପ୍ରଭୃତି ସ୍ଥାନରୁ କବରଦେବା ଉଠିଯିବା ବିରୁଦ୍ଧରେ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଲଢି ମିଉନିସିପାଲିଟିକୁ ହଟାଇଦେଇ ଅଛନ୍ତି । ପ୍ରଥମେ ମିଉନିସିପାଲିଟି ନଗରର ସବୁସ୍ଥାନରୁ କବର ଦେବା ଉଠାଇଦେଇ କେବଳ ଖାନନଗରରେ ତହିଁର ସ୍ଥାନ ନିରୂପଣ କରାଇଲେ ଏବଂ କେତେ ଟଙ୍କା ବ୍ୟୟ କରି ସେଠାରେ ହତାବନ୍ଦି ଇତ୍ୟାଦି କାର୍ଯ୍ୟ କଲେ କିନ୍ତୁ ଆଇନ ଅନୁସାରେ କାର୍ଯ୍ୟ କରିବାକୁ ବୁଝି କରି ଥିଲେ । ସମ୍ପ୍ରତି ଆଇନାନୁସାରେ କାର୍ଯ୍ୟ କରି ମୁସଲମାନଙ୍କ ଆପତ୍ତି ଶୁଣିବାରେ ଜାଣି ପାରିଲେ ଯେ ଖାନନଗର ଉପଯୁକ୍ତ ସ୍ଥାନ ନୁହଇ । ସେଠାରେ ବର୍ଷାକାଳରେ ପାଣି ଜମା ହୁଅଇ ଏବଂ ନଦୀବନ୍ଧି ଓ ବାଲି ହେତୁ ତାହା କବରର ଉପଯୁକ୍ତ ସ୍ଥାନ ନୁହଇ । ମୁସଲମାନମାନଙ୍କ ଆପତ୍ତି ଅନୁସାରେ କଦମରସୁଲର ଭିତରଦେଇ ଜେଗରପୁର ଡିଂରସା ତକିଆ ଏବଂ ଇଦଗାହ ଏହି ସ୍ଥାନମାନ କବରଦେବା ସକାଶେ ମିଉନିସିପାଲିଟି ଧାର୍ଯ୍ୟ କରି ଅଛନ୍ତି ଏବଂ ଖାନନଗର ବିଷୟରେ ଗୋଟିଏ ସବ୍ କମିଟି ନିଯୁକ୍ତ ହୋଇଅଛି । ମିଉନିସିପାଲିଟି ପ୍ରଥମରୁ ଆଇନ ମତେ ଅନାଧୀନ କାର୍ଯ୍ୟ କରିବାରେ ଖାନନଗରର ହତା ଇତ୍ୟାଦିରେ କେତେଗୁଡ଼ିଏ ଟଙ୍କା ଅନର୍ଥକ ନଷ୍ଟ ହେଲା ।

———

### କାବୁଲ ସମାଚାର ।

ଗତ ସପ୍ତାହରେ ଯେ ସମସ୍ତ ତାରସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ଆଫଗାନ ସ୍ଥାନମାନେ ପୁନର୍ବାର ଯୁଦ୍ଧରେ ପ୍ରବୃତ୍ତ ହୋଇଅଛନ୍ତି ଏବଂ ଏଠାରେ ସେଠାରେ ଊଣା ଅଧିକ ଯୁଦ୍ଧ ଲାଗିଅଛି । ଏଥି ମଧ୍ୟରେ ପ୍ରଧାନ ଯୁଦ୍ଧ ଗଜନୀଠାରେ ଗତ ମାସରେ ହୋଇଥିଲା । ସେଠାରେ ଶତ୍ରୁ ପକ୍ଷରୁ ଘୋଡ଼ସୁଆର ସହିତ ପ୍ରାୟ ୧୫୦୦୦ ଣ ସେନା ଜମା ହୋଇଥିଲେ । ଇଂରେଜଙ୍କ ସେନାଧ୍ୟକ୍ଷ ଜେନରଲ ଷ୍ଟିୱାର୍ଟ ସାହେବ ଯୁଦ୍ଧ ଆରମ୍ଭ କରନ୍ତେ ପ୍ରାୟ ୩୦୦୦ ଅସିଧାରୀ ଶତ୍ରୁ ଅସୀମ ସାହସ ସହିତ ଇଂରେଜଙ୍କ ସେନା ମଧ୍ୟକୁ ପଶି ଆସିଲେ ଏକ ଘଣ୍ଟା ଘୋରରଣ ହେଲା ଉତ୍ତାରୁ ଶତ୍ରୁ ଏକ ହଜାର ମୃତଦେହ ଛାଡ଼ି ଛିନ୍ନ ଭିନ୍ନ ହୋଇ ପଳାଇଲେ ।

Digitized by srujanika@gmail.com

ଘକ୍ଷର କ୍ଷତି ସର୍ବସୁଦ୍ଧା ଦୁଇ ହଜାର ହେବ । ଇଂରାଜଙ୍କର ଜ ୧୭ ଣ ହତ ଓ ଜ ୧୧୭ ଣ ଆହତ ହେଲେ । ଗଜନୀଠାରୁ ମା ୬୦ ଇଲ ଅନ୍ତରରେ ଗତ ମାସ ତା ୧୯ ଋଖରେ ଏ ଯୁଦ୍ଧ ହେଲା ଏବଂ ତା ୨୧ ଋଖରେ ଗଜନୀ ନଗର ଇଂରାଜମାନେ ଅଧିକାର କଲେ; ଏଥି ପାଇଁ ନାନା ସ୍ଥାନରେ ସଲାମୀ ତୋପ ଧ୍ୱନିତ ହୋଇଥିଲା ।

ଗତ ମାସ ତା ୨୫ ଋଖରେ ଗୁଜିଆବରେ ଏକ ଯୁଦ୍ଧ ହୋଇଥିଲା ତହିଁରେ ଶତ୍ରୁ ପକ୍ଷରୁ ପ୍ରାୟ ଏକଶତ ଲୋକ ଏବଂ ଇଂରାଜଙ୍କର ଜ ୩୧ ଣ ହତ ଓ ଆହତ ହୋଇଥିଲେ । ଅବଶ୍ୟ ଇଂରାଜ ସେନା ଜୟଲାଭ କଲେ । ପରେ ଜଣାଗଲା ଯେ ଶତ୍ରୁ ପକ୍ଷର କ୍ଷତି ପ୍ରାୟ ଜ୬୦୦ଣ ହେବ । ଏ ଯୁଦ୍ଧ ଘଣ୍ଟା ଲାଗିଥିଲା ।

ମାର୍କୁଇସ ଅବ୍ ରିପନ ସାହେବ ଭାରତବର୍ଷର ନୂତନ ପ୍ରତିନିଧି ଓ ଗବର୍ଣ୍ଣରଜେନରଲ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଏଥି ପୂର୍ବେ ଏ ଉଚ୍ଚପଦ ଲର୍ଡ ଡଫରନ, ଗୋସେନ ସାହେବ ପ୍ରଭୃତିଙ୍କୁ ପ୍ରଦତ୍ତ ହୋଇଥିଲା ମାତ୍ର ସେମାନେ କେହି ଗ୍ରହଣ କଲେ ନାହିଁ । ଲର୍ଡ ରିପନ ତାହା ଗ୍ରହଣ କରି ଅଛନ୍ତି । ସେ ଶୀଘ୍ର ଭାରତବର୍ଷକୁ ଯାତ୍ରା କରିବେ ବୋଲି ସ୍ଥିର ହୋଇଅଛି ଟେଲିଗ୍ରାମରୁ ଅବଗତ ହେଲୁଁ ଯେ ମାନ୍ୟବର ରିପନ ସାହେବ ସନ୧୮୫୯ ସାଲରେ ବ୍ରସେଲ ନଗରକୁ ଯାଇଥିବା ରାଜଦୂତଙ୍କ ସଙ୍ଗରେ ଥିଲେ ସନ ୧୮୫୯ସାଲରେ ଯୁଦ୍ଧ ସମ୍ପର୍କୀୟ ସେକ୍ରେଟରୀ ସନ୧୮୬୧ସାଲରେ ଭାରତବର୍ଷର ଅଣ୍ଡର-ସେକ୍ରେଟରୀ ଥିଲେ ସନ୧୮୬୮ କାଉନ୍ସିଲର ପ୍ରଧାନ ସଭାପତି ସନ ୧୮୭୧ସାଲରେ ଓ୍ୱାସିଂଟନ ସନ୍ଧିର ବନ୍ଦୋବସ୍ତରେ ନିଯୁକ୍ତ ହୋଇଥିବା କମିସ୍ନରଙ୍କ ମଧ୍ୟରେ ଏକଜଣ ଥିଲେ ଏବଂ ସନ ୧୮୭୦ ସାଲରେ ଫ୍ରିମେସନଙ୍କ ଗ୍ରାଣ୍ଡମାଷ୍ଟର ହୋଇଥିଲେ । ଏହାଙ୍କର ବୟସ ବାଉନ ବର୍ଷ ଏବଂ ଜଣେ ଧର୍ମ୍ମଲୋକ ଅଟନ୍ତି, ମାଧ ଟେଲିଗ୍ରାମ ଏହାଙ୍କ ନିଯୋଗକୁ ବଡ ପସନ୍ଦ କରୁ ନାହାନ୍ତି ଏବଂ ତହିଁ ସକାଶେ ପ୍ରଧାନମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବଙ୍କ ବକ୍ତୃତାରେ ହତାଶ ହୋଇ ଅଛନ୍ତି ତାହାଙ୍କ ବିବେଚନାରେ ଜଣେ ଦମ୍ଭପ୍ରକୃତିର ଲୋକ ବର୍ତ୍ତମାନ ସମୟରେ ପ୍ରତିନିଧି ହେବାର ଆବଶ୍ୟକ । ଅମ୍ଭେମାନେ ଏହାଙ୍କ ପ୍ରକୃତିରୁ କେବଳ ଅବଗତ ନୋହୁଁ ସୁତରାଂ କିଛି ମତାମତ ଦେଇ ନ ପାରୁଁ । କ୍ରମଶଃ ଏହାଙ୍କର କଥା ସମସ୍ତ ପ୍ରକାଶ ପାଇବ । ପାଠକମାନେ କହୁଅଛନ୍ତି ଯେ ଏ ମହାଶୟ ଧନ ଓ ଉଚ୍ଚ ମର୍ଯ୍ୟାଦା ହେତୁ ଭାରତବର୍ଷର ରାଜାମାନଙ୍କ ମଧ୍ୟରେ ଶୋଭନୀୟ ଏବଂ ସେମାନଙ୍କର ଭକ୍ତିର ପାତ୍ର ହେବେ ।

---

କଟକ ଟ୍ରେନିଂ ବିଦ୍ୟାଳୟ ।

ଏ ବିଦ୍ୟାଳୟର ବାର୍ଷିକ ପାରିତୋଷିକ ବିତରଣ ଉପଲକ୍ଷରେ ଗତ ଶନିବାର ଅପରାହ୍ଣ ଘ ୫ ଟା ସମୟରେ ଜେନରଲ ହାସପାତାଲ ଗୃହରେ ସଭା ହୋଇଥିଲା । ଶ୍ରୀଯୁକ୍ତ କମିଶନର ସ୍ମିଥ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ନଗରବାସୀ ଇଉରୋପୀୟ ଏବଂ ଦେଶୀୟ ଅନେକ ଗୁଡଏ ଭଦ୍ରଲୋକ ଉପସ୍ଥିତ ଥିଲେ । ଏହାଙ୍କ ମଧ୍ୟରେ ରାଜକର୍ମଚାରୀଙ୍କ ସଂଖ୍ୟା ଅଧିକ ଓ ଢେଙ୍କାନାଳର ରାଜା ଏବଂ ହାଜୀ ଅବଦୁଲରହିମାନଙ୍କ ଭଳି ଦେଶୀୟ ଜମିଦାର ପ୍ରଭୃତି ସ୍ୱାଧୀନ ଶ୍ରେଣୀର ଲୋକ ପ୍ରାୟ କେହି ନ ଥିଲେ କହିଲେ ଯାଇ ପାରେ ।

ସଭାର କାର୍ଯ୍ୟ ଆରମ୍ଭ ହୁଅନ୍ତେ ଶ୍ରୀଯୁକ୍ତ ଡାକ୍ତର ଷ୍ଟିଓ୍ୱାର୍ଟ ସାହେବ ଗତ ମାର୍ଚ୍ଚ ମାସରେ ଶେଷ ହେବା ବର୍ଷ ବାବଦ ବାର୍ଷିକ ବିଜ୍ଞାପନୀ ପାଠ କଲେ ତହିଁରୁ ଜଣା ଗଲା ଯେ ଉକ୍ତ ବର୍ଷ ସର୍ବସୁଦ୍ଧା ଜ ୬୮ ଣ ଛାତ୍ର ଶିକ୍ଷା ଲଭୁଥିଲେ । ଏହାଙ୍କ ମଧ୍ୟରୁ ପ୍ରଥମଶ୍ରେଣୀରେ ଜ ୧୬ ଣ ଓ ଅବଶିଷ୍ଟ ଦ୍ୱିତୀୟଶ୍ରେଣୀରେ ଯଥାକ୍ରମେ ଜ ୭ ଓ ୯ ଣ ଥିଲେ । ଛାତ୍ରମାନଙ୍କ ମଧ୍ୟରୁ ଜ ୨୪ ଣ ବିଦ୍ୟାଳୟ ସଂଲଗ୍ନ ଛାତ୍ରାବାସରେ ବାସ କରି ଉଚ୍ଚ ଶିକ୍ଷା ପାଉଥିଲେ ।

ଟ୍ରେନିଂ ସ୍କୁଲରେ ପାରଦର୍ଶିତା ଲାଭ କରିବା ନିମିତ୍ତ ଯେ ସମସ୍ତ ବିଷୟରେ ଶିକ୍ଷା ଦେବାର ଆବଶ୍ୟକ ଅର୍ଥାତ୍ ଯାହା ଶିଖିଲେ ଛାତ୍ରମାନେ ନିମ୍ନ ଶ୍ରେଣୀର ଟିଚରସ୍କୁଲରୂପ କାର୍ଯ୍ୟ କରି ପାରିବେ ତହିଁରୁ ପ୍ରାୟ କିଛି ଛାଡ଼ି ଯାଇ ନାହିଁ ସମସ୍ତ ବିଷୟରେ ଯଥୋଚିତ ଶିକ୍ଷା ଦିଆ ଯାଇ ଅଛି । ପୁଣି ଆନନ୍ଦର ବିଷୟ ଯେ ଡାକ୍ତର ସାହେବ ସୁବିବେଚନା ପୂର୍ବକ ଭାରତବର୍ଷ ପକ୍ଷେ ଅଧିକ ଉପଯୋଗୀ ଥିବା ବିଷୟମାନଙ୍କରେ ଉତ୍ତମ ଶିକ୍ଷା ଦିଅନ୍ତି ଅଛନ୍ତି । ଫଳତଃ ଏଠାର ଶିକ୍ଷାପ୍ରଣାଳୀ ବିଷୟରେ ଅଧିକ କିଛି କହିବା ପ୍ରୟୋଜନ ନ ରହେ କାରଣ ପରୀକ୍ଷାର ଫଳ ତହିଁର ଉତ୍କୃଷ୍ଟତାର ଯଥୋଚିତ ସାକ୍ଷ ପ୍ରଦାନ କରୁଅଛି ।

ଧାତ୍ରୀ ଚିକିତ୍ସା ଅର୍ଥାତ୍ ଦାଈଗିରିର ଶିକ୍ଷା ଦେବାରେ ମଧ୍ୟ ତ୍ରୁଟି ହୋଇ ନାହିଁ । ଏ ଶିକ୍ଷା ଏ ଦେଶର ବର୍ତ୍ତମାନାବସ୍ଥାରେ ଅତ୍ୟନ୍ତ ପ୍ରୟୋଜନୀୟ । ଏ ସମ୍ବନ୍ଧରେ ଅମ୍ଭେମାନେ ଆହ୍ଲାଦର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର କୁମାର ବୈକୁଣ୍ଠନାଥ ଦେ ଏଥି ନିମନ୍ତେ ଦେଶୀୟ ଦାଈମାନଙ୍କୁ ଶିକ୍ଷାଦେବା ନିମିତ୍ତ ଉପାୟ କରି ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି ଏବଂ ଏ ବିଷୟରେ ଏକ ପ୍ରସ୍ତାବ ତାହାଙ୍କ ନିକଟକୁ ପ୍ରେରିତ ହୋଇଅଛି ଡାକ୍ତର ସାହେବ କହନ୍ତି କି ଏଣା ଉକ୍ତ ମହୋଦୟଙ୍କ ଯତ୍ନରେ ଏ କାର୍ଯ୍ୟ ସମ୍ପନ୍ନ ହୋଇ ପାରିବ ।

ପ୍ରଥମ ଶ୍ରେଣୀର ଜ ୧୬ ଣ ମଧ୍ୟରୁ ଶେଷ ପରୀକ୍ଷାରେ ଜ ୮ ଣ ଉତ୍ତୀର୍ଣ୍ଣ ହେଲେ ଏବଂ ଅବଶିଷ୍ଟ ଆଠଜଣ କେଉଁ ବିଷୟରେ ପାରଗ ଓ କାହିଁରେ ଅପାରଗ ହେବାରୁ ଆଉ ଏକ ବର୍ଷ ସେମାନଙ୍କୁ ରହିବାକୁ ହେଲା । ଯେଉଁ ଜ ୮ ଣ କୃତକାର୍ଯ୍ୟ ହେଲେ ତାହାଙ୍କ ମଧ୍ୟରୁ ନିମ୍ନଲିଖିତ ଜ ୪ ଣ ପ୍ରଶଂସାର ଭାଜନ ହୋଇ ଅଛନ୍ତି ଯଥା; ଶ୍ରୀ ରାମଚନ୍ଦ୍ର ଘୋଷ, ଲକ୍ଷ୍ମୀଧର ମହାପାତ୍ର, ଗୋକୁଳପ୍ରସାଦ ସିଂହ ଓ ଦ୍ୱାରିକାପ୍ରସାଦ ସିଂହ ।

ଦ୍ୱିତୀୟ ଶ୍ରେଣୀ ଜ ୭ ଣ ଛାତ୍ର ମଧ୍ୟରୁ କେବଳ ଦୁଇଜଣ ଛଡ଼ା ଆଉ ସମସ୍ତେ ଅର୍ଥାତ୍ ଜ ୫ ଣ ଉତ୍ତମ ପରୀକ୍ଷା ଦେଇଅଛନ୍ତି ଓ ସେ ଦୁଇଜଣ ମଧ୍ୟ ନିକୃଷ୍ଟ ନ ହୋଇ ସହଜ ପ୍ରକାର ଭଲ ପରୀକ୍ଷା ଦେଇଅଛନ୍ତି । ଅତଏବ ଉଭୟ ଶ୍ରେଣୀ ପରୀକ୍ଷାର ଫଳ ଯେ ଅତି ସନ୍ତୋଷଜନକ ହୋଇଅଛି ଏ କଥା କହିବା ବାହୁଲ୍ୟ ।

ବିଜ୍ଞାପନୀରୁ ଆହୁରି ଜଣା ଗଲା ଯେ ଗତ ବର୍ଷ ଯେଉଁ ଜ ୧୩ ଣ ଛାତ୍ର କୃତକାର୍ଯ୍ୟତା ଲଭିଥିଲେ ପ୍ରାୟ ସମସ୍ତେ ସରକାରୀ କର୍ମରେ ନିଯୁକ୍ତ ହୋଇଅଛନ୍ତି ଯଥା; ସମ୍ବଲପୁର ଜିଲା ସାରଙ୍ଗ ଗଡ, ମୟୂରଭଞ୍ଜ, ଢେଙ୍କାନାଳ, ଖୋରଧା, ଅନୁଗୁଳ, କଟିପଡା ଚଟଶାଳୀମାନଙ୍କରେ ଜଣେ ଲେଖାଏ ନିଯୁକ୍ତ ହୋଇଅଛନ୍ତି ଏବଂ ଅନ୍ୟମାନେ ଏହି ପ୍ରଦେଶ ମଧ୍ୟରେ କର୍ମରେ ଅଛନ୍ତି ଏବଂ ଏମାନଙ୍କ କାର୍ଯ୍ୟରେ ଉପରିସ୍ଥ ହାକିମମାନେ ସନ୍ତୋଷ ପ୍ରକାଶ କରିଅଛନ୍ତି ଏହା ଅତି ସୁଖର ବିଷୟ ଅଟଇ ।

ବିଜ୍ଞାପନୀ ପାଠ ଶେଷ ହେଲାରୁ ଶାସ୍ତ୍ର

Split by PDF Splitter



ସଭାପତି ମହାଶୟ ସ୍ୱହସ୍ତରେ ପାରିତୋଷିକ ବିତରଣ କରି ଇଂରାଜୀରେ ଗୋଟିଏ ସୁନ୍ଦର ବକ୍ତୃତା କଲେ ତହିଁର ସାରାଂଶ ଯଥା;—

ଗତ ବର୍ଷ ଆମ୍ଭେ ଏହିପ୍ରକାର ସଭାରେ ଉପସ୍ଥିତ ଥାଇ ବିଦ୍ୟାଳୟର ସୁଫଳ ଦେଖି ସନ୍ତୁଷ୍ଟ ହୋଇଥିଲୁଁ ଏ ବର୍ଷ ମଧ୍ୟ ସେହିପ୍ରକାର ସନ୍ତୋଷ ଲାଭ କରି ଅଛୁଁ ଓ ଏଥିପାଇଁ ଡାକ୍ତର ଓ ଶିକ୍ଷକମାନେ ପ୍ରଶଂସାର ଭାଜନ ଅଟନ୍ତି । ଏ ବିଦ୍ୟାଳୟଦ୍ୱାରା ଯେ ଏ ଦେଶର ଅନେକ ଉପକାର ହେବ ତହିଁରେ ସନ୍ଦେହ ନାହିଁ । ଯେତେପ୍ରକାର ଉଚ୍ଚ ବ୍ୟବସାୟ ଅଛି ତହିଁ ମଧ୍ୟରେ ଚିକିତ୍ସା ବ୍ୟବସାୟ ଅତ୍ୟନ୍ତ ଉପକାରୀ କାରଣ ମନୁଷ୍ୟ ଶରୀର ପୀଡ଼ାର ଅଧୀନ ଏମନ୍ତ ଶରୀର ନାହିଁ ଯାହା କି କେତେବେଳେ ହେଲେ ପୀଡ଼ିତ ନ ହେବ ଅନ୍ୟାନ୍ୟ ବ୍ୟବସାୟରେ କାହାରି ସାକ୍ଷାତ୍ ପ୍ରୟୋଜନ ଏଥିରେ ସମସ୍ତଙ୍କର ସୁତରାଂ ଏ ବ୍ୟବସାୟ ଜନସମାଜ ପକ୍ଷରେ ସର୍ବାଧିକ ହିତକାରୀ ତୁମ୍ଭେମାନେ ଯେମନ୍ତ ପରିଶ୍ରମକରି ଏ ବ୍ୟବସାୟରେ ପାରଦର୍ଶିତା ଲଭିଲ ସେହିପରି ଯତ୍ନ ଅଧ୍ୟବସାୟଦ୍ୱାରା ସଂସାରର ଉପକାରରେ ରତ ହେବ ଏବଂ ଉନ୍ନତି ମାର୍ଗକୁ ସର୍ବଦା ଅନୁସରଣ କରିଥିବ । ବିଜ୍ଞାନ ବର୍ଦ୍ଧନଶୀଳ ବିଦ୍ୟା ନୂଆ କଥା ବାହାରୁଅଛି ତୁମ୍ଭେ ବିଦ୍ୟାଳୟ ଛାଡ଼ିଲ ବୋଲି ଜ୍ଞାନବୃଦ୍ଧିରେ ବିରତ ହେବ ନାହିଁ ଯେମନ୍ତ ଏ ବ୍ୟବସାୟଦ୍ୱାରା ଜୀବିକାନିର୍ବାହ କରୁଥିବ ତହିଁ ସଙ୍ଗେ ନୂଆ ୨ ବିଷୟ ସମସ୍ତ ଶିଖି ବ୍ୟବସାୟର ଉତ୍କର୍ଷତା ସାଧନ କରୁଥିବ । ସରକାରୀ ଚାକିରି ସମସ୍ତେ ଖୋଜି ବସିଲେ ଫଳ ହେବ ନାହିଁ ମଧ୍ୟ ସରକାର ସମସ୍ତଙ୍କୁ ଚାକିରି ଦେଇ ନ ପାରନ୍ତି କେହି ଅବା ଚାକିରି କରିବ ଏବଂ କେହି ଆପଣା ଗ୍ରାମ ବା ଅଞ୍ଚଳରେ ସ୍ୱାଧୀନ ବ୍ୟବସାୟଦ୍ୱାରା ଜନସାଧାରଣର ହିତ ଏବଂ ଆପଣାର ଉନ୍ନତିସାଧନ କରିବ । ଆଉ ଗୋଟିଏ କଥା ଏହି ଯେ ଇଉରୋପ ପ୍ରଭୃତି ଅନ୍ୟାନ୍ୟସ୍ଥଳରେ ଚିକିତ୍ସକମାନେ ଆପଣା ବ୍ୟବସାୟଦ୍ୱାରା ଯେମନ୍ତ ଧନ ଉପାର୍ଜନ କରନ୍ତି ତେମନ୍ତ ଦୀନ ଦରିଦ୍ରଙ୍କୁ ବିନାଅର୍ଥରେ ଚିକିତ୍ସାଦ୍ୱାରା ଆରୋଗ୍ୟ କରନ୍ତି ଏ କଥାକୁ ମଧ୍ୟ ତୁମ୍ଭେମାନେ ମନରୁ ପାସୋରିବ ନାହିଁ । ଚିକିତ୍ସକଙ୍କର ଏହା ଗୋଟିଏ ମହତ୍କାର୍ଯ୍ୟ ଅଟଇ ଇତ୍ୟାଦି ।

ଏହିରୂପେ ବକ୍ତୃତା ଶେଷକରି ଆସନ ଗ୍ରହଣ କରିବାରୁ ସଭା ଭଙ୍ଗ ହେଲା । ଆମ୍ଭେମାନେ ମଧ୍ୟ ସଭାପତି ଓ ଡାକ୍ତର ସାହେବଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ଚିକିତ୍ସା ବିଦ୍ୟାଳୟର ଫଳ ଅତ୍ୟନ୍ତ ପ୍ରୀତିକର ଅଟଇ ଏବଂ ଏଥିପାଇଁ ସମସ୍ତ ଶିକ୍ଷକ ଯଥୋଚିତ ପ୍ରଶଂସାର ପାତ୍ର ଅଟନ୍ତି । ଆମ୍ଭେମାନେ ଏ ସୁଫଳ ସକାଶେ ଶାଗ୍ଲ ଡାକ୍ତର ଷ୍ଟିଓ୍ୱାର୍ଟ ସାହେବଙ୍କୁ ଧନ୍ୟବାଦ ନ ଦେଇ କ୍ଷାନ୍ତରହି ନ ପାରୁଁ ସେ ଏ ବିଦ୍ୟାଳୟ ସ୍ଥାପନ ଏବଂ ତଦ୍ଦ୍ୱାରା ସୁଫଳ ଉତ୍ପାଦନ କରିବାଦ୍ୱାରା ଓଡ଼ିଶାର ପରମଉପକାର ସାଧନ କରି ଅଛନ୍ତି ଓ କରୁଅଛନ୍ତି । କେବଳ ଅଚଳାଇର ରୀତି ଦେଖି ଆମ୍ଭମାନଙ୍କର ଗୋଟିଏ ଭୟ ଉପସ୍ଥିତ ହୋଇଅଛି । ଏଠାର ଚିକିତ୍ସାପ୍ରଣାଳୀ ହିନ୍ଦୁଧର୍ମର ସମ୍ପୂର୍ଣ୍ଣ ବିରୁଦ୍ଧ ଅଟଇ କାରଣ ହିନ୍ଦୁ ଛାତ୍ରମାନଙ୍କ ପକ୍ଷରେ ଅସ୍ପର୍ଶୀୟ ଶବ ଛୁଇଁ କାଟାକଟି ଇତ୍ୟାଦି କରିବା ନିତାନ୍ତ ଦୂଷଣୀୟ ଏହି ଯୁକ୍ତି ଦେଖାଇ କେହି ଛାତ୍ରମାନଙ୍କୁ ବୁଝାଇଦେଲେ ଯେବେ ଏ ବିଦ୍ୟାଳୟଟି ଉଠି ଯାଏ ତେବେ ଆମ୍ଭେମାନେ ଗୋଟିଏ ମହତ୍ ହିତକର ଶିକ୍ଷାରୁ ବଞ୍ଚିତ ହେବୁଁ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସଂବାଦଦାତା ଲେଖିଅଛନ୍ତି ଯଥା ;—

ଏବର୍ଷ ବାରୁଣିଯୋଗ ନ ଥିବାରୁ ସେ ଦିନ ବୈତରଣୀ ତୀର୍ଥସ୍ଥାନରେ ଅନ୍ୟାନ୍ୟ ବର୍ଷ ଅପେକ୍ଷା ଅତ୍ୟନ୍ତ କମ ଯାତ୍ରୀ ହୋଇଥିଲେ ମାତ୍ର ଅଶୋକାଷ୍ଟମୀଦିନ ଏ ଯାଜପୁର ନିକଟସ୍ଥ ସିଦ୍ଧେଶ୍ୱର ମହାଦେବଙ୍କ ନିକଟରେ ତିନିଶି ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ହୋଇଥିଲେ କୌଣସି ଦୁର୍ଘଟନା ହୋଇ ନାହିଁ କେବଳ ସେ ଦିନ ସନ୍ଧ୍ୟା ସମୟରେ ତୋଫାନ ସହିତ ବୃଷ୍ଟି ହେବାରୁ ଯାତ୍ରିମାନେ ଓ ଦୋକାନୀମାନେ କଷ୍ଟଭୋଗ କରିଛନ୍ତି ।

ଦଶାଶିଙ୍ଗ ପ୍ରଗଣା ସିସିପୁର ଗ୍ରାମରେ ଏକ ତେନ୍ତୁଳି ବାଡ଼ରେ ଏକପ୍ରକାର ଗଛ ଅଛି ତାହାର ପରିଚୟ ପ୍ରାପ୍ତ ହେଉ ନାହିଁ ସେ ଗଛର ପତ୍ର ସବୁ ଦିନବେଳେ ସତେଜ ଥାଏ ରାତ୍ରିରେ ଝାଉଁଳିପଡ଼େ ଉକ୍ତ ଗଛର ପତ୍ରକୁ ଲୋକମାନେ କେଉ ବୃକ୍ଷ ସ୍ୱାମୀର ଆଦେଶ ମତେ ବ୍ୟବହାର କରି ଆରୋଗ୍ୟ ଲାଭ କରୁଅଛନ୍ତି ଶୁଣା ଯାଏ ଓ ପ୍ରତିଦିନ ସେଠାରେ ନାନାପ୍ରକାର ରୋଗୀମାନେ ପହୁଞ୍ଚି ଉକ୍ତ ବୃକ୍ଷକୁ ପୂଜା ଓ ଭୋଗ ଇତ୍ୟାଦି ଦେଇ ଯାଉଛନ୍ତି ।

ଅଳି କେଉଁଝର ଓ ଘଟିମାନଙ୍କର ଘୋଡ଼ା ମିଳନ ବହୁ ସମାରୋହରେ ହୋଇଥିଲା ପ୍ରାୟ ୧୦୦ ଘୋଡ଼ା ଏକତ୍ର ହୋଇ ଥିଲେ ଯାହା ହେଉ ଏପ୍ରକାର ମିଳନରେ ଗୃହସ୍ୱାମୀମାନଙ୍କର ବହୁତ ଲାଭ ହେଉଅଛି ।

# ସାପ୍ତାହିକସଂବାଦ ।

ଏଠା କଲେକ୍ଟରୀର ପୂର୍ବ ସିରସ୍ତାଦାର ବାବୁ ଦିବାକର ଦାସଙ୍କ ଅପିଲ ମୋକଦ୍ଦମା ଗତ ବୁଧବାର ଶ୍ରୀଯୁକ୍ତ କମିଶନର ସାହେବ ଅଗ୍ରାହ୍ୟ କଲେ ।

ଜମିଦାରୀ ଡାକ ମୋହରରଙ୍କୁ ଅଧିକା ବେତନ ଦେବା କାରଣ ଜମିଦାରଙ୍କଠାରୁ ଅଧିକା ରସୁମ ଆଦାୟ କରିବାର ଆବଶ୍ୟକ ବୋଲି ବଙ୍ଗାଳ ଗବର୍ଣ୍ଣମେଣ୍ଟ ସ୍ଥିର କରି ଅଛନ୍ତି ।

ଭାରତବର୍ଷର ନୂତନ ଗବର୍ଣ୍ଣର ଜେନରଲ ଲର୍ଡ ରିପନ ଚଳିତ ମାସ ତା ୧୪ ରିଖରେ ଇଂଲଣ୍ଡରୁ ଯାତ୍ରା କରିବେ ବୋଲି ସମ୍ବାଦ ଆସିଅଛି । ସେ ଏକାବେଳକେ ସିମଲାକୁ ଯାଇ କାର୍ଯ୍ୟ ଭାର ଗ୍ରହଣ କରିବେ ।

ଅଦ୍ୟ ପର୍ଯ୍ୟନ୍ତ ଜ୍ୟୋତିର୍ବେତ୍ତାମାନେ ୨୧୧ ଗୋଟି ଗ୍ରହ ଗଗନମଣ୍ଡଳରେ ଆବିଷ୍କାର କରି ଅଛନ୍ତି ଏଥି ମଧ୍ୟରୁ ୨୦ ଗୋଟି ଗତ ବର୍ଷ ଆବିଷ୍କାର ହୋଇ ଅଛି । ଏବେ ଜନରବ କେତେ ନୂଆ ୨ ଗ୍ରହ ଆବିଷ୍କାର ହେଉ ଅଛନ୍ତି ।

ବମ୍ବେଇର ନୂତନ ଗବର୍ଣ୍ଣର ସର୍ ଯେ ଫର୍ଗୁସନ ସାହେବ ଗତ ମାସ ତା ୨୮ ରିଖରେ ସେଠାରେ ପ୍ରବେଶ ହୋଇ କାର୍ଯ୍ୟ ଭାର ଗ୍ରହଣ କରି ଅଛନ୍ତି ।

ଦର୍ପଣ ଜ୍ଞାତ ହୋଇ ଅଛନ୍ତି ଯେ ଆମେରିକାରେ ଏକ ପ୍ରକାର ମତ୍ସ୍ୟ ଅଛି ସେ ମତ୍ସ୍ୟକୁ ସ୍ପର୍ଶ କଲେ ବୈଦ୍ୟୁତିକ ପ୍ରଭାବରେ ବୃହତ୍ ଅଶ୍ୱ ମନୁଷ୍ୟ ପ୍ରଭୃତି ଅଚୈତନ୍ୟ ହୋଇ ପଡ଼ନ୍ତି । ସମ୍ପ୍ରତି କାନାଡାରେ ଗୋଟିଏ ଯୁବତୀ ସ୍ତ୍ରୀର ଶରୀରରୁ ଏହିପରି ବୈଦ୍ୟୁତିକ ପ୍ରଭାବ ପ୍ରବାହିତ ହେଉ ଅଛି । ଏହି ଯୁବତୀର ବୟସ ୧୯ ବରଷ । ଦୁଇବର୍ଷ ତାହାରପୀଡ଼ା ହେଲା । ଆରୋଗ୍ୟ ହେଲା ଦିନୁ ତାହା ଶରୀରରୁ ସେହିରୂପ ବୈଦ୍ୟୁତିକ ଶକ୍ତି ପ୍ରବାହିତ ହେଉ ଅଛି ବୈଦ୍ୟୁତିକ ଓ ଚୁମ୍ବକ ପ୍ରସ୍ତରର ସମୁଦାୟ ଗୁଣ ତାହାଠାରେ ଦେଖା ଯାଏ । ଯେ ବ୍ୟକ୍ତି ତାହାର ଶରୀର ସ୍ପର୍ଶ କରେ ସେ ବୈଦ୍ୟୁତିକ ଶକ୍ତିରେ ମୂର୍ଚ୍ଛା ପ୍ରାପ୍ତ ହୋଇ ପଡ଼େ । ୧୦ ବା ୧୫ ଜଣ ମନୁଷ୍ୟ ଯେବେ ହାତ ଧରାଧରି କରି ଠିଆ ହୋଇ ସେହି ସ୍ତ୍ରୀକୁ ସ୍ପର୍ଶ କରନ୍ତି ତାହା ହେଲେ ସମସ୍ତଙ୍କ ଶରୀର ମଧ୍ୟ ଦେଇ ବୈଦ୍ୟୁତିକ ସ୍ରୋତ ପ୍ରବାହିତ ହୁଏ ଏବଂ ସମସ୍ତେ ଚମକି ଉଠନ୍ତି । ଏହି ଯୁବତୀ ଲୌହ ନିର୍ମିତ କୌଣସି ଦ୍ରବ୍ୟ ନିକଟକୁ ଗମନ କଲେ ତାହା ଆକର୍ଷିତ ହୋଇ ତାହାର ଶରୀର ଉପରକୁ ଡେଇଁପଡ଼େ । ଖଣ୍ଡିଏ କାଗଜ ଉପରେ କେତେଗୁଡ଼ିଏ ଛୁଞ୍ଚି ରଖି ତାହା ଉପରେ ସେ ଯୁବତୀ ଯେବେ ହାତ ଦେଖାଏ ତାହା ହେଲେ ସେହି ଛୁଞ୍ଚି ଗୁଡ଼ିକ ଶୂନ୍ୟରେ ଝୁଲୁ ଥାଏ । ପଶୁପକ୍ଷୀ ମୁଦ୍ଧା ସେ ସ୍ତ୍ରୀଠାରେ ଏହିରୂପ ଆକୃଷ୍ଟ ହୁଅନ୍ତି । ଧନ୍ୟ ବିଧାତାଙ୍କ ସୃଷ୍ଟି । ଏ ଦେଶରେ ଯେବେ ଏପରି ହୋଇଥାନ୍ତା ତେବେ ପ୍ରତିଦିନ ସହସ୍ର ଲୋକ ତାକୁ ପୂଜା କରି ହୁକୁମ ନେବା ପାଇଁ ଦଉଡ଼ିଥାନ୍ତେ ଓ କେତେ କଇଚ ଦେଉଥାନ୍ତେ ।

ଜାପାନବାସୀ କେତେକ ସ୍ତ୍ରୀଲୋକ ଆପଣା ୨ ଅଳଙ୍କାର ଓ ବହୁମୂଲ୍ୟ ପୋଷାକ ବିକ୍ରୀ କରି ଗୋଟିଏ ଜାହାଜ ସଂସ୍ଥାପନ ନିମନ୍ତେ ଚାନ୍ଦା ଦେଇ ଅଛନ୍ତି । ଧନ୍ୟ ସେଠା ସ୍ତ୍ରୀ ! ଏଠା ପୁରୁଷମାନେ ତାଙ୍କ ସରି ହେବେ କି ?

ବୋମ୍ବାଇ ହାଇକୋର୍ଟର ଜଜ ବୋର୍ଡ ସାହେବଙ୍କୁ ଟ୫୦୦୦ଙ୍କା ଉତ୍କୋଚ ଦେବା ଅଭିପ୍ରାୟରେ ଜଣେ ପାର୍ସି [illegible] ଖଣ୍ଡିଏ ବେନାମି ପତ୍ର ଲେଖିଅଛି । ସେ ଏବେ ଧୃତ ।

ଏଡ୍‌କେଶନ ଗେଜେଟରୁ ଅବଗତ ହେଲୁଁ ଯେ ଆମେରିକାରେ ଏକ ଓଲନ୍ଦାଜ ବଂଶ ଅଛନ୍ତି, ବର୍ତ୍ତମାନ ସେ ବଂଶର ପରିବାର ସଂଖ୍ୟା ଦ୍ୱାଦଶ ସହସ୍ର । ୧୬୫୦ ଖ୍ରୀଷ୍ଟାବ୍ଦରେ ଜେକବ ହାମା ଏକ ବ୍ୟକ୍ତି ହଲଣ୍ଡରୁ ଆମେରିକାର ଲଙ୍ଗ ନାମକ ଦ୍ୱୀପକୁ ଗମନ କଲେ ଏବଂ ସେଠାରୁ କିଂଷ୍ଟାନ ସହରକୁ ଆସି ସେଠାରେ କେତେକ ମାଣ ଭୂମି କ୍ରୟ କରି ବାସ କଲେ । ତାଙ୍କର ଆମେରିକା ଯିବାର ଅନତିଦୀର୍ଘ କାଳ ପରେ ତଦୀୟ ସ୍ତ୍ରୀ ଜେନସ ମଧ୍ୟ ସେଠାକୁ ଗଲେ । ଉକ୍ତ ବ୍ୟକ୍ତିଙ୍କଠାରୁ

Digitized by srujanika@gmail.com

ତାହାଙ୍କ ବଶରେ ବର୍ତ୍ତମାନ ଚାରି ହଜାର ବ୍ୟକ୍ତି ଉପୃତ ହୋଇ ଅଛନ୍ତି । ଅସ୍ପର୍ଦ୍ଧ ବଶ ବସ୍ତାର ।

୧ । ମୁଲ୍ଲବରଣାଶ୍ରମରୁ ସମ୍ବାଦ ହେଲ୍ଲୁ ଏଥର ପାର୍ଲିସ୍ମେଣ୍ଟ ସଭାର ନୂତନ ସଭ୍ୟ ନିର୍ବାଚନ ବସ୍ୟା ପାଇଁ ବେଣାପ୍ ସେଇକର ଏକ ହଜାର ଟଙ୍କା ବ୍ୟୟ ହୋଇଅଛି କେତେ ଟଙ୍କା କା ଶର୍ଚ୍ଚ ହୋଇ ନାହିଁ ।

୨ । କୋଷ ତୃଏ ଦଳ ମୂଲକ ସଙ୍ଗେ ସୁଶିଥିର ଯୋଗଦର ସୂତ ହେବା ପରେ ଦେଶର ପରାକ୍ରମ କଥା ଅନ୍ତରେଜ ଜାଣନ୍ତି । ଶୁଣା ଯାଉଅଛି ସେ ଏହାର ଏକ ଲକ୍ଷ ପାଞ୍ଚହଜାର ସେନା ଅଛନ୍ତି ।

୩ । ସେଣ୍ଟ ଲଣ୍ଡନର ବେଲବେଡପ୍ତାର ଗୃହରୁ ଷୋଳଶ ଟଙ୍କା ମୂଲ୍ୟର ଦ୍ରବ୍ୟାଦ ଚୋର ଯାଇଅଛି ପରେ । ବଡ ଆଶ୍ଚର୍ଯ୍ୟର ବିଷୟ । ଏବେ ତହର ଥାଇଁ ୨ ଗୋଟି ।

୪ । ସିଙ୍ଗପୁରୁ ଟେଲଗ୍ରାମ ଆସିଅଛି ଯେ ପ୍ରତ୍ରେସ ନାମକ ଷ୍ଟିମର ଓ ତାହାର ଜମୁନା ନାମକ ଫଗଟ୍ ଶୌଦ୍ଧାଟରେ ଅର୍ଗ୍ନି ଦ୍ୱାରା ଦଗ୍ଧ ହୋଇ ଯାଇ ଅଛି । କେତେ ଲୋକ ଓ ମାଲ ଯେ ନଷ୍ଟ ହୋଇ ଅଛି ତାହା ଏତେବେଳ ଯାଏ ନିଶ୍ଚୟ ଜଣା ଯାଇ ନାହିଁ ।

୫ । ଜଣେ ଫରାସୀ ଗୋଟିଏ କଳର ନମୁନା କର ତାହାକୁ କଥା ଶୁଣା ଇଥାଇ ଅଛନ୍ତି, ଏହି କଳରେ ମନୁଷ୍ୟର ଶ୍ୱାସ ନଳୀ ଜୁଲିଏ ଜଣୀ, ଓଠ, ଦନ୍ତ କା ଓ ନାକ ଅଛି । ଯୁଦ୍ଧ ହୁପି ହେଲେ କଥା ଶୁଣିକ ଗଣ୍ଡ ବାହାର ହୁଏ ।

୬ । ଅଷ୍ଟ୍ରେଲ ସ୍ୱର୍ଣ୍ଣ ଗଣ୍ଡରେ ଗୋଟିଏ ତୋଡର ଷଣି ତଳରୁ ପ୍ରାପ୍ତ ଖଣ୍ଡିଏ ପିଣ୍ଡ ଖଣ୍ଡରୁ ହେବ ଅଛି । ଏହା ଉପରେ ପ୍ରତିଥର ଖାଇ ସବୁ ଏକାବେଳକେ ଦବା ଯାଇ ଅଛି । ଶୁଣିଲୁ ଖୋଳେ ଯେତେ ଦେଖି ଥିଲେ ସମସ୍ତେ ପଞ୍ଚରୁ ପାଇ ଅଛନ୍ତି ।

କଲିକତା ବାହାର ସହର ଅସ୍ପର୍ଦ୍ଧ ହେଉବ ଚାର ସପନ୍ତ ବାଇ ନସ୍ୟାଚାରକୁ ପାଇଅଛନ୍ତି । ଗ୍ରୀଷ୍ମ କାଳ ସେଠାରେ ରହିବେ । ତାଙ୍କର ଭୂଷଣ ଭୂତବେହାରର ମହାରାଜା ମଧ୍ୟ ସେଠାକୁ ଅସିବେ ଓ ମହାରାଣୀ ( କେଶବ ବାବୁଙ୍କ କନ୍ୟା) ପିତାଙ୍କ ସହିତ ସେଠାକୁ ଯାଇ ଅଛନ୍ତି ।

ଭଣୀ କ୍ଷେତ୍ରରେ ଗତ ମାସ ତା ୧୪ ଇଶରେ ବୃଷ୍ଟି କମ୍ପ ହୋଇ ଥିଲା ସେ କେତେକ ଘାଟ ଫାଟି ଗଲ । ଅଧିକ କ୍ଷତି ହୋଇ ନାହିଁ । ବଡ଼ଲାଟ ଉମା ବାଇ ଯାଇ ତାଙ୍କାରେ ଉପସ୍ଥିତ ହେଲେଣି ।

ପେଟ୍ସ୍ ପଲ୍ୟଟନର ସିପାହୀ ଉଠାଇ ଦେଇ ନୂତନ ଦଳ ଗଢିବାର ପ୍ରସ୍ତାବ ପୂର୍ବେ ହୋଇ ଥିଲ ବର୍ତ୍ତମାନ ତାକା ଶିଆଲକୋଟ ଓ କର୍ଣ୍ଣଗଡରେ ସେପରି ହୋଇ ଅଛି । କିନ୍ତୁ ସପକ ଏଥିରୁ ଅବେକ୍ଷ୍ୟ । ଭରସା ।

ଅନ୍ନିରାଷ ଦେଶତ୍ରର ମଧ୍ୟ ଦୁର୍ଭିକ୍ଷ ଉପ୍ରକଳ ହୋଇ ଅଛି । ଏକ ଗ୍ରାମରେ ହ ୪୨ ଜଣ ମନୁଷ୍ୟ ଅନାହାରରେ ମରି ଗଲେ । ସହସ୍ର ୨ କୃଷକମାନେ ଘରି ଦ୍ୱାର ଛାଡି ପାରସ ଦେଶକୁ ପଳାଇ ଅଛନ୍ତି ଓ ବାଟରେ ଯୋଗେ ପଥରେ ଅନେକ ପ୍ରାଣ ହରାଇ ଅଛନ୍ତି । ଏଣିକ ଦୁର୍ଭିକ୍ଷର ଏତେ ଜୋର ନାହିଁ ବୋ ।

ଭାରତବର୍ଷର ସୀମାନ୍ତକର ଦେଶୀୟ ପ୍ରଧାନ ବ୍ୟକ୍ତିମାନେ ଖାବୁଲ ଯୁଦ୍ଧରେ ଗବର୍ଣ୍ଣମେଣ୍ଟର ସାହାଯ୍ୟ କରିଥିବାରୁ ସେମାନଙ୍କର ସ୍ୱାର୍ଥରକ୍ଷାର୍ଥ ପଞ୍ଜାବର ଲେପ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ତୋହାଙ୍କରେ ଦରବାର କରିଥିଲେ ।

କଲିକତାରେ ମଧ୍ୟ ଭଲ ବର୍ଷା ଓ କରଡା ବୃଷ୍ଟି ହୋଇଅଛି ।

ବୋମ୍ବାଇର ନୂତନ ଗବର୍ଣ୍ଣରଙ୍କ ବେତନ ବାର୍ଷିକ ଏକ ଲକ୍ଷ ୨୦ ହଜାର ହେବ ଏଥ ପୂର୍ବେ ଏକ ଲକ୍ଷ ୨୮ ହଜାର ଥିଲା । ସାଇନସଲଙ୍କ ମେମ୍ବରମାନଙ୍କର ବେତନ ବାର୍ଷିକ ୫ ୬୪ ହଜାର ପରିବର୍ତ୍ତେ ୬୧ ହଜାର ହେବ । ଅତୁକ ଜଜ ବର୍ତ୍ତ ନ ହୋଇ ଥିଲେ ଭଲ ହୋଇଥାନ୍ତା ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ !

ମହାଶୟ !

କାଳୀପଦ ବାବୁଙ୍କର ତୃତୀୟ ନମ୍ବର "ଜଗନ୍ନାଥୀ" ବାହାର ଅଛି । ପ୍ୟାରୀ ବାବୁଙ୍କ ଇତିହାସ ସମ୍ବନ୍ଧରେ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଯେଉଁ ସବୁ ପତ୍ର ଲେଖାଲେଖି ହୋଇଥିଲା ସେ ସମସ୍ତ ପତ୍ର କାଳୀପଦ ବାବୁଙ୍କ ହସ୍ତରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଅର୍ପଣ କରିବାରୁ ଇହାର ଅନୁବାଦ ଏହି ପୁସ୍ତିକାରେ ପ୍ରକାଶିତ ହୋଇଅଛି । କି ହେତୁ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଏ ପତ୍ରମାନ କାଳୀପଦ ବାବୁଙ୍କ ହସ୍ତରେ ଅର୍ପଣ କଲେ ତାହା ଅମ୍ଭେ ବୁଝିପାରୁ ନାହୁଁ । ତେବେ ଅନ୍ୟାନ୍ୟ ଆନ୍ଦୋଳିତ ବିଷୟରେ ସରକାରୀ ଚିଠି ପତ୍ରର ନକଲ ବାହାର ଲୋକେ ପାଇବାରେ କି ଆପତ୍ତି ହୋଇପାରେ ?

ଉକ୍ତ ପୁସ୍ତିକାର ଦ୍ୱିତୀୟ ସଂଖ୍ୟକ ପତ୍ରରେ ଉମାପ୍ରସାଦ ବାବୁ ଲେଖନ୍ତି ଯେ "ଗ୍ରନ୍ଥକାର ଯେରୂପ ଅପରିଣତ ବୟସ୍କ ଯୁବାବୃନ୍ଦର ସ୍ୱଭାବସିଦ୍ଧ ଇତ୍ୟାଦିରେ ହିନ୍ଦୁ ଧର୍ମାବଲମ୍ବିମାନଙ୍କ ସମ୍ବନ୍ଧେ ଉପହାସ କରିଅଛନ୍ତି, ଜଗନ୍ନାଥଦେବ ସମ୍ବନ୍ଧେ ଜ୍ଞାନ ପୂର୍ବକ ମିଥ୍ୟା ରଚନାଦ୍ୱାରା ସେମାନଙ୍କର ଧର୍ମ ପ୍ରବୃତ୍ତି ପ୍ରତି ସେହି ରୂପ ନିନ୍ଦାବାଦ କରିଅଛନ୍ତି ।" ଗତ ଗ୍ରୀଷ୍ମବର୍ଷ ମଧ୍ୟରେ ପ୍ୟାରୀ ବାବୁ ଯେତେ ଥର ବକ୍ତୃତା କରିଅଛନ୍ତି ଅମ୍ଭେ ଉପସ୍ଥିତ ଥାଇ ସେ ସମସ୍ତ ଆଦ୍ୟୋପାନ୍ତ ଶୁଣିଅଛୁ । ପ୍ୟାରୀ ବାବୁ ହିନ୍ଦୁ ଧର୍ମାବଲମ୍ବିଙ୍କ ଉପହାସ କରିବାର ଅମ୍ଭେ ଶୁଣି ନାହୁଁ । ପ୍ୟାରୀ ବାବୁ ସରଳ ଉଦାର ଓ ସତ୍ୟବାଦୀ । ଜଗନ୍ନାଥ ଦେବଙ୍କ ସମ୍ବନ୍ଧରେ ଯାହା ଲେଖି ଅଛନ୍ତି ତାହା ସମସ୍ତ ଇତିହାସ ଓ ମାଦଳାପାଞ୍ଜିରେ ଦେଖାଯାଏ । ଏଥିରେ କି ପ୍ରକାର ଜ୍ଞାନପୂର୍ବକ ମିଥ୍ୟା ରଚନା ଅଛି ତାହା ଉମାପ୍ରସାଦ ବାବୁ ସ୍ପଷ୍ଟ ରୂପେ ଦେଖାଇ ଦେଇଥିଲେ ଉତ୍ତମ ହୋଇଥାନ୍ତା । ପ୍ୟାରୀ ବାବୁଙ୍କ ଚରିତ୍ର ପ୍ରତି ଏପରି ମିଥ୍ୟା ଅଭିଯୋଗ ଦେବାର ଦେଖି ଅମ୍ଭେ ଏବଂ ନଗରସ୍ଥ ପ୍ରାୟ ସମସ୍ତ କୃତବିଦ୍ୟ ଭଦ୍ର ବ୍ୟକ୍ତି ଦୁଃଖିତ ଅଛୁଁ । ଉମାପ୍ରସାଦ ବାବୁ ଯେବେ ଶୀଘ୍ର ଆପଣାର ଏପରି ବିଶ୍ୱାସର ହେତୁ ନ ଜଣାନ୍ତି ତେବେ ସମସ୍ତେ ତାଙ୍କୁ ପ୍ୟାରୀ ବାବୁଙ୍କର ଅକାରଣ ବିଦ୍ୱେଷୀ ବୋଲି ଜ୍ଞାନ କରିବେ । ଅମ୍ଭେମାନେ ସାହସ ପୂର୍ବକ କହୁ ପାରୁଁ ଯେ କଟେକରନ୍ତି ଲୋକ ଅନ୍ୟର ଅନିଷ୍ଟ ସାଧିବା ପାଇଁ କଦାପି ଏପରି କୁଟିଳମାର୍ଗ ଅବଲମ୍ବନ କରନ୍ତି ନାହିଁ । ସମ୍ପାଦକ ମହାଶୟ ! ପ୍ୟାରୀ ବାବୁଙ୍କ ବକ୍ତୃତା ଓ ଚରିତ୍ର ସମ୍ବନ୍ଧରେ ଆପଣ ଯେତେ ଦୂର ଜାଣନ୍ତି ଏଥିର କହନ୍ତୁ ।

ଇତିହାସ ପ୍ରତି ଯେଉଁ ସବୁ ଆପତ୍ତି ହୋଇଥିଲା ତାହା ଅମୂଳକ ବୋଲି ଶିକ୍ଷା କମିଟିରେ ସ୍ଥିର ହୋଇଅଛି । ତେବେ କର୍ତ୍ତୃପକ୍ଷୀୟମାନେ କାହିଁକି ଏ ପୁସ୍ତକକୁ ସ୍କୁଲରେ ଚଳାଇ ନାହାନ୍ତି ! ଯେଉଁ ପୁସ୍ତକ ପ୍ରଣୟନ ଜନ୍ୟେ ଗବର୍ଣ୍ଣମେଣ୍ଟ ଟ ୩୦୦ଙ୍କା ପୁରସ୍କାର ଦେଲେ ଓ ଯାହାକୁ ଉତ୍କୃଷ୍ଟ ଗ୍ରନ୍ଥ ବୋଲି ସମସ୍ତେ ମତ ଦେଲେ ଓ ଯାହା ସମ୍ବନ୍ଧରେ କାଳୀପଦ ବାବୁଙ୍କ ଆପତ୍ତିମାନ ଶିକ୍ଷାକମିଟିରେ ଅମୂଳକ ବୋଲି ଗଣିତ ହେଲା ସେ ପୁସ୍ତକକୁ ପାଠ୍ୟପୁସ୍ତକ କରିବାରେ ତାହାର କି ଗୁପ୍ତ ସୂକ୍ଷ୍ମତତ୍ତ୍ୱ ଆପତ୍ତି ଅଛି ତାହା ଅମ୍ଭେମାନେ ବୁଝି ପାରୁ ନାହୁଁ ।

ଯମ ଓ ଛତ୍ରଗୁପ୍ତଙ୍କ ଉପରେ ଯେ "ଦୂତାବେଶ" ହୋଇଅଛି ତହିଁନିମନ୍ତେ ଅମ୍ଭେ ଗଦ ଓ ଗୁଣିଆ ଖୋଜୁ ଅଛୁଁ । ଶୀଘ୍ର ପ୍ରତୀକାର ନ ହେବେ ଏମାନେ ସମସ୍ତେ ଲଂକା ପଲା ହୁଅନ୍ତେ । ଗୁଣୀ କି ମାଠିଆ ବାମୁଣଲେ ଘଉଡିବେ ନାହିଁ ।

କଟକ	ଆପଣଙ୍କର
୬ । ୫ । ୮୦	ଅସତ୍ୟଦ୍ୱେଷୀ ।


## ବିଜ୍ଞାପନ ।

ନୂତନ ପଦ୍ୟପୁସ୍ତକ ।

# ପ୍ରେମତରୀ ।

ମୂଲ୍ୟ ... ... ... ... ୫ ० ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଏବଂ କଲେଜର ପ୍ରଧାନ ପଣ୍ଡିତ ଶ୍ରୀ ରାମଶଙ୍କର ମୁଖୋପାଧ୍ୟାୟଙ୍କ ନିକଟରେ ପ୍ରାପ୍ତବ୍ୟ ।


## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରିଶ୍ଚନ୍ଦ୍ର ମୁଖୋପାଧ୍ୟାୟ | କଟକ | ବରଷା | ୫ ୩୧ |
| „ ଲକ୍ଷ୍ମୀନାରାୟଣ ଘୋଷ | „ | ଅଗ୍ରିମ | ୫ ୩୧ |
| „ କାନ୍ତ ଚରଣ ଦାସ | „ | ବରଷା | ୫ ୬୧ |
| „ ପୂର୍ଣ୍ଣଚନ୍ଦ୍ର ଦାସ ମହାପାତ୍ର ଶିବପୁର ଅଗ୍ରିମ | | | ୫ ୨ ୭୯ |
| „ ଶରତଚନ୍ଦ୍ର ଘୋଷ କଟକ | | ବରଷା | ୫ ୨୧ |
| ଶ୍ରୀ ଶ୍ରୀ ରାଜା ଦେବେନ୍ଦ୍ର ମଧୁପୁର | | „ | ୫ ୭୧ |

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୫ ଶ
ସଂଖ୍ୟା ୨୦

ତା ୧୯ ଋଷ ମାହେ ମଇ ସନ ୧୮୮୦ ମସିହା । ମୂ । ଜ୍ୟେଷ୍ଠ ଦି ୪ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୵

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି କଲିକତାର ଭାରତବର୍ଷୀୟ ସଭା ଭାରତବର୍ଷର ସମସ୍ତ ବିଷୟର ଅନୁସନ୍ଧାନ ନିମିତ୍ତ ପାର୍ଲିମେଣ୍ଟକୁ ଖଣ୍ଡେ ଆବେଦନପତ୍ର ପଠାଇବେ ଏବଂ ଭାରତବର୍ଷର ଅନ୍ୟାନ୍ୟ ସମସ୍ତ ସଭାକୁ ଏଥିରେ ଯୋଗ ଦେବାପାଇଁ ଆମନ୍ତ୍ରଣ କରିବେ । ଆମ୍ଭମାନଙ୍କ ବିବେଚନାରେ ଭାରତବର୍ଷପ୍ରତି ପାର୍ଲିମେଣ୍ଟର ମନୋଯୋଗ ଆକର୍ଷଣ କରିବାର ଏ ଗୋଟିଏ ପ୍ରଧାନ ଉପାୟ ଅଟଇ ଓ ଏହା ଶୀଘ୍ର କରିବାର ଉଚିତ ।

ଲଣ୍ଡନନଗରରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ସରୁ ଜାନ୍ ଷ୍ଟ୍ରାଚିସାହେବଙ୍କ ବଜେଟରେ କ୍ୟୂନଙ୍କ ଭୁଲ ବାହାରିଅଛି । ଭାରତର ସମ୍ବାଦପତ୍ରମାନେ ଭାରତବର୍ଷର ବଜେଟର ଭାରି ନିନ୍ଦା କରୁଅଛନ୍ତି ଏବଂ ବନ୍[illegible] ଷ୍ଟ୍ରାଚିସାହେବ ଏ ବିଷୟରେ ପାର୍ଲିମେଣ୍ଟ ସଭାରେ ଗୋଟିଏ ପ୍ରସ୍ତାବ କରିବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି । ଲଣ୍ଡନର ଟାଇମ୍ସ ସମ୍ବାଦପତ୍ର ଲେଖନ୍ତି ଯେ ଏ ଭ୍ରମର ସମ୍ପୂର୍ଣ୍ଣ ଦୋଷ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଶେଷରେ ସରୁ ଜାନ୍ ଷ୍ଟ୍ରାଚିସାହେବଙ୍କ ଉପରେ ରହିଅଛି ଏବଂ ସେମାନେ ଏଥିର ଯେଉଁ ଉତ୍ତର ଦେଇଅଛନ୍ତି ତାହା ଅତି ଅକର୍ମଣ୍ୟ ଅଟଇ । ଷ୍ଟ୍ରାଚିସାହେବ ଯେମନ୍ତ ଲୁହ ଦେଖାଇ ବଜେଟ ବାହାର କରିଥିଲେ ତହିଁରେ ଏପରି ହେବା କିଛି ନୂତନ ନୁହଇ ସେ ଆୟ ବ୍ୟୟରେ ଉଦ୍ବର୍ତ୍ତ ଦେଖାଇଥିଲେ ମାତ୍ର ବାସ୍ତବରେ ବ୍ୟୟପ୍ରତି ଆୟ ନ ଅଣ୍ଟ ହେବାର ପ୍ରକାଶ ପାଇଅଛି ।

ପ୍ୟାରୀ ବାବୁଙ୍କ ଇତିହାସ ଯେବେ କାଳୀପଦ ବାବୁ ଯେଉଁ ଗଣ୍ଡଗୋଳ ଉଠାଇଅଛନ୍ତି ତହିଁର ସମାଲୋଚନାରେ ବାଲେଶ୍ୱରର ସଂବାଦବାହିକା ଲେଖିଅଛନ୍ତି କି ଜଗନ୍ନାଥଙ୍କ ବିରୁଦ୍ଧରେ ପ୍ୟାରୀ ବାବୁଙ୍କ ଲେଖା ମାଦଳାପାଞ୍ଜି ଏବଂ ଷ୍ଟର୍ଲିଙ୍ଗ ସାହେବଙ୍କଠାରୁ ଅନେକ ଭାଷା ଓ ଏହି ସମସ୍ତ ଐତିହାସିକ କଥାକୁ ସେ "ଅଧିକ ଉଦ୍ଭାବିତ କରୁଥିବାରୁ କେହି ତାହାଙ୍କୁ ଜଗନ୍ନାଥ ଦେବଙ୍କ (Personal Friend) ଅଙ୍ଗସଙ୍ଗୀ ବନ୍ଧୁ ବୋଲି ପାରନ୍ତି କିନ୍ତୁ ପ୍ରକୃତ ବିଚାରକମାନେ ସେଥି ନିମିତ୍ତ ଅବଶ୍ୟ କାଳୀପଦ ବାବୁଙ୍କୁ ଦୋଷ ଦେବେ * * ଆମ୍ଭେ- [illegible] ମଧ୍ୟ କାଳୀ ବାବୁଙ୍କୁ ଏଥି ନିମିତ୍ତ ଜଗ- [illegible] ଦୋଷ ବୋଲି ନ ପାରୁଁ । ଆମ୍ଭମାନଙ୍କ [illegible]ବେଚନାରେ ଏପରି ବିଗୁଡ଼ି ବେପାରରେ ଲାଭ କଣ ?"

ଲାଭ କାହିଁ କାହିଁ କି ? ଆପାତତଃ ହାକିମଙ୍କଠାରେ ସ୍ୱାମିଭକ୍ତି ଓ ଜଗନ୍ନାଥଙ୍କର ବନ୍ଧୁ ବୋଲି ପ୍ରତିପତ୍ତି ଲାଭ ଏବଂ ଭବିଷ୍ୟତରେ ଜଗନ୍ନାଥ କମ୍ପରଲେ ନୂଆଁ ବନ୍ଦୋବସ୍ତରେ ସୁପ୍ରିଣ୍ଟ କରି ଆପଣା ପାଖକୁ ନେଇ ପାରନ୍ତି ।

ଗଙ୍ଗାମନ୍ଦିର ପୁଷ୍କରିଣୀର ଦୁରବସ୍ଥା ସମ୍ପର୍କରେ ଦାନୁବାବୁ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନପତ୍ର ପଠାଇ ଥିଲେ ତହିଁରେ କୈଫିୟତ ତଲବ ହୋଇଅଛି ଏବଂ ତାହା ମିଉନିସିପାଲିଟିର ହସ୍ତାଧୀନରେ ଅଛି । ଏଥି ମଧ୍ୟରେ ପୁଷ୍କରିଣୀର ଦଳ କଟା ଯିବାରୁ ତାହା ଚିକ୍କଣ ଦିଶୁଅଛି ଯେବେ ଏତଦ୍ଦ୍ୱାରେ ହାକିମମାନେ ଭୁଲି ପଡନ୍ତି ତେବେତ ସବୁ ହେଲା ମାତ୍ର ପ୍ରକୃତ ଅବସ୍ଥା ଦେଖିବାକୁ ଗଲେ ଉକ୍ତ ପୁଷ୍କରିଣୀର ପଙ୍କୋଦ୍ଧାର ବିନା କଦାଚ ଭଲ ହେବ ନାହିଁ । ତାହା ବହୁବ୍ୟୟ ସାଧ୍ୟ ମାତ୍ର ଗବର୍ଣ୍ଣମେଣ୍ଟ ତହିଁକି ଅକ୍ଷମ ନୁହନ୍ତି । କଲମର ଏକ ଟାଣରେ ଖାସମହାଲର ଅଠେଇହଜାର ଜମାକୁ ଦଶହଜାର କରି ପାରିଲେ, ଜମିଦାର ସ୍ୱରୂପ ପ୍ରଜାଙ୍କ ସୁବିଧା ନିମିତ୍ତ ଗୋଟାଏ ପୁଷ୍କରିଣୀ ଉତ୍ତମ ଅବସ୍ଥାରେ ରକ୍ଷା ପାରିବେ ନାହିଁ ଏ କେମନ୍ତ କଥା ବର୍ଷକର ଅଧିକା ଜମା ଶ୍ରେଣ୍ଡଦେଲେତ କି ୨୦।୩୦ ବର୍ଷକୁ କାଣ୍ଟିନ୍ତି, ଏଥିପାଇଁ କୃପଣତା କାହିଁକି ? ମିଉନିସିପାଲିଟିର ଆୟ ଏ ବୃହତ କାର୍ଯ୍ୟକୁ ସହ ନୁହଇ ।

ଏ ସପ୍ତାହରେ ଆଫଗାନ ସ୍ଥାନରୁ ଯେ ସମସ୍ତ ସଂବାଦ ଆସିଅଛି ତହିଁରୁ ଜଣାଯାଏ ଏଥି ମଧ୍ୟରେ ଆଉ କୌଣସିଠାରେ ଯୁଦ୍ଧ ହୋଇ ନାହିଁ । କିନ୍ତୁ ଆଜ ଏଠାରେ ଲୁଟ ଓ କାଲି ସେଠାରେ ଜନୈକ ଡାକର ଭାର କାଢ଼ି ଦେବା ଓ ବାଟରେ

Digitized by srujanika@gmail.com

Split by PDF Splitter



ଇଂରେଜଙ୍କର ଅଳ୍ପ ସେନା ଥିମ୍ବା ଉପଦ୍ରବ ଆକ୍ରମଣ କରିବା କଥା ନାହିଁ । ଗତ ମାସ ତା ୭ ରଖରେ କର୍ଣ୍ଣେଲ ଟାନର ଛଉନୀ ଗ୍ରାମରେ ଲୁଟର ଦ୍ରବ୍ୟ ଥିବାର ଶୁଣି ସେ ଗ୍ରାମମାନ ଆକ୍ରମଣ କଲେ ଦୁଇ ଗ୍ରାମରେ ଲୁଟର ଦ୍ରବ୍ୟ ପାଯ୍ୟା ଯିବାରୁ ଗ୍ରାମର ସରଦାରମାନଙ୍କୁ ଧରି ଆଣିଲେ । ବାଟରେ ଆସିବା ବେଳେ ଦୁଇପଞ୍ଜା ଗାଜୀ ସେମାନଙ୍କୁ ଛଡ଼ାଇଲେ ତହୁଁ ଇଂରେଜମାନେ ଯୁଦ୍ଧରେ ୧୪ ଜଣ ଗାଜୀଙ୍କୁ ସରଦାର ସହିତ ବଧ କରିବାରେ ଅନ୍ୟମାନେ ପଳାୟନ କଲେ । ଇଂରେଜ ପକ୍ଷରୁ କେବଳ ଏକଜଣ ସିପାହି ଆହତ ହୋଇ ଥିଲ ।

ସରଦାର ଅବଦୁଲ ରହେମାନଙ୍କ ନିକଟରୁ ଦୂତ ପ୍ରେରଣ ହୋଇଅଛି । ସେ କେଉଁଠାରେ ଅଛନ୍ତି ଅବଗତ ହେଲା ନାହିଁ କିନ୍ତୁ ତାହାଙ୍କ ବିରୁଦ୍ଧରେ ବଦକ୍ସାନରେ ଯେ ବିଦ୍ରୋହ ହୋଇଥିଲ ତାହା ଯଥାର୍ଥ ଥିବାର ସଂବାଦ ପାଯ୍ୟା ଯାଇଅଛି ।

—*—

କଲିକତାରୁ ତାରଯୋଗେ ସମ୍ବାଦ ଆସିଅଛି ଯେ ଗ୍ଲାଡ଼ଷ୍ଟୋନସାହେବ ନୂତନ ମନ୍ତ୍ରୀ ଅଧୀନରେ କାର୍ଯ୍ୟଭାର ଗ୍ରହଣ କରି ବାହାର ଯେଉଁ ଲୋକମାନେ ତାହାଙ୍କୁ ମନୋନୀତ କରିଥିଲେ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ଧନ୍ୟବାଦ ଦେବା ଉତ୍ତାରୁ କହିଲେ ଯେ ଭାରତବର୍ଷର ଆୟ ବ୍ୟୟର ଅବସ୍ଥା ପ୍ରଥମ ଚର୍ଚ୍ଚାସ୍ୱରୂପ ଗବର୍ଣ୍ଣମେଣ୍ଟଙ୍କ ସମ୍ମୁଖରେ ରହିଅଛି । ସରଜନ ଷ୍ଟ୍ରାଚିସାହେବଙ୍କ ଭ୍ରମାତ୍ମକ ଅନୁମାନିତ ହିସାବ ଅତି ଦୁଃଖରୂପେ ବୁଝାଯିବ ଏବଂ ଏଥିସକାଶେ ଯେଉଁମାନେ ଦାୟୀ ଅଟନ୍ତି ତାହାଙ୍କୁ କୈଫିୟତ ଦେବାକୁ ପଡ଼ିବ । ସେ ଆହୁରି କହିଲେ ଯେ ଅଫଗାନ ଯୁଦ୍ଧର ବ୍ୟୟ ନିମିତ୍ତ ଭାରତବର୍ଷକୁ ଅବଶ୍ୟ ସାହାଯ୍ୟ ଦେବାକୁ ହେବ । ଭାରତବର୍ଷର ଗୁରୁତ୍ୱ ଅବସ୍ଥାକୁ ସଜାଡ଼ିବା ନିମିତ୍ତ ସେ ବହୁତ ଚିନ୍ତା କରୁଅଛନ୍ତି । ଏଥର ତାହାଙ୍କ ହାତରେ ଅଧିକାର ଅଛିବା ସଙ୍ଗେ ଭାରତବର୍ଷର ବଜେଟରେ ଗୁରୁତର ଭ୍ରମ ବାହାରିବା ଘୋଟିଏ ସୁନ୍ଦର ସଂଯୋଗ ଅଟଇ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଗ୍ଲାଡ଼ଷ୍ଟୋନସାହେବଙ୍କର କର୍ତ୍ତୃତ୍ୱର ପରିଣାମ ଏଥର ଫଳପ୍ରଦ ହେବ । ସରଜାନ ଷ୍ଟ୍ରାଚିସାହେବଙ୍କ ବଜେଟରେ ଗୁରୁ କୋଟି ଟଙ୍କାର ଭୁଲ ବାହାରିଅଛି ଓ ତାହା ଦେଖି ଯେପରି ଗଣ୍ଡଗୋଳ ଲାଗିଅଛି ତହିଁର ବୃତ୍ତାନ୍ତ ଷ୍ଟାଣ୍ଡାର୍ଡରୁ ଅଗାମୀ ସପ୍ତାହକୁ ରହିଲ ।

---

ପ୍ରେସ କମିଶ୍ନର ତାରଯୋଗେ ସିମଲାରୁ ସମ୍ବାଦ ପଠାଇଅଛନ୍ତି ଯେ ବିଲାତରେ ଗତ ସାଧାରଣ ଇଲେକ୍ସନ ଆରମ୍ଭ ହେବା ପୂର୍ବ ମହାମାନ୍ୟ ଲର୍ଡ଼ ଲିଟନସାହେବ ଲର୍ଡ଼ ବିକନସ୍ ଫିଲ୍ଡଙ୍କୁ ପ୍ରାର୍ଥନା କରିଥିଲେ ଯେ ମନ୍ତ୍ରିମାନେ ଇସ୍ତଫା ଦେବାର ସ୍ଥିର କଲେ ସେମାନଙ୍କ ଇସ୍ତଫା ସହିତ ତାହାଙ୍କ ଇସ୍ତଫା ମଧ୍ୟ ମହାରାଣୀ ଭିକ୍ଟୋରିଆଙ୍କ ଠାରେ ପ୍ରଦାନ କରିବେ । ମହାରାଣୀ ଉକ୍ତ ଇସ୍ତଫା ଗ୍ରହଣକରି ମାରକୁଇସ ରିପନଙ୍କୁ ଭାରତବର୍ଷର ପ୍ରତିନିଧି ପଦରେ ନିଯୁକ୍ତ କରିଅଛନ୍ତି । ଭାରତବର୍ଷର ସେକ୍ରେଟେରିଙ୍କ ପ୍ରାର୍ଥନାମତେ ଲର୍ଡ଼ ଲିଟନ ନୂତନ ଗବର୍ଣ୍ଣର ଜେନରଲଙ୍କ ପ୍ରବେଶ ପର୍ଯ୍ୟନ୍ତ ଭାରତବର୍ଷରେ ରହିବେ ଓ ଲର୍ଡ଼ ରିପନ ଚଳିତମାସ ତା୧୪ରିଖରେ ବିଲାତରୁ ଯାତ୍ରାକରି ଅଗାମୀ ଜୁନମାସ ପ୍ରଥମ ଦିବସରେ ବମ୍ବେଇରେ ପହଞ୍ଚିବେ । ଅତଏବ ଲର୍ଡ଼ ଲିଟନ ନୂତନ ପ୍ରତିନିଧିଙ୍କୁ ଅଗାମୀମାସ ତା ୬ କି ୭ ଦିନରେ ସିମଲାଠାରେ କାର୍ଯ୍ୟଭାର ଅର୍ପଣକରି ପଦାରେ ବର୍ଷା ଆରମ୍ଭ ହେବାପର୍ଯ୍ୟନ୍ତ ପଙ୍କି ବାସ କରିବେ । ତହିଁଉତ୍ତାରୁ ସପରିବାରରେ ବମ୍ବେଇରୁ ବହିର୍ଗମନ ହୋଇ ସ୍ୱଦେଶକୁ ଜାହାଜରେ ଯାତ୍ରା କରିବେ । ଏଥିରୁ ବୋଧ ହୁଅଇ ଯେ ନୂତନ ଜମା ପ୍ରସ୍ତୁତନ ପ୍ରତିନିଧି ତାହାର ଦର୍ଶନ କଲିକତାରେ ମିଳିବ ନାହିଁ ସୁତରାଂ ଆସିବା ଯିବାବେଳେ ସମ୍ମାନ ଦେବାରୁ ଭାରତବର୍ଷର ପ୍ରଧାନ ରାଜଧାନୀ ବଞ୍ଚିତ ହେବ ।

---

ଅମ୍ଭେମାନେ ଅବଗତ ହେଲୁଁ ଯେ ମହାନଦୀକୂଳ ଅଭ୍ୟାଗ୍ରହ ବିଷୟରେ ଏଠାର ଅ[illegible] କଲେକ୍ଟର ବଙ୍ଗଳା ଗବର୍ଣ୍ଣମେଣ୍ଟରେ [illegible] କରିବାରୁ ତହିଁରେ ସ୍ଥାନୀୟ ହାକିମଙ୍କ [illegible] ଫିଯ୍ନୁହିତଲବ ହୋଇଅଛି କେଉଁ ଉଦ୍‌ଯୁମାନଙ୍କଠାରେ କୈଫିୟତ ତଲବ ହୋଇଅଛି ଅମ୍ଭେମାନେ କଣ୍ଟସ୍ଥବୋଲି ନ ପାରୁଁ ମାତ୍ର ଅମ୍ଭେମାନେ ଜାଣୁ ଯେ ଏ ମୋକଦ୍ଦମାର ଆଦ୍ୟୋପାନ୍ତ ସମସ୍ତ ବିଷୟ ବୁଝିବାକୁ ହେଲେ ବନ୍ଦୋବସ୍ତଠାରୁ ଏ ପର୍ଯ୍ୟନ୍ତ ଅନେକ କାଗଜ ଦେଖିବାକୁ ହେବ । ବନ୍ଦୋବସ୍ତର ରୋଏଦାଦ ଓ ଏ ନଦୀର ଗଞ୍ଜ ହାଟ ଇତ୍ୟାଦ ସମ୍ପର୍କୀୟ କାଗଜ ତଥା ସନ ୧୮୬୧ ମସିହାଠାରୁ ଏ ପର୍ଯ୍ୟନ୍ତ ଦଶ ଅଧିକ ପ୍ରଧାନ କଲେକ୍ଟରୀ ଫଉଜଦାରୀ ଓ ଛୋଟ ଅଦାଲତରେ ଯେ ମୋକଦ୍ଦମାମାନ ହୋଇଅଛି ତହିଁ ସମ୍ପର୍କରେ କାନୁନଗୋଇ ଅମିନ ଓ ପୁଲିସ ସମୟ୍ୟରେ ତଦାରକ କରି ଯେ ରିପୋର୍ଟମାନ ଦେଇ ଅଛନ୍ତି ସେ ସମସ୍ତ ଦେଖିବାକୁ ହେବ । ଆମ୍ଭମାନଙ୍କର କଲେକ୍ଟର ଫସ ସାହେବଙ୍କର ଯେପରି ଉପରଠାଉରିଆ କାର୍ଯ୍ୟ ସେ ଯେ ଧୈର୍ଯ୍ୟାବଲମ୍ବନ ପୂର୍ବକ ଏହି ଅନୁସନ୍ଧାନ କରିବେ ସମ୍ଭବ ବୋଧ ହେଉ ନାହିଁ ଓ ତାହା ହେଲେ ଗବର୍ଣ୍ଣମେଣ୍ଟଙ୍କର ସୁବିଚାରପକ୍ଷରେ ବିଶେଷ ବାଧା ହେବ ମାତ୍ର ଡାୟୁକ୍ତ କମିଶନର ସାହେବ ପ୍ରକୃତ ଅବସ୍ଥା ଅନୁସନ୍ଧାନ ପକ୍ଷରେ ଚେଷ୍ଟା କରିବାର ଲୋକ ନୁହନ୍ତି ଓ ଯେଷ୍ଟ ଶୃଷ୍ଟି କରିବା ହେଉଅଛି ଯେ କଲେକ୍ଟର ଥିବାକରେ ତାହାଙ୍କର ତୃପ୍ତି କରାଇ ନ ପାରିଲେ ସେ ଦୁଇଦିନ ଥିବାରେ ତାହା ଚରାଇ ନେଇ ଅପଣା ସୁବିବେଚନା ଅନୁସାରେ ଦରଖାସ୍ତ ଲେଖିତ ସମସ୍ତ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ପୂର୍ଣ୍ଣ ରିପୋର୍ଟ ପଠାଇବେ ଓ ଗବର୍ଣ୍ଣମେଣ୍ଟ ତହିଁ ଉତ୍ତାରୁ ଯାହା ବିଚାର କରିବେ ତାହା ସମସ୍ତଙ୍କର ଶିରୋଧାର୍ଯ୍ୟ ହେବ ।

---

### କଟକ କଲେଜର ବାର୍ଷିକ ସଭା ।

ଗତ ଶୁକ୍ରବାର ଦିନ ସକାଳେ ଏଠା କଲେଜିଏଟ ସ୍କୁଲର ବାର୍ଷିକ ପାରିତୋଷିକ ବିତରଣର ସଭା ହୋଇଥିଲା । ଡାୟୁକ୍ତ କମିଶନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଓ ଅନ୍ୟ କେତେକ ଇଂରେଜ ଓ ଦେଶୀୟ ଭଦ୍ର ଲୋକମାନେ ଉପସ୍ଥିତ ଥିଲେ । କଲେଜର ପ୍ରିନ୍ସିପେଲ ବାର୍ଷିକ ରିପୋର୍ଟ ବିସ୍ତାରରେ ପାଠ ନ କରି ତାହା ଦେଖି ତହିଁରୁ କେତେକ ବିଷୟ ମୁଖରେ ବର୍ଣ୍ଣନା କଲେ । ତହିଁରୁ ଜଣାଗଲା ଯେ ଗତ ବର୍ଷରେ ଅନେକ ଛାତ୍ର ବସନ୍ତ ରୋଗ ଯୋଗୁଁ ଅନୁପସ୍ଥିତ ଥିଲେ । ପରେ ପ୍ରିନ୍ସିପେଲ ସାହେବ ସରବଲ ଭିନ୍ନ୍ଥେର୍ଲଟର ନୂତନ, ବାବୁଙ୍କର ମନ୍ତବ୍ୟ ପାଠ କଲେ । ତହିଁର ମର୍ମ ଏହି ଯେ ଜଣେ ଛାତ୍ର ବି, ଏ, ପାସ କରିଥିବା ସନ୍ତୋଷର ବିଷୟ ଅଟେ । ପ୍ରିନ୍ସିପେଲ ସାହେବ ଆସନ ଗ୍ରହଣ କଲାରୁ କେତେକ ଛାତ୍ର ଇଂରେଜୀ ଓ ପାରସୀ କବିତାମାନ ପାଠ କଲେ । ପ୍ରଥମ ପାଠକର ପାଠ ଏକପ୍ରକାର ଭଲ ହୋଇଥିଲା ଓ ସେକ୍ସପିୟର ଟିଗ୍ୱର ପାଠ ଅତି ସୁନ୍ଦର ଓ

Digitized by srujanika@gmail.com

ମନୋହର ହେଲା ଏବଂ ଉକ୍ତିରେ ସମସ୍ତେ ଆନନ୍ଦିତ ହୋଇ କରତାଳି ଦେଲେ । ସେମାନଙ୍କ ଦ୍ୱାରା ଅନ୍ୟ ବାଳକମାନଙ୍କର ପାଠମାନ ଉତ୍ତମ ଅଭ୍ୟସ୍ତ ହୋଇଥିଲା । ପାଠ ବୋଲା ଶେଷ ହେଲରୁ ସଭାପତି ମହାଶୟ ପାରିତୋଷିକର ପୁସ୍ତକମାନ ସ୍ୱ ହସ୍ତରେ ବଣ୍ଟନ କଲେ ଓ ଗର୍ଲ୍ସ ସ୍କୁଲର ପାସ ସାର୍ଟିଫିକେଟମାନ ଉକ୍ତି ସଙ୍ଗେ ବଣ୍ଟନ କରିଥିଲେ । ପ୍ରଶଂସିତ ସାହେବ ମହୋଦୟ ଉଦୟରେ ଗାତ୍ରୋତ୍ଥାନ କରି ଗୋଟିଏ ସୁନ୍ଦର ସୁଦୀର୍ଘ ବକ୍ତୃତା କଲେ । ବକ୍ତୃତାର ସାର କଥା ଏହି ଯେ ଜଣେ ଛାତ୍ର ବି, ଏ ପାସ କରିଥିବା ଆନନ୍ଦର ବିଷୟ ଅଟେ । ସାହେବ ଜଣେ ଛାତ୍ରକୁ ଇଂରେଜୀ ଟିକା ଦିଆଇ ସ୍କୁଲରେ ଦେଇଅଛନ୍ତି ଓ ସେ ଭରସା କରନ୍ତି କି ସମସ୍ତ ବାଳକର ପିତା ମାତା ଓ ରକ୍ଷକମାନେ ତଦ୍ରୂପ ଅନୁକରଣ କରି ତାଙ୍କ ବାଳକମାନଙ୍କୁ ଇଂରେଜୀ ଟିକା ଦିଆଇ ସ୍କୁଲକୁ ନିତ୍ୟ ପଠାଇବେ । ତାହା ହେଲେ ବସନ୍ତ ରୋଗ ଯୋଗୁଁ ଛାତ୍ରମାନଙ୍କର ଅନୁପସ୍ଥିତ ହେବ ନାହିଁ । ଯେଉଁ ଛାତ୍ର ବିଗତ ପରୀକ୍ଷାରେ ପ୍ରଥମ ପାରିତୋଷିକ ପାଇଲା ସେହି ଛାତ୍ର ନିୟମିତ ଉପସ୍ଥିତିର ପାରିତୋଷିକ ମଧ୍ୟ ପାଇଅଛି ଏହା ପରମାନନ୍ଦର ବିଷୟ ଅଟେ । କିନ୍ତୁ ଛାତ୍ରମାନେ କେବଳ ନିତ୍ୟ ସ୍କୁଲରେ ଉପସ୍ଥିତ ହେବା ଯଥେଷ୍ଟ ନୁହଇ ମାତ୍ର ନିୟମିତ ରୂପେ ପ୍ରତିଦିନ ସ୍କୁଲକୁ ଆସି ମନୋଯୋଗ ପୂର୍ବକ ପାଠ ଶିକ୍ଷା କରିବା ଉଚିତ ଅଟେ । ତାହା କଲେ ପ୍ରକୃତ ବିଦ୍ୟା ଓ ଜ୍ଞାନ ଲାଭ ହୋଇ ପାରିବ ଆଉ ପୂର୍ବରୁ ଅଧ୍ୟବସାୟୀ ଥିଲେ ଯେତେବେଳେ ସ୍କୁଲ ଛାଡ଼ିବେ ସେତେବେଳେ ସେହି ଅଭ୍ୟାସ ଗୁଣରୁ ସାଂସାରିକ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରି ପାରିବେ ଇତ୍ୟାଦି । ବକ୍ତୃତା ଶେଷ ସଙ୍ଗେ ୨ ସଭା ଭଙ୍ଗ ହେଲା ।

---

### ଦିବାକର ବାବୁଙ୍କ ଅପିଲ ନିଷ୍ପତ୍ତି ।

ଏଠା କଲେକ୍ଟରର ପୂର୍ବ ସିରସ୍ତାଦାର ବାବୁ ଦିବାକର ଦାସଙ୍କ ଅପିଲ ନାମଞ୍ଜୁର ହେବାର ସମ୍ବାଦ ପାଠକମାନେ ପାଇଅଛନ୍ତି । ଶ୍ରୀଯୁକ୍ତ କଲେକ୍ଟର ପଲି ସାହେବ ଯେ ପ୍ରକାର ଗମକାଉରତା ଏବଂ ଅନୁସନ୍ଧାନର ଅସମ୍ପୂର୍ଣ୍ଣତା ସହିତ ଦିବାକର ବାବୁଙ୍କୁ କର୍ମଚ୍ୟୁତ କରିଥିଲେ ଆମ୍ଭମାନଙ୍କର ଆଶା ଥିଲା ଯେ ଅନ୍ତତଃ ପୁନର୍ବାର ଅନୁସନ୍ଧାନ ନିମିତ୍ତ କମିଶନର ସାହେବ ଏ ମକଦ୍ଦମାକୁ ଫେରି ଦେବେ ମାତ୍ର ତାହା ହେଲା ନାହିଁ । କମିଶନର ସାହେବ କେବଳ ଟେକନିକ ବିଷୟରେ କଲେକ୍ଟର ସାହେବଙ୍କ କଇଫିୟତ ତଲବ କରି ତାହା ପାଇଲା ଉତ୍ତାରୁ ମକଦ୍ଦମା ନିଷ୍ପତ୍ତି କଲେ ଏବଂ ତାହାଙ୍କ ନିଷ୍ପତ୍ତିରୁ ଜଣାଯାଏ ଯେ ସେ କଲେକ୍ଟରଙ୍କର ଅସମ୍ପୂର୍ଣ୍ଣତା ସମସ୍ତ ଏମନ୍ତ ସଜାଡ଼ି ଦେଇଅଛନ୍ତି ଯେ ସେ ପ୍ରକାର ଦୋଷ ଆଉ କିଛି ଲକ୍ଷିତ ହେବା କଠିନ । ବାସ୍ତବରେ ଆମ୍ଭେମାନେ ଏତେବେଳେ ସୁଦ୍ଧା କହୁଅଛୁଁ ଯେ ଦିବାକର ବାବୁଙ୍କ ବିରୁଦ୍ଧରେ ଯେ ପ୍ରମାଣ ଅଛି ତାହା କୌଣସି ଆଦାଲତରେ ଗ୍ରହଣ ଓ ବିଶ୍ୱାସର ଯୋଗ୍ୟ ନୁହଇ ଓ କମିଶନର ସାହେବ ମଧ୍ୟ ସେ କଥା ପ୍ରକାରାନ୍ତରରେ ସ୍ୱୀକାର କରିଅଛନ୍ତି । କିନ୍ତୁ ସାହେବ ମହୋଦୟ ଦି[illegible]ର ବାବୁଙ୍କର ନଜର ରପୋର୍ଟମାନଙ୍କୁ ଯାହା ହିସାବ କରିଅଛନ୍ତି ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ଅଟଇ ଏବଂ ଭେଦା ଫର୍ଦ୍ଦରେ [illegible] ଉଦ୍ଦେଶ୍ୟ ସ୍ପଷ୍ଟରୂପେ ବ୍ୟକ୍ତ ହୋଇ ନ ଥିବାରୁ ଯେଉଁ ସନ୍ଦେହ କରିଅଛନ୍ତି ତାହା ଅସଙ୍ଗତ ବୋଲିବା କଠିନ ଅଟଇ । ପଲି ସାହେବଙ୍କ ନିକଟରେ ଦିବାକର ବାବୁଙ୍କ ଏହି କଥା ପ୍ରତିପନ୍ନ କରିବାର ଥିଲା କି ଠିକା ମୋହରରଙ୍କ କର୍ମର ରେଟ ଅଧିକ ହେବାରୁ ଅନେକ ଭୁଲ ରହି ଯାଉଅଛି ମାତ୍ର ତହିଁର ପ୍ରମାଣ ସ୍ୱରୂପ ଯେଉଁ କାଗଜ ଦେଖାଇଲେ ତାହା ଦୁର୍ଭାଗ୍ୟ ପୂର୍ବେ ଗାମ୍ସ ସାହେବଙ୍କ ଦ୍ୱାରା ରେଟ ସମୟରେ ପ୍ରସ୍ତୁତ ହୋଇଥିଲା ! ପୁଣି ଏହି ଏକ ଭ୍ରମଯୁକ୍ତ କାଗଜକୁ ପର ପର ଦୁଇ ହାକିମଙ୍କ ଆଗରେ ଦୁଇ ଥର ରପୋର୍ଟ ସହିତ ଦେଖାଇ ଥିଲେ ! ଏଥିରୁ କମିଶନର ସାହେବ ଯେବେ ସିଦ୍ଧାନ୍ତ କଲେ କି ହୁଏତ ଦିବାକର ବାବୁ ଏଣିକି ଦୁଇ ବର୍ଷର କାଗଜ ତିଆରି ନ କରି ମିଥ୍ୟା ରପୋର୍ଟ ଦେଇ ଥାଆନ୍ତି ନୋହିଲେ ସେହି ଏକ କାଗଜକୁ ପାଣ୍ଠି କରି ହାକିମମାନଙ୍କୁ ଫାଙ୍କି ଦେବାର ଚେଷ୍ଟା କ[illegible]ନ୍ତି ତେବେ ତହିଁରେ ଅଯୌକ୍ତିକ କସ ହେଲା [illegible] ଭେଦା ଫର୍ଦ୍ଦ ଯେବେ କନଭେନ୍ସନୀ ନିମିତ୍ତ ହୋଇଥିଲା ତେବେ ସେ କଥା ସ୍ପଷ୍ଟରୂପେ ତହିଁରେ ନ ଲେଖି (ଯାହା କି ସଚରାଚର ଏ ପ୍ରକାର ଭେଦା ସ୍ଥଳେ ସ୍ପଷ୍ଟ ଲେଖାଯାଏ) 'ଆମ୍ଭମାନଙ୍କର ଯେ କସୁର ହୋଇଅଛି' ଇତ୍ୟାଦି ବାକ୍ୟଦ୍ୱାରା ଗୋପନ ରଖିବାର ଆବଶ୍ୟକ କି ଥିଲା ? ଏହା ଅବଶ୍ୟ ସନ୍ଦେହଯୁକ୍ତ ଅଟଇ । ଫଳତଃ ପଲି ସାହେବଙ୍କ ସଗ୍ରସର କିନ୍ତୁକର ଦୋଷକୁ କମିଶନର ସାହେବ ଯଥାସମ୍ଭବ ବିଚକ୍ଷଣତା ସହିତ ସଜାଡ଼ି ଦେଇ ତାହାଙ୍କ ଆଜ୍ଞାକୁ ସ୍ଥିର ରଖିଅଛନ୍ତି । ଦିବାକର ବାବୁ ବୋର୍ଡରେ ଅପିଲ କରିବେ ବୋଲି ଶୁଣାଯାଏ ଏବଂ କ୍ଷତିଗ୍ରସ୍ତ ଲୋକ ଅବଶ୍ୟ ସାଧ୍ୟାନୁସାରେ ପ୍ରତୀକାରର ଚେଷ୍ଟା କରିବ ମାତ୍ର କମିଶନର ସାହେବଙ୍କ ରାୟ ଦୃଷ୍ଟିରେ ଫଳ ପ୍ରତି ବିଶେଷ ଆଶା ଦେଖାଯାଉ ନାହିଁ ।

—*—

## ସାପ୍ତାହିକସଂବାଦ ।

ଗତ ରବିବାର ପର୍ଯ୍ୟନ୍ତ ଗୃହ ପାଞ୍ଚଦିନ ପ୍ରତ୍ୟହ ବୃଷ୍ଟି ହେବାରୁ ଗ୍ରୀଷ୍ମକାଳର କ୍ଳେଶ [illegible] ଘର୍ମ [illegible] ହୋଇଅଛି । ବୃଷ୍ଟିହେତୁ କୃଷିକାର୍ଯ୍ୟର ବିଶେଷ ସୁବିଧା ହୋଇଅଛି ।

ଗ୍ରୀଷ୍ମକାଳ ନିମିତ୍ତ ରେଭେନ୍ସା କଲେଜ ଓ [illegible] ସ୍କୁଲମାନ ଆଜିଠାରୁ ଏକମାସ ବନ୍ଦ ହେଲା ।

[illegible]

[illegible] କରୁଅଛି ।

ଉତ୍କଳଦର୍ପଣରୁ ଜଣାଯାଏ ଯେ [illegible] ବାମୁଣ୍ଡେଶ୍ୱର ଅମ୍ବଗର ପ୍ରଭୃତି ସ୍ଥାନରେ ଓଲାଉଠା ରୋଗ ଆରମ୍ଭ ହୋଇ ଗତ ୨୮ । ୧୦ ନ ମଧ୍ୟରେ ଅନେକ ଲୋକ ମରିଅଛନ୍ତି । ଆମ୍ଭେମାନେ ଆଶା କରୁଁ କର୍ତ୍ତୃପକ୍ଷମାନେ ଔଷଧାଦିର ସୁବିଧା କରିଦେବେ ।

ଫଣ୍ଟେଇ ସାହେବଙ୍କ ଇଲେକ୍ସନ ବ୍ୟୟ ନିର୍ବାହ ନିମିତ୍ତ ଚାନ୍ଦାର ପରିମାଣ ୫୬୭୮୦ଙ୍କା ହୋଇଅଛି ।

ଗତ କେତେକ ମାସରେ କଲିକତାର ସାଧାରଣ ପୁସ୍ତକାଳୟରୁ ଗୃହ ପାଞ୍ଚ ଶହ ଟଙ୍କା ମୂଲ୍ୟର ପୁସ୍ତକ ଚୋରି ଯିବାର ପ୍ରକାଶ ପାଇଅଛି । ଆଶ୍ଚର୍ଯ୍ୟର ବିଷୟ ଯେ ଏତେ ମୂଲ୍ୟବାନ ପୁସ୍ତକମାନ ଚୋରି ଗଲା ମାତ୍ର ଚିହ୍ନ ଜଣା ପଡ଼ିଲା ନାହିଁ । ଏ କେହି ଭଦ୍ର ଚୋର ନୁହନ୍ତି ? କଲିକତାର ପୁଲିସ ଏଥିର ଅନୁସନ୍ଧାନରେ ଅଛନ୍ତି ।

ବେହାର ପ୍ରଦେଶର ସମସ୍ତ କଚେରୀମାନଙ୍କରେ ପାରସୀ ଅକ୍ଷରରେ ଉର୍ଦ୍ଦୁ ଭାଷା ଲେଖିବାର ଯେଉଁ ପ୍ରଚଳିତ ଥିଲା କିନ୍ତୁ ସେଠା ଲୋକେ ପାରସୀ ଲେଖା ପଢ଼ା ଅଧିକ କରନ୍ତି ନାହିଁ । କାଏଥୀ ବା ନାଗର ଅକ୍ଷର ସେଠାରେ ସାଧାରଣ ରୂପେ ବ୍ୟବହାର ହୁଅଇ । ପାଟନାର ସରକାରୀ କଚେରୀମାନଙ୍କରେ ଆଗାମି ସନ ୧୮୮୧ ସାଲଠାରୁ ଏହି ଅକ୍ଷର ବ୍ୟବହାର ହେବାର ଆଦେଶ ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ଦେଇ ଅଛନ୍ତି । ସୁତରାଂ ପୂର୍ବରେ ଏହିପରି ହେବାର ବିଜ୍ଞାପନ ଏ ପତ୍ରେ ଦିଆଯିବ କୌଣସି ସରକାରୀ କଚେରୀରେ ପାରସୀ ଲେଖା ଗୃହୀତ ହେବ ନାହିଁ କିମ୍ବା କଚେରୀକୁ କୌଣସି ପାରସୀ ଅକ୍ଷରରେ ଲେଖା କାଗଜ ଦିଆଯିବ ନାହିଁ ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଶ
ସଂ ୨୧ ଖ୍ୟା

ତା ୨୨ ଋଷ ମାହେ ମଇ ସନ ୧୮୮୦ ମସିହା । ମୁ । ଜ୍ୟେଷ୍ଠ ଦ ୧୧ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୪୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୷୵

ବର୍ତ୍ତମାନ୍ ଏଷ୍ଟିମେଟ୍ ଅନୁସାରେ ଅଫଗାନିସ୍ଥାନର ଯୁଦ୍ଧର ବ୍ୟୟ ବୃଦ୍ଧି ହେବାରୁ ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ୩୧୩ ଲକ୍ଷ ଟଙ୍କା ଅର୍ଥାତ୍ ଯାହା ସାଧାରଣ ପୂର୍ତ୍ତିକାର୍ଯ୍ୟ ନିର୍ମାଣ କରିବା ନିମିତ୍ତ ଚଳିତ ବର୍ଷରେ ପ୍ରୟୋଜନ ହୋଇଅଛି, ଋଣ କରିବେ । ଏ ଟଙ୍କା ଆଗାମୀ ଜୁନ ମାସ ତା ୧୪ ରିଖଠାରୁ ଗୃହୀତ ହେବ ଏବଂ ଏଥିର ସୁଧ ଶତକଡ଼ା ୪ ୴ ଲେଖାଏ ହେବ ।

—※—

ଲଣ୍ଡନରୁ ଆସିଥିବା ଚଳିତ ମାସ ତା୧୧ରିଖର ତାରସମ୍ବାଦରୁ ଜଣାଯାଏ ଯେ ଭାରତବର୍ଷର ଆୟ ବ୍ୟୟର ଶାସନ ସମ୍ବନ୍ଧରେ ଅନୁସନ୍ଧାନ କରିବା ନିମିତ୍ତ ଇଂଲଣ୍ଡରୁ ଏକ କମିଟୀ ପ୍ରେରିତ ହେବାର ପ୍ରସ୍ତାବ ହୋଇଅଛି । ସର୍ ରିଚାର୍ଡ ଟେମ୍ପଲ ଏ ସଭାର ଜଣେ ସଭ୍ୟ ହେବେ । ଏପରି ଅନୁସନ୍ଧାନୀ କମିଟୀ ନିମିତ୍ତ ଭାରତବର୍ଷରୁ ମଧ୍ୟ ପ୍ରାର୍ଥନା ହୋଇଅଛି । ଏ ପ୍ରସ୍ତାବଟି ସଫଳ ହେଲେ ଭଲ କାର୍ଯ୍ୟ ହେବ ।

———

ପାର୍ଲିମେଣ୍ଟରୁ ଲିବରଲ୍‌ଦଳର ଅଧିକାର ପ୍ରତ୍ୟାବର୍ତ୍ତନରେ ଆମ୍ଭେମାନେ ଯେ ସମସ୍ତ ଶୁଭଫଳର ଆଶା କରୁଁ ସେ ସମସ୍ତ ଘଟିତ ଫଳିତ ହେବା ପୂର୍ବରୁ ଗୋଟିଏ ନୂଆ ଶୁଭଫଳ ଲାଭ ହେବାର ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ । କାଶ୍ମିରର ମହାରାଜାଙ୍କଠାରୁ କାଶ୍ମିର କାଢି ନେବାର ଉଦ୍ୟମ ଲାଗିଥିଲା । ଗତ ଅପ୍ରେଲ ମାସରେ ତନ୍ନିମିତ୍ତ ଅମ୍ବାଲାରେ ଦରବାର ହୋଇଥାନ୍ତା କିନ୍ତୁ ଇଲେକ୍‌ସନର ଫଳ ଅପେକ୍ଷାରେ ମହାମାନ୍ୟ ଲିଟନ ବାହାଦୁର ସେ ବ୍ୟାପାରରେ ହାତ ଦେଲେ ନାହିଁ । କଥିତ ହୁଅଇ ଯେ ମହାରାଜାଙ୍କଠାରେ ରୁଶିୟାର ଚିଠୀପତ୍ର କିଛି ଧରା ପଡ଼ିଥିବାରୁ ଏପରି ହୋଇଥିଲା । ଯାହା ହେଉ ଧର୍ମ ଧର୍ମରେ ସବୁ କଥା ରକ୍ଷା ହୋଇଗଲା ନୋହିଲେ କାଶ୍ମିର ଯେତେ ଭାରତବର୍ଷର ସମସ୍ତ ସରଦାର ଓ ମହାରାଜାଙ୍କ ମଧ୍ୟରେ ଭାରି ଚହଲ ପଡ଼ି ଯାଇଥାନ୍ତା ।

—※—

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏଠା ମିୟୁନିସିପାଲିଟି ଘାଟପାର ମାସୁଲ ବୋହଗ୍ କରିଥିବା ଆଜ୍ଞାକୁ ଶ୍ରୀଯୁକ୍ତ କମିଶ୍ନର ସାହେବ ଅନ୍ୟଥା କରି ଗବର୍ଣ୍ଣମେଣ୍ଟ ମଞ୍ଜୁରିରେ ପୂର୍ବରୁ ଚଳି ଆସୁଥିବା ନିୟମରେ ମାସୁଲ ଆଦାୟ କରିବାକୁ ଆଜ୍ଞା ଦେଇଅଛନ୍ତି । ସୁତରାଂ ଅଧିକା ମାସୁଲ ଆଶାରେ ଘାଟ ଇଜାରଦାରମାନେ ଯେଉଁ ଅଧିକା ଟଙ୍କା ନିଲାମରେ ଡାକି ଥିଲେ ତାହା ସେମାନଙ୍କଠାରୁ ଆଦାୟ ନ ହୋଇ ଗତ ବର୍ଷ ଯେଉଁ ଘାଟ ଯେତେ ଟଙ୍କାରେ ଇଜାର୍ ହୋଇଥିଲା ଏ ବର୍ଷ ସକାଶେ ତାହାଇ ସ୍ଥିରତର ରହିବ । କମିଶ୍ନର ସାହେବ ସ୍ୱୟଂ ଏ ବିଷୟରେ ହସ୍ତକ୍ଷେପ କରି ସୁବିଚାର କରିବାରୁ ପ୍ରଜାମାନଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବାସ୍ତବରେ ଯେଉଁ ସ୍ଥାନର ପ୍ରଜାମାନେ ଅଧିକାଂଶ ନିର୍ବୋଧ ଏବଂ ଦରିଦ୍ର ସେଠାରେ ହାକିମମାନଙ୍କର କିଛି ଅଧିକା ପରିଶ୍ରମ ସ୍ୱୀକାର ପୂର୍ବକ ଲୋକଙ୍କୁ ସୁଖ ସ୍ୱଚ୍ଛନ୍ଦତା ଦାନ କରିବା କିମ୍ବା କଷ୍ଟରୁ ଉଦ୍ଧାର କରିବା କର୍ତ୍ତବ୍ୟ ଅଟଇ ।

———

### ବଜେଟର ଭୁଲ ।

ଚଳିତ ବର୍ଷର ବଜେଟରେ ଚାରିକୋଟି ଟଙ୍କା ଭୁଲ ବାହାରିଥିବାର ଏଥି ପୂର୍ବେ ଆମ୍ଭେମାନେ ଲେଖି ଥିଲୁଁ । ଏ ଭୁଲ ସାମାନ୍ୟ ଭୁଲ ନୁହଇ ଓ ଏଥି ପାଇଁ କ କହିଲେ କି ଭାରତ ବର୍ଷ ଉଭୟ ଦେଶର ସମସ୍ତ ସଂବାଦପତ୍ର ଏକବାକ୍ୟ ହୋଇ ଲର୍ଡ ଲିଟନ ଏବଂ ତାହାଙ୍କ ପରାମର୍ଶଦାତା ସର୍ ଜନ ଷ୍ଟ୍ରାଚି ସାହେବଙ୍କୁ ଯଥୋଚିତ ନିନ୍ଦା କରୁଅଛନ୍ତି ଏବଂ ଅନେକ ସଂବାଦପତ୍ରରେ ଏରୂପ ମତାମତ ବ୍ୟକ୍ତ ହୋଇଅଛି ଯେ ଆପଣା ଦଳର ଗୌରବ ଦେଖାଇ ପୁନର୍ବାର ଲର୍ଡ ବିକନସ୍ଫିଲଡଙ୍କ ହସ୍ତରେ ବିଲାତର ମନ୍ତ୍ରୀତ୍ୱ ରଖାଇବା ଆଶାରେ ପ୍ରଶଂସିତ ସାହେବ ଦ୍ୱୟ ଜାଣି ଶୁଣି ବଜେଟରେ ଅନଟନକୁ ଘୋଡାଇ ଉଦ୍ବର୍ତ୍ତ ଦେଖାଇବା କାରଣ ଉକ୍ତ ପ୍ରକାର ଭୁଲ କରିଅଛନ୍ତି ଫଳତଃ ତେତେ ଦୂର ହେଉ ଅବା ନ ହେଉ ଭ୍ରାନ୍ତି ଯେ ଅତ୍ୟନ୍ତ ଭୟାନକ ଏବଂ ଉଦାର ଲର୍ଡ ଲିଟନ ଏବଂ ସରଜାନ ଷ୍ଟ୍ରାଚିଙ୍କର ସମସ୍ତ ଖ୍ୟାତି ଲୋପ ପାଇଅଛି ତହିଁରେ ସନ୍ଦେହ ନାହିଁ । କଲି-

Digitized by srujanika@gmail.com

Split by PDF Splitter



ତରେ ଭୁଲ ଧରିପଡିବା ସଙ୍ଗେ ୨ ଇଣ୍ଡିଆ ଗେଜେଟରେ ଉକ୍ତ ଭ୍ରମର ବୈପିତ୍ୟ ପ୍ରକାଶ ହେଲା ଏବଂ ତହିଁର ମର୍ମ ଏହି ଯେ ସୈନିକ ବିଭାଗରୁ ଯଥୋଚିତ ହିସାବମାନ ପାଇ ନ ଥିବାରୁ ଏପରି ହୋଇଅଛି ଅର୍ଥାତ୍ ଅଫଗାନ ଯୁଦ୍ଧ ସମ୍ପର୍କୀୟ ବ୍ୟୟର ହିସାବ ରଖିବା ଯାହାଙ୍କର କାର୍ଯ୍ୟ ସେହିମାନଙ୍କ ଉପରେ ସରଜାନ ଷ୍ଟ୍ରାଚି ସାହେବ ଭର କରି ବଜେଟ ପ୍ରସ୍ତୁତ କରିଥିଲେ । ଏ କଥା କେବଳ ଅଯୋଗ୍ୟ କାଗଜର ଅଧିକ ନିନ୍ଦା ପ୍ରାପ୍ତ ହୋଇଅଛି । ଏଥିରେ ସର୍ବସାଧାରଣଙ୍କର ବୋଧ ଜନ୍ମୁ ନାହିଁ ଜାଣିବା ଲୋକମାନେ କହୁଅଛନ୍ତି କି ଗବର୍ଣ୍ଣମେଣ୍ଟ ଅଳ୍ପ ଦିନରେ ଯୁଦ୍ଧ ଶେଷ ହେବାର ବିଶ୍ୱାସ କରି ଯୁଦ୍ଧର ବ୍ୟୟ ଉଚିତ ପ୍ରକାରରେ ଅନୁମାନ କରି ପାରିଲେ ନାହିଁ । ଯେବେ ଲର୍ଡ ଲିଟନ ଯୁଦ୍ଧର ପ୍ରକୃତ ଅବସ୍ଥା କଳନା କରିପାରି ଥାନ୍ତେ ତେବେ ଉଚିତ ବ୍ୟୟର ନିର୍ଣ୍ଣୟ ପାଇ ଥାନ୍ତେ । ସୈନିକ ବିଭାଗ ଏଥି ସକାଶେ ଦାୟୀ ନୁହଇ । ଆଉ ସରଜାନ ଷ୍ଟ୍ରାଚିଙ୍କୁ ସେ ଏମନ୍ତ ଯୋଗ୍ୟ ବୋଲି ବିଶ୍ୱାସ କରିଥିଲେ ଯେ ଅଧଲକ୍ଷ ଟଙ୍କା ତାହାଙ୍କୁ ଦାନ କରିବାକୁ ପ୍ରସ୍ତାବ କରିଥିଲେ ଏହା ମଧ୍ୟ ତାହାଙ୍କର ଅଯୋଗ୍ୟତାର ଏକ ଚିହ୍ନ ଅଟଇ । ଫଳତଃ ଯାହା ଦୋଷରୁ ବଜେଟରେ ଭ୍ରମ ହୋଇ ଥାଉ ଭାରତବର୍ଷର ରାଜସ୍ୱ ଯେ ନିଅଣ୍ଟ ହେଲା ଏଥିପାଇଁ ଏ ବର୍ଷ ଯେ ଅମ୍ଭମାନଙ୍କୁ ଅଉ କି କଷ୍ଟ ସହିବାକୁ ହେବ କେସ୍ତ ଭାବନାରେ ଅମ୍ଭେମାନେ କାତର ଅଛୁଁ ।

---

### କାବୁଲ ସମାଚାର ।

ଏ ସପ୍ତାହରେ କାବୁଲରୁ ତଳଲିଖିତ ସମ୍ବାଦମାନ ତାର ଯୋଗେ ଆସିଅଛି ଯଥା,—

ମଇ ତା ୧୦ ରଖ ଜଗଦୁଲ୍ଲକରୁ—ମାଲେକ ଅସମ୍ଭୁଦିନ ଲେଖୁଅଛନ୍ତି କି ତେହ୍ଲନଠାରେ ମାଲିକମାନଙ୍କର ଯେଉଁ ବୈଠକ ହୋଇଥିଲା ତାହା ଶେଷ ହୋଇଅଛି । ସେମାନେ ସ୍ଥିର କରିଅଛନ୍ତି କି ଅମିର ସେରଅଲିଙ୍କୁ ପୂର୍ବେ ଯେତେ ଟଙ୍କା ଦିଆ ଯାଉଥିଲା ତେତେ ଟଙ୍କା ଗବର୍ଣ୍ଣମେଣ୍ଟ ସେମାନଙ୍କୁ ନ ଦେଲେ ସେମାନେ ଇଂରାଜଙ୍କ ବାଟ ରକ୍ଷା ନ କରି ତହିଁରେ ବ୍ୟାଘାତ ଉତ୍ପାତ କରି କଷ୍ଟ ଦେଉ ଥିବେ । ଏଥିପାଇଁ ସେମାନେ ଆପଣା ସ୍ତ୍ରୀ ବାଳକଙ୍କୁ ପାହାଡକୁ ପଠାଇ ଦେଇ ସମାରିକ ଉପଦ୍ରବକାରୁ ଆପଣା ସମ୍ପତ୍ତି ସବୁ ଅଲଗା କରି ନେଇଅଛନ୍ତି ।

ମଇ ତା ୯ ରଖ ସଫେଦ ସଙ୍ଗଠାରୁ—ଜେଲଲବାଦରେ ଏକ ଭାରି ଦୁଃସାହସୀ ଲୁଟ ହୋଇଅଛି । ଅମିରଙ୍କ କର୍ଣ୍ଣେଲ୍ ଇତ୍ୟାଦି ଏକ ହତା ମଧ୍ୟରେ ଅନେକ ପଶୁ ରଖା ଯାଇ ଥିଲେ । ସେ ସମସ୍ତ ଅପହୃତ ହୋଇଅଛି । ଜ. ୪୦ ଣ ପଦାତିକ ଏବଂ କେତେକ ଜଣ ଅଶ୍ୱାରୋହୀ କର୍ଣ୍ଣେଲ ଡାସନ ସାହେବ ଯେଉଁ ଲୁଟଅଗ୍ନ ପଶ୍ଚାତ୍‌ଗାମୀ ହୋଇ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବଧ କଲେ ଅନ୍ୟମାନେ ପାହାଡ଼ ଉପରକୁ ପଳାଇଲେ । ଚୋରିଯିବା ପଶୁ ମଧ୍ୟରୁ କିଛି ପୁନଃପ୍ରାପ୍ତ ହୋଇ ନାହିଁ । ଏପରି ସୁନିଶ୍ଚିତ ଲୁଟପାଟ ଜଗତର କାଳକୁ ଲଗମାନ ଲୋକଙ୍କ ସହିତ ଅଧିକ ଗୋଲମାଲ ହେବାର ଆଶଙ୍କା ଅଛି । ସମ୍ବାଦଦାତା ଲେଖି ଅଛନ୍ତି କି କାର୍ଯ୍ୟତଃ ଇଂରାଜମାନଙ୍କର ଅଧିକାର କେବଳ ବାଟ ଉପରେ ଅଛି ଏବଂ ଏହା ମଧ୍ୟ ସେନା ଗସ୍ତ କରୁ ଥିବାବେଳେ ନୋହିଲେ ଦେଶର ସମସ୍ତ ଲୋକଙ୍କର ଶତ୍ରୁତା ଭାବ ଅଟଇ ।

ମଇ ତା ୧୧ ରଖ କାନ୍ଦାହାରଠାରୁ—ସରଦାର ସେରଅଲିଙ୍କୁ ୱାଲି ପଦ ଏବଂ କାନ୍ଦାହାରର ନବାବୀ ପ୍ରଦାନ କରିବା ବିଷୟରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ପତ୍ର ଅଦ୍ୟ ଦିନ ଉକ୍ତ ସରଦାରଙ୍କୁ ପ୍ରଦତ୍ତ ହେଲା । ଏଥିପାଇଁ ଗୋଟିଏ ଦରବାର ହୋଇଥିଲା ସେଥିରେ ପ୍ରଧାନ ମୋଲ୍ଲା ମହାଜନ ଏବଂ ନଗରବାସିମାନେ ସମବେତ ହୋଇ ଥିଲେ । କର୍ଣ୍ଣେଲ ସେଣ୍ଟ ଯନ ସଭାପତି ସ୍ୱରୂପ ଦରବାର ଆରମ୍ଭ କରି ଏକ ପ୍ରଶ୍ନର ଉତ୍ତରରେ କହିଲେ କି ୱାଲିଙ୍କ ନାମରେ ଖୋଦିବା ପାଠ ଓ ଟଙ୍କା ମୁଦ୍ରିତ ଓ ମୋହର ହେବ । ତହିଁ ଉତ୍ତାରୁ ସେ ଏକ ସଂକ୍ଷେପ ବକ୍ତୃତାରେ ସମସ୍ତଙ୍କୁ ଜଣାଇଲେ ଯେ ଇଂଲଣ୍ଡର ସାହାଯ୍ୟ ଏବଂ ଆପଣାର ସ୍ୱାଧୀନତା ପୁନଃପ୍ରାପ୍ତି ଦ୍ୱାରା କାନ୍ଦାହାରର ଅନେକ ଉନ୍ନତି ହେବ ଏବଂ ସେ ଆଶା କରନ୍ତି ଯେ ନ୍ୟାୟଯୁକ୍ତ ଶାସନଦ୍ୱାରା ୱାଲିଙ୍କର ଧନ ଏବ ସୌଭାଗ୍ୟ ଏମନ୍ତ ବଢ଼ିହେବ ଯେ ସମସ୍ତ ମୁସଲମାନ ରାଜ୍ୟର ଚକ୍ଷୁ ତାହାଙ୍କ ଉପରେ ପଡ଼ିବ । ବକ୍ତୃତା ଉତ୍ତାରୁ ଇରବାସୀ ସ୍ୱାସ୍ଥ୍ୟଖଣ୍ଡପତ୍ର ଇତ୍ୟାଦି ଉପଢୌକନ ଯାହା ମହାମାନ୍ୟ ଗଭ-ପ୍ରଭୃତି ପଠାଇ ଥିଲେ ସେ ସମସ୍ତ ୱାଲିଙ୍କୁ ଯଥା ବିଧିରେ ଅର୍ପିତ ହେଲା ଓ ତେତେବେଳେ ୨୧ ଥର ତୋପଧ୍ୱନି ହେଲା । ୱାଲି ମଧ୍ୟ ଏକ ସଂକ୍ଷେପ ବକ୍ତୃତାରେ ଆପଣାର ଅଯୋଗ୍ୟତା ଏବଂ ଇଂରେଜ ଗବର୍ଣ୍ଣମେଣ୍ଟର ଅଧୀନ ଦଶା ବିଷୟରେ କୃତଜ୍ଞତା ପ୍ରକାଶ କଲେ ଏବଂ ମୋଲ୍ଲାମାନେ ପସ୍ତୁ ଭାଷାରେ ତାହାଙ୍କ ନାମରେ ପ୍ରାର୍ଥନା ପାଠ କଲେ । ଏହି ଶୁଭ ଦିନକୁ ଚିରସ୍ମରଣୀୟ କରିବା ସକାଶେ ୱାଲି ସାହେବ ଆଜ୍ଞା ଦେଲେ କି ଦୁର୍ଗର ଫାଟକତା ଅନ୍ୟ ପୁରୁଷଙ୍କ ଉପରେ ବସି ଥିବା ମୁଣ୍ଡଚାଳି ଏବଂ ପ୍ରତି ଦୂର କ ଇଛମାନରେ ଇମ୍ମାମଦ୍ ମାନ ଚତୁର୍ଥାଂଶ ମୂଲ୍ୟରେ ଖଜଣାଗାରରୁ ଯେଉଁ ଅଗି ପ୍ରନଷ୍ଟ ପୂର୍ଣ୍ଣ ମୂଲ୍ୟରେ ଚଳାଇବା ନିଷ୍ପମ ଏହି ଦିନ ଅପରାହ୍ନର ଟାଙ୍କ ଏକାବେଳକେ ଉଠି ଯିବ । ପରିଶେଷରେ ମିଷ୍ଟାନ୍ନ ଏବଂ ସର୍ବତ ବିତରଣ ହୋଇ ସଭାଭଙ୍ଗ ହେଲା ।

ମଇ ତା ୧୦ ରଖ କାବୁଲଠାରୁ-ତୁରକିସ୍ତାନର ଇଟକା ଖବର ଏହି ଯେ ବଦଲକାନର ବନ୍ଦୋବସ୍ତ ପୂର୍ଣ୍ଣରୂପେ ଦମନ ହୋଇଅଛି ଏବଂ ତହିଁର ସରଦାର ମିରବାବା ବିଏଦ ହୋଇଅଛନ୍ତି । ସରଦାର ଅବଦୁଲରହମାନ୍ ଖାନ୍ ଆପଣା ସମଭିବ୍ୟାହାରି ସୈନ୍ୟଙ୍କୁ ଦ୍ରମାହର ବେତନ ଦେଇଅଛନ୍ତି ଏବଂ ଖାଦ୍ୟ ଦ୍ରବ୍ୟ ଯୋଗାଇବାକୁ ଅଙ୍ଗୀକାର କରିଅଛନ୍ତି । କାବୁଲରେ କୌଣସି ଗୋଲମାଲ ବର୍ତ୍ତମାନ ନାହିଁ । ଗଜଦୁତମାନଙ୍କର ଯାଏ କଥା ଶୁଣି ସରଦାର ତାସିମ ଏବ ୱାଲ ମହମ୍ମଦ ଅମିରଙ୍କର ସମସ୍ତ ଆଶା ପରିତ୍ୟାଗ କରିଅଛନ୍ତି ।

---

### ନଥାକ୍ଷୁଲ ଅଭ୍ୟାଗତ ।

ଏ ପ୍ରବନ୍ଧରେ ଅମ୍ଭେମାନେ ପୁନଃ୨ ସାର୍ଥ ପ୍ରସ୍ତାବମାନ ଲେଖୁଥିବାରୁ ପାଠକମାନେ ଯେବେ ବିରକ୍ତ ହୋଇଥାନ୍ତି ତେବେ ତହିଁ ନିମନ୍ତେ କ୍ଷମା ପ୍ରାର୍ଥନା କରୁଅଛୁଁ । ଯହିଁରେ ସର୍ବସାଧାରଣଙ୍କର ଅନିଷ୍ଟ ତାହା କର୍ତ୍ତୃପକ୍ଷଙ୍କୁ ଜଣାଇବା ଏବଂ ତହିଁର ପ୍ରତୀକାର ଚେଷ୍ଟା ଏବଂ ଲୋକଙ୍କ ରକ୍ଷା ଓ ସୁସ୍ୱଚ୍ଛନ୍ଦତା ବୃଦ୍ଧି ନିମନ୍ତେ ଯେ ସମସ୍ତ ଆଇନ ଓ କାର୍ଯ୍ୟପ୍ରଣାଳୀ ଗବର୍ଣ୍ଣମେଣ୍ଟ ବିଧିବଦ୍ଧ କରି ଅଛନ୍ତି ଏବଂ ତହିଁର ଫଳ ପ୍ରଦାନ ନିମନ୍ତେ ଯେ ସମସ୍ତ ଅଦାଲତ ଓ କଚେରିମାନ ସ୍ଥାପନ କରି ଅଛନ୍ତି ସେ ସମସ୍ତ ବିଷୟ ଚଳୁଅଛି ଏବଂ ତଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ମହତ୍ ଓ ମଙ୍ଗଳ ଉଦ୍ଦେଶ୍ୟ କି ପର୍ଯ୍ୟନ୍ତ ଚରିତାର୍ଥ ହେଉଅଛି ଏ ସମସ୍ତ ସର୍ବସାଧାରଣଙ୍କ ଗୋଚରାରେ ଆଣିବା ଅମ୍ଭେମାନେ ଆପଣାର ପ୍ରଧାନ କର୍ତ୍ତବ୍ୟକର୍ମ ଜ୍ଞାନ କରୁଁ । ଏବଂ୨ ଆଇନ ଓ

Digitized by srujanika@gmail.com

Split by PDF Splitter



କାର୍ଯ୍ୟାଳୟର ଏକମାତ୍ର ଉଦ୍ଦେଶ୍ୟ ବୋଲିବାକୁ ହେବ ଅର୍ଥାତ୍ ପ୍ରଜାଙ୍କ ରକ୍ଷା କିନ୍ତୁ ଯେ ସ୍ଥଳେ ଏକ କାର୍ଯ୍ୟାଳୟ କର୍ତ୍ତୃକ କ୍ଷମତାପନ୍ନ ଥିବା ପ୍ରତ୍ୟକ୍ଷେ ବାଞ୍ଛିତ ଧ୍ରୁବକାର ହବ ନାହିଁ ଅନ୍ୟ ଏକ କାର୍ଯ୍ୟାଳୟ ଅଣଧିକାର ଚର୍ଚ୍ଚାରେ ମତା ଉପରେ ଖଣ୍ଡା ପ୍ରହାର କରେ ସେ ସ୍ଥଳେ ଉଚ୍ଚ କାର୍ଯ୍ୟାଳୟମାନଙ୍କର ସେ ଦକ୍ଷ୍ୟସ୍ପୃତ ଚତ୍ର ଅକର୍ଷଣ କରିବା ଭିନ୍ନ ଗବର୍ଣ୍ଣମେଣ୍ଟଙ୍କର ଶାସନ ପ୍ରଣାଳୀର ଗୌରବ ରକ୍ଷା ଆଉ କପର ହେବ? ଫଳତଃ ପ୍ରକୃତରେ ହେଉ ଅଥବା ଭ୍ରମବଶତଃ ହେଉ ଏହି ନଦୀକୂଳ ମାମଲାରେ ସର୍ବସାଧାରଣଙ୍କର ଏହି ଛଳ ହୋଇ ଅଛି ଯେ ଏଥିରେ ସ୍ଵ କର୍ତ୍ତୃର କ୍ଷତି ହେଉଅଛି ସୁତରାଂ ତହିଁର ପୋଷକତା ଅଥବା ଖଣ୍ଡନ ନିମିତ୍ତ ଆମ୍ଭେମାନେ ଆଉ କେତେଗୁଡ଼ିଏ ଛୋଟ ଅଦାଲତ ମୋକଦ୍ଦମାର ବିବରଣ ଏ ସପ୍ତାହରେ ଲେଖୁଅଛୁଁ।

ଗତ ସପ୍ତାହରେ ପ୍ରାୟ ନଂ ୧୦।୧୨ ନମ୍ବର ମୋକଦ୍ଦମାର ବିଚାର ହେଉ ଥିଲା। ସମସ୍ତରେ ଉଇଣ୍ଟରସ୍କେଲ ସାହେବ ମୁଦେଇ ଏବଂ ଭିନ୍ନ ୨ ହାଠ ଓ କ୍ଷୁଣ ଇତ୍ୟାଦ ଗୋଲକବାଲମାନେ ମୂଦାଲା। ମୁଦେଇର ଦାବି ଏହି ଯେ ସେ ନଦୀକୂଳରେ ମା. ୩୨ ଣ ଜମି ଜମିଦାରଠାରୁ ପଟ୍ଟା ନେଇ ହାଠର କାରବାର କରଇ ଏଥିକୁ ମୂଦାଲାମାନେ ସେ ଜାଗାରେ ହାଠ ଇତ୍ୟାଦ ରଖିବାରୁ ତାହାର କାର୍ଯ୍ୟର ବ୍ୟାଘାତ ହେଉ ସେ ଖେସାରତ ପାଇବାର ଯୋଗ୍ୟ ଖେସାରତ ପରିମାଣ ଦନାଇ ୫୦। ଲେଖାଏ ଥାର୍ଯ୍ୟ କରି ଏବଂ ବର୍ଷ ବାକି ଉପରେ ୫ ୧୦୦।୧୫୦ଙ୍କା ଦାବି କରିଥିଲା। ମୂଦାଲାମାନେ ଜବାବ ଦେଲେ ଯେ ସେମାନେ ବହୁତ ଦିନରୁ ସେଠାରେ କାରବାର କରୁଅଛନ୍ତି ମୁଦେଇ ପଟ୍ଟା ନେବାର ସେ ଜାଣନ୍ତି ନାହିଁ ଜମିଦାରକୁ ପଟ୍ଟା ଦେବାର କ୍ଷମତା ନାହିଁ ଓ ସେମାନଙ୍କ ଜମି ମୁଦେଇର ପଟ୍ଟା ଅନ୍ତର୍ଗତ ନୁହଇ ଓ ମୁଦେଇ ସେ ଜାଗା ଖାଲି କରିବାକୁ ତାହାଙ୍କୁ ନୋଟିସ ଦେଇ ନାହିଁ ଏବଂ କଥିତ ପଟ୍ଟା ଲିଖିତ ମତେ ଉଇଣ୍ଟରସ୍କେଲ ସାହେବ ସଙ୍ଗେ ଆଉ ଦୁଇଜଣ ପଟ୍ଟାଦାର ଥିବାରୁ ଏକା ସାହେବ ଏ ମାମଲା କରି ନ ପାରନ୍ତି ଇତ୍ୟାଦ। ପ୍ରକାଶ ଯେ ଉକ୍ତ ଜମିର ପଟ୍ଟା ସନ ୧୮୭୯ ଅପ୍ରେଲରେ ଉଇଣ୍ଟରସ୍କେଲ ସାହେବ ମଧୁସୂଦନ ଦାସ ଏବଂ ଗଦେଇ ନାୟକ ତିନ ଜଣଙ୍କୁ ହିସା ଭୟନରେ ଦିଆ ଯାଇ ଥିଲା। ଏଥି ପୂର୍ବ ମୋକଦ୍ଦମାମାନଙ୍କରେ ଏକା ସାହେବ ମୁଦେଇ ବାଦୀ ହୋଇ ଅନ୍ୟ ଦୁଇଜଣ ସଙ୍ଗୀ ପଟ୍ଟାଦାରଙ୍କୁ ଶୁହା କରି ଅନାୟାସରେ ଷୋଳପଣର ଡିକ୍ରୀ ନେଇ ଯାଇ ଅଛନ୍ତି ଏହାକୁ ପ୍ରତାରଣା ପର୍ଯ୍ୟନ୍ତ ଭାବି ନେବା ଭିନ୍ନ ଆଉ କି ବୋଲି ଯିବ କିନ୍ତୁ ଅଦାଲତ ସାହେବଙ୍କର ସବୁ କଥାକୁ ସତ୍ୟ ମଣିଲେ ଥରେ ଶୁହା ପଟ୍ଟା ତଲବ କଲେ ନାହିଁ ଓ ଦୁଃଖୀ ଓ ମୂର୍ଖ ମୁଦାଲାଙ୍କ ଅବସ୍ଥା ପ୍ରତି ଦୃଷ୍ଟି ନ କରି ( ଯାହା ତ ବନ୍ଦୋବସ୍ତ ଓ କବେଜ ଦାଖଲଠାରୁ ଆଗ କରି ଯାଏ ) ଅବଲୀଳା କ୍ରମେ ସେମାନଙ୍କ ଗଳାରେ ଛୁରୀ ଦେଲେ। ଆହୁରି ଗୋଟିଏ ଆଶ୍ଚର୍ଯ୍ୟର ବିଷୟ ଯେ ପୂର୍ବ ଡିକ୍ରୀମାନଙ୍କରେ ସନ ୧୮୭୮ ବାବତ୍ ଖେସାରର ଦାବୀ ହୋଇ ଡିକ୍ରୀ ହୋଇ ଅଛି ଅଥଚ ପଟ୍ଟା ସନ ୧୮୭୯ ଅପ୍ରେଲ ମାସରେ ହୋଇ ଥିଲା। ଯାହା ହେଉ ବର୍ତ୍ତମାନ ମୁଦାଲାଙ୍କ ଆପତ୍ତି ବୃଷ୍ଟିରେ ବାକୀ ଦୁଇ ପଟ୍ଟାଦାରଙ୍କୁ ଅଦାଲତ ସାହେବଙ୍କ ସଙ୍ଗରେ ମୁଦେଇ କରି ମୋକଦ୍ଦମା ଚଳାଇଲେ ଓ ସେ ଦୁଇଲୋକ ପୂର୍ବପର ଶୁହା ହୋଇ ନ ପାରିବାରୁ ଆଉ ଦୁଇଜଣ ଶୁକରଙ୍କୁ ଶୁହା ଦେଲା। ଏଥି ମଧ୍ୟରୁ ଏକଜଣ ଶୁହା ସମସ୍ତଙ୍କର ଜମି ମାପି ଥିବାର ଓ ଅନ୍ୟ ଜଣ ତାହା ସଙ୍ଗରେ ଥାଇ ମାପ ଦେଖୁ ଥିବାର କହିଲା। ଯେଉଁ ଲୋକ ମାପ କରିଥିଲା ସେ ଅଦାଲତରେ ହଠ କରି କହିଲା ଯେ ମାପ କାଗଜ ତାହା ଘରେ ଅଛି ମାତ୍ର ତତ୍କ୍ଷଣାତ୍ ନାଜରସଙ୍ଗେ ଘରକୁ ଯାଇ ଦେବ ବୋଲି କହି ଦେଇ ନ ପାରିଲା। ଅପରଲୋକ ସେ ଦିନ ଯେଉଁନମ୍ବର ମୋକଦ୍ଦମାର ତାରଖ ଥିଲା କେବଳ ତାଙ୍କ ଜମିର ତପ୍ସିଲ କହିଲା ଆଉ ମାନଙ୍କର କହି ପାରିଲା ନାହିଁ ଓ ତାହା ହାତରୁ ଖଣ୍ଡେ ଚିଠାକାଗଜ ବାହାରିଲା କି ଯାହା ଗୋପନରେ ଦେଖି ସାକ୍ଷ ଦେଉଥିଲା ତହିଁରେ ସେହି ଦିନର ମୁଦାଲାଙ୍କ ନାମ ଓ ଜମିର ତପ୍ସିଲ ଲେଖାଥିଲା ସେ କାଗଜ ସେହିଦିନ ପ୍ରସ୍ତୁତ ହୋଇଥିବାର ଅଦାଲତଙ୍କ ହୃଦବୋଧ ହେଲା ଏବଂ ସେ ବ୍ୟକ୍ତି ନଦୀକୂଳକୁ ଯାଇ କାହାର ଜମିର ନିଶାଣ ଦେଇ ନ ପାରିଲା।

ଏଥିଉତ୍ତାରୁ ଆଠଦିନ ମୋକଦ୍ଦମା ମୁଲତବି ରହିଲା ଶେଷଦିନ ସାହେବ ଖଣ୍ଡେ ତାଲପତ୍ର ମାପ କାଗଜ ଦାଖଲ କରିବାରୁ ତାହା ଗୃହୀତ ହେଲା ଓ ଯେଉଁ ଶୁହା ତାହା ଦେଇ ନ ପାରିଥିଲା ସେ ତାହା ତସଦିକ କରିବାରୁ ଅଦାଲତ ଏହିପ୍ରକାର ପ୍ରମାଣ ବଳରେ ସାହେବଙ୍କୁ କେବଳ ସନ ୧୮୭୯ ମସିହାର ଦୁଇମାସର ଖେସାରତ ଡିକ୍ରୀ ଦେଲେ। ସନ ୧୮୭୮ ର ଦାବୀ ପଟ୍ଟାସମୟର ନୁହଇ ବୋଲି ଛାଡ଼ି ଗଲା ଏବଂ ସନ ୧୮୮୦ ସାଲକୁ ନଦୀପାଣି ପଟ୍ଟା ଲିଖିତ ଜମିଠାରୁ ବହୁଦୂରକୁ ଘୁଞ୍ଚି ଯାଇ ଥିବା ଓ ସେଠାରେ କାରବାର ହେଉଥିବାରୁ ଛାଡ଼ି ଗଲା ଆଠ ନମ୍ବର ମୋକଦ୍ଦମାରେ ପ୍ରାୟ ୫ ୮୦୦୲ ଙ୍କାର ଦାବୀ ହୋଇଥିଲା ଏଥିମଧ୍ୟରୁ କେବଳ ୫ ୨୦।୨୫୲ ଙ୍କାର ଡିକ୍ରୀ ସାହେବ ପାଇଲେ ଓ ତାହା ମଧ୍ୟ ମୁଦାଲାଙ୍କ ଖର୍ଚ୍ଚାରେ ମଜୁର ହୋଇ ଯିବାରୁ ଦୁଇ ଚାରି ଟଙ୍କା ଘରକୁ ନେଇ ଗଲେକି ନାହିଁ ସନ୍ଦେହ ତହିଁ ମଧ୍ୟରୁ ଏକ ମୋକଦ୍ଦମାରେ ୫ ୧୫୦ ଙ୍କା ଦାବୀ ମଧ୍ୟରୁ କେବଳ ଏକଅଣା ଡିକ୍ରୀ ପାଇଲେ ଓ ତହିଁରେ ଆଠ ଟଙ୍କା ସରଜ ଖର୍ଚ୍ଚା ଦେଣ ପଡ଼ିଲା ଓ କେବଳ ଏକ ମୋକଦ୍ଦମା ଡିସମିସ ହୋଇଥିଲା। ଯାହା ହେଉ ଅଦାଲତ ସାହେବଙ୍କର ମର୍ଯ୍ୟାଦା ରକ୍ଷା କରିବାରେ ତ୍ରୁଟି କରି ନାହାନ୍ତି ସାହେବ ନଗଦ କିଛି ପାଉନ୍ତୁ ଅବା ନ ପାଉନ୍ତୁ ଡିକ୍ରୀ ପାଇଲେ ଓ ଅନୁମାନ ହୁଅଇ ଏହାଦ୍ଵାରା ପ୍ରକାରାନ୍ତରରେ ତାହାଙ୍କର ଦର୍ପ ସାବ୍ୟସ୍ତ ହେଲା।

ପରିଶେଷରେ ବକ୍ତବ୍ୟ ଏହି ଯେ ଏ ମୋକଦ୍ଦମାମାନଙ୍କରେ ଛୋଟ ଅଦାଲତ ଉକୀଲ ବାବୁ ଗୋପାଳପ୍ରସାଦ ମିଶ୍ର ଅତି ବିଚକ୍ଷଣତା ଓ ଯତ୍ନ ସହିତ କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇ ଅଛନ୍ତି ତାହାଙ୍କ ଯୋଗେ ଅଦାଲତ ବାଧ୍ୟ ହୋଇ ନାମମାତ୍ର ଡିକ୍ରୀ ଦେଲେ ନୋହିଲେ ପୂର୍ବ ପ୍ରାୟ ପୂର୍ଣ୍ଣ ଡିକ୍ରୀମାନ ହେବାରେ କିଛି ଆଶ୍ଚର୍ଯ୍ୟ ନ ଥିଲ।

---

# ସାପ୍ତାହିକସଂବାଦ।

ଶ୍ରୀଯୁକ୍ତ କମିଶନର ସାହେବ ଆଗାମୀ ଜୁନ ମାସ ଶେଷରୁ ଛୁଟୀ ନେଇ ଯିବେ ବୋଲି କଥିତ ହୁଅଇ। ଏ ପଦରେ ଶ୍ରୀଯୁକ୍ତ ବମସ୍ ସାହେବ ଏକ୍ଟିଂ ହୋଇ ଆସିବାର ଜନରବ ଉଠିଅଛି। ବମସ୍ ସାହେବ ଆସିଲେ ପୁଣି କେତେ ନୂଆ ବନ୍ଦୋବସ୍ତ ହେବ।

ପୁରୀର ହେଡ୍ ମାଷ୍ଟର ବାବୁ କ୍ଷୀରୋଦ ଚନ୍ଦ୍ର ରାୟ ବଦଳି ହୋଇ ଅଛନ୍ତି। ସେ କାହିଁକି କୌଣସି ଏକ ସ୍ଥାନରେ ଅଧିକ ଦିନ ରହି ପାରୁ ନାହାନ୍ତି।

ଏଥର ଦୌରାରେ ତିନ ଜଣ ଆସାମୀ ଉପରେ ଫାଶିର ଦଣ୍ଡାଜ୍ଞା ହୋଇ ଅଛି। ଗତତ ସନର ପାଞ୍ଚ ମାସ ମଧ୍ୟରେ ନ ୭ ଣ ଲୋକ ଫାଶିର ଦଣ୍ଡ ପାଇଲେ ଏହା ଅସାଧାରଣ ବୋଧ ହେଉ ଅଛି।

ବାଙ୍କୀ ତହସିଲଦାରଙ୍କ ବିରୁଦ୍ଧରେ କେତେକ ଶତ୍ର କେ-

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୫ ଶ
ସଂ ୨୨ ଶ୍ୟା

ତା ୨୧ ଜୁନ ମାହେ ମଇ ସନ ୧୮୮୦ ମସିହା । ମୂ । ଜ୍ୟେଷ୍ଠ ଦ ୧୧ ନ ଦିନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୧୦

ଭାରତବର୍ଷର ବଜେଟରେ ସାଢ଼େତିନକୋଟି ଟଙ୍କା ନିଅଣ୍ଟ ହେବାର ବଳାଇରେ ଜଣା ଯାଇ-ଅଛି ।

---

ଏ ବର୍ଷ ଉତ୍ତର ପଶ୍ଚିମ ମୌସୁମ ଅର୍ଥାତ ବୃଷ୍ଟି ଓ ବତାର ଋତୁ ଶୀଘ୍ର ଉଦୟ ହେବ ବୋଲି ବମ୍ବେଇର ସମ୍ବାଦପତ୍ରମାନେ ଉପକୂଳର ଲକ୍ଷଣ ଦେଖି ଅନୁମାନ କରୁଅଛନ୍ତି । ସିଂହଳଦ୍ୱୀପ ଏବଂ ସାଗରରେ ମଧ୍ୟ ଏହିପରି ଲକ୍ଷଣମାନ ଦେଖା ଯାଉଅଛି । ଜୁନ ମାସ ପ୍ରଥମ ସପ୍ତାହରେ ବର୍ଷା ଆରମ୍ଭ ହେବାର ବିଶେଷ ସମ୍ଭାବନା ଅଛି । ଏପରି ହେଲେ ଖାଣ୍ଟି ଜମିଦାରଙ୍କ ପକ୍ଷରେ ଏ ବର୍ଷଟା ମଙ୍ଗଳପ୍ରଦ ହେବ ।

---

ଅସ୍ମମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେ-ଖିଅଛନ୍ତି କି ସେଠା ମୁନସଫ କଚେରି ବାରବ-ମାଷ୍ଟ୍ରୀ କୋଠିରେ ହେବାର ପ୍ରସ୍ତାବ ହୋଇ ଅଛି କିନ୍ତୁ ଉକ୍ତ ଦେଓ୍ୱାନୀ ଓ ଫଉଜଦାରୀ କାର୍ଯ୍ୟାଳୟମାନ ଏକ ହତାମଧ୍ୟରେ ଥିବାରୁ ଓକିଲ ମୁକ୍ତାର ଓ ମଓକଲମାନଙ୍କର ବିଶେଷ ସୁବିଧା ହୋଇଥିଲା ତହିଁରୁ ସେମାନେ ନୈରାଶ୍ୟ ହେବେ । ବର୍ତ୍ତମାନ କଚେରି ହେଉଥିବା କୋଠ-ଘରକୁ ପକ୍କା ନିର୍ମାଣ କଲେ ବିଶେଷ ଉତ୍ତମ ହୁଅନ୍ତା ଓ ଲୋକମାନଙ୍କର କୌଣସି କଷ୍ଟ ହୁଅନ୍ତା ନାହିଁ ।

---

ବିଲାତରୁ ଚଳିତ ମାସ ତା ୨୦ ରିଖରେ ସମ୍ବାଦ ଆସିଅଛି ଯେ ସେହି ଦିନ ନୂତନ ପାର୍ଲି-ମେଣ୍ଟ ସଭା ବସିଲା ଏବଂ ଶ୍ରୀମତୀ ମହାରାଣୀଙ୍କ ବକ୍ତୃତା ଲର୍ଡ ଚାନସେଲର ପାଠ କଲେ । ତହିଁରେ ଲେଖାଅଛି ଯେ ବହିର୍ଦେଶମାନଙ୍କ ସହିତ ବନ୍ଧୁ ଭାବ ରହିଅଛି ଏବଂ ଭରସା ହୁଅଇ ଯେ ପ୍ରଧାନ ରାଜାଙ୍କ ସହିତ ଏକଯୋଗ ହୋଇ ବର୍ଲିନ ସନ୍ଧିର ସମସ୍ତ ବିଧାନମାନ ଦୃଢ଼-ରୂପେ କାର୍ଯ୍ୟରେ ପରିଣତ ହେବ ଏବଂ ତୁରସ୍କ-ରାଜ୍ୟର ଶାସନ ସମ୍ବନ୍ଧୀୟ ସଂସ୍କାର କାର୍ଯ୍ୟମାନ ଉତ୍ତରରୂପେ ଆରମ୍ଭ ହେବ ଏବଂ ପୂର୍ବରାଜ୍ୟ ସମ୍ପର୍କରେ ଭବିଷ୍ୟତକୁ କୌଣସି ଗୋଲଯୋଗ ରହିବ ନାହିଁ । ଏଥିପାଇଁ ମାନ୍ୟବର ଗୋ-ସେନ୍ ସାହେବ କନଷ୍ଟାଣ୍ଟିନୋପଲକୁ ପ୍ରେରିତ ହୋଇଅଛନ୍ତି ।

---

ବର୍ତ୍ତମାନ ପାର୍ଲିମେଣ୍ଟର କମନସ୍ ସଭାରେ ଜ ୩୫୪ ଣ ଲିବରଲ ଜ ୬୨ ଣ ହୋମରୁଲର ଏବଂ ଜ ୨୩୭ଣ କନ୍ସରଭେଟିବ ସଭ୍ୟ ଅଛନ୍ତି । ମୋଟ ସଭ୍ୟ ସଂଖ୍ୟା ହୋମରୁଲରଙ୍କୁ ଛାଡ଼ି ଜ ୫୯୦ ଣ ଏବଂ ହୋମରୁଲରଙ୍କ ସହିତ ଜ ୬-୫୨ ଣ । ପ୍ରାୟ ଚୋଡ଼ିଏଲକ୍ଷ ଲୋକଙ୍କ ମତ ଗ୍ରହଣଦ୍ୱାରା ଏମାନେ ନିଯୁକ୍ତ ହୋଇଅଛନ୍ତି । ସଭ୍ୟମାନଙ୍କ ମଧ୍ୟରେ ବାରିଷ୍ଟରଙ୍କ ସଂଖ୍ୟା ସର୍ବା-ପେକ୍ଷା ଅଧିକ ଅର୍ଥାତ ଜ ୧୦୫ ଣ ତହିଁ ତଳେ ବଣିକ ଜ ୭୪ ଣ ଓ ଶିଳ୍ପକାର ଜ ୫୪ ଣ ।

ଅନ୍ୟାନ୍ୟ ବ୍ୟବସାୟିଙ୍କ ସଂଖ୍ୟା ଗଣା ଅଟଇ ଯଥା; ସମ୍ବାଦପତ୍ରର ଅଧିକାରୀ ଓ ସମ୍ପାଦକ ଜ ୧୮ ଣ ଇଞ୍ଜିନିୟର ଜ ୧୬ ଣ ଶୁଣ୍ଡି ଜ ୧୧ଣ କୃଷକ ଜ ୭ ଣ ଡାକ୍ତର ଜ ୩ ଣ ଇତ୍ୟାଦି । ଫଳତଃ ପାର୍ଲିମେଣ୍ଟର କମନସ୍ ସଭାରେ ପ୍ରାୟ ସମସ୍ତ ପ୍ରକାର ବ୍ୟବସାୟୀ ଲୋକ ଅଛନ୍ତି ।

---

ବିଲାତର ସମ୍ବାଦରୁ ଜଣା ଯାଏ ଯେ ଅ-ଫଗାନଯୁଦ୍ଧର ଯଥାର୍ଥ ବ୍ୟୟ ସାତକୋଟି ଟଙ୍କା ସ୍ଥିର ହୋଇଅଛି । ସୀମା ପ୍ରଦେଶର ରେଲ-ବାଟ ଖର୍ଚ୍ଚା ଏଥି ମଧ୍ୟରେ ଧରା ଯାଇ ନାହିଁ । ଅଫଗାନ ଯୁଦ୍ଧ ଶୀଘ୍ର ଶେଷ କରିବା କାରଣ ଲର୍ଡ ରିପନଙ୍କୁ ଆଦେଶ ହୋଇଅଛି । କଣେ କାଲବନ୍ତ ଶାସନକର୍ତ୍ତା ପାଇଗଲେ ଇଂରାଜ ସୈନ୍ୟ ସେଠାରୁ ବାହାର ଆସିବାର ଆରମ୍ଭ ହେବ । ଭାରତବର୍ଷର ସେକ୍ରେଟରୀ କହିବାରୁ ଅଳ୍ପର ଜଣା ଗଲା ଯେ ଦେଶୀୟ ମୁଦ୍ରାଯନ୍ତ୍ର ଆଇନ ଏବଂ ଲାଇସେନ୍ସ ଟାକ୍ସ ଆଇନ ର-ହିତ କରିବା ବିଷୟ ଲର୍ଡରିପନ ସାହେବ ବି-ଚାର କରିବେ ଏବଂ ତାହାଙ୍କ ରିପୋର୍ଟ ପାଇବା ପର୍ଯ୍ୟନ୍ତ ହୋମ ଗବର୍ଣ୍ଣମେଣ୍ଟ ଅପେକ୍ଷା କରିବେ । ଏଥିରୁ ଜଣା ଯାଏ ଯେ ନୂତନ ପାର୍ଲିମେଣ୍ଟ-ଠାରୁ ଭାରତବର୍ଷର ସର୍ବସାଧାରଣ ଯାହା ଆଶା କରୁଅଛନ୍ତି ତହିଁର ଦର୍ଶନ ଶୀଘ୍ର ହେବାର ସ-ମ୍ଭାବନା ଅଛି ବଡ଼ ସୁଖର ବିଷୟ ଅଟଇ ।

---

Digitized by srujanika@gmail.com

Split by PDF Splitter



ଗତ ଅପ୍ରେଲ ମାସ ତା ୨୦ ରଖରେ ହୋଇଥିବା ପୁରୀ ଶିକ୍ଷାକମିଟୀର କାର୍ଯ୍ୟାବଳୀ ପାଠ କରି ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ସଂସ୍କୃତଭାଷାର ପରୀକ୍ଷା ଗ୍ରହଣ ପୂର୍ବକ ଉପାଧି ପ୍ରଦାନ କରିବାର ଯେଉଁ ନିୟମ ଗବର୍ଣ୍ଣମେଣ୍ଟ କରିଅଛନ୍ତି ତଦନୁସାରେ ପୁରୀ ନଗରକୁ ପରୀକ୍ଷାର ଗୋଟିଏ କେନ୍ଦ୍ରସ୍ଥଳ କରିବା କାରଣ କମିଟି ଯତ୍ନ କରୁଅଛନ୍ତି । କମିଟୀ ଯଥାର୍ଥରୂପେ ବୁଝି ଅଛନ୍ତି କି ଓଡ଼ିଆ ପଣ୍ଡିତମାନେ ପରୀକ୍ଷା ଦେବା କାରଣ କଲିକତାକୁ ଯିବାକୁ ସାହସ କରନ୍ତି ନାହିଁ ଓ ଅଧିକାଂଶ ଲୋକ ପକ୍ଷରେ ତାହା ବାସ୍ତବରେ କଷ୍ଟକର ଅଟଇ । ପ୍ରାଚୀନକାଳରୁ ପୁରୀ ନଗର ସଂସ୍କୃତବିଦ୍ୟାନିମିତ୍ତ ବିଖ୍ୟାତ, ମୁକ୍ତିମଣ୍ଡପ ସଭା ଏଥିର ଉଦାହରଣ ଅଟଇ । ଅମ୍ଭେମାନେ କମିଟୀଙ୍କ ପ୍ରସ୍ତାବକୁ ସର୍ବାନ୍ତଃକରଣରେ ପୋଷକତା କରୁଅଛୁଁ ଏବଂ ଆଶା କରୁଁ କି ଶିକ୍ଷାବିଭାଗର ଉଚ୍ଚକର୍ମଚାରୀମାନେ ଗବର୍ଣ୍ଣମେଣ୍ଟଙ୍କୁ ଦୃଢ଼ରୂପେ ଅନୁରୋଧ କରି ଓଡ଼ିଶାରେ ସଂସ୍କୃତଶିକ୍ଷାର ବହୁତ ଉତ୍ସାହ ଦେବେ ।

---

ସତେ କି କାବୁଲ ଯୁଦ୍ଧ ଶୀଘ୍ର ଶେଷ ହେବ କି? କାବୁଲର ଏବଂ ଭାରତୀୟ ସମ୍ବାଦରୁ ଜଣା ଯାଏ ଯେ କେତାରେ ଯେତେ କିଲ୍ଲା ଓ କିଲ୍ଲାବନ୍ଦୀ ସବୁ ଇଂରାଜଙ୍କଦ୍ୱାରା ନିର୍ମିତ ହୋଇଅଛି ସେ ସମସ୍ତ ଭାଙ୍ଗି ଦେବାର ଇଷ୍ଟିମେଟ ପ୍ରସ୍ତୁତ କରିବା କାରଣ ଇଞ୍ଜିନିଅରମାନଙ୍କୁ ଆଦେଶ ହୋଇଅଛି । ସଡ଼କ ଏବଂ ଗଡ଼ ନିର୍ମାଣର ସମସ୍ତ ବ୍ୟୟ ଏକାବେଳକେ ବନ୍ଦ ହେବ । ଏକ ପକ୍ଷରେ କାବୁଲ ପରିତ୍ୟାଗର ଉପରଲିଖିତ ଉଦ୍ୟମ ଏବଂ ଅନ୍ୟପକ୍ଷରେ କାନ୍ଦାହାରକୁ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଆପେ ଅଧିକାର ନ କରି ସେଠାରେ ଜଣେ ସ୍ୱାଧୀନ ସରଦାର ନିଯୋଗ କରିବା ଏ ଦୁଇ କାର୍ଯ୍ୟରୁ ଜଣାଯାଏ ଯେ କାବୁଲ ଯୁଦ୍ଧ ଶୀଘ୍ର ନିବୃତ୍ତି ହେବାର ସ୍ଥିର ହୋଇଅଛି। ଅମ୍ଭେମାନେ ଆଶା କରୁଁ କି ଏହି ଅନୁମାନ ସାର୍ଥକ ହେଉ କାରଣ ଦୁର୍ବଳଲୋକ ସଙ୍ଗରେ ଅନର୍ଥକ ଲଢ଼ି ସର୍ବାନ୍ତ ହେବାରେ କିଛି ଯଶ ନାହିଁ ମାତ୍ର ସେହି ଖର୍ଚ୍ଚ ସକାଶେ ଅମ୍ଭମାନଙ୍କର କଷ୍ଟ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ଏ ସମ୍ବାଦ ଲେଖିଲା ଉତ୍ତାରୁ ଲଣ୍ଡନରୁ ଆସିଥିବା ଏକ ତାରସମ୍ବାଦରୁ ଅବଗତ ହେଲୁଁ ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଅଫଗାନ ଯୁଦ୍ଧ ଶୀଘ୍ର ଶେଷ କରିବା ପକ୍ଷରେ ଅତ୍ୟନ୍ତ ଯତ୍ନ କରୁଅଛନ୍ତି ଏବଂ ଯେ ଉଦ୍ଦେଶରେ ଏ ଯୁଦ୍ଧ ହୋଇଅଛି ତାହା ଅବଶ୍ୟ ସଫଳ ହୋଇ ନ ଥିବାରୁ ଶ୍ରୀମତୀ ଭାରତେଶ୍ୱରୀ ଖେଦ ପ୍ରକାଶ କରିଅଛନ୍ତି । ଯାହା ହେଉ ଅଫଗାନସ୍ଥାନରେ ଶାନ୍ତି ସ୍ଥାପନ, ସେଠା ଲୋକଙ୍କୁ ସ୍ୱାଧୀନତା ଦାନ କରିବା ଓ ଇଂରାଜଙ୍କ ସହିତ ସେମାନଙ୍କ ସଦ୍ଭାବ ଜାତ କରିବା ପକ୍ଷରେ ଯଥୋଚିତ ଉପାୟମାନ ଉଦ୍ଭାବିତ ହେଉଅଛି ।

---

ସଂସ୍କୃତ ଉପାଧି ପରୀକ୍ଷାର ନିୟମାବଳୀ ଏବଂ ପୁସ୍ତକର ତାଲିକା ଏକପରସ୍ତ ଏଠା ସ୍କୁଲ କମିଟୀର ସହକାରୀ ସଭାପତି ପାଇଅଛନ୍ତି । ଅମ୍ଭେମାନେ ତାହା ଦେଖି ଅଛୁଁ ମାତ୍ର ସ୍ଥାନାଭାବରୁ ସମୁଦାୟ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁର ସଂକ୍ଷେପ ବିବରଣ ଏହି ଯେ ପ୍ରତିବର୍ଷ ବୈଶାଖ ମାସର ପ୍ରଥମ ସୋମବାର ଏ ପରୀକ୍ଷା କଲିକତା ସଂସ୍କୃତ କଲେଜ ଗୃହରେ ହେବ । ଯେ ବ୍ୟକ୍ତି ଯେ କୌଣସି ସ୍ଥାନରେ ଅଧ୍ୟୟନ କରି ଥାଇ ପଛକେ, ପରୀକ୍ଷା ଦେବାକୁ ଅନୁମତି ପାଇବ ମାତ୍ର ଅନୁମତି ସକାଶେ ପ୍ରତ୍ୟେକ ପରୀକ୍ଷାର୍ଥୀକୁ ଫାଲ୍ଗୁନ ମାସ ପ୍ରଥମ ତାରିଖ ପୂର୍ବ ଡିରେକ୍ଟରଙ୍କ ନିକଟରେ ଆବେଦନ କରିବାକୁ ହେବ । ଆବେଦନପତ୍ର ସଙ୍ଗେ ନଗଦ ୨୲ ଙ୍କା ଫିସ ଏବଂ ଦୁଇଖଣ୍ଡ ପ୍ରଶଂସାପତ୍ର ପଠାଇବାକୁ ହେବ । ଅର୍ଥାତ୍ ଏକଖଣ୍ଡ ପରୀକ୍ଷାର୍ଥୀର ଚରିତ୍ର ବିଷୟରେ ଏବଂ ଅପର ଖଣ୍ଡ ତାହାର ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ଥିବା ବିଷୟରେ । ପ୍ରଥମ ପ୍ରଶଂସାପତ୍ର କୌଣସି ଭଦ୍ର ଲୋକ ଏବଂ ଅନ୍ୟ ପ୍ରଶଂସାପତ୍ର କୌଣସି ଉପଯୁକ୍ତ ସଂସ୍କୃତଜ୍ଞ ବ୍ୟକ୍ତି ଦେଇ ପାରିବ । ଆବେଦନପତ୍ର ଯେପରି ଲେଖିବାକୁ ହେବ ଏବଂ ଯେ ସମସ୍ତ ବିଷୟ ଏବଂ ପୁସ୍ତକର ପରୀକ୍ଷା ହେବ ତହିଁର ସବିଶେଷ ଯେଉଁମାନଙ୍କର ଜାଣିବାର ପ୍ରୟୋଜନ ସେମାନେ ଶିକ୍ଷା କମିଟିର ସେକ୍ରେଟାରୀଙ୍କଠାରେ ପ୍ରାପ୍ତ ହୋଇ ପାରିବେ । ଶିକ୍ଷା କମିଟୀ ଯେବେ ଏ ଦରଖାସ୍ତ ନିୟମାବଳୀ ଓ ପୁସ୍ତକର ତାଲିକା ଓଡ଼ିଆ ଭାଷାରେ ଛପା କରାଇ ସର୍ବସାଧାରଣଙ୍କ ଜାଣିବା କାରଣ ନାନା ଶ୍ରେଣୀର ସ୍କୁଲର ସମ୍ପାଦକ ଏବଂ ଅପର ଲୋକଙ୍କୁ ବିତରଣ କରନ୍ତେ ତାହା ହେଲେ ଭଲ ହୁଅନ୍ତା ।

ଅମ୍ଭେମାନେ ଏ ସମ୍ବନ୍ଧରେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବାବୁ ରାମଗୋବିନ୍ଦ ଜଗଦେବଙ୍କ ପ୍ରଦତ୍ତ ଛାତ୍ରବୃତ୍ତିର ପ୍ରଯୋଜନ ସିଦ୍ଧ କରିବା କାରଣ ଏହି ନଗରରେ ଏ ପରୀକ୍ଷା ସ୍ଥାପିତ ହେବାର ପ୍ରାର୍ଥନା ହୋଇଅଛି । ଯେ ସ୍ଥଳେ କଟକ ଓ ପୁରୀ ଉଭୟ ଜିଲ୍ଲା କମିଟିରୁ ଏପରି ପ୍ରାର୍ଥନା ହୋଇଅଛି ସେ ସ୍ଥଳେ ଅମ୍ଭେମାନେ ଏକାନ୍ତ ଇଚ୍ଛା କରୁଁ ଯେ ଗବର୍ଣ୍ଣମେଣ୍ଟ ଓଡ଼ିଶାର ପରୀକ୍ଷାର୍ଥୀଙ୍କ ସୁଯୋଗ ନିମିତ୍ତ ଅନ୍ତତଃ ଏହି ଦୁଇ ନଗରକୁ ଗୋଟିଏ କେନ୍ଦ୍ରସ୍ଥଳ କରିବେ ।

— * —

### କାବୁଲ ସମାଚାର ।

ଇଂଲିସମ୍ୟାନ ସମ୍ପାଦକ ଏ ସପ୍ତାହରେ ତାରଡାକ ଯୋଗେ ପାଇଅଛନ୍ତି ।

କାବୁଲ ତା ୧୭ ରଖ ମଇ—ସରଦାର ଅବଦୁର୍ରହେମାନ ଖାନ ତାସ୍କନ୍ଦରେ ଅଛନ୍ତି । ସେ ଅଳ୍ପ ସେନାର ନେତା ହୋଇ ତାଙ୍କ ସମନ୍ତ୍ରୀଙ୍କୁ ଏହି କଥା କହି ପଠାଇ ଦେଇଅଛନ୍ତି ଯେ କାର୍ଯ୍ୟ ପଡ଼ିଲେ ସେମାନଙ୍କୁ ଡାକରା ହେବ । ତାହାର ଶିଷ୍ଟଜାତ କର୍ମଚାରୀମାନେ ଅବଦୁର୍ରହେମାନଙ୍କ ପକ୍ଷ ଅବଲମ୍ବନ କରିବାକୁ ସମ୍ମତ ହୋଇଅଛନ୍ତି । ସରଦାର ମୁହମ୍ମଦଖାନ ଅଫଗାନ ସେନାଙ୍କର ଦାଉ ଇଲେ ରହିଅଛନ୍ତି ଓ ସରଦାର ହାସିମଖାନ ମୁସ୍ତଫି ହବିବୁଲ୍ଲାଖାନଙ୍କ ସଙ୍ଗ ଛାଡ଼ି ଦେବାରୁ ମୁସ୍ତଫି ଉକ୍ତ ସରଦାର ଓ ଓାଲି ମହମ୍ମଦଙ୍କ ସହିତ ଯୋଗ ହେବାର ଚେଷ୍ଟା କରୁଅଛନ୍ତି ।

କାବୁଲ ତା ୨୦ ରଖ ମଇ—ମୁସ୍ତଫି ହବିବୁଲ୍ଲାଖାନଙ୍କୁ କଣ କାଲି ତଲବ ହୋଇଥିଲା ଓ ଅନେକକ୍ଷଣ ଅନୁସନ୍ଧାନରେ ଜଣା ଗଲା ଯେ ସେ ଇଂରାଜଙ୍କ ବିରୁଦ୍ଧରେ ମନ୍ତ୍ରଣା କରୁଥିବା ଆୟୁବଖାଁର ଦୋଷୀ ଅଟନ୍ତି । ଏଥିପାଇଁ ସେ ଗିରଫ୍ତାର ହୋଇ ଭାରତବର୍ଷକୁ ପ୍ରେରିତ ହୋଇ ଅଛନ୍ତି ।

ଜେଲାଲାବାଦ ତା ୧୯ ରଖ ମଇ—ଅଦ୍ୟ ସକାଳବେଳେ ପ୍ରାୟ ଚଉଦଶହଜାର ଖାଫୀ ସେନା ମୁଲ୍ଲା ଗଫୁରଙ୍କ ଅଧୀନରେ ବେସଦନଗର ସ୍ଥାନରୁ ସମତଳ ଭୂମିକୁ ଓଲ୍ହାଇ ଆସିଲେ । ଇଂରାଜ ସୈନ୍ୟ କେନେରଲ ଡୋଗଲଙ୍କ ଅଧୀନରେ ପାହାଡ଼ତଳେ ଲଢ଼ି ରହିଥିଲେ । ଶତ୍ରୁମାନେ ଏହାକୁ ଦେଖି ନ ପାରି ଓ କେହି ବାଧା ଦେବାକୁ ନାହିଁ ଜାଣି ବଡ଼ ଉତ୍ସାହ ସହିତ ସମ୍ମୁଖରୁ ଯେ ସମତଳ ଭୂମିକୁ ଦାଖଲ ଆସିଲେ ।

Digitized by srujanika@gmail.com

Split by PDF Splitter



ତହୁଁ ଇଂରେଜ ସେନା ଅତ୍ୟନ୍ତ ବିକ୍ରମ ସହିତ ତାହାଙ୍କୁ ଆକ୍ରମଣ କଲେ । ଘୋଡସୁଆରମାନେ ତାହାଙ୍କ ପଳାଇବା ବାଟ ଘେରିଲେ ଏବଂ ପଦାତିକମାନେ ଅଗ୍ନିବାଣ ବୃଷ୍ଟି କଲେ । ଅଳ୍ପ କାଳରେ ଶତ୍ରୁ ଛିନ୍ନଭିନ୍ନ ହୋଇ ଭୁକଚୌଙ୍ଗି ପର୍ବତ ଦିଗକୁ ପଳାଇଲେ । ଅଶ୍ୱାରୋହୀମାନେ ଏମାନଙ୍କ ମଧ୍ୟରୁ ଜ ୨୫ ଣ ବଧ କଲେ ଓ ଜ ୧୭ ଣ ଗାଡ଼ ଏକ କଲ୍ଲାରେ ଲୁଚି ଥିଲେ ସେ ସମସ୍ତେ ମଗ୍ନ ପଡିଲେ । ସର୍ବସୁଦ୍ଧା ଜ ୫୦ ଣ ଏ ଯୁଦ୍ଧରେ ପ୍ରାଣ ହରାଇଲେ । ଇଂରେଜ ସେନା କେହି ନଷ୍ଟ ହୋଇ ନାହାନ୍ତି କେବଳ ଜ ୧୦ ଣ ଆହତ ହୋଇଅଛନ୍ତି । ମୁଲ୍ଲାଗଫୁଲ, ସରଦାର ଅବଦୁଲ୍ଲା ଖାନ ଏବଂ ସରଦାର ନିଜାମୁଦ୍ଦିନ ଖାନ ଏଯୁଦ୍ଧରେ ଉପସ୍ଥିତ ଥିଲେ ।

କାବୁଲ ତା ୨୯ ରଗ ମଇ—କେଲାଲବା-ଦର ଦକ୍ଷିଣ ମା ୧୭ ମାଇଲ ଅନ୍ତରରେ ମଏ-ଜନା ନାମକ ସ୍ଥାନରେ ଜେନରଲ ଗଫଙ୍କ ସେନା ମୁଲ୍ଲା ଫକୀରଙ୍କ ସେନାକୁ ଆକ୍ରମଣ କରି-ଥିଲେ । କପ୍ତାନ ଜନ୍ଦୃସ ଏ ଯୁଦ୍ଧରେ ଭାରି ସା-ହସ ଦେଖାଇ ଅଛନ୍ତି । ଇଂରେଜ ସେନା ଶେଷରେ ମଏଜନାଠାରେ ରହି ଆରଦିନ ପେ-ଶବୁଲକ ବାଟେ ସେରଖାଇକୁ ଆସିଲେ ।

ସିମଲା ତା ୨୨ ରଗ ମଇ—ଚଳିତମାସ ତା ୨୦ ଦିନରେ ପେଶବୁଲକର ଇଂରେଜ ସେନା ପେଶବୁଲକରୁ ହିସାରକକୁ ଯିବା ବେଳେ ବା-ଟରେ ଶୁରଘଡାର ଶତ୍ରୁ ସୈନ୍ୟ ଭେଟିଲେ । ଶତ୍ରୁ ସେନା ଏକ ଦୃଢ଼ ସ୍ଥାନରେ କିଲ୍ଲା ବନ୍ଦି କରି ଥିଲେ ଓ ଘଣ୍ଟେ ଯୁଦ୍ଧ ଉତ୍ତାରୁ ସେଠାରୁ ଛିନ୍ନଭିନ୍ନ ହୋଇ ନାନାଦିଗକୁ ପଳାଇ ଗଲେ ସେଣେ ମଇଦାନ ପର୍ଯ୍ୟନ୍ତ ଇଂରେଜ ସେନା ତା-ହାଙ୍କ ପଛେ ଧାବମାନ ହୋଇ ଥିଲେ । ଶତ୍ରୁ ପକ୍ଷରୁ ଜ ୧୦୦ ଣ ମଗ୍ନ ପଡିଲେ ମାଧ ଫକୀର ପଳାଇ ଗଲା । ଇଂରେଜଙ୍କ ପକ୍ଷରୁ ଏକଜଣ ସରଦାର କଠିଣରୂପେ ଏବଂ ଏକଜଣ ସାମାନ୍ୟ ରୂପେ ଆହତ ହେଲେ ଦୁଇଜଣ ଗୋରା ସିପାହୀ ହତ ଓ ଦୁଇଜଣ ଆହତ ହେଲେ ।

---

ମଞ୍ଜୁଷାର ଦେବାନ୍ ଶ୍ରୀ ଶ୍ରୀ ନାରାୟଣ ବଡ଼-ଜେନାଙ୍କଠାରୁ ଖଣ୍ଡିଏ ଜଣାଣ ପୁସ୍ତିକା ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁ-ଅଛୁଁ । ଏହା ମଞ୍ଜୁଷାର ପୂର୍ବ ରାଜା ଶ୍ରୀ ରାଜିବାସ ରାଜମଣି ଗୁରୁଦେବଙ୍କଦ୍ୱାରା ବିରଚିତ ଏବଂ ବର୍ତ୍ତମାନ୍ ରାଜାଙ୍କଦ୍ୱାରା ବ୍ରହ୍ମପୁରର ଛାପାଖାନା-ରେ ମୁଦ୍ରିତ ହୋଇ ପ୍ରଚାରିତ ହୋଇଅଛି । ଦକ୍ଷିଣ ପ୍ରଦେଶର ଓଡ଼ିଆ ଚଳୀ ପତ୍ର ଦେଖି ସେ ଅଞ୍ଚଳର ଓଡ଼ିଆଭାଷା ଏଠା ଲୋକଙ୍କୁ କଦର୍ଯ୍ୟ ବୋଧ ହୁଅଇ ମାତ୍ର ଏ ଜଣାଣ ଗଣ୍ଡିକ ପାଠ କରି ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ସେଠାର ସମ୍ଭ୍ରାନ୍ତ ସମାଜରେ ଓଡ଼ିଆ ଭାଷାର କିଛି ବିକୃତି ଜନ୍ମ ନାହିଁ । କେବଳ ଏ ଅଞ୍ଚଳ ଅପେକ୍ଷା ସେ ଅଞ୍ଚଳରେ ଦେଶ୍ୟ ଶବ୍ଦର କିଛି ଅଧିକ ବ୍ୟବହାର ଅଛି ଏବଂ ବର୍ଣ୍ଣମାଳାର ବିକୃତି ଅଧିକ ନାହିଁ । ପାଠକଙ୍କ ପ୍ରତ୍ୟୟ ନିମିତ୍ତ ଗୋଟିଏ ପଦ ଏଠା-ରେ ଉଦ୍ଧୃତ କଲୁଁ ଯଥା,—

"ଜାଣତ ସବୁ ତୁମ୍ଭେ    ଯେଉଁପେ ଅର୍ଦ୍ଧରାତ୍ରେ
ଜଣାଉଅଛ ଦୁଃଖ ମୁହିଁ ।
ଯେବେ ଜଗନ୍ନାଥ    ଜାଣି ଜାଣି ସମସ୍ତ
ରହିବ ଜଡ ପରି ହୋଇ । ହେ ମହାପ୍ରଭୁ ।
ତବ ଏ ଜୀବନ ଅଙ୍ଗରେ । ଜଗତେ ଅକୀର୍ତ୍ତି ତୁମ୍ଭର ।
ତବ ନାହିଁଟି କେବେ    କଳଙ୍କ ନେତ୍ର ଏବେ
ଜଗ ସେ କଥାକୁ ଶଙ୍କର । ହେ ମହାପ୍ରଭୁ । ୩"

---

## ସାପ୍ତାହିକସଂବାଦ ।

ଗତ ପୌଷରେ ଯେଉଁମାନଙ୍କର ଫାସି ଦଣ୍ଡ ହୋଇଅଛି ବୋଲି ଗତ ପତ୍ରିକାରେ ଲେଖିଥିଲୁଁ ତହିଁ ମଧ୍ୟରେ ଜଣେ ଅବଧାନ ଅଛି ସେ ଅପଣାର ଜଣେ ଛାତ୍ରକୁ ବ ସେ ସ୍ଥଳରେ ପଢ଼ିବାକୁ ଯାଇ ଥିଲା ବାହାରକୁ ଯିବା ବାହାନାରେ ସଙ୍ଗରେ ଡାକ ନେଇ ଜଙ୍ଗଲରେ ଚୁଡ଼ାଇ ମାରି ପକାଇଲା । ତାହା ଦେହରେ ସୁନା ରୂପାର ଅଳଙ୍କାର ଗୁଡିଏ ଥିଲା ତାହାର ତାହାର ମୃତ୍ୟୁର କାରଣ ହେଲା । ପିଲାମାନେ କେତେଥର ଅଳଙ୍କାର ହେତୁରୁ ଅବଧାନଙ୍କ ହାତରେ ମରାପଡି ଅଛନ୍ତି । ତଥାଚ ପିତାମାତାମାନେ ସାବଧାନ ହେଉ ନାହାନ୍ତି ବଡ଼ ଆଶ୍ଚର୍ଯ୍ୟ କଥା ।

ଗତ ସପ୍ତାହରେ ଏକଦିନ ଉତ୍ତମ ବୃଷ୍ଟି ହୋଇ ଥିଲା ତହିଁ ଉତ୍ତାରୁ ପ୍ରାୟ ପ୍ରତିଦିନ ମେଘ ବାହାରି ଠାବେ ଠାବେ ବର୍ଷା କରିବାରୁ ଶୀତଳପବନ ଯୋଗେ ଗ୍ରୀଷ୍ମର ଉତ୍ତାପ ଅନେକ ଊଣା ଅଛି ।

ଯାଜପୁରରେ କିଛି ଗ୍ରେଷ୍ମ ବଡ ପ୍ରବଳ ହୋଇଥିଲା । ପୁଲିସ ଏକ ଜଣ ସିପାହୀକୁ ମାଲ ସହିତ ଧରି ଅଣିବାରୁ ସେ ଦଣ୍ଡାଧୀନରେ ଅଛି । ଏ ବ୍ୟକ୍ତିର ଘର ଗଡରଣ ଅନ୍ତର୍ଗତ ତୋଡ଼ ଗଡ଼ିଆରେ ଅଟଇ । ବାଲେଶ୍ୱରର ଲୋ-କଙ୍କ ମଧ୍ୟରେ ଗ୍ରେଗ ଉଦ୍ବାସ ଅଧିକ ଥିବାର ଜଣା ଯାଏ ।

ବାଲେଶ୍ୱର ନର୍ମାଲ ସ୍କୁଲ ହେଡପଣ୍ଡିତ ବାବୁ ଗୋବିନ୍ଦ ପଟ୍ଟନାୟକଙ୍କୁ ତାହାଙ୍କ ବର୍ତ୍ତମାନ ବେତନ ଉପରେ ମାସକୁ ଟ ୨୦ ଙ୍କା ଲେଖାଏଁ ଭତ୍ତା ଦେବାକୁ ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ଅଛନ୍ତି । ବାଲେଶ୍ୱରର ପୂର୍ବ ଦୟାଳୁ ଓ ସୁବି-ଶ୍ରୁତ କଲେକ୍ଟର ବମିନ୍ ସାହେବଙ୍କ ଅନୁରୋଧରେ ଏହା ହୋଇଅଛି ଗୋବିନ୍ଦ ବାବୁଙ୍କର ଯଥେଷ୍ଟ ବେତନ ବୃଦ୍ଧି ହେବାରେ ଅମ୍ଭେମାନେ ଆନନ୍ଦିତ ହେଲୁଁ ।

ବ୍ରାହ୍ମଧର୍ମ ପ୍ରଚାରକ ଶ୍ରୀଯୁକ୍ତ ବାବୁ ଅଘୋରନାଥ ଗୁପ୍ତ ବାଲେଶ୍ୱରକୁ ଆସି ଅଛନ୍ତି । ସେ ପ୍ରଚାର କାର୍ଯ୍ୟାର୍ଥେ କାନ୍ଦି ମୁକାମରୁ ଆସିଥିଲେ । ବାଲେଶ୍ୱର ବ୍ରାହ୍ମସମାଜର ଆହ୍ୱାନ ଅନୁସାରେ ଏଠାକୁ ଆସି ଅଛନ୍ତି । ଏ ମହାଶୟ ଜଣେ ସୁବକ୍ତା ଓ ଭକ୍ତିମାନ ଲୋକ ଅଟନ୍ତି । ପୂର୍ବେ ବେଳେ ସେ ଏଠାକୁ ଆସିଥିଲେ । ଉ, ଦର୍ପଣ

ପୁଣି ସୋରେ ଉଦକାରେ ଡକାଇତି ହୋଇଅଛି । ଡକା-ୟେତମାନେ ଘରବାସୀ ଉପରେ ପ୍ରହେକ ସୁଲମ କରି ଥିବାର ଅମ୍ଭେମାନେ ଶୁଣୁ ଅଛୁଁ ।

ମୋଫସଲରେ ବସନ୍ତ ରୋଗ ଅବଧି ନିବର୍ତ୍ତ ହୋଇ ନାହିଁ । କିନ୍ତୁ ଏ ରୋଗର ମାଲସକଳବ ସାଇ ନାହିଁ ।

ଏକ ବ୍ୟକ୍ତି ପ୍ରତିଜ୍ଞା କଲେ ଯେ ସେ ଘୋଡ଼ା ଚଢ଼ି ସିଡିବାଟେ ଦୋତାଲ ଉପରକୁ ଉଠିବେ ଏବଂ ପୁନରାୟ ଓହ୍ଲାଇ ଆସିବେ । ତୁଇଲାର ପ୍ରଥମ ଅଂଶ ଏକପ୍ରକାର ସମାହିତ ହେଲା କିନ୍ତୁ ଘୋଡ଼ା ଆଉ ସିଡିବାଟେ ଓହ୍ଲାଇଲା ନାହିଁ । ମହା ବିଭ୍ରାଟ । ଯେତେ ମାହୁମାନେ ମଧ୍ୟ ଓହ୍ଲାଇବାକୁ ନ ଶୁଣିଲା । ଦିନ ଦିନ ଯାଏ ଘୋଡ଼ା ସେହି ଉପର ଘରେ ରହିଲା । ଶେଷରେ ଉପର ଘର କାନ୍ଥରେ କାଠର ଭଲ ବାନ୍ଧ ସେହି ବାଟେ ଅତି କଷ୍ଟରେ ଘୋଡାକୁ ତଳକୁ ଉତାରିବାକୁ ହେଲା । ଏଥିରେ ଅଶ୍ୱସ୍ୱାମୀର ଟ ୨୦୦୦ ଙ୍କା ବ୍ୟୟ ହୋଇଗଲା ମନ ତାମାସା ନୁହେ । ଏ, କେ,

ବମ୍ବେଇର ବର୍ତ୍ତମାନ ଗବର୍ଣ୍ଣର ସର୍ ଜେମ୍ସ ଫରଗୁସନଙ୍କର ସ୍କଟଲଣ୍ଡରେ ଯେଉଁ ଭୂମି ସମ୍ପତ୍ତି ଅଛି ତହିଁର ରକବା ମା ୨୨୭୬୦ ଣ ଏବଂ ଏଥିରୁ ବାର୍ଷିକ ଟ ୧୩୩୩୭ ଙ୍କା ଖଜଣା ଆଦାୟ ହୁଅଇ ।

ଅମ୍ଭମାନଙ୍କର ନୂତନ ଗବର୍ଣ୍ଣର ଜେନେରଲ ମାରକୁଇସ ଅବ ରିପନଙ୍କର ଭୂମି ସମ୍ପତ୍ତିର ରକବା ମା ୨୩୧୨୫ ଣ ଏବଂ ଏଥିର ବାର୍ଷିକ ଟ ୩୨୪୦୧ ଙ୍କା ଖଜଣା ଆଦାୟ ହୁଅଇ । ବିଲାତ ଭୂମି ସମ୍ପତ୍ତିର ଲାଭ କେମନ୍ତ ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

ମୃତ ବାବୁ ରାଜକୃଷ୍ଣ ହାଲଦାରଙ୍କ ଉପପତ୍ନୀର ପୁତ୍ରମାନେ ଉତ୍ତରାଧିକାରୀ ସ୍ୱରୂପ ଅଂଶ ଅଥବା ଜୀବନ ପୋଷଣ ପାଇବା ନିମିତ୍ତ କଲିକତା ହାଇକୋର୍ଟରେ ନାଲିଶ କରି ଥିଲେ ମାତ୍ର ବିଚାରପତି ଉଇଲସନ ସେମାନେ ରାଜକୃଷ୍ଣର ପୁତ୍ର ଥିବାର ପ୍ରମାଣ ନ ହେବାରୁ ତାହାଙ୍କ ଦାବି ଡିସମିସ୍ କଲେ । ଘୋ-ଇଲା ଅଥବା ରକ୍ଷିତା ସ୍ତ୍ରୀଙ୍କର ପୁତ୍ରମାନେ ଉତ୍ତରାଧିକାରୀ ହେବେ ଆଉ ବାଟ ଭଲି ନାହିଁ । ରାଜକୃଷ୍ଣ ପରି ଲୋକଙ୍କର ସାବଧାନ ହେବାର ଉଚିତ ।

କଲିକତାର ବାବୁ ଯେ ଏନ୍ ଘୋଷ ଗୋଟିଏ ନୂଆପ୍ରକାରର ବିଦ୍ୟାଳୟ ବସାଇ ଅଛନ୍ତି ଏଥିରେ ହିନ୍ଦୁ ବାଳକ ଓ ବାଳିକାଙ୍କ ପୁସ୍ତକ ବାନ୍ଧିବା ଅର୍ଥାତ୍ ଜିଲ୍ଦବନ୍ଦ କରିବାର ଶିକ୍ଷା ଦିଆ ଯାଏ । ଏ ଦେଶର ପୁସ୍ତକ ବନ୍ଧାଇବା ବ୍ୟବସାୟକୁ ଉନ୍ନତ କରିବା ଏବଂ ତଦ୍ୱାରା ଗରିବ ଲୋକଙ୍କ ଜୀବିକା ନିର୍ବାହର ଗୋଟିଏ ନୂଆ ଉପାୟ ସ୍ଥିର କରିବା ଏଥିର ଉଦ୍ଦେଶ୍ୟ ଅଟଇ । କଥିତ ହୁଅଇ ଯେ ଏଥିମଧ୍ୟରେ କେତେ ଗୁଡିଏ ପତିତା ସ୍ତ୍ରୀ ପାପ ପଥ ପରିତ୍ୟାଗ କରି ଜୀବିକା ନିର୍ବାହର ଉକ୍ତ ଉପାୟ ଲାଭ କରୁଅଛନ୍ତି । ଅମ୍ଭେମାନେ ଆଶା କରୁଁ କି ଏରୂପ ପ୍ରକାର ଶିଳ୍ପ ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ହେଉ ତାହା ହେଲେ ଦେଶର ପ୍ରକୃତ ଉପକାର ହେବ ।

ମହୀସୁର ରାଜ୍ୟ ମଧ୍ୟରୁ ଏକ ଥରରେ ଦଶ ସେରରୁ ଅଧିକ ଲବଣ ଆମଦାନି ହେବାର ଗବର୍ଣ୍ଣମେଣ୍ଟ ନିଷେଧ କରି ଅଛନ୍ତି ଅସ୍ତ୍ର ଶସ୍ତ୍ର ସମ୍ପର୍କୀୟ ଅଇନାନୁସାରେ ଏ ଆଜ୍ଞା ବାହାରି ଅଛି ।

ମଧ୍ୟ ଦେଶରେ ପଶୁ ରୋଗ ଅବଧି ରହି ଅଛି । ବାଲାଘାଟରେ ୫୧୮ ପଶୁ ରୋଗାକ୍ରାନ୍ତ ହୋଇ ତହିଁ ମଧ୍ୟରୁ ୨୧୮ ମାରି ଯିବାର ଜଣା ଯାଏ ।

ରେଲଓଏ ଏବଂ ଅନ୍ୟାନ୍ୟ ବଡ଼ କାରଖାନାରେ କର୍ମ କ-

Digitized by srujanika@gmail.com

ଲୁଣିଆ ମିସ୍ତ୍ରୀଙ୍କ ଉପରେ ଲାଇସେନ୍ସ ଟାକସ ବସିବ କି ନାହିଁ ଏହି ପ୍ରଶ୍ନ ହେବାରୁ ବୋର୍ଡ ରେବନ୍ୟୁ କହୁଅଛନ୍ତି ଯେଉଁ ମିସ୍ତ୍ରୀମାନେ କର୍ମ ଠିକା ନିଅନ୍ତି ଅର୍ଥାତ ଏତେ କର୍ମକଲେ ଏତେ ପାଇବେ ସେମାନେ ଟାକ୍ସ ଦେବାକୁ ବାଧ୍ୟ ହେବେ। କେବଳ ବେତନ ଭୋଗୀ ମିସ୍ତ୍ରିମାନେ ତାହା ଦେବେ ନାହିଁ ।

ସମ୍ବଲପୁର ବଲାସପୁର ପ୍ରଭୃତି ସ୍ଥାନମାନଙ୍କରେ ବସନ୍ତ ରୋଗ ଅବଧି ଲାଗି ରହି ଅଛି କିନ୍ତୁ କୌଣସିଠାରେ ଓଲାଉଠାର ପ୍ରାଦୁର୍ଭାବ ନାହିଁ ।

କାବୁଲ ନଗର ଇଂରାଜଙ୍କ ହସ୍ତଗତ ହେବାରୁ ସିନ୍ଧିଆ ମହାରାଜା ୩୧ ତୋପ ସଲାମି ଦେଇ ଥିଲେ ।

ପାଟନା ଜିଲର ଜଜ ଅପଣା ସିରସ୍ତାଦାରଙ୍କୁ ମାକୁଲ କରି ଅଛନ୍ତି ଅପରାଧର କଥା କିଛି ପ୍ରକାଶ ପାଇ ନାହିଁ ।

ଶ୍ରୀଯୁକ୍ତ ବକଲାଣ୍ଡ ସାହେବ ଯେ କି ବର୍ତ୍ତମାନ ପ୍ରେସ କମିଶନର ପଦରେ ଅଛନ୍ତି ବଙ୍ଗଳାର ସେକ୍ରେଟେରି ଓ ଷ୍ଟାମ୍ପ ମହାଲମାର ସୁପରିଣ୍ଟେଣ୍ଡେଣ୍ଟ ହୋଇ ଅଛନ୍ତି । ପ୍ରେସ୍ କମିଶନର ପଦ ଉଠି ଯିବ ବୋଲି କଥିତ ହୁଅଇ ।

ବୋର୍ଡର ପ୍ରଧାନ ମେମ୍ବର ଶ୍ରୀଯୁକ୍ତ ଡାମ୍ପିୟର ସାହେବ ମା ୬ । ୨° ଛୁଟି ନେଇ ଅଛନ୍ତି ।

ରାଜସାହି କଲେଜରେ ଆଇନ ଶିକ୍ଷାର ଶ୍ରେଣୀ ସ୍ଥାପନ କରିବା ନିମିତ୍ତ ରାମନଜମୋହନ ଦେବୀ ୨° ହଜାର ଟଙ୍କାର ଗବର୍ଣ୍ଣମେଣ୍ଟ କାଗଜ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ହସ୍ତରେ ଅର୍ପିତ କରି ଅଛନ୍ତି । ଏ ପ୍ରକାର ଦାନ କେତେ ପ୍ରଶଂସନୀୟ ଅଟଇ ।

ଇସିପ୍ରାରେ ସମ୍ପ୍ରତି ଏକ ବ୍ୟକ୍ତି ମରି ଗଲା ଯେ ତାହାର ବୟସ କି ୧୧୮ ବର୍ଷ ହୋଇ ଥିଲା ଏବଂ ତାହାକୁ କବର ଦେବାବେଳେ ତାହାଠାରୁ ଉତ୍ପନ୍ନ ହୋଇ ଥିବା ନ ୨୩୬ ଜଣ ଲୋକ ଉପସ୍ଥିତ ଥିଲେ । କେତେ ଭାଗ୍ୟବନ୍ତ ଲୋକ ହୋଇଥିବ ତ ?

ଉପନ୍ୟାସ ।

କେହି ଲୋକ ରେଲ୍ ଷ୍ଟେସନ ଯୋଗେ ଗାଈ ସ୍ଥାନାନ୍ତରକୁ ପଠାଇବା ସକାଶେ ରେଲ୍ ଷ୍ଟେସନକୁ ନେଇଗଲା । ଷ୍ଟେସନ ମାଷ୍ଟରକୁ ଭଡାକଥା ପଚାରିବାରେ ସେ ଇଷ୍ଟ ଦେଖିଲେ । ଷ୍ଟେସନ ମାଷ୍ଟର ସେ ତାଲିକା ଲେଖ ଦୃଷ୍ଟରେ ଗୋରୁ ସକାଶେ ପ୍ରଥମ ଶ୍ରେଣୀ ପଥିକର ସମାନ ଭଡା ଲେଖା ଥିବାର ଦେଖି ବଡ଼ ଆନନ୍ଦ ଓ ଭକ୍ତି ସହିତ କହିଲେ କି ଇଂରାଜମାନଙ୍କ ଯେଉଁମାନେ ହେଲାଛିଆ ବୋଲି ନିନ୍ଦା କରନ୍ତି ସେ ଅତି ଅଧମ ସେମାନଙ୍କର ଗୋରୁ ପ୍ରତି ଭକ୍ତି ଅଛି ବୋଲି ପ୍ରଥମ ଶ୍ରେଣୀର ଭଡାନିର୍ଣ୍ଣୟ କରିଅଛନ୍ତି । ବାସ୍ତବରେ ଗୋରୁ ମନୁଷ୍ୟର ପୂଜ୍ୟଦେବତା ଅଟନ୍ତି ଏହାଙ୍କର ଭଡା ମନୁଷ୍ୟଠାରୁ ଉଣା ହୋଇ ନ ପାରେ ଏହା କହି ଗାଈକୁ ପ୍ରଥମ ଶ୍ରେଣୀର ଟିକଟ ଗାଡ଼ିର ଭିତରେ କାହିଁକିଲ ଯୋଗାଏ ପ୍ରଥମଶ୍ରେଣୀର ଟିକଟ କି ଯହିଁ ରେ ଉତ୍ତମ କର୍ମନିର୍ମିତ ଗଦ ଦିଆ ଯାଇଥାଏ ତହିଁ ନିକଟକୁ ନେଇଯାଇ କହିଲେ ମା ଭଗବତି ଏହିଠାରେ ବିରାଜମାନ ହୁଅନ୍ତୁ । ଗାଈ ସେପରି ଗଦି ଦେଖି ଟିକଟ ରେ ଉଠିବାକୁ ସାହସ କଲା ନାହିଁ । ଷ୍ଟେସନ ମାଷ୍ଟର କୃଥା-ଜ୍ଞ ଭାବରେ ସବିଶେଷରେ ପଠାଣ ସଇସିମାନେ ଥିବି ତାହାଙ୍କୁ ନେଇ ଟେକିବାକୁ କେଶରୀ ସଦୃଶ ଟିକଟ ଉପରେ ପ୍ରବେଶ କରି ଏକ୍ କମ୍ପାର୍ଟମେଣ୍ଟରେ ମନ ମୁକ୍ତ ଧାଇଁଲା । ଷ୍ଟେସନ ମାଷ୍ଟର ତାହା ଦେଖି ବଡ଼ ଦୁଃଖିତ ହେଲେ କାରଣ ତାହାଙ୍କର ପ୍ରଜନ୍ମ ହେଲା ସେମାନଙ୍କୁ ମୁସଲମାନଙ୍କୁ ଦେଖିଲେ ଭୟରେ ପ୍ରଥମ ଶ୍ରେଣୀର ଗୁହାର ପଦକୁ ନଷ୍ଟ କଲେ ନିମାହିଲେ ଅନନ୍ତରେ ବସିଥାନ୍ତେ । ଏଥିମଧ୍ୟରେ ବ୍ରହ୍ମଲ ...

ଜୁଟ ବାହାଦୁରସ୍ ଏବଂ ଅନ୍ୟ କୌଣସି ସ୍ଥାନର ଷ୍ଟେସନ ମାଷ୍ଟର ଏ ଅକ୍ଷୁତ କାଣ୍ଡ ଦେଖି ଗାଈକୁ ତହିଁରୁ ବାହାର କରି ଯଥାସ୍ଥାନ ଅର୍ଥାତ ପଶୁଙ୍କ ଶକଟରେ ଉଠାଇଲେ ଏବଂ ଏଥିର ରିପୋର୍ଟ କରିବାରେ ଯେଉଁ ଷ୍ଟେସନ ମାଷ୍ଟର ପ୍ରଥମେ ପଠାଇଥିଲେ ସେ ତିରସ୍କାର ପାଇଲେ । ଏପରି ବ୍ୟବହାର ସକାଶେ ଏହି ଷ୍ଟେସନ ମାଷ୍ଟର ଏକା ଉପହାସର ପାତ୍ର ଏମନ୍ତ ନୁହେ ବାସ୍ତବରେ ସମସ୍ତରେ ଏକ ଲୋକ ଗୋରୁ ପ୍ରଭୃତି ପଶୁକୁ ମନୁଷ୍ୟ ତୁଲ୍ୟ ଅଥବା ସାଧାରଣ ମନୁଷ୍ୟଠାରୁ ଅଧିକ ଜ୍ଞାନ କରି ଭକ୍ତି ଭାବରେ ତାହାର କାର୍ଯ୍ୟରେ ବନ୍ଧେଇ ହୋଇ ପଡନ୍ତି ।

## ପ୍ରେରିତ ପତ୍ର ।

ପରମ ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ ।

ନିମ୍ନଲିଖିତ କେତୋଟି ପଂକ୍ତିକି ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସଂଶୋଧନ ପୂର୍ବକ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।

ସରକାର ବାହାଦୁର ଆପଣା ଖଜଣା ଆଦାୟ କାରଣ ଚତୁର୍ଦ୍ଦିସ୍ତ କିସ୍ତବନ୍ଦୀ ଅର୍ଥାତ୍ ଅପ୍ରେଲ ମାସ ତା ୨୮ ରିଖ ଓ ନବମ୍ବର ମାସ ତା ୮ ରିଖ ଧାର୍ଯ୍ୟ କରିବାରୁ ସେ ତାରିଖମାନଙ୍କରେ ଜମିଦାରମାନେ ଆପଣା ଜମିଦାରୀ ରକ୍ଷା କରିବା ସକାଶେ ପ୍ରଜାମାନଙ୍କଠାରୁ ଓ ଅନ୍ୟ ଉପାୟମାନଙ୍କଦ୍ୱାରା ସରକାରଙ୍କ କରୁପିତ ତାରିଖମାନଙ୍କରେ ଖଜଣା ଆଦାୟ କରୁଅଛନ୍ତି ମାତ୍ର ମୋଫସଲରେ ଜମିଦାରମାନେ ଯେଉଁ ଟଙ୍କା ପ୍ରଜାମାନଙ୍କଠାରୁ ଅସୁଲ କରନ୍ତି ତହିଁରେ ଟଙ୍କା ଅପେକ୍ଷା ତାମ୍ରମୁଦ୍ରା ଅର୍ଥାତ୍ ପଇସା ବହୁତ ଅନଦାମୀ ହୁଏ ଏରୂପ କି ଏକ ଜମିଦାରମାନେ କିସ୍ତବନ୍ଦୀ ସମୟରେ ଦୁଇ ଦୁଇଶ ଟଙ୍କାର ପଇସା ପ୍ରଜାମାନଙ୍କଠାରୁ ଆଦାୟ କରନ୍ତି ମାତ୍ର ସରକାରଙ୍କ ସ୍ୱଜକୋଷରେ ଉକ୍ତ ତାମ୍ରମୁଦ୍ରା ଗ୍ରହଣ ନ ହେବାରୁ ଜମିଦାରମାନେ ଉକ୍ତ ପଇସା ବଦଳାଇ ଟଙ୍କା କରିବାକୁ ଅନେକ କଲମ୍ ହୁଏ ଓ ଭଲିମନ୍ତେ ସେମାନଙ୍କୁ ଅନେକ କ୍ଲେଶ ଅନର୍ଥକ ସହିବାକୁ ପଡେ ଯଦି ଉକ୍ତ ପଇସା ଜମିଦାରମାନଙ୍କଠାରୁ ସରକାର ଗ୍ରହଣ କରନ୍ତି ତେବେ ଜମିଦାରମାନେ ବିନା କ୍ଲେଶରେ ଟଙ୍କା ଓ ଅଧୁଲି ଓ ସୁକି ଓ ଦୋଣି ଓ ପଇସା ଇତ୍ୟାଦି ସରକାରଙ୍କ ସ୍ୱଜକୋଷରେ ଦାଖଲ କରି ଆପଣା ୨ ଜମିଦାରୀ ରକ୍ଷା ପକ୍ଷରେ ଯତ୍ନବାନ ହୁଅନ୍ତେ ଇମସ୍ତକଂ ମିଦ ।

୧୯।୫।୮୦ { ନିବେଦକ ବ୍ରଜକୁମାର ଘୋଷ

## ବିଜ୍ଞାପନ ।

କଟକଠାରୁ ଓ ବଗରର ମଧ୍ୟରେ ମନୁଷ୍ୟ ଯାତାୟାତର ଜାହାଜ ଭଡା କି ଇଷ୍ଟ ଇଣ୍ଡିଆନ ଷ୍ଟିମ ନେବିଗେସନ କମ୍ପାନୀ ପୂର୍ବେ ଯାହା ନେଉଥିଲେ ବର୍ତ୍ତମାନ ତାହା ଉଣା କରିବାରୁ ଉକ୍ତ କମ୍ପାନୀର ଏଜେଣ୍ଟ ଗୁଲକ୍ ବେଲ୍ଟନ କମ୍ପାନୀ ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛନ୍ତି କି ସେମାନେ ଗଲାଅଦିତ ଦରରେ ଜାହାଜ ଭଡାର ଟିକଟମାନ ଜାରି କରିବାକୁ ପ୍ରସ୍ତୁତ ଅଛନ୍ତି ଯଥା;—

| | | | |
|---|---|---|---|
| ପ୍ରଥମ ଶ୍ରେଣୀ | କଟକରଠାରୁ | ଫଲସ୍‌କଟାରୁ | ଟ ୨୫୯ |
| ଦ୍ୱୀତୀୟ ଶ୍ରେଣୀ | ଏଜନ | ଏଜନ | ଟ ୧୨୫ |
| ଉପରେ ବସିବା ଲୋକ | " | ଏଜନ | ଟ ୨୯ |

ଉପର ଲିଖିତ ଦର ବୃଦ୍ଧିରେ କଟକଠାରୁ କଲିକତାକୁ ଯିବାର ଜାହାଜ ଭଡା ଖାଦ୍ୟସାମଗ୍ରୀ ଛଡା ତଲଲିଖିତ ରୂପେ ନିଅଯିବ ଯଥା;—

| | | |
|---|---|---|
| ୧ମ ଶ୍ରେଣୀ | ଏକଜଣ ଦୁଇ ଶ୍ରକର ସହିତ | ଟ ୨୫୯ |
| ୨ୟ ଶ୍ରେଣୀ | " ଏକ ଶ୍ରକର " | ଟ ୧୨୫ |
| ଉପରେ ବସିବା ଲୋକ ... | ... ... | ଟ ୨୯ |

## NOTICE.

To Rajahs, Zamindars, & Capitalists.

For sale the new Bunglow with outhouses and Packa well &c. attached thereto on the sea beach at Pooree, just close to the Cutcherry, and not far from the temple even, belonging to the undersigned, well suited for residence of European or Native gentlemen with or without family, built only last year at a cost of above Rs. 2500 the house is worth fetching a monthly rent of at least Rs. 40. For other particulars apply to the undersigned at Nayasarak.

Sitakant Mookerji
*Dy. Magistrate*
*Cuttack.*

ପୁରୀରେ ସମୁଦ୍ର ଧାରରେ କଚେରୀର ସନ୍ନିକଟ ଓ ଶ୍ରୀମନ୍ଦିରରୁ ଅନତିଦୂରରେ ଏକ ଅତି ନୂତନ କୋଠି ଓ ତହିଁ ସଙ୍ଗରେ ଲାଗେ ଘର ଓ ପକା କୂଅ ଓ ଇତ୍ୟାଦି ବିକ୍ରୟ କରିବି ଉକ୍ତ ଘର ପରିବାର ସହିତ ଅଥବା ବିନା ପରିବାରରେ ଇଂରେଜ ଅଥବା ଦେଶୀୟ ଭଦ୍ର ବ୍ୟକ୍ତିଙ୍କ ବାସସ୍ଥାନର ଅତି ଉପଯୁକ୍ତ ଅଟେ । ତାହା ଗତ ବର୍ଷ ଟ ୨୫୦୦ ରୁ ଉର୍ଦ୍ଧ ବ୍ୟୟରେ ନିର୍ମିତ ହୋଇ ଅଛି । ତହିଁରୁ ମାସିକ ଟ ୪୦ ର ନ୍ୟୁନ ଭଡା ମିଳ ପାରେ ।

ଅନ୍ୟ ବୃତ୍ତାନ୍ତମାନ ଆମଠାରୁ ବୁଝି ପାରିବ । ମୁ । କଟକ ନୟାସଡକ । ତା ୧୨ ଋଷ ମେ ସନ ୧୮୮୦ ।

ସୀତାକାନ୍ତ ମୁଖର୍ଜି
ଡେପୁଟି କଲେକ୍ଟର

ଏହି ଉତ୍କଳଦୀପିକା ସହର କଟକ ଉଦ୍ଧାବଜାର ସ୍ଥିତ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

REGISTERED NO. 1

10।

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଶ
ସଂ ୨୩ ଶ୍ୟା

ତା ୫ ଋଣ ମାହେ ଜୁନ ସନ ୧୮୮୦ ମସିହା । ମୁ । ଜ୍ୟେଷ୍ଠ ଦ ୨୪ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୪

ନୂତନ ଗବର୍ଣ୍ଣର ଜେନରଲ ଲର୍ଡ ରିପନ ଗତମାସ ତା ୩୧ ଦିନରେ ବମ୍ବେଇରେ ଜାହାଜରୁ ଓହ୍ଲାଇ ଯଥାସମ୍ମାନ ସହିତ ନଗରରେ ପ୍ରବେଶ କଲେ ସମ୍ପ୍ରତି ରେଲବାଟେ ସିମଲକୁ ଯାତ୍ରା କରିଅଛନ୍ତି ।

—*—

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ କୋଠାରିର ବାବୁ ନମାଇଚରଣ ବୋଷ ରାୟ ବାହାଦୁର ଫଷ୍ଟେଟ ସାହେବଙ୍କ ମନୋନୀତ ସର୍ମ୍ମର୍ଦ୍ଦୀୟ ଫଣ୍ଡ ନିମିତ୍ତ ଟ ୨୦୧ ଙ୍କା ଚେନ୍ଦା ଦେଇଅଛନ୍ତି ଏ ଟଙ୍କା ସହିତ ମୋଟ ଚେନ୍ଦା ଟ ୬୩୦୦। ଙ୍କା ହୋଇଅଛି ।

———

ଗତସପ୍ତାହର କଲିକତା ଗଜେଟରେ ବଙ୍ଗଳାର ବଜେଟ ବାହାରିଅଛି । ତହିଁରେ ଅମ୍ଭେମାନେ ଦେଖିଲୁଁ ଯେ ଚଳିତବର୍ଷ ନିମିତ୍ତ ଆୟ ଟ ୧୬,୨୯,୬୫୦୦୦ଙ୍କା ଏବଂ ବ୍ୟୟ ଟ ୬,୯୮,୬୫,୦୦୦ଙ୍କା ଅନୁମିତ ହୋଇଅଛି । ଅର୍ଥାତ୍ ବଙ୍ଗଳାର ରାଜସ୍ୱର ଉଦ୍‌ବର୍ତ୍ତ ଟ ୧୦,୨୦,୯୬୦୦୦ ଙ୍କା ହେବ ।

———

ବ୍ରହ୍ମରାଜ୍ୟରେ ବିବାଦ ଆରମ୍ଭ ହେବାର ସମ୍ବାଦ ଆସିଅଛି ଏକଜଣ ରାଜପୁତ୍ର ଯେ କଲିକତାକୁ ପଳାଇଆସି ରାଜା ଥିବଙ୍କ ହାତରୁ ରକ୍ଷା ପାଇଥିଲେ ସମ୍ପ୍ରତି ଆପଣା ଅଧୀନସ୍ଥ ଲୋକଙ୍କ ସହିତ ଏହି ବିଦ୍ରୋହର ପ୍ରଧାନ ପ୍ରବର୍ତ୍ତକ ହୋଇ ଅଛନ୍ତି । ବିଦ୍ରୋହିମାନେ ଗୋଟିଏ ଗ୍ରାମକୁ ପୋଡିଦେଇ ଅଛନ୍ତି । ରାଜା ଥିବଙ୍କର ଅତ୍ୟାଚାର ଏଥିର କାରଣ ଅଟଇ । ବାସ୍ତବରେ ଏମନ୍ତ ନୃଶଂସର ଶାସନ କେତେକାଳ ସ୍ଥାୟୀ ହେବ । ଶୀଘ୍ର ଏହାଙ୍କର ରାଜ୍ୟ ଶେଷ ହେଲେ ପ୍ରଜାଙ୍କ କୁଶଳ ହେବ ।

———

ଏକ ତାରସମ୍ବାଦରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ଭାରତବର୍ଷର ସୈନ୍ୟାଧ୍ୟକ୍ଷ ସର ହେନରି ସାହେବ ଇସ୍ତଫା ପଠାଇ ଅଛନ୍ତି । ଏଥିର କାରଣ ଏହିରୂପ କଥିତ ହୁଅଇ ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଅଫଗାନସ୍ଥାନର ଯୁଦ୍ଧକ୍ଷେତ୍ରର ଭାର ନେବାକୁ ଅସ୍ୱୀକାର କଲେ । ସୈନ୍ୟାଧ୍ୟକ୍ଷ ଯେବେ ଯୁଦ୍ଧକ୍ଷେତ୍ରରେ ଅଥବା ଯୁଦ୍ଧର ସଭାରେ ବସି ଯୁଦ୍ଧ ଚଳାଇ ନ ପାରିଲେ ତେବେ ତାହାଙ୍କର ମର୍ଯ୍ୟାଦା ହାନି ହେବାର ଅବଶ୍ୟ ଅନୁଭବ ହୋଇପାରେ । ଲର୍ଡ ଲିଟନଙ୍କ ହେତୁରୁ ଏପ୍ରକାର ଘଟିଅଛି ।

———

ଏଠା କଲେକ୍ଟରୀ ସିରସ୍ତାଦାରୀ କର୍ମରେ ବାବୁ ଜଗନ୍ମୋହନ ଲାଲ ସବ୍ ଡେପୋଟୀ କଲେକ୍ଟରଙ୍କୁ ଓ ତାଙ୍କ କର୍ମରେ କଲେକ୍ଟରୀ ହେଡ କିରାଣୀ ବାବୁ କ୍ଷେତ୍ରମୋହନ ମୁଖୁର୍ଯ୍ୟାଙ୍କୁ ନିଯୁକ୍ତ କରିବାର ଶ୍ରୀଯୁତ କଲେକ୍ଟର ସାହେବ ପ୍ରସ୍ତାବ କରିଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଏ ବନ୍ଦୋବସ୍ତ ଅତି ଉତ୍ତମ ହୋଇଅଛି ଓ ଏଥିରେ ଅମ୍ଭେମାନେ ଆନନ୍ଦିତ ହୋଇ ଅଛୁଁ । ଅମ୍ଭେମାନେ ଭରସା କରୁଁ ଶ୍ରୀଯୁତ କମିଶନର ସାହେବ ଏ ପ୍ରସ୍ତାବର ଅନୁମୋଦନ କରିବେ । ଏଠାର ତିନି ପ୍ରଧାନ ମହକୁମା ଅର୍ଥାତ୍ କମିଶନରୀ ଜଜ ଓ କଲେକ୍ଟରୀ ସିରସ୍ତାଦାର ପଦରେ ଇଂରେଜୀ ଶିକ୍ଷିତ ଉପଯୁକ୍ତ ବ୍ୟକ୍ତିମାନେ ନିଯୁକ୍ତ ହେଲେ ବଡ ସୁଖର ବିଷୟ ।

———

ଅଳ୍ପ ବେତନଭୋଗୀ ଅମଲାଙ୍କ ବଦଳି ହେବାର ନିୟମଦ୍ୱାରା ସେମାନଙ୍କର ବଡ଼ କଷ୍ଟ ହୁଅଇ କିନ୍ତୁ ସମୟ ସମୟରେ କେହି କେହି ଅମଲା ଏମନ୍ତ କାର୍ଯ୍ୟ କରନ୍ତି ଯେ ସେଥିରେ ସେମାନଙ୍କର କଷ୍ଟରେ କାହାରି ଦୁଃଖ ନ ହୋଇ ବରଂ ସାଧାରଣ ଉପକାର ହୁଅଇ । ଏହି ବିବେଚନାରେ ସମ୍ପ୍ରତି ପୁରୀ କମରୀ ଇଲାକାର ଅମଲାଙ୍କ ବଦଳରେ ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଅମ୍ଭେମାନେ ସ୍ୱୟଂ ଅନୁଭବଦ୍ୱାରା ଦେଖିଅଛୁଁ ଯେ ଏଠାର କେହି୨ ପ୍ରଧାନ ଅମଲାର ସାହାସ ଏତାଦୃଶ ଯେ ଆପଣାମାନଙ୍କ ଅଙ୍କାଳୁ ଗୋପନ କରି ବ୍ୟକ୍ତି ବିଶେଷର ଅଥବା ତଦ୍ୱାରା ଆପଣା ଲାଭ ନିମିତ୍ତ ସରକାରୀ ଧନର ଅପବ୍ୟୟ କରୁ ଅଛନ୍ତି ଏମାନଙ୍କୁ ସାବଧାନ ହେବାର ଉଚିତ ।

———

Digitized by srujanika@gmail.com

Split by PDF Splitter



ଲଣ୍ଡନନଗରରୁ ଆସିଥିବା ଗତମାସ ତା ୨୭ ଋଖର ସମ୍ବାଦରେ ଦେଖାଗଲା କି ଭାରତବର୍ଷର ସୁଶାସନ ବିଷୟକ ସନ ୧୮୫୮ ସାଲର ଆଇନର ବିଧିମାନଙ୍କ ସମ୍ପର୍କରେ ଗୋଟିଏ ଅନୁସନ୍ଧାନ କମିଟି ବସାଇବାକାରଣ ପାର୍ଲିମେଣ୍ଟର ଆଗାମୀ ଅଧିବେଶନରେ ପ୍ରସ୍ତାବ କରିବେବୋଲି ଭାରତବର୍ଷୀୟ ସେକ୍ରେଟରୀ କହିଅଛନ୍ତି ।

---

ସୁପଡାର ଯେଉଁ ଖୁନ ମୋକଦମାରେ ଦୁଇଜଣ ଆସାମୀ ଫାଶୀ ଏବଂ ଏକଜଣ ଯାବଜ୍ଜୀବନ କାରାବାସ ଦଣ୍ଡ ପାଇଥିଲେ ତହିଁ ମଧ୍ୟରୁ ଏକଜଣ ଆସାମୀ ଅନନ୍ତରାମ ସିଂ ଫାଶୀ ପାଇବା ପୂର୍ବ ଜଜ ସାହେବଙ୍କ ନିକଟରେ ଏହିପରି ଦରଖାସ୍ତ କଲା କି ତାହା ସଙ୍ଗେ ଯେଉଁ ଦୁଇଜଣ ଦଣ୍ଡ ପାଇଅଛନ୍ତି ସେମାନେ ନିର୍ଦ୍ଦୋଷୀ ଅଟନ୍ତି ଏବଂ ପ୍ରକୃତରେ ଯେଉଁ ଦୁଇଜଣ ତାହା ସଙ୍ଗେଥାଇ ଖୁନ କରିଥିଲେ ସେମାନଙ୍କୁ ପୁଲିସ ଧରି ନାହିଁ । ଏ ଦରଖାସ୍ତ ଗବର୍ଣ୍ଣମେଣ୍ଟଙ୍କୁ ଯିବାରୁ ସେଠାରୁ ଏଥିର ଅନୁସନ୍ଧାନ କରିବାର ଆଦେଶ ଆସିଅଛି । ମାତ୍ର ଏଥି ମଧ୍ୟରେ ଅନନ୍ତରାମର ଫାଶୀ ହୋଇ ଗଲାଣି । ଆମ୍ଭମାନଙ୍କ ବିବେଚନାରେ ଅନୁସନ୍ଧାନର ସାହାଯ୍ୟ ନିମିତ୍ତ ତାହାର ଫାଶୀ ଦଣ୍ଡ କେତେଦିନ ସ୍ଥଗିତ ରହିବାର ଉଚିତ ଥିଲା ।

---

ପ୍ରାୟ ଏକମାସ ଜମା ଉର୍ଦ୍ଧ୍ୱକାଳରୁ ଏ ନଗରସ୍ଥ ସଡକମାନ ମରାମତି ହେବା କାରଣ ସଡକ ପାଖରେ ଗୋଡ ଜମା ହେଉଅଛି ଅଦ୍ୟାପି କର୍ମ ଲାଗିବାର ନାହିଁ । ଏଥିରେ ପଥିକମାନଙ୍କର ବଡ କଷ୍ଟ ହେଉଅଛି । ଅନ୍ଧାର ରାତ୍ରରେ କେତେ ଲୋକ ଝୁଣ୍ଟି ପଡବାର ଆମ୍ଭେମାନେ ଦେଖିଅଛୁଁ । ଏକଜଣ ମୋଟିଆ କାହାର ଏକହାଣ୍ଡି ଦ୍ରବ୍ୟ ନେଇ ଯାଉଥିଲା ଗୋଡ ଗଦାରେ ଝୁଣ୍ଟିପଡି ଗୋଡ଼ ଛେଚା କଲା ଏବଂ ହାଣ୍ଡିର ଦ୍ରବ୍ୟସବୁ ମାଟିରେ ବୁଣିଯାଇ ନଷ୍ଟ ହୋଇ ଗଲା ସୁତରାଂ ମୂଲର ବରସାମୁହା ଗଲା । ମିଉନିସିପାଲିଟିର କର୍ତ୍ତୃପକ୍ଷମାନଙ୍କର ଏ ବିଷୟରେ ବିବେଚନାର ଗ୍ରାସ କିଛି ଦେଖା ଯାଏ । ଯେଉଁ ସହରରେ ସଡକ ପାଖରେ ଅଳ୍ପ ଥାଏ ସେଠାରେ ବରଂ ଏ ପ୍ରକାର କାର୍ଯ୍ୟ ଚଳି ପାରେ କିନ୍ତୁ କଟକ ପରି ସହରରେ ତାହା କରିବା ସାଧାରଣ କଷ୍ଟଜନକ ବ୍ୟାପାର ଅଟଇ । ଏଠାରେ ଗୋଡ ଜମା କରିବା ସଙ୍ଗେ ୨ କର୍ମ ଆରମ୍ଭ କରିବାର ଉଚିତ । ଆମ୍ଭେମାନେ ଆଶା କରୁଁ ଯେ ମିଉନିସିପାଲିଟି ଏଥି ପକ୍ଷରେ ଦୃଷ୍ଟି କରିବେ । ଆମ୍ଭମାନଙ୍କ ବିବେଚନାରେ ଏପ୍ରକାର କାର୍ଯ୍ୟ ନିମିତ୍ତ ମିଉନିସିପାଲିଟି ଶେଷାରଭର ଦାୟୀ ହୋଇ ପାରନ୍ତି ।

---

ଚନ୍ଦନଯାତ୍ରା ।

ଏ ପର୍ବ ଗତ ମଙ୍ଗଳବାର ଶେଷ ହେଲା । ଏ ନଗରରେ ବିନୋଦବିହାରୀଙ୍କ ଯାତ୍ରା ସର୍ବାପେକ୍ଷା ପୁରାତନ ମାତ୍ର ଠାକୁରଙ୍କ ଜମିବାଡି କିଛି ନାହିଁ କେବଳ ବେଦା ଉପରେ ନିର୍ଭର ସୁତରାଂ ଦିନକୁ ଦିନ ସମୟ କଠିନ ହେବାରୁ ପୂର୍ବ ପ୍ରାପ୍ତ ବେଦା ନ ଉଠିବାରୁ ଯାତ୍ରାର ଆଡମ୍ବର ଅନେକ ଊଣା ପଡୁଅଛି । ଏଥର କେବଳ ପଞ୍ଚମୀ ଯାଇନ ହେଲା ଓ ଶେଷଦିନ ବଜାରମାନଙ୍କର ଦୁଇ ଟ୍ରଷ୍ଟି କାଳ ବାହାର ଥିବାରୁ ତହିଁ ପଛରେ ମାତ୍ର ଗୁଡିଏ ଯାତ୍ରା ହୋଇଥିଲେ । ଗଙ୍ଗାମନ୍ଦିରର ଚନ୍ଦନଯାତ୍ରା ପୂର୍ବ ବ ୨୨ ନ ହୋଇଥିଲା ମାତ୍ର ଏଠା ଯାତ୍ରା ଏମନ୍ତ ନିକୃଷ୍ଟ ଅବସ୍ଥାକୁ ଆସିଅଛି ଯେ ତାହାକୁ ଯାତ୍ରା ବୋଲିବା ବିଡମ୍ବନା । ହେର୍ଣ୍ଣଗିର ମଠ ଏଠାର ଗୋଟିଏ ଧନଶାଳୀ ମଠ ମାତ୍ର ଦୁଇ ଚେଲା ମଧ୍ୟରେ ମାମଲା ମୋକଦମା ହୋଇ ମଠର ସମ୍ପତ୍ତି ଉଚ୍ଛନ୍ନ ଓ ଶେଷରେ ଦେବ ସେବା ସକାଶେ ଟଙ୍କା ରହିଲା ନାହିଁ । ଧର୍ମାର୍ଥ ନିୟୋଜିତ ସମ୍ପତ୍ତିର ଏତାଦୃଶ ଅପବ୍ୟୟ ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟ ତହିଁପ୍ରତି ଥରେ ଦୃଷ୍ଟିପାତ କରୁ ନାହାନ୍ତି । ଏକ ପକ୍ଷରେ ସତପଠିର ଦେଖା ଯାଏ ଯେ ଦେବ ସ୍ୱତ୍ୱ ଅପହରଣ କରିବାକୁ ଅନେକ ଲୋକ କୁଣ୍ଠିତ ହୁଅନ୍ତି ନାହିଁ ଏବଂ ପକ୍ଷାନ୍ତରେ ଗବର୍ଣ୍ଣମେଣ୍ଟ ଧର୍ମ ବିଷୟରେ ହସ୍ତକ୍ଷେପଣ କରିବେ ନାହିଁ ବୋଲି ସେମାନଙ୍କ ପ୍ରକାରାନ୍ତରେ ଉତ୍ସାହିତ କରନ୍ତି ଏଥିରେ ଧର୍ମାର୍ଥ ସମ୍ପତ୍ତି ରକ୍ଷା ପାଇବାର ଆଉ କ ଉପାୟ ହେବ ।

ବକ୍ସିବଜାରର ଚନ୍ଦନଯାତ୍ରା ଆଧୁନିକ ଅଟଇ ଓ ତାହା ମଧ୍ୟ ;ହେଦାହାଣ ବିବାଦ ହେଉଥିଲେହେଁ ସେଠା ଯାତ୍ରା ବର୍ତ୍ତମାନ ଏ ସହର ମଧ୍ୟରେ ଭଲ ବୋଲିବାକୁ ହେବ । ସେଠା ଲୋକେ ଆପଣା ମଧ୍ୟରେ ବିବାଦ କରି ଦୁଇପକ୍ଷ ହୋଇ ଦୁଇ ସ୍ଥାନରେ ଯାତ୍ରା କରୁଅଛନ୍ତି । ଏବେ ଏକ ଆରକୁ ଜିଣିବା ସକାଶେ ଅଧିକ ପରିଶ୍ରମ ଓ ଯତ୍ନବାନ୍ ହେବା ସ୍ୱତନ୍ତ୍ର କରିବାକୁ ଏକ ଉଦ୍ୟାନ ଲୀଳା ଆଡମ୍ବରରେ ଯାତ୍ରା କରିବାକୁ ସମର୍ଥ ହେଉଅଛନ୍ତି । ସ୍ୱାମିସ୍ତ୍ରୀ ସୁନ୍ଦରଶୀର ଯାତ୍ରା ସରସ ହୋଇ ଥିଲା ମାତ୍ର ଆମ୍ଭେମାନେ ବିବେଚନା କରୁଁ କି ବିବାଦ ଶାନ୍ତ ହୋଇ ସମସ୍ତେ ଏକପକ୍ଷରେ ମିଳି ଆମୋଦ ପ୍ରମୋଦ କଲେ ଅଧିକ ସୁନ୍ଦର ଯାତ୍ରା ହୁଅନ୍ତା ।

---

କାବୁଲସମାଚାର ।

ଇଣ୍ଡିୟାନ ଡେଲିନ୍ୟୁଜର ତାରସମ୍ବାଦରୁ ଜଣାଯାଏ ଯେ ସରଦାର ଅବଦୁର ରହମାନଙ୍କ ନିକଟରୁ ସମ୍ବାଦ ଆସିଅଛି ମାତ୍ର ତହିଁର ବୃତ୍ତାନ୍ତ କିଛି ପ୍ରକାଶ ପାଇ ନାହିଁ । ସରକାରୀ କର୍ମଚାରୀମାନେ ଏ ସମସ୍ତ ଯଥାସାଧ୍ୟ ଗୋପନ ରଖି ଅଛନ୍ତି । ବିଶ୍ୱସ୍ତ ଦେଶୀୟ ସୂତ୍ରରେ ଜଣାଯାଏ ଯେ ରହମାନଙ୍କ ସଙ୍ଗେ ଶତ ୨ କୋହସ୍ତାନୀ ଲୋକ ଦର୍ଶନ ସ୍ୱରୂପ ଯାଇଥିଲେ । ରହମାନଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶିତ ହୋଇଥିଲା । ଏକଦଳ ଅଶ୍ୱାରୋହୀ ଖାନାବାଦଠାରୁ ଏମାନଙ୍କୁ ପାଛୋଟି ନେଇ ଗଲେ ଏବଂ ସରଦାର ଏମାନଙ୍କ ସଙ୍ଗେ ଅତ୍ୟନ୍ତ ସଦ୍‌ବ୍ୟବହାର କରି ଆପଣା ତମ୍ବୁ ନିକଟରେ ଏକ ତମ୍ବୁରେ ବସା ଦେଲେ । ତହିଁ ଉତ୍ତାରୁ ଅନେକ ଥର ପ୍ରକାଶ୍ୟ ଓ ଗୁପ୍ତ ଦେଖା ସାକ୍ଷାତ ଓ କଥାବାର୍ତ୍ତା ହେଲା ଏବଂ ଇଂରାଜଗବର୍ଣ୍ଣମେଣ୍ଟଙ୍କ ପତ୍ର ଏକ ଦରବାରରେ ପଠିତ ହେଲା । ଏଥିରେ ସରଦାର ଅବଦୁର ରହମାନ ଖାନଙ୍କୁ କାବୁଲର ଅମୀରତ୍ୱ ଫେରଣି ଅଙ୍ଗୀକାର ଯାଚିତ ହୋଇଅଛି । ସରଦାର ଏହା ଶ୍ରବଣ କରି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଆନନ୍ଦର ଚିହ୍ନ ସ୍ୱରୂପ ଦରବାରମାନଙ୍କୁ ଅର୍ଥ ବିତରଣ କଲେ । ସରଦାରଙ୍କର ଉତ୍ତର ଏଥିମଧ୍ୟରେ ଆସିଥିବ ଏବଂ ଅନୁମାନ ହୁଅଇ ସମସ୍ତ ବନ୍ଦୋବସ୍ତ ସେହି ଖାନାବାଦରୁ ହେବ । କେବଳ ଅଧୀନସ୍ଥ ସରଦାର ଅଥବା ଜାତିବିଶେଷଙ୍କ ମତ ଅପେକ୍ଷାରେ ଉତ୍ତର ଦେବାରେ ବିଳମ୍ବ ହୋଇଅଛି । ସରଦାରଙ୍କ ପରିବାରସ୍ଥ ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁମାନେ ରୁଷୀୟ ତୁର୍କସ୍ଥାନରେ ଥିଲେ ସେମାନେ ସମରକନ୍ଦରୁ ଆସିଅଛନ୍ତି ।

ମହମ୍ମଦଜାନ ଅଦ୍ୟାପି ଗଜନୀ ଅଞ୍ଚଳରେ ଭ୍ରମଣ କରୁ ଅଛନ୍ତି ଏବଂ ମୁଲ୍ଲାମାନଙ୍କ ଅନୁକୂଳରେ ସୈନ୍ୟ ସଂଗ୍ରହର ଉଦ୍ୟମରେ ଅଛନ୍ତି ମାତ୍ର କେହି ତାହାଙ୍କ ପକ୍ଷ ହେଉ ନାହିଁ ।

କାବୁଲରୁ ଆସିଥିବା ତା ୨୨ ଋଖ ମଇର

Digitized by srujanika@gmail.com

ସମ୍ବାଦରୁ ଜଣାଯାଏ ଯେ ସରଦାର ଅବଦୁଲ୍‌ ରହେମାନ ଖାନ ହିନ୍ଦୁ ଏବଂ କୋହିସ୍ତାନର ପ୍ରଜାଙ୍କଠାରୁ ଏକଲକ୍ଷ ଟଙ୍କା ଋଣ କରି ଅଛନ୍ତି ।

---

ବଲାଗ୍ଣ୍ଠି ହାକିମ ।

ଏ ଜିଲାର ଏକଜଣ ସୂକ୍ଷ୍ମଦର୍ଶୀ ବହୁଦର୍ଶୀ ଓ ନ୍ୟାୟବାନ୍ ହାକିମ ଆପଣା ଅଧୀନସ୍ଥ ଜଣେ ଇଂରାଜ ହାକିମର ଯୋଗ୍ୟତା ବିଷୟରେ ଏହି ପରି ଲେଖିଥିଲେ କି ଏହାଙ୍କର ବିଚାର ଭଲ ମାତ୍ର ଏ ଅଭଗ୍ୟ କଲଗ୍ଣି ହାକିମ ଯେବେ ସେ ଏତାଦୃଶ କଲଗ୍ଣି ହାକିମ ନ ହୋଇ ଦେଶୀୟ ହାକିମ ହେବାକୁ ଚେଷ୍ଟା କରିବେ ତେବେ ଜଣେ ଅତି ଚମତ୍କାର ହାକିମ ହେବେ । ଏଥିରୁ ପାଠକମାନେ ଦେଖିବେ ଯେ ଇଂରାଜ ହାକିମଙ୍କ ମଧ୍ୟରେ ଦୁଇପ୍ରକାର ହାକିମ ଅଛନ୍ତି ଅର୍ଥାତ୍ କଲଗ୍ଣି ଓ ଦେଶୀୟ । ଉକ୍ତ ଦ୍ୱିତୀୟ ଉକ୍ତ ମହାତ୍ମା ଏହିପରି କରିଥିଲେ କି କିଲାର ଅବସ୍ଥାକୁ ଅନୁମାନ କରି ଯେଉଁମାନେ ଏଠାରେ ମକଦ୍ଦମାର ବିଚାର କରନ୍ତି ସେମାନେ କଲଗ୍ଣି ହାକିମ । କଲିକତାରେ ଲୋକମାନେ ଜଜମାନଙ୍କ ବୁଦ୍ଧିରେ ଏଠାରୁ ଅନେକ ଉତ୍କୃଷ୍ଟ ସେମାନେ ସ୍ୱାଧୀନ ଏବଂ ଆପଣା ସ୍ୱତ୍ୱାଧିକାରମାନ ଉତ୍ତମରୂପେ ଜାଣନ୍ତି ଅଥବା ଜାଣିବାର ସୁଯୋଗ ଅଛି ଏବଂ ସେଠାର ଉକିଲ ବାରିଷ୍ଟର ଏଠା ଅପେକ୍ଷା ଅଧିକ ଯୋଗ୍ୟ ଏବଂ ସୁଲଭ ସୁତରାଂ ମାମଲତକାରମାନେ ଆପଣାର ମକଦ୍ଦମା ଏମନ୍ତ ସୁନ୍ଦରରୂପେ ଚଳାଇବାକୁ ସମର୍ଥ ହୁଅନ୍ତି ଯେ ବିଚାରପତିଙ୍କୁ କେବଳ ମାତ୍ର ଅଯଥା ପାଇବାକୁ ହୁଅଇ ନାହିଁ । ପକ୍ଷମାନେ ଅଥବା ସେମାନଙ୍କର ଉକିଲ ଯଥାସମ୍ଭବ ଆପଣାର ମକଦ୍ଦମା ଜଗାଡ଼ ଅଣିଥାନ୍ତି ଓ ହାକିମ ମିସିଲର ଅବସ୍ଥା ଦେଖି ଅକ୍ଳେଶରେ ନିଷ୍ପତ୍ତି କରିବାକୁ ସମର୍ଥ ହୁଅନ୍ତି । ଏଥିରୁ ଫଳ ଏହି ହେଲା କି ଯେଉଁ ହାକିମ ମକଦ୍ଦମାର ପ୍ରକୃତ ବୃତ୍ତାନ୍ତ ଅନୁସନ୍ଧାନ କରିବାକୁ କିଛିମାତ୍ର ପରିଶ୍ରମ ନ କରି ଯେଉଁ ଭାବରେ ମକଦ୍ଦମା ତାହାଙ୍କ ସମ୍ମୁଖରେ ଉପସ୍ଥିତ ହୁଅଇ କେବଳ ତଦୃଷ୍ଟିରେ ନିଷ୍ପତ୍ତି କରନ୍ତି ସେ କଲଗ୍ଣି ହାକିମ । ସେପରି ହାକିମଦ୍ୱାରା ଗ୍ରାମଭିକଲଗ୍ଣି ହାକିମ । ସେପରି ହାକିମଦ୍ୱାରା ଗ୍ରାମଜ କଲଗ୍ଣି ହାକିମ । ସେପରି ହାକିମଦ୍ୱାରା ଗ୍ରାମଜ- ଜିଲାର ବିଚାରକାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବା ଅସମ୍ଭବ କାରଣ ଏଠା ଲୋକମାନେ ଅଧିକାଂଶ ମୂର୍ଖ ଓ ଆପଣା ସ୍ୱତ୍ୱାଧିକାରରୁ ଅନଭିଜ୍ଞ ଯୋଗ୍ୟ ଉକିଲ ଏବଂ ବାରିଷ୍ଟରଙ୍କ ସଂଖ୍ୟା ଉଣା ପୁଣି ସେପ୍ରକାର ଉକିଲ ବାରିଷ୍ଟରଙ୍କ ସାହାଯ୍ୟ ଅଧିକାଂଶ ଲୋକଙ୍କ ପକ୍ଷରେ ଦରିଦ୍ରତା ହେତୁରୁ ଅସମ୍ଭବ । ଏକମାତ୍ର ପୁଲିସ ଇନ୍‌ସପେକ୍ଟରଙ୍କ ସକାଶେ ଏଠାକୁ ଥରେ ଜଣେ ଯୋଗ୍ୟ ବାରିଷ୍ଟର ଆସିଥିଲେ ଏବଂ ଯେଉଁଠାରେ ସାମାନ୍ୟ ମକ୍ତାର କିମ୍ବା ଛୋଟ ଉକିଲଦ୍ୱାରା କାର୍ଯ୍ୟ ଚଳିପାରେ ସେଠାରେ ଅଳ୍ପ ଲୋକ ବଡ ଉକିଲର ଫିସ ଦେଇ ଆପଣା ମକଦ୍ଦମାକୁ ଭଲ କରି ଚଳାଇବାକୁ ସାହସ କରନ୍ତି । ଏମାନଙ୍କର ଏକମାତ୍ର ଭରସା ହାକିମ ଅଟନ୍ତି । ହାକିମ ଯେବେ ସ୍ୱୟଂ ପରିଶ୍ରମ କରି ଯେ ଉପାୟରେ ସତ୍ୟକଥା ବାହାରକୁ ଆସିବ ତହିଁର ଉପଯୁକ୍ତ ପ୍ରମାଣ ଆଣିବା ନିମିତ୍ତେ ପକ୍ଷମାନଙ୍କୁ କହିଦେବେ ଏବଂ ସେମାନଙ୍କର ତ୍ରୁଟିକୁ ନ ଧରି ତାହା ପୂର୍ତ୍ତି କରିବାକୁ ଅବକାଶ ଦେବେ ତେବେ ଏମାନଙ୍କର ସୁବିଚାର ପାଇବାର ସମ୍ଭବ । ଅତଏବ ଯେଉଁ ହାକିମ ପକ୍ଷମାନଙ୍କର ଅପେକ୍ଷା ନ ରଖି ଆପେ ପରିଶ୍ରମ ପୂର୍ବକ ସତ୍ୟର ଅନୁସନ୍ଧାନ କରନ୍ତି ଏବଂ ତଦ୍ୱାରା ଉଚିତ ବିଚାର କରିବାକୁ ସକ୍ଷମ ହୁଅନ୍ତି ସେହି ବିଚାରପତି ଦେଶୀୟ ହାକିମ ଅଟନ୍ତି । ଚିରସ୍ମରଣୀୟ ମିଲସ, ରିକେଟ, ଉଇଲକିନ୍‌ସନ, ମୋରପ୍ରଭୃତି ଓଡ଼ିଶାର ହାକିମମାନେ ଦେଶୀୟ ହାକିମ ଥିଲେ ଏହି ହେତୁରୁ ଏମାନଙ୍କର ଯଶ ଅଦ୍ୟାପି ଘୋଷଣା ହେଉଅଛି । ଏ ପ୍ରକାର ହାକିମ ବର୍ତ୍ତମାନ କାଳରେ ଅତି ବିରଳ । ଆଇନ ଦସ୍ତୁରର ବାହୁଲ୍ୟତା ଏବଂ ଅଧିକ କାର୍ଯ୍ୟ ପଡ଼ିବାରୁ ହେଉ ଅଥବା ଶାସନକାରୀତା କିମ୍ବା ଦେଶୀୟଲୋକଙ୍କପ୍ରତି ସହାନୁଭୂତିର ଅଭାବରୁ ହେଉ ବର୍ତ୍ତମାନର ଇଂରାଜ ହାକିମଙ୍କ ମଧ୍ୟରେ ଅନେକ କଲଗ୍ଣି ହାକିମ ଦେଖାଯାଉଅଛନ୍ତି ଦେଶୀୟ ହାକିମଙ୍କ ସଂଖ୍ୟା ଅତି ଉଣା ପୁଣି ସେମାନେ ମଧ୍ୟ ସମସ୍ତେ ଦୋଷଶୂନ୍ୟ ନୁହନ୍ତି । ସେ ଦୋଷଟି ସର୍ବଦା ଲକ୍ଷିତ ହୁଅଇ ନାହିଁ ଅର୍ଥାତ୍ ଯେଉଁ ସ୍ଥଳରେ ଉଭୟପକ୍ଷ ଦେଶୀୟ ଲୋକ ସେ ସ୍ଥଳରେ ସେମାନେ ସମ୍ପୂର୍ଣ୍ଣରୂପ ଦେଶୀୟ ହାକିମ ପରି କାର୍ଯ୍ୟ କରନ୍ତି ମାତ୍ର ଯେଉଁଠାରେ ଏକପକ୍ଷ ଇଂରାଜ ହୁଅନ୍ତି ସେ ସ୍ଥଳରେ ବିଚାରର ଭୁଲ ବିଚଳିତ ହୋଇ ଯାଏ ବୋଧ ହୁଅଇ ଯେମନ୍ତ କି ଇଂରାଜ ମାମଲତକାରଙ୍କ ମୁଖ ଦେଖିଲାକ୍ଷଣି କଲଗ୍ଣିର ସମସ୍ତ ଭାବ ମନରେ ଉଦୟ ହୁଅଇ ଏବଂ ସେହି ଭାବ ତରଙ୍ଗରେ ପଡ଼ି ଏମନ୍ତ ଆଭୂ ବିସ୍ମୃତ ହୁଅନ୍ତି ଯେ ସେ ସମୟରେ ଆପଣାକୁ କଲଗ୍ଣି ହାକିମ ମନେକରି ତଦ୍ରୂପ କାର୍ଯ୍ୟ କରନ୍ତି । ଯେବେ ଇଂରାଜ ହାକିମମାନେ ସଦାକାଳରେ ଆପଣାକୁ ଦେଶୀୟ ହାକିମବୋଲି ଜାଣି ପାରନ୍ତେ ଓ ତଦ୍ରୂପ କାର୍ଯ୍ୟ କରନ୍ତେ ତେବେ କେତେ ସୁଖର କଥା ହୁଅନ୍ତା ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଜୁନମାସ ପ୍ରଥମ ସପ୍ତାହରେ ବର୍ଷାଋତୁ ଆରମ୍ଭ ହେବାର ଏହିପୂର୍ବେ ଲେଖିଥିଲୁଁ ବାସ୍ତବକ ତାହାଇ ଘଟିଅଛି । ଗତ ମଙ୍ଗଳବାର ଦିନଠାରୁ ମେଘାଚ୍ଛନ୍ନ ହୋଇ ମଧ୍ୟେ ମଧ୍ୟେ ବୃଷ୍ଟି ହେଉଅଛି ବୁଧବାର ଦିବା ରାତ୍ର ବୃଷ୍ଟି ହୋଇଥିଲା । ମୋଫସଲରେ ଏହିପରି ବୃଷ୍ଟି ହେବାର ସମ୍ବାଦ ଆସିଅଛି ।

ଗତ କାଲିଠାରୁ ଏଠା କଲେକ୍ଟରୀ କଚେରୀ ଦଶପର୍ଯ୍ୟନ୍ତ ହୋଇଅଛି ।

ବାଲେଶ୍ୱରର କଲେକ୍ଟର ଶ୍ରୀଯୁତ ବଡନ ସାହେବ ମେଦିନୀପୁର ପ୍ରଗନ୍ନାକୁ ବଦଳି ହୋଇଅଛନ୍ତି ଏବଂ ପାଟନାର ଏକ୍‌ଟିଂ ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁତ ଏବ୍ ଟ ଉନ୍ ସାହେବ ବାଲେଶ୍ୱରକୁ ଏକ୍‌ଟିଂ କଲେକ୍ଟର ହୋଇ ଅସିଅଛନ୍ତି । ବଡନସାହେବଙ୍କୁ ହରାଇ ବାଲେଶ୍ୱରବାସିମାନେ ଅସ୍ମାକଙ୍କ ପରି ଦୁଃଖିତ ଅଛନ୍ତି ।

ଆନନ୍ଦର ବିଷୟ ଯେ ଗତ ବାଲେଶ୍ୱର ସଦ୍ଧର ଅଧିବେଶନରେ ଶ୍ରୀଯୁକ୍ତ ବାବୁ ମଦନମୋହନ ଦାସ ଓ ଶ୍ରୀଯୁକ୍ତ ବାବୁ ରାଧାରମଣଦାସ ଅପୂର୍ବେପ୍ରୋକ୍ତ ଡବଷ୍ଟା ଶିକ୍ଷା ନିମନ୍ତେ ମୋଟିଏ ଲେଖାଏ ବୃତ୍ତି ଦେବାର ଅଙ୍ଗୀକାର କରି ଅଛନ୍ତି ।

ଗ୍ରୀଷ୍ମର ବୃଦ୍ଧି ସଙ୍ଗେ ମଧ୍ୟପ୍ରଦେଶରେ ବସନ୍ତ ରୋଗର ଅଧିକ ପ୍ରଚଳନ ବଢ଼ୁଅଛି ।

ଋଷୀୟ ବିଦ୍ରୋହର ନୂତନ ସମ୍ବାଦ ଏହିକି ୫୦୦୦ ଜଣ ମୂଲବାନଗିରି ନାମକ ସ୍ଥାନକୁ ଆକ୍ରମଣ କରିଥିଲେ ଏବଂ ବିଶ୍ୱାସ ହୁଅଇ ଯେ ଗ୍ରାମବାସିମାନେ ତାହାଙ୍କର ସହାୟତା କରିଥିଲେ । ଏକଥା ସତ୍ୟ ହେଲେ ସେ ଗ୍ରାମକୁ ଅଧିକାର କରି ପୋଡ଼ିଦିଆ ଯିବ । ଏବଂ ଲୋକମାନଙ୍କୁ ଦୃଷ୍ଟିପଥରେ କୌଣସି ସ୍ଥାନରେ ରଖିବାକୁ ହେବ । କର୍ଣ୍ଣେଲ ବକ୍‌ସାହେବ ସେଗ୍ରାମ ଘେରିବାର କରିବାକୁ ଆଦେଶ ପାଇଅଛନ୍ତି ଏବଂ ସୈନ୍ୟଙ୍କୁ ରସଦ ଯୋଗାଇବା କାରଣ ନେପାଳର ମହାରାଜାଙ୍କ ପ୍ରତି ଆଦେଶ ହୋଇଅଛି । ସମ୍ଭବ କଥାରେ ଋଷୀୟବିଦ୍ରୋହ ଆରମ୍ଭ ହୋଇ ଗୋଟିଏ ଦୀର୍ଘସ୍ଥାୟୀ ଯୁଦ୍ଧରେ ପରିଣତ ହେବା ବଡ଼ ଆଶ୍ଚର୍ଯ୍ୟର ବିଷୟ । ବୋଧହୁଅଇ ଏଥିପାଇଁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଦାୟୀ ହେବେ ।

ମାନ୍ଦ୍ରାଜମେଲରେ ଲେଖାଗଲାକି ମାନ୍ଦ୍ରାଜକୁ ସମ୍ପ୍ରତି ଏକ ପତ୍ରିତ ଅପି ବିଜ୍ଞାପନ ଦେଇଅଛନ୍ତିକି ସକଳ ପ୍ରକାର ରୋଗର ଏକ ମହୌଷଧ ତାହାଙ୍କ ନିକଟରେ ଅଛି ଏବଂ ସେ ଭୂତ ଛଡ଼ାଇ ଏବଂ ଦୁଷ୍ଟଲୋକକୁ ଘାୟଲ କରି ପାରନ୍ତି । ଏକ୍ଷଣେ କରାମାତି ପଣ୍ଡିତ ହେବେ ପରା ।

ଗୋଆରେ ଗୋଟାଏ ବାଘ ଜାଣେ ମନୁଷ୍ୟ ନଷ୍ଟ କରିଥିଲା ସେଠାର ଗବର୍ଣ୍ଣମେଣ୍ଟ କର୍ମଚାରୀ ତହିଁର ସମ୍ବାଦ ପାଇ ସେ ଜନ୍ତୁକୁ ମାରିବାକାରଣ କପ୍ତାନ ଅଜାବେଦଙ୍କ ସହିତ ଏକ ଦଳ ସୈନ୍ୟ ପଠାଇ ଦେଲେ ଏହାର ନାମ କାର୍ଯ୍ୟ ପୁଣି ମୂଲସହାସ ବାଘକୁ ଧରିଅଣି ଫାଶୀ ନ ଦେଇ ସୈନ୍ୟ ପଠାଇବାରେ ଜଣାଯାଏ ଯେ ବାଘକୁ ଜଣେ ପ୍ରଜା ନ ମଣି ଯଥାର୍ଥରେ ରାଜ ସମ୍ମାନ ଦିଆଗଲା ।

ମାଲ୍ଡା ଓଇଏଷ୍ଟେଲ ପ୍ରେସରେ ପ୍ରଧାନ ଋଂଶୀ ମଙ୍ଗଳମସମ ଇଙ୍ଗାଚେଷୀ ସମ୍ପ୍ରତି ମାନବଲୀଳା ଶେଷ କରିଅଛନ୍ତି ।

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସଂ ୨୪ ସଂଖ୍ୟା

ତା ୧୨ ଖଣ୍ଡ ମାହେ ଜୁନ ସନ ୧୮୮୦ ମସିହା । ମୁ । ଅଷାଢ ଦ ୧ ଢ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୧୦

ଚଳିତ ମାସ ଆରମ୍ଭରେ ଯେଉଁ ଭାରି ବର୍ଷା
ହେଲା ଏବଂ ଯାହାକୁ ଆମ୍ଭେମାନେ ବର୍ଷାକାଳର
ଆରମ୍ଭ ବୋଲି ଗତ ସପ୍ତାହରେ ଲେଖିଥିଲୁଁ
ବାସ୍ତବରେ ତାହା ମୌସୁମୀ ବର୍ଷା ଥିଲା ।
ତାହା କେବଳ ଗୋଟିଏ ତୋଫାନଜନିତ ବୃଷ୍ଟି
ଥିଲା ଓ ଭାରତବର୍ଷର ପବ ଉପକୂଳରେ ଉ-
ସାତପଟ୍ଟନଠାରୁ କଳକତା ପର୍ଯ୍ୟନ୍ତ ତାହା
ଜାତ ହୋଇ ଭାରି ବର୍ଷା କରାଇଥିଲା । କଟ-
କଠାରେ ଏ ବୃଷ୍ଟିର ପରିମାଣ ସର୍ବାପେକ୍ଷା
ଅଧିକ ଥିଲା । ସେ ତୋଫାନ ତିନି ଦିନରେ
ଭାଙ୍ଗି ଯିବାରୁ ଗ୍ରୀଷ୍ମଋତୁର ଅସହ୍ୟକାଳ ଉପ-
ସ୍ଥିତ ହେଲା । ବାସ୍ତବରେ ଗତ ଦ ୮।୧୦ ନ
ହେଲା ଯେମନ୍ତ ଗ୍ରୀଷ୍ମ ଭୋଗ ହେଉଅଛି ତେ-
ମନ୍ତ ଏ ବର୍ଷ ହୋଇ ନାହିଁ । ଏହି ଗ୍ରୀଷ୍ମ ପଛେ
ପଛେ ତୁଳ ଗୃହଦିନରେ ପ୍ରକୃତ ବର୍ଷାକାଳ
ଉପସ୍ଥିତ ହେବାର ଲକ୍ଷଣ ଜଣାଯାଏ । ବମ୍ବେ-
ଇରେ ଗତ ତା ୫ ରିଖରେ ଦକ୍ଷିଣ ପଶ୍ଚିମା
ମୌସୁମ ଭାରି ବୃଷ୍ଟି ଘଡ଼ଘଡ ଓ ବିଜୁଳି ସହିତ
ଆରମ୍ଭ ହେବାର ସମ୍ବାଦ ଆସିଅଛି । ମଙ୍ଗାଲୋ-
ରରେ ସେହି ଦିନ ୧୦ ଇଞ୍ଚ ଜଳ ବର୍ଷି ଥିଲା
ସୁତରାଂ ପ୍ରକୃତ ବର୍ଷାକାଳ ଏଠାରେ ଆରମ୍ଭ
ହେବାର ଆଉ ବିଳମ୍ବ ନାହିଁ ଯାହା ହେଉ
ଏହି କେତେ ଦିନ ଖରା ଫସଲ ପକ୍ଷରେ ଉପ-
କାର କଲା ।

ଭାରତବର୍ଷର ଶାସନ ଭାର ପରିବର୍ତ୍ତନ ଏ
ସପ୍ତାହର ପ୍ରଧାନ ଘଟନା ଅଟଇ । ନୂତନ ଗବ-
ର୍ଣ୍ଣର ଜେନରଲ ଲର୍ଡ ରିପନ ବମ୍ବେଇରେ
ପହୁଞ୍ଚି ସିମଲାକୁ ଯାତ୍ରା କରିବାର ଗତ ସପ୍ତାହ-
ରେ ଲେଖିଥିଲୁଁ ଗତ ମଙ୍ଗଳବାର ସେଠାରେ
ପହୁଞ୍ଚି ଲର୍ଡ ଲିଟନଙ୍କଠାରୁ ଭାର ନେଇଅଛନ୍ତି ।
ବମ୍ବେଇରେ ଏ ମହାତ୍ମା ତିନିଦିନ ଥିଲେ ଏବଂ
ସେଠା ମିଉନିସିପାଲିଟିର ମେମ୍ବରମାନେ ସର୍ବ-
ସାଧାରଣଙ୍କ ପକ୍ଷରୁ ତାହାଙ୍କୁ ଅଭିନନ୍ଦନପତ୍ର
ଦେଇଥିଲେ ତହିଁ ଉତ୍ତରରେ ସେ କହିଅ-
ଛନ୍ତି ଯେ ଆମ୍ଭେ ଯେ ଯେ କାର୍ଯ୍ୟ କରିବୁଁ ଆଗଠାରୁ
ଅଙ୍ଗୀକାର କରିବାକୁ ନ ଚାହୁଁ ଏବଂ କେଉଁ
ପ୍ରଣାଳୀରେ କାର୍ଯ୍ୟ ଚଳାଇବୁଁ ତାହା ମଧ୍ୟ
ଜଣାଇବାର ଆବଶ୍ୟକ ନ ରଖେ । ଆମ୍ଭେ ଯେ
ସମସ୍ତ କାର୍ଯ୍ୟ କରିବୁଁ ତଦ୍ଦ୍ୱାରା ବିଚାରିତ ହେବାକୁ
ଭଲ ଜ୍ଞାନ କରୁଁ ଏବଂ ଆମ୍ଭର ବିଶ୍ୱାସଅଛି ଯେ
ସର୍ବସାଧାରଣ ବିଚକ୍ଷଣତା ସହିତ ଆମ୍ଭର କା-
ର୍ଯ୍ୟର ସମାଲୋଚନା କରିବେ । ଆମ୍ଭେ କେବଳ
ଏତିକି କହିପାରୁଁ ଯେ ଆମ୍ଭ ହସ୍ତରେ ଯେ
ଶକ୍ତି କ୍ଷମତାଅଛି ତାହାକୁ ଅବଲମ୍ବନ କରି
ଶ୍ରୀମତୀ ମହାରାଣୀ ଏବଂ ତାହାଙ୍କ ପ୍ରଜାବର୍ଗଙ୍କ
ପ୍ରତି ଆମ୍ଭର କର୍ତ୍ତବ୍ୟ କର୍ମ ଅତ୍ୟନ୍ତ ଯତ୍ନ ଓ
ସରଳତା ସହିତ ପାଳନ କରିବୁଁ । ଏ ଉତ୍ତର
ସର୍ବସାଧାରଣଙ୍କର ପ୍ରୀତିକର ହୋଇଅଛି ଏବଂ
ଏଥିରୁ ଜଣାଯାଏ ନୂତନ ଗବର୍ଣ୍ଣର ଜେନରଲ
ଆପଣାର ଗୁରୁଭାରର ଯଥାର୍ଥ ଜ୍ଞାନ ରଖି ସ-
ବିଜ୍ଞାନ ପୂର୍ବକ ଆପଣା କର୍ତ୍ତବ୍ୟ କର୍ମ କରିବେ ।

—*—

କାବୁଲରୁ ଏ ସପ୍ତାହରେ କୌଣସି ପ୍ରଧାନ
ଘଟଣାର ସଂବାଦ ଆସି ନାହିଁ । ସାମାନ୍ୟ ପ୍ର-
କାର ହଣାକଟା କମ୍ପା ବିଜୁଳି ଡାକର
ତାର କାଟି ଦେବା ବନ୍ଦ ନ ଥିଲେହେଁ
ତହିଁରେ ନୂତନତ୍ୱ କିଛି ନାହିଁ । ସରଦାର
ଅବଦୁଲ ରହମାନଙ୍କ ନିକଟକୁ ଯେଉଁ ଦୂତ-
ମାନେ ଯାଇଅଛନ୍ତି ତାହାଙ୍କ କାର୍ଯ୍ୟ ଶେଷ
ହୋଇ ନାହିଁ । କିନ୍ତୁ ଏଥି ମଧ୍ୟରେ ଶୁଣାଯାଏ
ଯେ ଦୂତମାନଙ୍କୁ ଯେଉଁ ଭାବରେ ସରଦାର
ରଖାଇ ଥିଲେ ତହିଁରେ ସେମାନେ ଏକପ୍ର-
କାର ବନ୍ଦି ତୁଲ୍ୟ ଥିବାର ବୋଲା ଯାଇପାରେ ।
ସେମାନଙ୍କ ଉପରେ ସରଦାର କଠିନ ପ୍ରହରୀ
ରଖାଇଥିଲେ ଓ ପରସ୍ପର ସହିତ କଥାବାର୍ତ୍ତା
କରିବାକୁ ଦେଉ ନ ଥିଲେ । ଆପଣା ସିପାହି-
ଙ୍କର ଅସ୍ଥିର ସ୍ୱଭାବ ହେତୁରୁ ଏପ୍ରକାର କରି-
ଥିବାର ସରଦାର ହେତୁ ଦର୍ଶାଇ ଥିଲେ ମାତ୍ର
ପକ୍ଷାନ୍ତରେ କଥିତ ହୁଅଇ ଯେ ରୁସିୟାର ଜଣେ
ଦେଶୀୟ ଦୂତ ଅବଦୁଲ ରହମାନଙ୍କ ସଙ୍ଗେ
ଅଛି ଓ ସେହି ଦୂତର କର୍ତ୍ତୃତ୍ୱରେ ସନ୍ଧି କାର୍ଯ୍ୟ
ବିଳମ୍ବ ହେବାର ଜଣାଯାଏ । ଯେବେ ଏପରି
ହେଲା ତେବେ ସ୍ପଷ୍ଟ ଜଣାଯାଏ ଯେ ସରଦାର
ଏତେ ବେଳେ ସୁଦ୍ଧା ଇଂରାଜ ଏବଂ ରୁଷିୟାକୁ
ଲଢ଼ାଇ ଦେଇ ଆପଣାର ଅଧିକ ଲାଭ କରିବା
ଆଶାରେ ଅଛନ୍ତି ଏବଂ ତହିଁପାଇଁ ଇଂରାଜ ଦୂତ-
ମାନଙ୍କୁ ଶୀଘ୍ର ଜବାବ ଦେଉ ନାହାନ୍ତି । ଫଳତଃ

Digitized by srujanika@gmail.com

Split by PDF Splitter



ପ୍ରବୃତ୍ତ ତଥା [illegible] ଅଳ୍ପ ଦିନରେ ପ୍ରକାଶ ପାଇବ ।

---

ଜନକା ତହସିଲଦାରଙ୍କୁ ଯେଉଁ ଅଭିଯୋଗରେ କୈଫିୟତ ତଲବ ହୋଇଥିଲା ତାହା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ତାଙ୍କ କୈଫିୟତରେ କଲେକ୍ଟର ସାହେବ ସନ୍ତୁଷ୍ଟ ନ ହୋଇ, କମା ଆଉ କିଛି ତଦନ୍ତ ନ କରି ତାଙ୍କୁ ମାସିକ ଟ ୫୦୲ ଙ୍କା ପେନସନରେ ବିଦାୟ ଦେବା ଓ ତାଙ୍କ ପରିବର୍ତ୍ତେ ଜଣେ ଉପଯୁକ୍ତ ମେନେଜର ମାସିକ ଟ ୫୦୦୲ ଙ୍କା ବେତନରେ ନିଯୁକ୍ତ କରିବାର ପ୍ରସ୍ତାବ କରିଅଛନ୍ତି । ଅମ୍ଭେମାନେ ଶୁଣିଲୁଁ ତହସିଲଦାରଙ୍କ ପକ୍ଷରେ କଲେକ୍ଟରଙ୍କର ଏପରି ସଙ୍କଳ୍ପ ବିଷୟରେ ଶ୍ରୀଯୁକ୍ତ କମିଶନର ସାହେବ ସନ୍ତୁଷ୍ଟ ନ ହୋଇ ତହସିଲଦାରଙ୍କର ଦୋଷାଦୋଷ ଉତ୍ତମ ରୂପେ ତଦନ୍ତ କରି ନିଷ୍ପତ୍ତି କରିବାର ଆଜ୍ଞା ଦେଇଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଏ ଆଜ୍ଞା ଯଥାର୍ଥ ଅଟେ । ଏପରି ପ୍ରଧାନ କର୍ମଚାରୀର ଦୋଷ ବିଷୟ ବାହ୍ୟତ ରୂପେ ତଦନ୍ତ ନ କରି ତାଙ୍କୁ ବିଦାୟ ଦେବାର ଉଚିତ ନୁହେ । କଲେକ୍ଟର ସାହେବଙ୍କର ଏପରି ଉପରଠାଉରିଆ କାର୍ଯ୍ୟରେ ଅମ୍ଭେମାନେ ଅତିଶୟ ଦୁଃଖିତ ହୋଇଅଛୁଁ । ତହସିଲଦାରଙ୍କ ନାମରେ ଯେ ଅଭିଯୋଗମାନ ହୋଇଥିଲା ସେସବୁ ସପ୍ରମାଣ ହେଲେ ସେ ପେନସନ ନ ପାଇ ଦଣ୍ଡ ପାଇବାର ଉପଯୁକ୍ତ ଓ ପ୍ରମାଣ ନ ହେଲେ ତାଙ୍କୁ ଦୁର୍ନାମରେ ବିଦାୟ ଦେବାର ଉଚିତ ନୁହେ । କଲେକ୍ଟର ସାହେବ ଯେ ମାସିକ ୫୦୦୲ ଙ୍କା ବେତନରେ ମେନେଜର ନିଯୁକ୍ତ କରିବାର ପ୍ରସ୍ତାବ କରିଅଛନ୍ତି ଏହା ଉତ୍ତମ ଅଟେ ଓ ଅମ୍ଭେମାନେ ତହିଁର ଅନୁମୋଦନ କରୁଅଛୁଁ ଜଣେ ଉପଯୁକ୍ତ ଓ ସଦ୍ଲୋକ ମେନେଜର ସ୍ୱରୂପ ନିଯୁକ୍ତ ହେଲେ ଆଶାନୁରୂପ କାର୍ଯ୍ୟ ଚଳିବ ଓ କିଲ୍ଲାର ଉନ୍ନତି ହେବ ଅମ୍ଭେମାନେ ଆଶା କରୁଁ ଯେ ଏ ପ୍ରସ୍ତାବ କମିଶନର ସାହେବ ଓ ବୋର୍ଡ ଗ୍ରହଣ କରିବେ । ବାସ୍ତବରେ ଲକ୍ଷେ ଟଙ୍କାର କିଲ୍ଲାର ଭାର ଜଣେ ଏକଶ ଟଙ୍କାର କର୍ମଚାରୀକୁ ଦେବା ଅତ୍ୟନ୍ତ ଅନ୍ୟାୟ ଅଟଇ ଏବଂ ଯଦ୍ୟପି ଏ କଥା ଦେଖିବାର ଥିବାରୁ କର୍ତ୍ତୃପକ୍ଷମାନେ ନାଚାର ହୋଇ ତାହା କରୁଥିଲେ କିନ୍ତୁ ଏବେବେଳେ ତାହା ସ୍ଥିର ରହିବା ଉଚିତ ନୁହଇ ।

---

## ଗଡ଼ଜାତ ଡାକର ବନ୍ଦୋବସ୍ତ ।

ଏଥି ପୂର୍ବେ ବାଙ୍କି ଓ ଅନଗୁଳ କିଲ୍ଲାମାନ ସରକାରଙ୍କ ଖାସ ତହସିଲରେ ଥିବାରୁ କେବଳ ସେହିଥିରେ ଡାକଘରମାନ ଥିଲା ଏବଂ କଟକଠାରୁ ସମ୍ବଲପୁରବାଟେ ଡାକ ଯାତାୟାତ କରୁଥିଲା । କୌଣସି ଗଡ଼ଜାତ ରଜା ଆପଣା କିଲ୍ଲାରେ ଡାକଘର ବସାଇ ନ ଥିଲେ । ଚିରସ୍ମରଣୀୟ ଢେଙ୍କାନାଳର ମୃତ ମହାରଜା ଆପଣା କିଲ୍ଲା ମଧ୍ୟରେ ବିଦ୍ୟାଳୟ ଚିକିତ୍ସାଳୟ ପ୍ରଭୃତି ସାଧାରଣ ହିତକର କାର୍ଯ୍ୟମାନଙ୍କର ଅନୁଷ୍ଠାନ ସଙ୍ଗେ ସଙ୍ଗେ ଆପଣା କିଲ୍ଲାରୁ ଡାକ ଯାତାୟାତର ବନ୍ଦୋବସ୍ତ କଲେ । ମହାରଜା ବଙ୍ଗଳା ଓ ନଅ ଓ ନାଗରୀ ଭାଷାର ଅନେକ ସମ୍ବାଦପତ୍ର ଓ ପୁସ୍ତକମାନ ସର୍ବଦା ଆଣାଉ ଥିବାରୁ ଡାକର ବନ୍ଦୋବସ୍ତ ତାହାଙ୍କ ପକ୍ଷରେ ଅତ୍ୟନ୍ତ ପ୍ରୟୋଜନୀୟ ହୋଇଥିଲା ଓ ଆରମ୍ଭରେ ସ୍ୱଳ୍ପମାତ୍ର ରହାଗ୍ ଅଳ୍ପ ବ୍ୟୟରେ ଉକ୍ତ କାର୍ଯ୍ୟ ନିର୍ବାହ କରି ନେଉ ଥିଲେ । ତହିଁ ଉତ୍ତାରୁ ମୟୂରଭଞ୍ଜ କେଉଁଝର ଓ ଭାଲଡେର ପ୍ରଭୃତି ରଜାମାନେ କ୍ରମେ କ୍ରମେ ଆପଣା ଆପଣା ବ୍ୟୟ ଏବଂ ଗଡ଼ରେ ଏକ ଏକ ଡାକଘର ସ୍ଥାପନ କଲେ । ବର୍ତ୍ତମାନ ଦେଖାଯାଏ ଯେ ଉକ୍ତ କିଲ୍ଲାମାନଙ୍କ ଛଡ଼ା ପାଲଲହଡ଼ା, ତିଗିରିଆ, ରଣପୁର, ଅଠମଲ୍ଲିକ ପ୍ରଭୃତି ସ୍ଥାନକୁ ଡାକ ଯାତାୟାତ କରୁଅଛି । ଥାଉ ନୟାଗଡ଼, ଖଣ୍ଡପଡ଼ା, ବଡ଼ମ୍ବା, ନରସିଂହପୁର, ଦଶପଲ୍ଲା ପ୍ରଭୃତି ସ୍ଥାନରେ ଡାକବାକ୍ସ ଥିଲେହେଁ ଅତ୍ୟନ୍ତ ବିଳମ୍ବ ଓ ଅନିଶ୍ଚିତ ରୂପେ ଡାକ ଯାତାୟାତ କରୁଅଛି ।

ସମସ୍ତ ଗଡ଼ଜାତକୁ ନିୟମିତରୂପେ ଡାକ ଯାତାୟାତ କରିପାରେ ଏହା ଅତ୍ୟନ୍ତ ବାଞ୍ଛନୀୟ ଏବଂ ଏଥିରେ ଗଡ଼ଜାତର ଉନ୍ନତିର ସମ୍ଭାବନା । ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସ୍ମିଥ ସାହେବ ସମସ୍ତ ଗଡ଼ଜାତ ଡାକଥାନ୍ ଯୋଗ କରିବା କାରଣ ଯତ୍ନ ତତ୍ପର ହୋଇଅଛନ୍ତି ଏବଂ ସେ ଯେମନ୍ତ ଦୃଢ଼ତା ସହିତ କାର୍ଯ୍ୟ କରୁଅଛନ୍ତି ତହିଁରେ ଅନୁମାନ ହୁଅଇ ଯେ ଶୀଘ୍ର ଏ ବନ୍ଦୋବସ୍ତ ସମ୍ପୂର୍ଣ୍ଣ ହେବ । ସ୍ମିଥ ସାହେବ ପ୍ରଶଂସିତ ଯେଉଁ ପ୍ରଣାଳୀରେ କାର୍ଯ୍ୟାରମ୍ଭ କରିଅଛନ୍ତି ତାହା ଅନେକ ରଜାଙ୍କ ପକ୍ଷରେ କଷ୍ଟକର ହେବାର ଦେଖାଯାଏ ଏବଂ ରଜାମାନେ ତହିଁ ପାଇଁ ଦୁଃଖିତ ଅଛନ୍ତି ବାସ୍ତବରେ ଏକ ଏକ ରଜାକୁ ବାର୍ଷିକ ଯେଉଁ ଟଙ୍କା ଦେବା ପାଇଁ ସାହେବ ଅନୁରୋଧ କରୁଅଛନ୍ତି ତାହା ସେମାନଙ୍କ ଅବସ୍ଥା ପ୍ରତି ଅଧିକ ଏବଂ ସାହେବଙ୍କ ଆଜ୍ଞାରେ ଦେବାକୁ ବାଧ୍ୟ ହେଲେହେଁ ଏ ପ୍ରକାର ଚିରସ୍ଥାୟୀ ଦାୟିତ୍ୱ ଗ୍ରହଣ କରିବାକୁ କୁଣ୍ଠିତ ହେଉଅଛନ୍ତି । ଅମ୍ଭେମାନେ ମଧ୍ୟ ରଜାଙ୍କ ଗୁହାରିକୁ ଅଯୌକ୍ତିକ ଜ୍ଞାନ କରୁ ନାହୁଁ ସବୁ କିଲ୍ଲାର ଅବସ୍ଥା ଏପରି ନୁହଇ ଯେ ଗୋଟିଏ ଲେଖାଁଏ ସ୍ୱତନ୍ତ୍ର ଡାକଘର ରଖିପାରେ ଏବଂ ସବୁ କିଲ୍ଲାରେ ଗୋଟିଏ ଲେଖାଁଏ ସ୍ୱତନ୍ତ୍ର ଡାକଘର ବସାଇବା ଉପଯୁକ୍ତ କାର୍ଯ୍ୟ ମଧ୍ୟ ନାହିଁ ଏଥିନିମନ୍ତେରୁ ରଜାମାନଙ୍କର ଜାଗିରଥିବା ପାଇକମାନେ ଅଛନ୍ତି ଯେ ଡାକ ନେବା ଦେବା ତାହାଙ୍କର ଗୋଟିଏ କାର୍ଯ୍ୟ ଅଟଇ । କେବଳ ଦେଖି ଡାକଘର ବସାଇଲେ ସେମାନଙ୍କ ଜାଗିର ବାଜ୍ୟାପ୍ତି କରିବାକୁ ସେ ଟଙ୍କା ଉଠାଇବାକୁ ହେବ ମାତ୍ର ତାହା କୌଣସିମତେ ନିରାପଦ ଓ ଯୁକ୍ତିସଙ୍ଗତ କାର୍ଯ୍ୟ ନୁହଇ । ପୁଣି ରଜାମାନେ ଆପଣା ବ୍ୟୟରେ ଡାକଘର ବସାଇଲେ ତାହାଙ୍କର ସମସ୍ତ ଚିଠିପତ୍ର ବିନାମାସୁଲରେ ଯିବା ଆସିବା କରିବା ଉଚିତ କିନ୍ତୁ କାର୍ଯ୍ୟତଃ ତାହା ହୋଇ ନ ପାରେ ଏବଂ ହେବାର ଉଚିତ ନୁହଇ । ଡାକଘର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କର ଗୋଟିଏ ଖାସ ମହକୁମା ଏଥିର ଯେତେ ବିସ୍ତାର ହେବ ଗବର୍ଣ୍ଣମେଣ୍ଟଙ୍କର ସେତେ ଲାଭ ଏବଂ ସାଧାରଣ ପ୍ରୟୋଜନ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ତହିଁର ସୁବିଧା କରିଦେବାକୁ ବାଧ୍ୟ । ଏହି ବିବେଚନାରେ ଗବର୍ଣ୍ଣମେଣ୍ଟ ପ୍ରାୟ ସମସ୍ତ ଜିଲ୍ଲାରେ ଡାକବାକ୍ସମାନ ରଖାଇ ସାମାନ୍ୟ ପରିମାଣରେ ଚିଠିପତ୍ର ଯିବା ଆସିବାର ସୁବିଧା କରିଦେଇ ଅଛନ୍ତି କିନ୍ତୁ ଲୋକଙ୍କଠାରୁ ପ୍ରୟୋଜନକୁ ତାହା ପ୍ରଚୁର ନୁହଇ ଏଯୋଗ୍ୟ ରଜାମାନଙ୍କଠାରୁ କିଛି କିଛି ସାହାଯ୍ୟ ନେବା ଅନ୍ୟାୟ ନୁହଇ କିନ୍ତୁ ତାହା ଏହି ସର୍ତ୍ତରେ ହୋଇପାରେ ଯେ ଡାକଘରର ବ୍ୟୟ ଆପେ ଆପେ ନିର୍ବାହ ହେବାର ସମ୍ଭବ ହେଲେ ସେ ସାହାଯ୍ୟର ଆଉ ପ୍ରୟୋଜନ ହେବ ନାହିଁ । ପୁଣି ପ୍ରତ୍ୟେକ ରଜାର ଗଡ଼ରେ ଡାକଘର ସ୍ଥାପନ ପକ୍ଷରେ ସମ୍ପ୍ରତି ଗୋଟିଏ ଉଚ୍ଚ ପ୍ରତିବନ୍ଧକ ରହିଅଛି ଏବଂ ଅମ୍ଭମାନଙ୍କ ବିବେଚନାରେ ଡାକଘର ଫିଟାଇବା ପୂର୍ବ ତହିଁର ସୁବିଧା କରିବା ଉଚିତ କଟକଠାରୁ ସମସ୍ତ ଗଡ଼ଜାତକୁ କିମ୍ବା ଏକ ଗଡ଼ଠାରୁ ଅନ୍ୟ ଗଡ଼କୁ ଯାତାୟାତ କରିବାର ସଡ଼କବାଟ ନାହିଁ । ବାଟର ସୁବିଧା ନ ହେଲେ

Digitized by srujanika@gmail.com

ହେବଇ ଡାକର ପ୍ରୟୋଜନ ବୃଦ୍ଧି ହେବା ସମ୍ଭବ ନୁହଇ ଏବଂ ଶୀଘ୍ର ଡାକ ଯାତାୟାତ ମଧ୍ୟ ହୋଇ ନ ପାରେ ଅଟେ ସଡକ ହେଲେ ବାଣିଜ୍ୟର ବୃଦ୍ଧି ସୁତରାଂ ଡାକର ପ୍ରୟୋଜନ ବୃଦ୍ଧି ହେବ । ଯେତେଦିନ ତାହା ହୋଇ ନାହିଁ ସେତେଦିନ କେବଳ ଡାକଘର ଫିଟିଲେ ଯେ ଅଧିକ କାର୍ଯ୍ୟ ହେବ ଏମନ୍ତ ଆଶା କରାଯାଇ ନ ପାରେ । ଏହି ସମସ୍ତ ହେତୁରୁ ଆମ୍ଭେମାନେ କହୁଁ ଯେ ଖଣ୍ଡିଆ ରାଜାମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ନ କରାଇ ଏକା ମଧ୍ୟସ୍ଥଳରେ ଗୋଟିଏ ଲେଖାଏଁ ଡାକଘର ସ୍ଥାପନ କରି ତତୁର୍ଦ୍ଦିଗସ୍ଥ ରାଜାଙ୍କୁ ଆପଣା ଜିଲ୍ଲା ସଙ୍ଗେ ଯୋଗ ରକ୍ଷିବା ପାଇଁ ବାଧ୍ୟ କରାଯାଉ ତାହା ହେଲେ ଅଳ୍ପ ବ୍ୟୟରେ ଆପାତତଃ କାର୍ଯ୍ୟ ଚଳିବ ଏବଂ କାହାରିକୁ ତାହା ବାଧକ ନାହିଁ । ଉଦାହରଣ ସ୍ୱରୂପ ବୋଲାଯାଇ ପାରେ ଯେ ମହାନଦୀର ଦକ୍ଷିଣକୂଳରେ ଖଣ୍ଡିଲୋ ଗୋଟିଏ ପ୍ରଧାନ ଗ୍ରାମ ଏଠାରେ ବାଣିଜ୍ୟକାର୍ଯ୍ୟ ମଧ୍ୟ ଅଧିକ ପରିମାଣରେ ଚଳଇ । ଏଠାରେ ଗୋଟିଏ ଡାକଘର ହେଲେ ଖଣ୍ଡପଡା ବଡ଼ାମ୍ବା ନରସିଂହପୁର ଓ ଦଶପଲ୍ଲା ରଙ୍ଗଗଡ଼କୁ ସୁବିଧା ହେବ । ରାଜାମାନେ କେବଳ ପାଇକ ଛାଡ଼ିଦେଲେ ଅନାୟାସରେ ଅଳ୍ପ ବ୍ୟୟରେ କାର୍ଯ୍ୟ ହେବ । ଗଡ଼ଜାତ ଜିଲ୍ଲାର ଅନ୍ୟାନ୍ୟ ଗ୍ରାମର ଚିଠିପତ୍ର ଜିଲ୍ଲାକାଳ ସକାଶେ ନାମମାତ୍ର ବୋଲିବାକୁ ହେବ । ସୁତରାଂ ଭଞ୍ଜନଗରରେ ଯୋଗ ହେଲେ ଯଥେଷ୍ଟ ହେବ । ଏହିପରି ହରିପୁରରେ ଏକ ଡାକଘର ହେଲେ ଛଗିରସ୍ଥା ଢେଙ୍କାନାଳ ହିନ୍ଦୋଳ ଏବଂ ତାଳଚେର ପର୍ଯ୍ୟନ୍ତର ସୁବିଧା ହେବ ଏପରି ମଧ୍ୟ ସ୍ଥଳମାନଙ୍କରେ ଗୋଟିଏ ଡାକଘର ବସାଇବାର ସମ୍ପୂର୍ଣ୍ଣ ବ୍ୟୟ ଯେବେ ଗବର୍ଣ୍ଣମେଣ୍ଟ ଅଗତ୍ୟା ଭଳିତ ଦେଇ ନ ପାରନ୍ତି ତେବେ କଣ୍ଟ୍ରୋଣିକର ରାଜାମାନଙ୍କଠାରୁ କିଛି ନେଲେ ମଧ୍ୟ ଚଳି ପାରେ । ଖୋରଧା ବୋଲଗଡ଼ରେ ଡାକଘର ଅଛି । ସେଠାରୁ ନୟାଗଡ ଓ ରଣପୁରକୁ ଡାକ ଯାତାୟାତର ସୁନ୍ଦର ବନ୍ଦୋବସ୍ତ ହୋଇ ପାରେ । ମୂଳକଥା ଏହି ହେଉଅଛି କି ରାଜାମାନଙ୍କୁ ଡାକଘରଦ୍ୱାରା କାରବାର କରିବାକୁ ବାଧ୍ୟ କଲେ କ୍ରମଶଃ ଡାକଘରପ୍ରତି ସେମାନଙ୍କର ଯତ୍ନ ବଢ଼ିବ । ସେମାନଙ୍କ ସହିତ ଯେତେ ସରକାରୀ ଚିଠିପତ୍ର ଅଛି ସମସ୍ତ ଡାକରେ ଯିବା ଆସିବା ହେଉ ଏବଂ ଶେଷଠାରୁ ଡାକରେ କେତେଦିନେ ଚିଠି ଯିବା ଆସିବା କରୁଅଛି ସ୍ୱପ୍ରଣାଳି ମହକୁମାରେ ଛହିଁପ୍ରତି ଦୃଷ୍ଟି ରହୁ ଓ ସମୟ ସମୟରେ ଆବଶ୍ୟକ ହେଲେ ରାଜାମାନଙ୍କୁ ସେ ବିଷୟରେ ତାଗିଦ ହେଉ ତାହାହେଲେ କ୍ରମଶଃ ଡାକଘରର ଆଦର ବଢ଼ିବ । ଏ ହମନ୍ତ ଚେଷ୍ଟାକରିବା ପୂର୍ବ ରାଜାମାନଙ୍କୁ ଡାକଖର୍ଚ୍ଚ ଦିଅଇବା କିମ୍ବା ସେମାନଙ୍କର ମୂର୍ଖତା ବଶତଃ ତ୍ରୁଟିର ଅର୍ଥଦଣ୍ଡ ତାହାଙ୍କଠାରୁ ନେବା କିଛି କଠିନ ବୋଧ ହେଉଅଛି ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସଂବାଦଦାତା ଲେଖିଅଛନ୍ତି ଯଥା;—

ଗତଜ୍ୟେଷ୍ଠ ମାସ ୪ ୧ ରିଖ ମଙ୍ଗଳବାରଠାରୁ ତା ୭ ରିଖ ଗୁରୁବାର ପର୍ଯ୍ୟନ୍ତ ଏ ଅଞ୍ଚଳରେ ବିଶେଷ ଝଡ ବୃଷ୍ଟି ହୋଇ ଥିବାରୁ ଧାନବୁଣା ପକ୍ଷରେ ବିଶେଷ ଅସୁବିଧା ହୋଇଗଲା ନାହିଁ ତନ ଚାରିଦିନ ହେଲା ବୃଷ୍ଟି ହେଉ ନାହିଁ ଓ ଅସହ୍ୟ ଗ୍ରୀଷ୍ମ ହେଉଅଛି । ଧାନ ଚାଉଳର ଦର କିଛି ବୃଦ୍ଧି ହୋଇଗଲା । ଏଠା ଫଉଜଦାରୀ ମୋହରର କାଳିପ୍ରଶ ପ୍ରସାଦ ଦାସଙ୍କ ନୂତନ ତପ୍ପାଣ୍ଡ ବସାଗୃହରେ ଗତ ରବିବାର ସନ୍ଧ୍ୟାରେ କେହି ଦୁଷ୍ଟ ଲୋକ ଅଗ୍ନି ଲଗାଇ ଦେବାରୁ ଗୃହ ଗୁଡ଼ିକ ଭସ୍ମୀଭୂତ ହୋଇଗଲା ସୁଖର ବିଷୟ ଯେ ନାରଣ ବାବୁ ଉକ୍ତ ଗୃହରେ ରହି ନ ଥିବାରୁ କିଛି ଦ୍ରବ୍ୟ ନଷ୍ଟ ହୋଇ ନାହିଁ । ବଙ୍ଗ ଦେଶରୁ ଏକଦଳ କୃଷ୍ଣଲୀଳାଓ୍ୱାଲା ଆସି କେତେଦିନ ଏ ନଗରରେ ଅବସ୍ଥିତ କରିଥିଲେ ଓ ସେମାନଙ୍କ ଗାନ ଓ ନୃତ୍ୟ ହୁଏ ଶୁଣିଥିବା ଏ ନଗରରେ ହୋଇଥିଲା ସେମାନେ ଏକପ୍ରକାର ଉତ୍କୃଷ୍ଟ ବୋଧ ହେଉଅଛନ୍ତି ଯହିରେ ସେମାନେ କଟକ ନଗରକୁ ପ୍ରସ୍ଥାନ କରିଅଛନ୍ତି ଭରଷା କରୁଁ ସେଠାରେ ତାଙ୍କମାନଙ୍କ ଆଶା ପୂର୍ଣ୍ଣ ହେବ । ସରକାରୀ କାର୍ଯ୍ୟ ଉପଲକ୍ଷରେ ଯୁବକ ଗତ ମୂଷାମଲ୍ଲ ମ ଯାଇଥିଲା ସେସ୍ଥାନର ଅବସ୍ଥା ନିତାନ୍ତ ଶୋଚନୀୟ ହୋଇଅଛି ଏକପ୍ରକାର ଅଗଜଳ ହୋଇବାରୁ ଗତବାସି ବ୍ୟକ୍ତିମାନେ କଷ୍ଟରେ ଜୀବନପାତ କରୁଅଛନ୍ତି ଓ ଜନବାଟୀ ମଧ୍ୟରେ ଗୃହ ସବୁ ଏବର୍ଷ ବାର୍ଷିକ ଜଳପରିବେଷ୍ଟନୀ ହୋଇ ନ ଥିବାରୁ ଉଗ୍ରାବସ୍ଥା ପ୍ରାପ୍ତ ହେଲଣି ।

ହାଇକୋର୍ଟଙ୍କ ଆଜ୍ଞାନୁସାରେ ମୁକଦ୍ଦମା ବିଷୟ ପ୍ରମାଣର କୋର୍ଟ ଅବଓ୍ୱାର୍ଡସ ଅଧୀନରେ ଆସିଅଛି । ସୁତରାଂ ଯେପର୍ଯ୍ୟନ୍ତ ଉପଯୁକ୍ତ ଅଦାଲତଙ୍କ ନିଷ୍ପତ୍ତି କ୍ରମେ ଅନ୍ୟ କେହି ରାଜା ହୋଇ ଷ୍ଟେଟକୁ ଉଦ୍ଧାର କରି ନ ନେବ ସେପର୍ଯ୍ୟନ୍ତ କଲେକ୍ଟର ସାହେବଙ୍କ ଶାସନରେ ରାଜ୍ୟ ରହିବାର ଏବଂ ପ୍ରଜାମାନେ ସୁଖରେ ରହିବେ ସନ୍ଦେହ ନାହିଁ । ତହିଁ ଉତ୍ତାରୁ ନୂତନ ରାଜାର ଯୋଗ୍ୟତା ଉପରେ ପ୍ରଜାଙ୍କର ସୁଖ ଦୁଃଖ ନିର୍ଭର କରିବ ।

# ସାପ୍ତାହିକସଂବାଦ ।

ଏଠା କଲେକ୍ଟରୀ ସିରସ୍ତାଦାରୀ କର୍ମର ପୂର୍ବ ଲେଖିତ ବନ୍ଦୋବସ୍ତ ଦବାଇର ବାବୁଙ୍କର ଅପିଲ ବୋର୍ଡରେ ନଷ୍ପତ୍ତି ତା ଅପିଲ ନ ହେଲେ ଅପିଲ ମିଥାଦ ଶେଷ ପର୍ଯ୍ୟନ୍ତ ସ୍ଥଗିତ ରହିଲା ।

ଖଣ୍ଡପଡ଼ା କରଡ଼ଗଡ଼ିଆ ମକଦ୍ଦମାରେ ଅନନ୍ତରାମସିଂହ ମୂଦାର ଫାଶୀ ପାଇବା ପୂର୍ବେ ଅନ୍ୟ ଦୁଇ ଜଣ ତାହା ସଙ୍ଗୀ ଅପରାଧୀ ଥିବାର କହିଥିବା ପ୍ରସଙ୍ଗ ପୂର୍ବେ ଲେଖିଥିଲୁଁ । ସେ ବିଷୟ ଅନୁସନ୍ଧାନ ନିମନ୍ତେ ଏଠାର ଜଏଣ୍ଟ ମେଜଷ୍ଟର ସେ ସ୍ଥାନକୁ ଯାଇଥିଲେ ମାତ୍ର ତଦନ୍ତରେ ତାହାର କଥା ମିଥ୍ୟା ଥିବା ଓ ଦଣ୍ଡନୀୟ ବ୍ୟକ୍ତିମାନେ ବାସ୍ତବିକ ଦୋଷୀ ଥିବାର ପ୍ରକାଶ ପାଇଲା ।

ଦର୍ପଣରୁ ଅବଗତ ହେଲୁଁ ବାବୁ ରମାନାଥ ଦାସ ମୟୂରଭଞ୍ଜ ଏବଂ କେଓଞ୍ଝରର ସ୍କୁଲ ସବ୍‌ଇନ୍‌ସ୍ପେକ୍ଟରର ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ବ୍ରହ୍ମଧର୍ମ ପ୍ରଚାରକ ଶ୍ରୀଯୁକ୍ତ ବାବୁ ଅଘୋରନାଥ ଗୁପ୍ତ ଗତ କାଲି ରାତି ଘ ୬ ଟା ସମୟରେ ଏଠା ଜିଲାସ୍କୁଲଗୃହରେ ଅମୃତଧାମକୁ ଯିବା ବିଷୟକ ଗୋଟିଏ ବକ୍ତୃତା ଦେଇଥିଲେ । ସେ ଯେଉଁ ବିଷୟ ଘେନି ବକ୍ତୃତା ଦେଇଥିଲେ ତାହା ଅତ୍ୟନ୍ତ ଦୁର୍ବୋଧ ଥିବାରୁ ବକ୍ତାଙ୍କର ଭାବ ସମୟରେ ପରିବର୍ତ୍ତନ ହୋଇଥିଲା ।

ବାଲେଶ୍ୱର ଜେଲର ଡାକ୍ତର ରାଗଲପୁରକୁ ବଦଳି ହୋଇ ଅଛନ୍ତି ଏବଂ ତାଙ୍କ କର୍ମରେ ଓଡିଶାବାସୀ ଶ୍ରୀରାମ ଘୋଷ ଆସୁଅଛନ୍ତି । ସୁଖର ବିଷୟ ।

ପୂର୍ବୋକ୍ତା ଗବର୍ଣ୍ଣର ଜେନରଲଙ୍କ ବିଦାୟ ଏବଂ ନୂତନଙ୍କ ଦର୍ଶନ କରିବା ନିମିତ୍ତ ଭାରତବର୍ଷର ବଡ଼ ରାଜା ମହାରାଜାମାନେ ସିମଲାକୁ ଯାଉଅଛନ୍ତି । ମାନ୍ଦ୍ରାଜର ଏକ ସଂବାଦପତ୍ରରୁ ଜଣାଯାଏ ଯେ ମହୀସୁରର ମହାରାଜା ଗଭର୍ଣ୍ଣର ସାହେବଙ୍କ ସଙ୍ଗେ ନେଇ ଯାଉଅଛନ୍ତି । ଏହି ଅବସରରେ ସେ ଗଭର୍ଣ୍ଣର ସାହେବଙ୍କୁ ଟେମିଉଣ୍ଡ ଏବଂ ରଙ୍ଗା ଚାର୍ଲୁଙ୍କୁ ଦେବାନ ନିଯୁକ୍ତ କରିବା ବିଷୟରେ ପ୍ରାର୍ଥନା କରିବେ ।

ଫରାସୀ ଗବର୍ଣ୍ଣମେଣ୍ଟ ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ପରି ଧର୍ମାର୍ଥ ସମ୍ପତ୍ତିର ଅପବ୍ୟୟ ନିବାରଣ କରିବାକୁ ଧର୍ମସମ୍ବନ୍ଧ ଆପତ୍ତି ହେତୁରେ କୁଣ୍ଠିତ ନୁହନ୍ତି । ପଣ୍ଡିଚେରୀର ମଠମାନଙ୍କର ଯାଇ ବେଦେକ ପରିମାଣରେ ସେଠା ଗବର୍ଣ୍ଣମେଣ୍ଟଙ୍କ ହାତରେ ଥିବାର ଜଣାଯାଏ । ସମ୍ପ୍ରତି କେତେଗୁଡ଼ିଏ ନିୟମ ପ୍ରସ୍ତୁତ ହୋଇ ତହିଁର ତର୍କବିତର୍କ ସକାଶେ ଧର୍ମକର୍ତ୍ତାମାନଙ୍କୁ ସାଧାରଣ ବିଜ୍ଞାପନଦ୍ୱାରା ଆହ୍ୱାନ ହୋଇଅଛି ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ଅତିରିକ୍ତ ସେକ୍ରେଟରୀ ବାବୁ ସୁରେନ୍ଦ୍ରନାଥ ମିତ୍ର ଦଶମାସର ଛୁଟୀ ନେବାରୁ ବାବୁ ହେମଚନ୍ଦ୍ର କର ଡେପୁଟୀ କଲେକ୍ଟରର ସେ କର୍ମରେ ନିଯୁକ୍ତ ହୋଇଅଛନ୍ତି । ହେମଚନ୍ଦ୍ର ବାବୁ ଜଣେ ଅତି ବିଚକ୍ଷଣ ଓ ଡେପୁଟି ଲୋକ ଅଟନ୍ତି ସେ ଯେଉଁ କର୍ମରେ ଯାଉଅଛନ୍ତି ତହିଁର ଯଶ ଲଭିଅଛନ୍ତି ।

ମୃତ ଗବର୍ଣ୍ଣ ସାହେବଙ୍କ ସ୍ମରଣାର୍ଥ ଗତସପ୍ତାହ ଶନିବାର ଗୋଟିଏ ସଭା ହୋଇଥିଲା । ସେଦିନ ସଭାରେ ଉପସ୍ଥିତ ସଭ୍ୟମାନେ ୫୦୦୦ଙ୍କା ଦେବା ସ୍ୱୀକାର କଲେ । ଟାଉନହଲରେ ମୃତ ବ୍ୟକ୍ତିଙ୍କର ଗୋଟିଏ ପ୍ରତିମୂର୍ତ୍ତି ରଖିବା ଏବଂ ଟଙ୍କା ହେଲେ କିଛି ସତ୍କାର୍ଯ୍ୟରେ ନିୟୋଗ କରିବାର ପ୍ରସ୍ତାବ ହୋଇଅଛି ।

ହଜାରିବାଗମାନଙ୍କରେ ଲେଖା ଅଛି ଯେ ସେବ ନାମକ ସ୍ଥାନରେ ଏକ ବ୍ୟକ୍ତିର ଫାଶୀ ହୋଇ ଥିଲା । ଏ ବ୍ୟକ୍ତିର ନାମ ଭକାଉ ଏବଂ ଏ ଦୁଇଜଣ ସ୍ତ୍ରୀକୁ ବଧ କରି ଥିଲା । ଯଥା ସମୟରେ ଫାଶୀଦ୍ୱାରା ଫାଶି ଦେଇଥା କାଟି ଦେଲା ଏବଂ ଡାକ୍ତର ପରୀକ୍ଷା କରି ଦେଖିଲା ଯେ ପ୍ରାଣ ନଷ୍ଟ ହୋଇଅଛି । ଏହି ମୃତ ଦେହକୁ କୌଣସି ବୈଜ୍ଞାନିକ ପରୀକ୍ଷା ନିମିତ୍ତ

Split by PDF Splitter
Digitized by srujanika@gmail.com

ତାହାର ପଛ ପୋଗେ ତାହାର ଶ୍ରୋତର ଅଲଗ୍ନ ହସ୍ତ ଯିବାରୁ ଭହିଁ ମଧ୍ୟ ଗାବକ ସଞ୍ଚାର ହେବାର ଦେଖା ଗଲା । କେତେ ସଖା ଉପରୁ ତହାଣ ସମ୍ପୂର୍ଣ୍ଣରୂପେ ଅଧୈର୍ଯ୍ୟ ହେଲା ଏବଂ ତାହାକୁ ଜଗି ବସିଥିବା ଲୋକଙ୍କ ପ୍ରତି କର୍କଶ ଭାବ ପ୍ରକାଶ କଲା । ଏ ଅପସ୍ମାରୀ ବ୍ୟକ୍ତିକୁ ବ କରିବାକୁ ଚେଷ୍ଟା ସେ ଦିନ ସ୍ଥିର ହେଲା ନାହିଁ ମାତ୍ର ଅର ଦିନ ସକାଳେ ଦେଖା ଗଲା ସେ ତହାଣ ମରି ଯାଇଅଛି । ସ୍ପଷ୍ଟରେ ସର୍ପାଘାତ ଲୋକରେ ବଡ ପୀଡା ଲେଖ କରି ଥିଲା ଏବଂ କାଳୁଳ ପ୍ରାୟ ହୋଇ ପ୍ରହରିମାନଙ୍କୁ ଆକ୍ରମଣ କରି ଥିଲା ଯେତେବେଳେ ଜ୍ଞାନ ହେଉ ଥିଲା ସେତେବେଳେ ଦାରୁଣ ପୀଡା ଭୋଗ କରିବାର କହୁ ଥିଲା ଏବଂ ଦୁଧ ଓ ପାଣି ପିଇବାକୁ ମାଗୁଥିଲା ।

ଗତ ସେପ୍ଟେମ୍ବର ମାସରେ ଶେଷ ହୋଇଥିବା ସେଉଣ୍ଟେସ୍ ବର୍ଷର ରାଜସ୍ୱପତ୍ରରୁ ଜଣାଯାଏ ଯେ ଉକ୍ତ ବର୍ଷର ପଥ କର ଓ ପ୍ରଦେଶୀୟ କରର ମୋଟ ଜମା ଟ ୬୬,୭୫,୨୦୫୯ ଉସୁଲ ଟ ୭୭୪୧୬୭୩ ଙ୍କା ମାଫି ଟ ୧୧୪୪୬ ଙ୍କା ଏବଂ ବାକି ସେଉଣ୍ଟେସ୍‌ରେ ଟ ୪୮୬୨୫୬ ଏବଂ ପ୍ରଦେଶୀୟ କରରେ ଟ ୪୫୪୬୦୬ ଙ୍କା । ପ୍ରଦେଶୀୟ କର ସବୁଠାରେ ଟଙ୍କା ପ୍ରତି ଦୁଇ ପଇସା ଲେଖାଏ ଆଦାୟ ହୋଇ ଥିଲା । ପଥ କର କେବଳ ବାଙ୍କୁଡା ଓ ଗୟାରେ ଅଧା ଦରରେ ସ୍ୱର୍ଣ୍ଣ-ଶାସ୍ତ୍ର ସାରଣ ଓ ବେହାର ଜିଲାରେ ବାର ପଣ ଦରରେ ଏବଂ ବାକି ୩୫ ଜିଲାରେ ପୂର୍ଣ୍ଣ ଦରରେ ବସିଥିଲା ।

ଗୟା କଲେକ୍ଟରୀ ସେରସ୍ତାଦାରଙ୍କ ବିରୁଦ୍ଧରେ କେତେ ଗୁଡିଏ କଠିନ ଅଭିଯୋଗ ହୋଇ ଅଛି ଯଥା ଘରଭଡା ଟଙ୍କା ଅନୁଗ୍ରହ ଉତ୍କୋଚ ଗ୍ରହଣ ଇତ୍ୟାଦି । ସମ୍ପ୍ରତି ଏପ୍ରକାର ମାନଙ୍କର ଦୃଷ୍ଟି ଉପର ପଡି ବୋଧହେଲେ ଅତି କାଳ ଅହେତୁ ସେରସ୍ତାଦାରଙ୍କ ବିରୁଦ୍ଧରେ ଏପ୍ରକାର ଅଭିଯୋଗ ବାହାରିବାର କାରଣ କି ?

୧ । ସୁରତ ସମାଗ୍ରକରୁ ଅବଗତ ହେଲୁଁ ସର ଗାର୍ଣ୍ଣେଟ ୱିଲ୍‌ସେନ ଭାରତବର୍ଷର ନୂତନ ସେନାଧ୍ୟକ୍ଷ ହୋଇ ଶୀଘ୍ର ଏଦେଶକୁ ଆସୁଅଛନ୍ତି ।

୨ । ଇଂଲଣ୍ଡରେ ଏକ ବ୍ୟକ୍ତି କୃତ୍ରିମ ହୀରା ପ୍ରସ୍ତୁତ କରୁଅଛନ୍ତି । ତାହାକୁ ଦେଖିଲେ ସହଜରେ କେହି କୃତ୍ରିମ ହୀରା ବୋଲି ବୁଝି ପାରନ୍ତି ନାହିଁ । ଉଜ୍ଜ୍ୱଳତା ଓ ଅନ୍ୟାନ୍ୟ ଗୁଣ ସମ୍ବନ୍ଧରେ ତାହା ଠିକ ହୀରା ତୁଲ୍ୟ । ବହୁମୂଲ୍ୟ ଅମଦାନି ହେବା ଦିନରୁ କେଉଁଣି ବାଜାରଣି ପ୍ରଭୃତ ସମସ୍ତେ ମୁକ୍ତା ମାଳା ପିନ୍ଧୁଅଛନ୍ତି । ବର୍ତ୍ତମାନ ଏହି ହୀରା ଅମଦାନି ହେଲେ ହାଡିଅଣୀ ପର୍ଯ୍ୟନ୍ତ ହୀରାର ଗହଣା ପିନ୍ଧିବେ । ନକଲି ଗହଣା ଏହିରୂପେ ହାଡି, ଥାଳ, ଷ୍ଟେଟସେବ ଓ ଭଦ୍ର ଲୋକ ସମସ୍ତଙ୍କ ସମାନ କରି ଦେଏ ।

୩ । ପାଠକମାନେ ଶୁଣି କୌତୂହଳାକ୍ରାନ୍ତ ହେବେ ଯେ ଗଭର୍ଣ୍ଣମେଣ୍ଟ ଟେଲିଗ୍ରାଫ ଅଫିସର ଜଣେ ବାବୁ କା-ସୁରତ ବାନରଦ୍ୱାରା ଟେଲିଗ୍ରାଫ ଚଳାଉଅଛନ୍ତି । ସେ କହୁ ଅଛନ୍ତି ଯେ, ପ୍ରଥମେ ବାନର ଲିତ ଆମର ଘୋଟଏ ଗଳିଗ୍ରି କରିବାକୁ ଚାହିଁ ଥିଲା । ସେ ତାହାର କାର୍ଯ୍ୟ କରୁଥିଲେ ସେଥିରୁ ବୋଧ ମନେ କଲୁଁ ଏବଂ ଘୋଟିଏ ବାନ୍ଧି ପୋଷ ଦହିଁରେ ତାହାର ରଣା ବାନ୍ଧି ଦେଲୁଁ, ତହିଁରେ ସେ ଏଣେ ତେଣେ ପଳାଇ ନ ପାରିଲା । ତହିଁ ଉପରେ ଗ୍ରୀଏ ଘଣ୍ଟି ଲମ୍ବା ପଙ୍ଖା ଦଉଡରେ ତାହାର ହାତରେ ବାନ୍ଧି ଦେଲୁଁ ଏବଂ ଜଣେ ଲୋକ କମାଗତ ସେହି ଦଉଡ ଧରି ପଙ୍ଖା ଟାଣିବାକୁ ଲାଗିଲା । ମାଙ୍କଡ ଏହିପ୍ରକାର ଅଭ୍ୟାସ କରିବାରୁ ବାନରଟି ନିଜେ ଉତ୍ତମରୂପେ ପଙ୍ଖା ଟାଣିବାକୁ ଶିଖିଲା । ଏହିରୂପ ଉତ୍ସାହିତ ପରିଶ୍ରମଦ୍ୱାରା ସେହି ବାନରଟି ଖୁବ ଚତୁର ଓ ପୋଷା ହୋଇଥିଲା । ଦୂରମାନଙ୍କଠାରୁ

ତାହାହାରା ଉତ୍ତମ ରୂପେ କାର୍ଯ୍ୟ ଚଳୁଅଛି । ସେ ବାନରଟି ମଦ ପିବାକୁ ବାବୁ ଭାବୁଥିଲେ ତୁଙ୍କ ଘୋଡାଇ ବାନରକୁ ଏହି-ରୂପ ପଙ୍ଖା ଟାଣିବାକୁ ଶିଖାଇ ଥିଲେ । କିନ୍ତୁ ଅର୍ଥର ବିଷୟ ଏହି ଯେ, କେତେକ ବାନରକୁ ସେହିରୂପ ଶିକ୍ଷା ଦେବାରେ ସେମାନେ କୃତକାର୍ଯ୍ୟ ହେଲେ ନାହିଁ । ବର୍ତ୍ତମାନ ଦେଖା ଯାଉଅଛି ଠିକ ମନୁଷ୍ୟ ସ୍ତ୍ରୀମାନଙ୍କ ପ୍ରାୟ ବାନର ସ୍ତ୍ରୀ-ମାନଙ୍କର ପ୍ରକୃତି । ଉଭୟଙ୍କ ଏକଗୁଣ ଏବଂ ସହଜରେ ବଶୀଭୂତ ହେବାର ଦୃଷ୍ଟାନ୍ତ ଦେବେ ଛଳେ ଡାରଉଇନ ସା-ହେବଙ୍କ ମତ ପ୍ରମାଣ ହେବାକୁ ଗୁଲା ? ବାନରଜାତି ସହେଙ୍କ ମାନବକୁଳର ପିତାମହ ଓ ପିତାମହୀ ହେଲେ ?

୪ । ଷ୍ଟେମସ୍ପ୍ରକାଶ ବୋଲନ୍ତି ଯେ, ଜଣେ ଫରାସି ଦଣ୍ଡି ତେଲରୁ ଏକ ପ୍ରକାର ଅଦ୍ଭୁତ ବ୍ରୁସ୍ ପ୍ରସ୍ତୁତ କରିଛନ୍ତି । ଏହାର ଗୁଣ ଗୋଡ ଯୋଡିଏ ଲଗାଇ, ଏବଂ ଅଦ୍ଭୁତ କିଛି । ଏହି ବ୍ରୁସ୍‌କୁ ଗୋଟିଏ ପଲେ ଲଗାଇଲେ ପଣି ହାକି ଏରୂପ ପବନ କରୁ ଥାଏ ଯେ ଅତି ଗର୍ମି ସମୟରେ ମଧ୍ୟ ପ୍ରବଳ ପବନ ଉଠେ ଏବଂ ସ୍ୱର୍ଗପାର୍ଶ୍ୱ ସାଗର ଏକାବେ-ଳକେ ଅଣ୍ଡା ହୋଇ ଯାଏ, ଏବଶା ଏହି ବ୍ରୁସ୍ ବ୍ୟବହାରରେ ବେଶୀ ପଇସା ଉପାର୍ଜନ କରୁଅଛନ୍ତି ବଡ ଲୋକଙ୍କ ବୈଠକ ଖାନାରୁ ଏହି ବ୍ରୁସ୍ ଲୋକ ଯାଇ ଟଣା ପଙ୍ଖାର କାର୍ଯ୍ୟ କରୁଅଛନ୍ତି ।

ଉନ୍ନିସ୍ଥାନ ମିରଭ ଲେଖି ଅଛନ୍ତି କ ଏଥିମଧ୍ୟରେ ଅନ୍ଦର ଜନ ଜଣ ମୁସଲମାନ ଶିକ୍ଷା ଲଭ ନମିତ୍ତ ବିଲାତକୁ ଯାଇ ଅଛନ୍ତି । ଏମାନଙ୍କ ମଧ୍ୟରୁ ଦୁଇ ଜଣ ଅଇନ ଏବଂ ଏକ ଜଣ ଡାକ୍ତରୀ ଶିକ୍ଷା କରିବାର ସଙ୍କଳ୍ପ କରି ଅଛନ୍ତି । ଗତ ଦଶ ବର୍ଷ ମଧ୍ୟରେ ସର୍ବଶୁଦ୍ଧା ୭ ୩୪ ଜଣ ମୁସଲମାନ ଶିକ୍ଷାଲାଭ ନିମିତ୍ତ ବିଲାତକୁ ଯାଇ ଅଛନ୍ତି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ମହାସିଂହପୁର ଗଭର୍ଣ୍ଣମେଣ୍ଟ ସ୍କୁଲ ସନ ୧୮୫୪ ମସିହାରେ ସ୍ଥାପିତ ହୋଇ ପ୍ରତି ବର୍ଷ ଶୁଭ ଫଳ ଦେଇ ଆସୁଅଛି କିନ୍ତୁ ସ୍କୁଲଗୃହର ଜୀର୍ଣ୍ଣସଂସ୍କାରର ଦେଶୀୟ ବ୍ୟକ୍ତିଙ୍କଦ୍ୱାରା ହେବାର ନିଯ୍ୟମ ହୋଇ ଥିବାରୁ ବର୍ତ୍ତମାନ ଉକ୍ତ କର୍ଣ୍ଣାବସ୍ଥାଲିଷ୍ଟ ଗୃହର ସଂସ୍କାର ନିମିତ୍ତ ସ୍କୁଲର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ଲକ୍ଷ୍ମଣ ନନ୍ଦ ଯଥାସାଧ୍ୟ ଯତ୍ନ କରି ପ୍ରାୟ ଟ ୫୦ ଙ୍କାରୁ ଊର୍ଦ୍ଧ୍ୱ ହେବ ଲେଖା ସ୍ୱାକ୍ଷରିତ କରାଇ ନିମ୍ନଲିଖିତ ମହାଶୟ ଗଣଙ୍କଠାରୁ ଟ ୨୦ । ଆଦାୟ କରି ଜମିରସ୍ତ କରି ଅଛନ୍ତି ଏବଂ ଶ୍ରୀଯୁକ୍ତ ବାବୁ ଦର୍ଗାନାରାୟଣ ଘୋଷ ଓ ଶ୍ରୀଯୁକ୍ତ ମୌଲବୀ ରମଜୁଲହକ ବି-ଶେଷ ସାହାଯ୍ୟ କରୁଅଛନ୍ତି । କିନ୍ତୁ ଏତଦ୍ୱାରେ କାର୍ଯ୍ୟ ସମ୍ପନ୍ନ ହେବାର ଆଶା ହେଉ ନ ଥିବାରୁ ଦେଶୀୟ ଭଦ୍ର ଧନୀ ମହୋଦୟଙ୍କୁ ବିଶେଷ ପ୍ରାର୍ଥନା ଯେ ଏ ହିତକର କାର୍ଯ୍ୟରେ ସାହାଯ୍ୟ ପ୍ରଦାନ କରି ଲୋକ ଉପକାର ସାଧନ କରନ୍ତୁ ଦେ-ଶିକ୍ଷା ଇତି ।

ଜନକ } ବଶମ୍ବଦ
୨୬।୫।୮୦ } ଶ୍ରୀ ପଦ୍ମନାଭ ରଥପଥୀ

ଶ୍ରୀଯୁକ୍ତ ଚନ୍ଦ୍ରଧ୍ୱଜ ହରେକୃଷ୍ଣ ସୁନ୍ଦରାୟକ

| | | |
|---|---|---|
| | ଭାଇପଡ଼ା | ଟ ୩୧ |
| „ ଦଅଦର ଅଲ୍ଲି | ନାଜୋଲ | ଟ ୩୧ |
| „ କମରୁଲ ହକ | „ | ଟ ୨୧ |
| „ ଅବସୁଦିନ ମହମ୍ମଦ | „ | ଟ ୨୧ |
| „ ହମିଦୁଲ ହକ | „ | ଟ ୧୧ |
| „ ଗୋବିନ୍ଦ ଭଞ୍ଜଦେବ କେନ୍ଦ୍ରାପଡ଼ାଟ | | ୧୧ |
| „ ମିରଜାଅମିର ଜମାଦେବ | | |
| | କୁଆମଲିକ | ଟ ୦ ୧ |
| „ ଜହନ ଖାଁ | „ | ଟ ୦ ୧ |
| „ କେଶ ଅଭିରୁଦ୍ଦିନ- | | |
| | ମହମ୍ମଦ ମହାସିଂହପୁର | ଟ ୧୧ |
| „ ନବାବ ଅଲ୍ଲି | „ | ଟ ୦ ୧ |
| „ ଅର୍ଜୁନ ସେଠ | ମାଇନଡା | ଟ ୧ |
| „ ଗୋପାଳ ପତି | ରଙ୍ଗପୁର | ଟ ୦ ୧ |
| „ କୈଳାଶ ଷଡ଼ଙ୍ଗୀ | ଗଭୀର | ଟ ୧୧ |
| „ ଭରଥଣ୍ଡ ରାୟ ଅଧିଦ- | | |
| | ପାତ୍ର ଗୋପୀନାଥପୁର | ଟ ୧୧ |
| „ „ ମଦନ ଅଣ୍ଡ ଦାସ | „ | ଟ ୧୧ |
| „ କୋଦଣ୍ଡ ରାମ ସିଂହ ସିଂହନାପୁର | | ଟ ୦ । |

## NOTICE.

Ravenshaw College, Collegiate school and Survey school will re-open, after the Summer vacation, on Thursday, 17th instant, –

Hours 10½ A. M. to 4 P.M.

S. Agor
Principal,

Ravenshaw College.
Cuttack.

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ କୃଷ୍ଣଚନ୍ଦ୍ର ଘୋଷ | କଟକ | ଓଡିଶା | ୧୨୧ |
| ଶ୍ରୀ ମହାଦେବ ରଥେ କେନ୍ଦ୍ରଲ | | „ | ୨ ୬୷ |
| ମୁନସି ଉଦ୍ଧିରରତ୍ନ | କଟକ | „ | ୨ ୬୷ |
| ବାବୁ ପୁରୁଷୋତ୍ତମ ଅଧିକାରୀ | „ | „ | ୧ ୨ ୧ |
| „ ଭଗବାନ୍ ଦାସ | „ | „ | ୧ ୩ ୧ |
| „ ରାମଚନ୍ଦ୍ର ମିଶ୍ର | ବନ୍ଧୁଗାଁହାଟ | „ | ୫ ୧ ୦ |
| ଶ୍ରୀ ରାଜା ବନମାଳୀ ବହୁଡା | | „ | ୫ ୨ |

ଏହି ଉତ୍କଳଦୀପିକା ... ରେ କଟକ ପ୍ରେସଠାରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୫ ଗ
ସଂ ୨୫ ସଂଖ୍ୟା

ତା ୧୯ ତାରିଖ ମାହେ ଜୁନ ସନ ୧୮୮୦ ମସିହା । ମୁ । ଆଷାଢ ଦ ୮ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨॥୦
ମଫସଲପାଁଇ ଡାକମାସୁଲ ଟ ୧॥୦

ଆମ୍ଭେମାନେ ଶୁଣି ଅଛୁଁ ଯେ ଶ୍ରୀଯୁକ୍ତ ବମସ୍ ସାହେବଙ୍କର ଏଠାକୁ ଆସିବାର ହେଲା ନାହିଁ ଶ୍ରୀଯୁକ୍ତ ସି, ଟି, ମେଟ୍‌କାଫ ସାହେବ ଭାଗଲପୁରଠାରୁ ଏଠାକୁ ଏକଟିଂ କମିଶନର ହୋଇ ଆସୁଅଛନ୍ତି । ଏଥିରୁ ଡେଲିନ୍ୟୁସରେ ପାଠ କଲୁଁ ଯେ ଶ୍ରୀଯୁକ୍ତ ପିଲ୍ ସାହେବ ତିନିମାସର ଛୁଟି ନେବାରୁ ମେଟ୍‌କାଫ ସାହେବ ତାଙ୍କାର ଏକଟିଂ କମିଶନର ହେବେ । ବୋଧ ହୁଅଇ ମେଟ୍‌କାଫଙ୍କ ବଦଳ ବମସ୍ ସାହେବ ସେଠାକୁ ଯିବେ ।

---

ଆମ୍ଭମାନଙ୍କର ନୂତନ ଗବର୍ଣ୍ଣର ଜେନରେଲ ଲର୍ଡ ରିପନ ସାହେବ ଗତମାସ ତା ୮ ରିଖ ଅପରାହ୍ଣ ଘ ୬।୨୦ ମିନିଟଠାରେ ସିମଲା ନଗରରେ ପ୍ରବେଶ ହେଲେ । ସେହି ସମୟରେ ଆଗମନ ସଲାମୀ ତୋପ ହେଲା ଓ ସରକାରି କର୍ମଚାରୀ ଓ ସେନାମାନେ ତାହାଙ୍କୁ ଯଥା ବହିତ ସମାଦର ପୂର୍ବକ ଗବର୍ଣ୍ଣମେଣ୍ଟ ଅଟ୍ଟାଳିକାକୁ ଘେନି ଯାଇ ସିଂହାସନରେ ବସାଇଲେ । ଲର୍ଡ ଲିଟନ ତହିଁ ପୂର୍ବରୁ ତାହାଙ୍କୁ ଭେଟି ଥିଲେ । ଶାସନ ଭାର ନେବାର ଘୋଷଣା ସତକ ତୋପଧ୍ୱନିତ ହେଲା ଉତ୍ତାରୁ ସଭା ଭଙ୍ଗ ହେଲା । ସମାରୋହ ଦେଖିବା ନିମିତ୍ତ ଅନେକ ଲୋକ ଏକତ୍ରିତ ହୋଇ ଥିଲେ ଏବଂ ଲର୍ଡ ରିପନଙ୍କ ମୂର୍ତ୍ତି ଦେଖି ଜଣା ଗଲା ଯେ ପଥକଷ୍ଟ ତାହାଙ୍କୁ ବାଧି ନାହିଁ ।

---

ଖାସମାହାଲ ବନ୍ଦୋବସ୍ତ ବିରୁଦ୍ଧରେ ଏ ନଗରର ଦୁଃଖିପ୍ରଜାମାନେ କମିଶନର ଓ ବୋର୍ଡଙ୍କଠାରେ ଆବେଦନ କରି କିଛି ଫଳ ପାଇଲେ ନାହିଁ । ତହିଁ ଉତ୍ତାରୁ ବୋର୍ଡର ଜଣେ ମେମ୍ବର ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଏଠାକୁ ଆସି ବନ୍ଦୋବସ୍ତ ମନ୍ଦ ଥିବାର ଜାଣି ସୁଦ୍ଧା କିଛି ପ୍ରତୀକାର ନ କଲେ । ଏତେବେଳେ ବନ୍ଦୋବସ୍ତ ସମ୍ପର୍କରେ ମୋକଦ୍ଦମାମାନ କଲେକ୍ଟରୀ ଓ ଅଦାଲତରେ ଉପସ୍ଥିତ ହେବାର ଦେଖାଯାଏ ଓ ବନ୍ଦୋବସ୍ତରେ ସମସ୍ତ ପ୍ରଜାଙ୍କର ସତ୍ତ୍ୱ ଓ କର ନିର୍ଣ୍ଣୟ ହୋଇ ଥିଲେ ସେ ସବୁ ଉଦୟ ହୁଅନ୍ତା ନାହିଁ । ଏଥିରୁ ବର୍ତ୍ତମାନ ସାଲତମାମୀ ରିପୋର୍ଟ ଯିବାର ସମୟ ଯେବେ କମିଶନର ସାହେବ ଏହି ସୁଯୋଗରେ ବନ୍ଦୋବସ୍ତର ଦୋଷ ଗୁଣ ଦେଖାଇ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରନ୍ତେ ତାହା ହେଲେ କିଛି ପ୍ରତୀକାରର ଆଶା ଥିଲା । ଆମ୍ଭେମାନେ ଏ ବିଷୟରେ ଅନେକ ଥର ଆପଣାର ମନ୍ତବ୍ୟ ପ୍ରକାଶ କରିଅଛୁଁ ଏବଂ ଏତେବେଳେ ପୁଣି ଆବଶ୍ୟକ ମତେ ପ୍ରକାଶ କରିବାକୁ ଇଚ୍ଛା ରଖୁଁ ।

---

ଲଣ୍ଡନନଗରରୁ ଆସିଥିବା ଗତମାସ ତା ୨୦ ରିଖର ତାରସଂବାଦରୁ ଜଣାଯାଏ ଯେ ଅଫଗାନ ସ୍ଥାନ ବିଷୟରେ ଲର୍ଡ ରିପନଙ୍କୁ ଯାହା କରିବାର ଆଦେଶ ଅଛି ତାହା ବର୍ତ୍ତମାନ ପ୍ରକାଶ କରାଯାଇ ନ ପାରେ ତେବେ ଭାରତବର୍ଷୀୟ ସେକ୍ରେଟରୀ ପାର୍ଲିମେଣ୍ଟକୁ ଏତିକ ଜଣାଇଅଛନ୍ତି ଯେ ସମ୍ପ୍ରତି ଦୁଇଗୋଟି କାର୍ଯ୍ୟ ବଡ ଆବଶ୍ୟକ ଯଥା;—ପ୍ରଥମ ଯୁଦ୍ଧ କ୍ଷେତ୍ରର ଆୟତନ ବିସ୍ତାରଦ୍ୱାରା ଅନ୍ୟାନ୍ୟ ଜାତୀୟ ଲୋକଙ୍କ ସଙ୍ଗେ ଗଣ୍ଡଗୋଳ ଜାତ ହେବା ନିବାରଣ କରିବା ଏବଂ ୨ୟ ଅନ୍ତତଃ ଗୋଟିଏ ନିଷ୍ଠିତ ଗବର୍ଣ୍ଣମେଣ୍ଟ ସ୍ଥାପନ ପୂର୍ବକ ଆଗାମୀ ବର୍ଷାକାଳ ମଧ୍ୟରେ ସେନା ସମସ୍ତ ସେଠାରୁ ଫେରାଇ ଆଣିବା । କାନ୍ଦାହାର କାବୁଲରୁ ପୃଥକ୍ ଓ ସ୍ୱାଧୀନ ରାଜ୍ୟ ହୋଇ ରହିବ ମାତ୍ର ସେଠାରେ ସୈନ୍ୟ ବାସ ରଖିବାର ଆବଶ୍ୟକ ହେବ ନାହିଁ । ଗନ୍ଦାମକରେ ୟାକୁବଖାଁଙ୍କ ସହିତ ଯେଉଁ ସନ୍ଧି ହୋଇଥିଲା ତାହା ରହିତ ବୋଲି ଜ୍ଞାନ କରିବାକୁ ହେବ ।

---

ଆମ୍ଭେମାନେ ଶୁଣୁଅଛୁଁ ଯେ ବାଙ୍କି ତହସିଲଦାରଙ୍କ ବିରୁଦ୍ଧରେ ସେଠା ନିବାସୀ କେତେକ ଲୋକ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଆବେଦନ କରିବାରୁ ଗୋପନରେ ତହିଁର ତଦନ୍ତ ହେଉଅଛି । ସୁତରାଂ ଦରଖାସ୍ତର ମର୍ମ୍ମ ଏବଂ ଅନୁସନ୍ଧାନର କ୍ରମ ଆମ୍ଭେମାନେ ସମ୍ପ୍ରତି ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ । ଏହି ତହସିଲଦାରଙ୍କ ବିରୁଦ୍ଧରେ ଆମ୍ଭେମାନେ ସମୟ ସମୟରେ ବେନାମିପତ୍ରମାନ ପାଇଥିଲୁଁ ଏବଂ ଅନ୍ୟାନ୍ୟ ସଂବାଦପତ୍ର ଛଡା କମିଶନର ଓ ଗବର୍ଣ୍ଣମେଣ୍ଟ ଗେଜେଟ୍ରେ ଏହିପରି

Split by PDF Splitter



ପକ୍ଷ ପାଇଥିବାର ଜଣା ଯାଉଅଛି ମାତ୍ର ସେ ସମସ୍ତ ବେନାମୀ ପକ୍ଷରେ କିଛି ଫଳ ନ ହେବାରୁ ସକ୍ଷୁବ୍ଧ ଦରଖାସ୍ତକାରମାନେ ବିଷମ ସାହସ ଅବଲମ୍ବନ କରି ପଦାକୁ ବାହାରି ଅଛନ୍ତି ଏଥିରେ କି ଫଳ ହେବ ଅଳ୍ପଦିନେ ଜଣା ପଡିବ । କଟକ ତହସିଲଦାରଙ୍କ ସମ୍ପର୍କରେ କଲେକ୍ଟର ସାହେବଙ୍କ କାର୍ଯ୍ୟର ସମାଲୋଚନା କରୁଥିବା ସମୟରେ ପ୍ରାୟତ୍ତ ହିଁ ଥସାହେବ ଆପଣା ଅଧୀନସ୍ଥ ତହସିଲଦାରଙ୍କର ଦୋଷଗୁଣ ବାହାର କରିବାକୁ କି କୌଶଳ ସଂଯୋଗ କରନ୍ତେ ବା କରୁଅଛନ୍ତି ସର୍ବସାଧାରଣ ଏହା ଦେଖିବାକୁ ବଡ ଉତ୍ସୁକ ଅଛନ୍ତି ।

---

କର୍ଣ୍ଣେଲ ଗର୍ଡନ ସାହେବ ବିଖ୍ୟାତ ନାମ ଗର୍ଡନ ପାଶା ଆମ୍ଭମାନଙ୍କ ନୂତନ ଗବର୍ଣ୍ଣରଜେନରଲ ଲର୍ଡ ରିପନଙ୍କ ପ୍ରାଇଭେଟ ସେକ୍ରେଟରୀ ହୋଇ ଆସିଥିଲେ । ବମ୍ବେଇରେ ପହଞ୍ଚିବାମାତ୍ରକେ ଇସ୍ତଫା ଦେଲେ । ଇସ୍ତଫା ଦେବାର ଏହି କାରଣ ସେ ଦର୍ଶାଇ ଅଛନ୍ତି ଯେ ଏ କର୍ମ ଗ୍ରହଣ କରିବା ତାହାଙ୍କର ଉଚିତ ନ ଥିଲା ସେ ଗ୍ରହଣ କରି ବଡ଼ ଭୁଲ କରି ଅଛନ୍ତି ଏହିପରି ଭୁଲ ମନୁଷ୍ୟର ସ୍ୱାଭାବିକ ଏଥିପାଇଁ ଯେମନ୍ତ ସମାଲୋଚକମାନେ ତାହାଙ୍କ ପ୍ରତି କଠିନ କଟୂକ୍ତି କରିବେ ନାହିଁ । ମାତ୍ର ଗର୍ଡନ ସାହେବ ଜଣେ ଉଚ୍ଚଶ୍ରେଣୀର ଲୋକ ବୋଲି ଖ୍ୟାତି ଲଭି ଅଛନ୍ତି ତାହାଙ୍କ ପକ୍ଷରେ ଏପରି ଭୁଲ ବଡ ଲଜ୍ଜାଜନକ ଅଟଇ । ତାହାଙ୍କ ଭୁଲ କହାଗଲେ ଲର୍ଡ ସାହେବଙ୍କର କାର୍ଯ୍ୟର କେତେ ଅସୁବିଧା ହେଲା ଏବଂ ଗବର୍ଣ୍ଣମେଣ୍ଟଙ୍କର କେତେ କ୍ଷତି ହେଲା ତାହା ସେ କିଛି ବୁଝି ପାରିଲେ ନାହିଁ । ଗର୍ଡନ ସାହେବଙ୍କର ସ୍ୱଭାବ ଅତି ଉଗ୍ର ଏହି ହେତୁ ସେ କାହାର ଅଧୀନରେ କର୍ମ କରିବାର ଯୋଗ୍ୟ ନୁହନ୍ତି । ଲର୍ଡ ରିପନ ତାହାଙ୍କର ସ୍ୱଭାବ ନ ବୁଝି ତାହାଙ୍କୁ ନିଯୁକ୍ତ କରିବାରୁ କେହି କେହି ତାହାଙ୍କ ବୁଦ୍ଧିର ନିନ୍ଦା ମଧ୍ୟ କରୁ ଅଛନ୍ତି । ଯାହା ହେଉ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରିମ ରୋଜ ସାହେବ ଏହି ପଦରେ ନିଯୁକ୍ତ ହୋଇ ଅଛନ୍ତି ଏବଂ ଗର୍ଡନ ସାହେବ ଚୀନ ଦେଶକୁ ଭ୍ରମଣ କରିବାକୁ ଯାଉ ଅଛନ୍ତି ।

---

ଏ ବର୍ଷ ଏ ଜିଲ୍ଲାରେ ବିଶେଷତଃ ଏ ନଗରରେ ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ବଡ଼ କଡ଼ା ହେଉ ଥିବାର ଶୁଣାରୁ ଆମ୍ଭେମାନେ ଅନେକ ଲୋକଙ୍କଠାରୁ ଶୁଣୁଅଛୁଁ । ଜଣକ ଉପରେ ଗତବର୍ଷ ଦୁଇଟଙ୍କା ମାତ୍ର ଟାକ୍ସ ହୋଇ ଥିଲା ଏ ବର୍ଷ ତାହା ଉପରେ ଟ ୨୦ ଙ୍କା ବସିଅଛି । ଗତବର୍ଷରେ ଯେତେ ପାଞ୍ଚଟଙ୍କିଆ ଟାକ୍ସ ଥିଲା ସେ ସବୁ ଏ ବର୍ଷ କୌଣସି ସ୍ଥଳେ ଟ ୧୦ ଙ୍କା ଓ କୌଣସି ସ୍ଥଳେ ଟ ୨୦ ହୋଇଅଛି । କୌଣସି ସ୍ଥଳେ କୋଡିଏଟଙ୍କା ଟାକ୍ସ ଟ ୫୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେଉଅଛି । ଗତ ବର୍ଷ ଟ ୨୫୦ ଙ୍କାରୁ ଟ ୧୦୦୦ ଙ୍କା ଆୟ ପର୍ଯ୍ୟନ୍ତ ଟ ୫ ଙ୍କା ଟାକ୍ସ ଥିଲା ଏବର୍ଷ ଟ ୫୦୦ ଙ୍କା ଆୟ ପର୍ଯ୍ୟନ୍ତ ଛାଡ଼ ହୋଇ ତହିଁରୁ ଊର୍ଦ୍ଧ୍ୱ ଟ ୧୦୦୦ ଙ୍କା ପର୍ଯ୍ୟନ୍ତ ଟ ୧୦ ଙ୍କା ଟାକ୍ସର ବନ୍ଧ ହୋଇଅଛି । ସୁତରାଂ ପୂର୍ବର ସମସ୍ତ ପାଞ୍ଚଟଙ୍କିଆ ଟାକ୍ସ ଦାୟୀମାନେ ଏ ବର୍ଷ ଛାଡ଼ ଯାଇ ନ ପାରନ୍ତି ସତ୍ୟ, ମାତ୍ର ସମସ୍ତେ ଦଶଟଙ୍କାର ଦାୟୀ ହୋଇ ନ ପାରନ୍ତି । ଯେଉଁମାନଙ୍କର ଆୟ ଉଚ୍ଚ କି ଗୁରୁତର ଅଟେ ସେମାନଙ୍କ ଉପରେ ଟ ୧୦ ଙ୍କା ଟାକ୍ସ କରିବା ଅନ୍ୟାୟ ଓ କଷ୍ଟକର ଅଟେ ଓ କେତେକ ସ୍ଥଳେ ଏପରି ଘଟିଥିବାର ଆମ୍ଭେମାନେ ଶୁଣି ଅଛୁଁ । ଗତ ବର୍ଷର ପାଞ୍ଚଟଙ୍କିଆ ଟାକ୍ସ ଦାତାଙ୍କର ଆୟ ବିଷୟରେ ବିଶେଷ ଅନୁସନ୍ଧାନ କରି ଟାକ୍ସ ବସାଇବାର ଉଚିତ, ନଚେତ୍ ଗବର୍ଣ୍ଣମେଣ୍ଟ ଯେ ଅନୁଗ୍ରହ ପୂର୍ବକ ପାଞ୍ଚଶତ ଟଙ୍କା ଆୟ ପର୍ଯ୍ୟନ୍ତ ଛାଡ଼ ଦେଇ ଅଛନ୍ତି ତାହା ଟାକ୍ସ କର୍ମଚାରୀଙ୍କ ଅବିବେଚନା ବା ଜମା ବୃଦ୍ଧିର ବାସନାରେ ବୃଥା ହେବ ଓ ଦୁଃଖୀ ପ୍ରଜାଙ୍କ ପ୍ରତି ଅନ୍ୟାୟ ଓ ବିଶେଷ କଷ୍ଟକର ହେବ । ପରର ଆୟ ସ୍ଥିର କରିବା କଷ୍ଟ ଅଟେ ସତ୍ୟ ତେବେ ଯଥାସାଧ୍ୟ ଅନୁସନ୍ଧାନ ପୂର୍ବକ ଯେପରି କାହାର ଆୟ ଅଧିକ ଧରା ନ ଯାଇ ବରଂ କିଛି ନ୍ୟୂନ ଧରା ଯାଏ ଏପରି ବିଚାରରେ ଚଳିଲେ ଗୁହାରିର କାରଣ ନ ରହିବ ଓ ଟାକ୍ସର ପୀଡ଼ା ଅନେକ ପରିମାଣରେ ଊଣା ପଡିବ । ଟାକ୍ସର ଭାରପ୍ରାପ୍ତ ଡେପୁଟୀ କଲେକ୍ଟର ବାବୁ ସୀତାକାନ୍ତ ମୁଖର୍ଜ୍ୟା ଏଥି ପ୍ରତି ଦୃଷ୍ଟି ରଖନ୍ତୁ ।

---

ଏ ନଗରର କେତେକ ଦଣ୍ଡିଦାର ଏଠା ମ୍ୟୁନିସିପାଲ ହାଟରେ ଗୁଡ଼ିଲ କାରବାର ରହିତ କରି ପୂର୍ବବତ୍ ଗଞ୍ଜଠାରେ କରିବା କାରଣ ମେଜିଷ୍ଟ୍ରେଟ ସାହେବଙ୍କଠାରେ ଆବେଦନ କରିଅଛନ୍ତି । ଏ ହାଟରେ ଅନେକ ଅର୍ଥନଷ୍ଟ ହୋଇଅଛି ଓ ତଦ୍ଧେତୁ ନଗରବାସିଙ୍କର ବିଶେଷ କଷ୍ଟ ଓ କ୍ଷତି ଘଟିଅଛି । କଷ୍ଟ ଓ କ୍ଷତିର କାରଣ ଏହି ଯେ ଶ୍ରୀଯୁକ୍ତ ଜାନସ୍ ସାହେବ ହାଟରେ ମାତି ଓ ସେଥିରେ ଅନର୍ଥକ ଅନେକ ଅର୍ଥବ୍ୟୟ କରି ନଗରର ସଡ଼କ ନାଲ ଇତ୍ୟାଦି ଦୁଇ ବର୍ଷକାଳ ମରାମତ କରି ନ ପାରିଲେ । ସୁତରାଂ ବର୍ଷାକାଳେ ପଚ୍ଛାବାଟମାନ ପାଟଳ ପ୍ରାୟ ହୋଇଥିଲା ଓ ଦୁଃଖୀ ଲୋକଙ୍କର ଅନେକ କାନ୍ଥ ଓ ଘର ଭାଙ୍ଗି ପଡିଲା ଏହା କେହି ବିସ୍ମୃତ ହୋଇ ନ ଥିବେ । ଏତେ ଅର୍ଥବ୍ୟୟ ଓ କଷ୍ଟରେ ଯେଉଁ ହାଟ ହୋଇଅଛି ତହିଁର ଉସୁଲ ଅର୍ଥାତ୍ ତାଦୃଶ ଆୟ ହେଉ ନାହିଁ ସତ୍ୟ । ତଥାପି ଆମ୍ଭମାନଙ୍କ ବିବେଚନାରେ ହାଟକୁ ଉଠାଇ ଦେବାର ପରାମର୍ଶ ନୁହେ । କାରଣ ସେଥିରେ ଅଧିକ ଆୟ ନ ଥିଲେହେଁ ନଗରବାସିଙ୍କର ବଡ ସୁବିଧା ଅଛି । ହାଟ ନଗରର ମଧ୍ୟସ୍ଥଳରେ ଥିବାରୁ ନଗରର ସକଳ ଭାଗର ଲୋକଙ୍କ ପ୍ରତି ସେଠାକୁ ଆସିବାର ସହଜ ଅଟଇ । ଗଞ୍ଜ ନଗରର ପ୍ରାୟ ଏକ ପ୍ରାନ୍ତ ଭାଗରେ ଓ ଅନ୍ୟ ଭାଗର ଲୋକମାନଙ୍କ ପ୍ରତି ତାହା ଅନେକ ଦୂର ଅଟଇ । ସେଠା ଅପେକ୍ଷା ହାଟରେ ଗୁଡ଼ିଲ କାରବାର ସମସ୍ତଙ୍କ ପକ୍ଷରେ ଶ୍ରେୟସ୍କର ଅଟଇ । ଗଞ୍ଜରେ ଗୁଡ଼ିଲ କାରବାର କେବଳ ଆବେଦନକାରୀଙ୍କ ପକ୍ଷରେ ଲାଭକର । ବୋଧ ହୁଏ ଏହି ହେତୁ ସେମାନେ ଏପରି ଆବେଦନ କରିଅଛନ୍ତି । ହାଟରେ ଗୁଡ଼ିଲ କାରବାର ଲୋକଙ୍କ ପକ୍ଷରେ ଯେ ଅସୁବିଧାଜନକ ଥିବାର ସେମାନେ ବୋଲନ୍ତି ଏହା କେବଳ ଛଳନା ଅଟଇ । ଅତଏବ ଆମ୍ଭେମାନେ ଆବେଦନକାରୀଙ୍କର ପାର୍ଥନାର କିଛିହେଁ କାରଣ ଦେଖୁ ନାହୁଁ ଓ ଭରସା କରୁଁ ମେଜିଷ୍ଟ୍ରେଟ ସାହେବ ଏ ବିଷୟରେ ବିହିତ ବିବେଚନା କରିବେ । ଯେଉଁ ହାଟ ଏତେ ଅର୍ଥ ବ୍ୟୟ ଓ କଷ୍ଟରେ ହୋଇଅଛି ତାହା ଭଲ ଅତି କିଛିଦିନ ଥାଉ ।

---

## କାବୁଲ ସମାଚାର ।

ଏ ସପ୍ତାହରେ ତାରଡାକଯୋଗେ ଏହି ସମ୍ବାଦମାନ ଆସିଅଛି ଯଥା ।

ଯେଲାଲାବାଦ—ଚଳିତମାସ ତା ୨ ରାତ୍ରି ଦୁଇପ୍ରହର ଦୁଇଘଣ୍ଟା ସମୟରେ ଉଭଂଗେଲମାନେ ଜେଲାଲାବାଦର ବଜାରକୁ ଆକ୍ରମଣ କଲେ ଜ ୩ ଣ ବଜାରଲୋକ ହତ ଓ ଜ ୧୧ ଣ ଆହତ ହେଲେ । ଘ ୪ ଣ୍ଟା ସମୟରେ ଜ ୩୫ ଣ ଅଶ୍ୱାରୋହୀ ତାହାଙ୍କ ପଛରେ ଗୋଡ଼ାଇଲେ ମାତ୍ର ଭେଟ ପାଇଲେ ନାହିଁ ।

Digitized by srujanika@gmail.com

ଅନ୍ୟ ସୈନ୍ୟମାନେ ତାହାଙ୍କ ତଳରେ ବୁଲୁଅଛନ୍ତି ।

କାବୁଲ ତା ୭ ରଖ ଜୁନ—ସେନା ଗଣରେ ଥିବା କୋର୍ଟ୍‌ବଣ୍ଡୀ ପଠାଇବା ବିଷୟରେ କଠିନ ଅଙ୍କ ପ୍ରଚାରିତ ହୋଇଅଛି । ଉକ୍ତ କୋର୍ଟ୍‌କୁ ଭାରତବର୍ଷକୁ ଫେରି ଅଧିକ କେବଳ ଛାଉନି ଆବଶ୍ୟକୀୟ ଦ୍ରବ୍ୟ ସୈନ୍ୟଙ୍କ ସଙ୍ଗେ ରହିବ । ଯେତେବେଳେ କାବୁଲକୁ ଛାଡ଼ିବାର ଆଜ୍ଞା ବାହାରିବ ତାହା ଶୀଘ୍ର ପ୍ରଚଳିତ ହେବା ଦୃଷ୍ଟିରେ ଏ ବନ୍ଦୋବସ୍ତ ହୋଇ ଅଛି ।

କାବୁଲ ତା ୮ ରଖ ଜୁନ—ଖାଇବର ଘାଟିରେ ଅପରିଦିମାନଙ୍କର ଦୌରାତ୍ମ୍ୟ ବୃଦ୍ଧି ହୋଇ ଅଛି । ଏଥି ମଧ୍ୟରେ ଗୋ ୧୧ ଟା ବଳଦରେ ଲଦା ହୋଇଥିବା ସରକାରୀ ମାଲ ଲୁଟି କରିଥିଲେ କିନ୍ତୁ ସିପାହୀମାନେ କେତେ ଲୋକଙ୍କୁ ଆହତ କରି ଅଧିକାଂଶ ଦ୍ରବ୍ୟ ଫେରି ଆଣିଲେ ।

କାନ୍ଦାହାର ତା ୯ ରଖ ଜୁନ—ଗୋଟିଏ ଆଠବର୍ଷର ପିଲା ଗାଜି ହେବା ଆଶାରେ ଜଣେ ହିନ୍ଦୁ ସୈନିକ ଚାକରର ପେଟରେ ଛୁରୀ ମାରିଦେଲା ମାତ୍ର କଠିନ ଆଘାତ କରି ପାରିଲା ନାହିଁ । ଆଉ ଜଣେ ବ ୧୬ ବର୍ଷର ଯୁବା କନ୍ଦାହାରୀ ଏକଜଣ ସିପାହୀକୁ ଆଘାତ କଲା ମାତ୍ର ସିପାହୀ ସଙ୍ଗୀନରେ ତାହାକୁ ଖେଞ୍ଚି ପକାଇ ଗିରଫ୍ତାର କଲା । କାବୁଲ ପିଲାମାନଙ୍କର ଏତେ ସାହସ ଏହାଙ୍କର ମୁରବିଙ୍କୁ ଟିକିଏ ଡର ନାହିଁ ।

କାବୁଲ ତା ୯ ରଖ ଜୁନ—ମହମ୍ମଦ ଜାନଙ୍କୁ ତାହାଙ୍କର ଜଣେ ନିଜର ଲୋକ ମାରି ପକାଇବାର ଉପକ୍ରମ କରିଥିଲା ମାତ୍ର ଧରା ପଡ଼ିବାରୁ ତାହାର ନାକ କାନ କଟାଗଲା ।

କଥିତ ହୁଅଇ ଯେ ସରଦାର ଅବ୍ଦୁଲ ରହମାନଙ୍କର ସେନା ଭାରି ଅସନ୍ତୁଷ୍ଟ ଅଛନ୍ତି ଏବଂ ଅନେକ ଅତ୍ୟାଚାର କରୁଅଛନ୍ତି । ତାହାଙ୍କ ଭୟରେ ପ୍ରଜାମାନେ ପଳାଉଅଛନ୍ତି । ସରଦାର ଏକଲକ୍ଷ ଟଙ୍କା ବଳପୂର୍ବକ କର୍ଜ କରିଅଛନ୍ତି ଏବଂ ଆଉ ଏକଲକ୍ଷର ଚେଷ୍ଟାରେ ଅଛନ୍ତି ଏକ ଟଙ୍କାଶାଳ ତିଆରି କରି ଟଙ୍କା ପ୍ରସ୍ତୁତ କରାଉ ଅଛନ୍ତି । ପୁରୁଣା ଗବର୍ଣ୍ଣମେଣ୍ଟର ଅନେକ ଚାକର ସୈନିକ ଓ ସିବିଲ ମଧ୍ୟ ପଡ଼ି ଅଛନ୍ତି । ସମ୍ପ୍ରତି ମଜାରସରିଫ ଅଫଗାନସ୍ଥାନର ପ୍ରଧାନ ନଗର ବୋଲି ଖ୍ୟାତ ହୋଇ ଅଛି ।

---

# ସାପ୍ତାହିକସଂବାଦ ।

ଏଠା କଲେକ୍ଟରୀ ସିରସ୍ତାଦାରୀ କର୍ମର ବନ୍ଦୋବସ୍ତ ହବା-ଜର ଜାବୁଙ୍କ ସତର ଅପିଲ ନିଷ୍ପତ୍ତି ପର୍ଯ୍ୟନ୍ତ ସ୍ଥଗିତ ରହିବାର ଯେ ଗତ ସପ୍ତାହରେ ଲେଖିଥିଲୁଁ ତାହା ଭୁଲ ଅଟେ । ଅସ୍ମାନଙ୍କ ଅଶାନୁସାରେ ଶ୍ରୀଯୁତ କମିଶନର ସାହେବ ତାହା ମଞ୍ଜୁର କରିଅଛନ୍ତି । କ୍ଷେତ୍ରମୋହନ ବାବୁଙ୍କ ସବ୍‌-ଡେପୁଟୀ କର୍ମ ଗବର୍ଣ୍ଣମେଣ୍ଟରେ ମଞ୍ଜୁର ହେଲେ ବାବୁ ଜଗନ୍ମୋହନ ଲାଲ ସିରସ୍ତାଦାରୀ କର୍ମକୁ ଯିବେ ।

ଗତ ଚନ୍ଦନ ଯାତ୍ରା ସମୟରେ ଏ ନଗରରେ ବହୁତ କାଳୀକା ବାହାରିବାର ଦେଖି ଏକ୨ ବଜାରର ପିଲମାନେ କାଳୀ ବେଶ ବାନ୍ଧି ନାଚ ବୁଲିବାର ଆରମ୍ଭ କଲେ ଓ ଦୁଇ ଚାରି ପଇସା ଏହା ତାହାଠାରୁ ପାଇବାରୁ ତାହାଙ୍କର ଉତ୍ସାହ ବଢ଼ିଲା । ଗତ ଗୁରୁବାର ରାତ୍ରରେ ଗୋଟିଏ ପିଲା କାଳିକା ବେଶ ହୋଇ ନାଚୁଥିଲା ଦୈବାତ ଗୋଟିଏ ଟର ବାଳରେ ଅଗ୍ନି ଲାଗିବାରୁ ତାହା ଜ୍ୱଳି ଉଠିଲା ସଙ୍ଗି ପିଲାମାନେ ଡରରେ ପଳାଇ ଗଲେ ଓ ଅନ୍ୟ ସାହାଯ୍ୟ ପାଇ୨ ତାହା ଦେହ ଅତି ଭୟାନକରୂପେ ପୋଡ଼ି ଗଲା ତାହାକୁ ହାସପାତାଲକୁ ନେଇ ଗଲେ ମାତ୍ର ତହିଁ ଆରଦିନ ସେ ମରିଗଲା । ପିଲାଙ୍କୁ ଏପରି ଖେଳରେ ଉତ୍ସାହ ଦେବା ଅତ୍ୟନ୍ତ ଅପଦଜନକ ଅଟଇ ।

ଯେଉଁ ବଙ୍ଗଳା ଯାତ୍ରାଦଳର ପ୍ରସଙ୍ଗ ଅସ୍ମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଗତ ସପ୍ତାହରେ ଲେଖିଥିଲେ ସେ ଦଳ ଏଠାରେ ପ୍ରବେଶ ହୋଇ ଗତ ସୋମବାର ବାବୁ ଗୋପାଳପ୍ରସାଦ ମିତ୍ରଙ୍କ ବସାରେ ଯାତ୍ରା କରିଥିଲେ । ଯାତ୍ରା ଉତ୍କୃଷ୍ଟ ନ ଥିଲେହେଁ ମନ୍ଦ ନୁହେ ଓ ଏକ ପ୍ରକାର ଭଲ ଅଟେ । ଅନେକ ଦର୍ଶକ ଉପସ୍ଥିତ ହୋଇଥିଲେ ଓ ସମସ୍ତେ ଆନନ୍ଦିତ ହେବାର ଚିହ୍ନ ପ୍ରକାଶ କଲେ ମାତ୍ର ଯାତ୍ରାବାଲା ଆନନ୍ଦିତ ହୋଇ ପାରିଲେନାହିଁ କାରଣ ସେମାନେ ଦର୍ଶକଙ୍କ ଠାରୁ ଆଶାନୁରୂପ ପୁରସ୍କାର ନ ପାଇଲେ । ଅନେକ ଦର୍ଶକ ଅଧେ କଣ୍ଡ ପୁରସ୍କାର ଦେଲେନାହିଁ ଓ ଅନେକ ଅତ୍ୟଳ୍ପ ମାତ୍ର ଦେଲେ । ସୁତରାଂ ଯାତ୍ରାବାଲାମାନେ କେବଳ ଟଙ୍କିଏ ପାଇ ଅସନ୍ତୋଷ ପ୍ରକାଶ କଲେ । ଏହା କଟକ ପକ୍ଷରେ ଲଜ୍ଜାସ୍ପଦ ଅଟଇ ।

ଜଣେ ଦେଶୀୟ ବାଳକ ଜଣକର ବାଉଳୁ କେତୋଟା ପଇସା ଚୋରି କରିବାର ନାଲିଶ ହେବାରେ ଅଲ୍ପଦିନ ଡେପୁଟୀ ମାଜିଷ୍ଟ୍ରେଟ ମୋକଦ୍ଦମା ଡିସମିସ କଲେ । ମାଜିଷ୍ଟ୍ରେଟ ଜାଣିପାରିଲେ ଯେ ଅପରାଧପ୍ରବୃତ୍ତିବଶ ନ ଥିଲା ଓ ସେ କେବଳ ଖେଳରେ ତାହା କରିଥିଲା ।

ପଞ୍ଜାବର ଲାହୋରର ଜଣେ କେରାଣୀ ଦର୍ଶନସିଂହ ଟଙ୍କା୩୦୦ ଚୋରି ନୋଟ ଆତ୍ମସାତ କରିବା ଅପରାଧରେ ଧରାପଡ଼ି ଗ୍ରବର୍ଷ କଠିନ ପରିଶ୍ରମ ସହିତ କାରାବାସ ଏବଂ ୩ ହଜାର ଟଙ୍କା ଜରିମାନାର ଆଜ୍ଞା ପାଇଅଛି । ଉଚିତ ଦଣ୍ଡ ହୋଇଅଛି ତଥାପି ସରକାରୀ ଚାକରଙ୍କର ଡର ହେଉଅଛି କି ?

ଏକ ପାରସୀପତ୍ରରୁ ଜଣାଯାଏ ଯେ ମିରବୁସ୍କରର ବନ୍ଧ କାର୍ଯ୍ୟ ନ ଥିବାରୁ ବସିରହି ଦରିଦ୍ର ହୋଇ ଅପଣା ଜୁଟୁମ୍ବଙ୍କ ମଧ୍ୟରୁ କେତେ ଲୋକଙ୍କୁ ବଧ କରିଅଛନ୍ତି । ଅଫଗାନମାନଙ୍କର ସ୍ୱଭାବ ଏହିପରି ।

ଭାରତବର୍ଷୀୟ ସଭା ଯେଉଁ ଧନ୍ୟବାଦପତ୍ର ପସେଟ୍ ସାହେବଙ୍କ ମନୋଗତ ବିଷୟରେ ଦାଖଲ କରିବାର ସ୍ଥିର କରିଅଛନ୍ତି ତାହା ଏହି ସପ୍ତାହରେ ପ୍ରେରିତ ହୋଇ ଅଛି । ଏଥିରେ ଭାରତବର୍ଷର ନାନା ନଗର ୧୦୪୮୦ ଲୋକ ସ୍ୱାକ୍ଷର କରି ଅଛନ୍ତି ।

---

ଲାହୋର ମେଡିକଲ୍ କଲେଜର ଛାତ୍ରମାନେ ଡାକ୍ତର ମିଲଙ୍କ ସ୍ମରଣାର୍ଥ ବ୍ୟୟ ନିମିତ୍ତ ଟ ୧୬୦୦୦ ଟଙ୍କା ଚେଦା କରିଅଛନ୍ତି । ଉକ୍ତ ଟଙ୍କାରେ ଦୁଇ ଗୋଟି ତମଗା ପ୍ରତିବର୍ଷ ବିତରଣ ହେବ ଏବଂ ଡାକ୍ତର ମିଲ ଯେଉଁ ବିଷୟରେ ଶିକ୍ଷା ଦେଉଥିଲେ ସେହି ବିଷୟରେ ଯେଉଁ ଛାତ୍ରମାନେ ପ୍ରଥମ ହେବେ ସେମାନେ ତାହା ପାଇବେ ।

ବିଲାତି କଳ ଲୁଗାରେ ବସ୍ତ୍ରର ମଣ୍ଡ ଓ ଅନ୍ୟ ଦ୍ରବ୍ୟ ମିଶ୍ରିତ ହେବାରୁ ତହିଁର ଆଦର ଊଣା ପଡ଼ୁଅଛି । ସନ ୧୮୭୭।୭୮ ସାଲରେ ଦେଢ଼ ଲକ୍ଷ ମହଣ ବିଲାତି ଲୁଗା ପଞ୍ଜାବକୁ ଆମଦାନୀ ହୋଇଥିଲା କିନ୍ତୁ ତହିଁ ପର ବର୍ଷ କେବଳ ୮୮ହଜାର ମହଣ ଆମଦାନୀ ହେଲା ! ବଡ଼ ସୁଖର ବିଷୟ ଯେ ବିଲାତି ଲୁଗା ଊଣା ପଡ଼ିବା ସଙ୍ଗେ୨ ଦେଶୀୟ କଳ ଲୁଗା ଅଧିକ ବିକ୍ରୟ ହେବାର ଆରମ୍ଭ ହୋଇ ଅଛି । ସନ ୧୮୭୭।୭୮ ସାଲରେ କେବଳ ୭୧୦୪ ମହଣ ଦେଶୀୟ ଲୁଗା ଆମଦାନୀ ହୋଇଥିଲା ମାତ୍ର ତହିଁ ପ୍ରର ବର୍ଷ ୭୭୨୭୪ ମହଣ ହେଲା । ବିଲାତି ଚତୁରତା ଏହିଠାରେ ଠକ ଗଲା ।

କଲିକତାରୁ ଏକ ବ୍ୟକ୍ତି ବିଲାତକୁ ଲେଖି ଅଛନ୍ତି କି ସଜ୍ଜନ ସ୍ତ୍ରୀତ ସୁନ୍ଦର ବ୍ୟପ୍ରରେ ବୁଲ କରି ତରକାଲ ନିମିତ୍ତ ଅପଣା ପୁଷ୍ୟାତକୁ ଡାକଇ ଅଛନ୍ତି । ଭାରତବାସିଙ୍କର ବିଶ୍ୱାସ ଏହି ଯେ ଏହାଙ୍କ ପରି ମୂର୍ଖ ହେଧାରୀ କେବେ ଏଠାରୁ ଅସି ନାହାନ୍ତି ଏବଂ ନୂତନ ପାର୍ଲିମେଣ୍ଟ ଯେବେ ଏହାଙ୍କୁ ବିଦାୟ ଦେବାର ସ୍ଥିର କରନ୍ତି ତେବେ ସମସ୍ତେ ଆନନ୍ଦିତ ହେବେ ।

ଅସ୍ମାନଙ୍କ ବିଦାୟର ସେକ୍ରେଟରୀ ଲର୍ଡ ହାର୍ଟିଂଟନଙ୍କର ବୟସ ବ ୪୭ ବର୍ଷ ଏବଂ ଅଣ୍ଡର ସେକ୍ରେଟରୀ ଲର୍ଡ ଇନ୍‌ସ୍‌ଟୋନଙ୍କ ବୟସ ବ ୩୪ ବର୍ଷ ଅଟଇ । ସୁତରାଂ ଭାରତବର୍ଷୀୟ ସେକ୍ରେଟରୀମାନେ ଯୁବା ଅଟନ୍ତି କେବଳ ଗବର୍ଣ୍ଣର ଜେନେରଲ୍ ଲର୍ଡ ରିପନଙ୍କ ବୟସ ବ ୫୩ ବର୍ଷ ଅଟଇ ।

ଜୟପୁର ମହାରାଜାଙ୍କ ଏଲକାରେ ଏପରି ବାଘ ମାତି ଅଛନ୍ତି ଯେ ରେଲୱେ କର୍ମଚାରୀମାନେ ପ୍ରାଣ ଭୟରେ ରାତ୍ରିରେ ଷ୍ଟେସନ ଘରର ଛାତ ଉପରେ ଶୋଉଅଛନ୍ତି । ଏ ବାଘମାନେ କୋଠାର ପାହାଚ ଚଢ଼ି ଜାଣନ୍ତି ନାହିଁ ପରା !

କଲିକତାରେ ଗତ ସପ୍ତାହରେ ଗୋଟିଏ ଭାରି ଚୋରୀ ହୋଇ ଅଛି । ଚୋରମାନେ ସିନ୍ଧ ନ କରି ଅନ୍ୟ କୌଣସି ଉପାୟରେ କାନ୍ଥ ଉପରେ ଚଢ଼ି ସେଠାରୁ ଦୋତାଲା ଘର ମଧ୍ୟରେ ପ୍ରବେଶ କଲେ ଏବଂ ଏକ କୋଠରୀରୁ ଶହ-ହଜାର ଟଙ୍କାର ଅଳଙ୍କାର ଏବଂ ଏକ ହଜାର ଟଙ୍କାର ନୋଟ୍ ଏବଂ ରୁପା ଅପହରଣ କଲେ । ଏ ଘରଟି ପୁଲିସ ଥାନା ନିକଟରେ ଥିଲେହେଁ ପୁଲିସର ଦୃଷ୍ଟିରେ ଚୋରମାନେ ପଡ଼ିଲେ ନାହିଁ ।

୧ ଏଡ଼ୁକେଶନ ଗେଜେଟରୁ ଅବଗତ ହେଲୁଁ ସହରର କହନ୍ତି ଡାକ୍ତର ରୁଜଫ୍‌ଟ ଅନେକ ଦିନରୁ ଦକ୍ଷିଣ ଅମେରିକାରେ ପ୍ରାଚୀନ ଇତିହାସର ଅନୁସନ୍ଧାନ କରି ବୁଲୁଅଛନ୍ତି । ସେ ବର୍ତ୍ତମାନ ପ୍ରକାଶ କରିଅଛନ୍ତି ଯେ, ପେରୁ ଓ ବୋଲିଭିୟାର ଲୋକମାନେ ଯେଉଁ ଭାଷା ବ୍ୟବହାର କରନ୍ତି, ସଂସ୍କୃତ ଓ ଅରବୀଭାଷା ସଙ୍ଗରେ ତାହା ଅନେକ ମିଳେ । ପ୍ରାୟ ଅଧିକାଂଶ ଶବ୍ଦ ଆର୍ଯ୍ୟଭାଷାରୁ ଉତ୍ପନ୍ନ ହୋଇଅଛି । ଡାକ୍ତର କହନ୍ତି ବର୍ତ୍ତମାନ ମାନବଜାତିର ପୂର୍ବପୁରୁଷମାନେ ପେରୁ ଓ ବୋଲିଭିୟାର ମାଳଭୂମିରେ ବାସ କରୁଥିଲେ । ତାହାହେଲେ ଇଂରେଜମାନଙ୍କର ଅଡାମ୍ ତେବେ ସେଠାର ଲୋକ ଅସ୍ମାନଙ୍କୁ ଜଣାଉଛି ଯେ ପେରୁ ସୂର୍ଯ୍ୟବଂଶୀୟ କୌଣସି ରାଜାଙ୍କ ରାଜ୍ୟ ଏବଂ ବଲିରାଜା ବଡ଼ରାଜାର ରାଜ୍ୟ ଥିଲା । ପାତାଳରେ ବଳିର ରାଜ୍ୟ ଥିଲାବୋଲି ପ୍ରସିଦ୍ଧ ଅଛି । ଅତଏବ ଇଂରେଜ-

ମାନଙ୍କର ସିଦ୍ଧାନ୍ତ ଏତେବେଳେ ଗୋଳମାଳ ହୋଇ ପଡ଼ିଅଛି ।

ରହସ୍ୟ ।

ପଞ୍ଜାବରେ ଜଣେ ସାହେବର ମୁରଗୀଅଣ୍ଡାପାକ ଗୃହର ମେଘଙ୍କର ଖାଉଥିଲ ସାହେବ ପଚାରିଲେ କହୁଥିଲେ ଏ ମୁରଗିମାନ ଅଣ୍ଡା ଦଅନ୍ତି ନାହିଁ ଏମାନେ ସମସ୍ତେ କାଛ । ତେବେ ଏକଦିନରେ କୋଟାଏ ମୁରଗୀ ସାହେବଙ୍କ ଗୋସଲଖାନାରେ ରହିଯାଇ ସେଠାରେ ଗୋଟାଏ ଅଣ୍ଡା ଦେଲା ସାହେବ ଅନ୍ୟବେଳେ ଗୋସଲଖାନାରୁ ଫିବାମାତ୍ରକେ ଅଣ୍ଡା ଦେଖି ନୃକରକୁ ତାଙ୍କ ପଚ୍ଛରିବାରେ ସେ ବଡ଼ ବ୍ୟସ୍ତରେ ପଡ଼ସ କରୁ ଶୀଘ୍ର ମନକୁ ଦମ୍ଭ କରି ଏହିପ୍ରକାର କୈଫିୟତ ଦେଲା ଯଥା 'ଗୋଦାଙ୍କାଙ୍କେ ହଜୁରକା ଏକବାଲସେ, ସାଏଦ ହଜୁରସେ ଭରତେ' । ହଜୁରଙ୍କ ଗୋସଲଖାନାର କଙ୍କମତବୋଇ ସାହା କହୁଲ ନାହିଁ ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ !

ଏ ନଗରସ୍ଥ ଉତ୍କଳୀୟ ବଙ୍ଗଭାଷା ସଂସ୍କାରଣୀ ସଭା କର୍ତ୍ତୃକ ଗୋଟିଏ ପୁସ୍ତକାଳୟ ସ୍ଥାପନର ଉଦ୍‌ଯୋଗ ହୋଇ ଯେଉଁ ଚାନ୍ଦା ସଂଗୃହୀତ ହେଉଥିଲା ତାହା ଆଂଶିକ କାର୍ଯ୍ୟରେ ପରିଣତ ହୋଇଅଛି । ଆଜଯାଏ ୫ ୮ ଟଙ୍କା ଉଶୁଲ ହୋଇଅଛି । ସେଥି ମଧ୍ୟରୁ ୫ ୨୯ ଟଙ୍କା ବ୍ୟୟିତ ହୋଇ ବାକି ୫ ୨୯ ଟଙ୍କା ଜମା ଅଛି । ଯେଉଁ ଟଙ୍କା ବ୍ୟୟିତ ହୋଇଅଛି ସେଥିରୁ ୫ ୨୦ ଟଙ୍କାର ପୁସ୍ତକ କ୍ରୀତ ଓ ଅବଶିଷ୍ଟ ଟ ୯ ଟଙ୍କାର ମୋହର ଇତ୍ୟାଦ ପ୍ରସ୍ତୁତ ଓ ଅନ୍ୟାନ୍ୟ ବାଟରେ ବ୍ୟୟ ହୋଇଅଛି । ପ୍ରତିଷ୍ଠିତ ବଙ୍ଗୀୟ ଗ୍ରନ୍ଥକାରଙ୍କର ଭଲ ଗ ୨୬ ଖଣ୍ଡି ପୁସ୍ତକ କିଣା ଯାଇ ଅଛି ବାକି ଗ ୪୦ ଖଣ୍ଡ ସଉକ ପୁସ୍ତକ ଏକମାସ ମଧ୍ୟରେ ଆସିବାର ସମ୍ପୂର୍ଣ୍ଣ ସମ୍ଭାବନା ରହି ଅଛି ଚାନ୍ଦା ଦାତାମାନେ ବର୍ତ୍ତମାନ ଆପଣା ଗୃହକୁ ସଂଗୃହୀତ ପୁସ୍ତକମାନ ପଢ଼ିବାକୁ ନେଇ ପାରନ୍ତି । ଅନ୍ୟ ଲୋକେ ନେବାକୁ ଇଚ୍ଛା କଲେ ସେମାନଙ୍କୁ ମାସିକ ଚାନ୍ଦା ସ୍ୱରୂପ କିଛି ଦେବା ପଡ଼ିବ । ବର୍ତ୍ତମାନ ଉକିଲ ବାବୁ କପିଳଦାସ ମିତ୍ରଙ୍କ ବସାରେ ପୁସ୍ତକାଳୟର କାର୍ଯ୍ୟ ଆରମ୍ଭ ହୋଇ ଅଛି । ଏଥି ସଙ୍ଗେ ଗୋଟିଏ ପାଠମଣ୍ଡଳୀ (Reading club) ସ୍ଥାପିତ ହୋଇଅଛି । ସେଠାରେ ସାଧାରଣଙ୍କ ପାଠାର୍ଥ ଦୈନିକ ଓ ସାପ୍ତାହିକ ପ୍ରଭୃତି ଇଂରାଜି ଓ ବଙ୍ଗଳା ପ୍ରାୟ ଗ ୧୦ ଖଣ୍ଡ କାଗଜ ରଖା ଯାଉଅଛି । ଅନ୍ୟ ସାଧାରଣ ସ୍ଥାନ ନ ମିଳିବା ପର୍ଯ୍ୟନ୍ତ ଉକିଲ ବାବୁ କପିଳଦାସ ମିତ୍ରଙ୍କ ଘର ଠାରେ ପୁସ୍ତକାଳୟର କାର୍ଯ୍ୟ ହେଉ ଥିବ । ପୁସ୍ତକାଳୟ ଓ ପାଠମଣ୍ଡଳୀର ନିୟମାବଳୀ ପୁସ୍ତକାଳୟଠାରେ ପ୍ରାପ୍ତବ୍ୟ । ମଧ୍ୟ କେହି ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଲେଖିଲେ ସେ ତାହା ପାଇ ପାରନ୍ତି । ଉପସଂହାରରେ ସର୍ବସାଧାରଣ ଦେଶ ହିତୈଷୀ ଯଥା ସାଧ୍ୟ ସାହାଯ୍ୟ କରି ଏହି ପୁସ୍ତକାଳୟର ଅଭ୍ୟୁଦୟ ବୃଦ୍ଧି କରନ୍ତୁ ଏହି ପ୍ରାର୍ଥନା ।

କଟକ
୨୯ । ୫ । ୮୦ } ବଶମ୍ବଦ
ଶ୍ରୀ ଅଭୟଚରଣ ଘୋଷ
ସମ୍ପାଦକ

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ! ସମୀପେଷୁ

ସବିନୟ ନିବେଦନମିଦଂ ।

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ବହୁମୂଲ୍ୟ ଦୀପିକାରେ ପ୍ରକାଶ କରିବେ ଓ ମହାଶୟଙ୍କ ସାନୁନୟ ପ୍ରାର୍ଥନା ଯେ ଅମ୍ଭମାନଙ୍କ ଅଭାବ ମୋଚନ ଓ ଅସୁବିଧା ଦୂର କରିବା ନିମନ୍ତେ କର୍ତ୍ତା ବାବୁମାନଙ୍କୁ ଅନୁରୋଧ କରିବେ ।

ଅମ୍ଭେମାନେ ତଳାନ୍ତ ଦୁଃଖୀ ପ୍ରଜା, ଅମ୍ଭମାନଙ୍କର କୌଣସି ସାମାନ୍ୟ ମୋକଦ୍ଦମା ହେଲେ ଭଦ୍ରକ (ଯାହାକି ଏଠାରୁ ପ୍ରାୟ ମା ୨୫ ମାଇଲରୁ ଊର୍ଦ୍ଧ୍ୱ ହେବ) ମହାନକୁ ଯାଇ ଅନର୍ଥକ ଖରଚାନ୍ତ ହୋଇ ମାରା ଯାଉଅଛୁଁ । ବାଲେଶ୍ୱର ଓ ଭଦ୍ରକର ଏ ମଧ୍ୟସ୍ଥଳ ଏଥିରେ କୌଣସି କଚେରୀଳୟ ନ ଥିବା ଏ ଅସୁବିଧାର କାରଣ ଅଟେ । ଉକ୍ତଳୀୟର ଏତେ ଦୂରତା ଯୋଗୁଁ ଅମ୍ଭେମାନେ କେତେ ଅପମାନ ସହ୍ୟକରି ଓ ମାଡ଼ଖାଇ ଚୁପ କରି ପଡ଼ିରହୁଁ । ଇତିପୂର୍ବେ ଅମ୍ଭମାନଙ୍କ ଅବେଦନମତେ ଶ୍ରୀଯୁକ୍ତ ଜନ ଟମସ୍ ପୂର୍ବତନ ମାଜିଷ୍ଟ୍ରେଟ ମହୋଦୟ ଶ୍ରୀଯୁକ୍ତ ବାବୁ ବିଶ୍ୱମୋହନ ଘୋଷ (ବର୍ତ୍ତମାନ ଝଟଣିମେଣ୍ଟର ଟ ୫୦ ଟଙ୍କା ପେନସନ ଭୋଗି) ଓ ତାଙ୍କ ଭ୍ରାତୃଷ୍ପୁତ୍ର ଶ୍ରୀଯୁକ୍ତ ବାବୁ ମଥୁରମୋହନ ଘୋଷ ମହୋଦୟ ଦୁହିଙ୍କୁ ଅନରରି ମେଜିଷ୍ଟ୍ରେଟ ପଦ ଅର୍ପଣ କରିବାକୁ ବିଚାରରେ ସେମାନେ ଅନବସରିକରୁ ଉକ୍ତ ପଦ ଗ୍ରହଣରେ ଅସମ୍ମତ ହେଲେ । ବର୍ତ୍ତମାନ ଶ୍ରୀଯୁକ୍ତ ବାବୁ ବିଶ୍ୱମୋହନ ଘୋଷଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀଯୁକ୍ତ ବାବୁ ଚନ୍ଦ୍ରକାନ୍ତ ଘୋଷ ଯେ ବିଦ୍ୟା ବୁଦ୍ଧିରେ ଉପଯୁକ୍ତ ପରିଶ୍ରମୀ ଓ ସାଧାରଣ ହିତକର କାର୍ଯ୍ୟରେ ହିତୈଷୀ ଅଟନ୍ତି ତାଙ୍କୁ ଉକ୍ତ ପଦ ଅର୍ପିତ ହେଲେ ସେ ଗ୍ରହଣ କରି ପାରନ୍ତି ଓ ଅମ୍ଭମାନଙ୍କ କଷ୍ଟ ଦୂର ହୋଇ ପାରେ । ଅତଏବ ଶ୍ରୀଯୁକ୍ତ କମିଶନର ମହୋଦୟ ଓ ଶ୍ରୀଯୁକ୍ତ ବାଲେଶ୍ୱର ମାଜିଷ୍ଟ୍ରେଟ ମହୋଦୟଙ୍କୁ ପ୍ରାର୍ଥନା ଯେ ସେମାନେ ଅନୁଗ୍ରହ କରି ଅମ୍ଭମାନଙ୍କ ପ୍ରାର୍ଥନା ମଞ୍ଜୁର କରନ୍ତୁ ।

୮ । ୬ । ୮୦ } ଆପଣଙ୍କର ବଶମ୍ବଦ-
ଅଙ୍କୁରା ଓ ଇରମ ଇତ୍ୟାଦି
ପ୍ରଜାମାନେ ।

---

ବିଜ୍ଞାପନ

# ଅଶ୍ୱମେଧଯଜ୍ଞ ।

(ଗୀତା କଳାବସଠାରୁ ସମ କଣ୍ଠଶାଳକର ସ୍ୱର୍ଗାରୋହଣ ପର୍ଯ୍ୟନ୍ତ) ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀର ଅଫିସରେ ବିକ୍ରୟ ହେଉଅଛି ତହିଁର ମୂଲ୍ୟ ଟ ।୶ ଓ ଡାକରେ ନେଲେ ମୋଟସର ଗ୍ରାହକମାନଙ୍କୁ ପୃଥକ୍ ମାସୁଲ ଟ ୦୯ ନ ପଇସା ଶସ୍ତ ପଡ଼ିବ ।

ଅତି ସୁଲଭ ବିକ୍ରୟ

କ୍ଲିମିଡ଼ ଅସ୍ତର ଏବଂ ଜଳ ଗଭୀର ମାପ କରିବାର ଗୋଟିଏ କଳ୍ପତ୍ତ ଗୁଡ଼ତୋଲତ୍ ସଭ ବିକ୍ରୟାର୍ଥେ ଅଛି । ଏହାର ନୂତନ କ୍ରୟ ମୂଲ୍ୟ ଟ ୪୫୦ ବର୍ତ୍ତମାନ ନୂତନ ପ୍ରାୟ ଉତ୍ତମ ଅବସ୍ଥାରେ ଅଛି ଟ ୨୫୦ କାରେ ବିକ୍ରୟ ହେବ । ଯାହାଙ୍କର କ୍ରୟ କରିବାର ଇଚ୍ଛା ହେବ ସେ ଅମ୍ଭଠାରୁ ପତ୍ର ଲେଖିବେ । ଇତି

କଟକ
ତା ୧୭ ଶେ ଜୁନ
ସନ ୧୮୮୦ ମସିହା } ଶ୍ରୀ ଗୌରୀ ଶଙ୍କରରାୟ

---

ଚାନ୍ଦବାଲି ମାକନିଲକମ୍ପାନୀର ମାନେଜର କରି ସାହେବ ଚଳିତ ମାସ ତା ୨୧ ଶେ ଦିବା ଦୁଇ ପ୍ରହରଠାରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସମୟ ମଧ୍ୟରେ ଏହି ନଗର ଡାକବଙ୍ଗଳାରେ ସମସ୍ତ ସାଧୁ ମହାଜନଙ୍କ ସଙ୍ଗେ ସାକ୍ଷାତ୍ କରିବାର ମାନସ କରନ୍ତି । ଏଠା ବେପାରୀ ଓ ମହାଜନମାନଙ୍କର ଚାନ୍ଦବାଲି ବାଟେ କଲିକତାକୁ ଯେତିକି ମାଲ ପଠାଇବାର ଥିବ ତହିଁର ଜାହାଜ ଭଡ଼ା ଠିକଣା କରିବା ଏ ସାକ୍ଷାତର ଉଦ୍ଦେଶ୍ୟ ଅଟଇ । ଅତଏବ ସେମାନଙ୍କ ଗୋଚରାର୍ଥେ ଏ ବିଜ୍ଞାପନ ଦିଆ ଗଲା ।

---

NOTICE.

Is hereby given to all the merchants and traders of Cuttack that Mr. Currie of Messrs. Macneill & Co. Chandbally will be glad to meet with them in the Dàk Bunglow Cuttack on monday the 21st current between the hours of noon and 2 P. M. for the purpose of fixing freights on goods which they may have for shipment to Calcutta via Chandbally.

---

ଏହି ଉତ୍କଳଦୀପିକା ପତ୍ର କଟକ ପଟଳାବଜାର କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୯ ଗ
ସଂ ୨୬ ଖ୍ୟା

ତା ୨୬ ରଖ ମାହେ ଜୁନ ସନ ୧୮୮୦ ମସିହା । ମୁ । ଆଷାଢ ଦ ୧୪ ଜ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୨୯
ମଫସଲପାଁଇ ଡାକମାସୁଲ ଟ ୧।୵

ଆମ୍ଭମାନଙ୍କ ପୁରୁଣା ଗବର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ଼ ଲିଟନ ଚଳିତମାସ ତା ୨୮ ରଖ ପୂର୍ବାହ୍ନ ଘ ୧୧ ଣ୍ଟା ସମୟରେ ସିମଲାଠାରୁ ଯାତ୍ରା କରି ବମ୍ବେଇ ବାଟେ ବିଲାତକୁ ପ୍ରସ୍ଥାନ କରିବେ ଲର୍ଡ ରିପନଙ୍କୁ ସମସ୍ତ ବାଟରେ ଏବଂ ସିମଲା ନଗରରେ ପ୍ରବେଶ ସମୟରେ ଯେ ସମସ୍ତ ସମ୍ମାନ ପ୍ରଦର୍ଶିତ ହୋଇଥିଲା ଲର୍ଡ ଲିଟନଙ୍କୁ ସେହି ସମସ୍ତ ସିମଳାଠାରୁ ଯାତ୍ରା କରିବା କାଳରେ ଏବଂ ଯାହାଜରେ ଚଢିବା ପର୍ଯ୍ୟନ୍ତ ସମସ୍ତ ବାଟରେ ପ୍ରଦତ୍ତ ହେବ ।

---

ବମ୍ବେଇର ନୂତନ ଗବର୍ଣ୍ଣର ସର୍ ଫରଗୁସନ ସାହେବ ଏଥିମଧ୍ୟରେ ଗୋଟିଏ ଦୟାର କାର୍ଯ୍ୟ କରି ସମସ୍ତଙ୍କର ପ୍ରୀତିଭାଜନ ହୋଇ ଅଛନ୍ତି । ଦକ୍ଷିଣ ଦୁର୍ଭିକ୍ଷ ପ୍ରପୀଡିତ ପ୍ରଜାଙ୍କ ଉପରେ ଯେତେ ବାକୀଖଜଣା ପାଉଣା ଥିଲା ତାହା ସେ କ୍ଷମା ଦେଇଅଛନ୍ତି । ସର୍ ରିଚ୍ଚର୍ଡ ଟେମ୍ପଲ ଏହି ଖଜଣା ମାଫ ଦେବାକୁ ପୁନଃ ୨ ଅସ୍ବୀକାର କରିଥିଲେ କିନ୍ତୁ ନୂତନ ଗବର୍ଣ୍ଣର ଦକ୍ଷିଣର ପ୍ରଜାଙ୍କ ଦୁରବସ୍ଥା ଦେଖି ସେପ୍ରକାର କଷ୍ଟର ହେବାକୁ ପାରିଲେ ନାହିଁ । ଶାସନକର୍ତ୍ତାଙ୍କର ଏପରି ଗୋଟିଏ ୨ କାର୍ଯ୍ୟ ସହସ୍ର ଲମ୍ବା ଚୌଡା କଥାରୁ ମୂଲ୍ୟବାନ୍ ଅଟଇ ।

---

ଏ ସପ୍ତାହ ଆରମ୍ଭରୁ ଏଠାରେ ବର୍ଷାଋତୁ ଆରମ୍ଭ ହେବାର ବୋଲାଯିବ । କେତେଦିନ ଭାରି ଗ୍ରୀଷ୍ମ ଉତ୍ତାରୁ ଗତ ସୋମବାର ଅତି ପ୍ରାତଃକାଳରୁ ବୃଷ୍ଟି ଓଦ୍ଧାଇ ପୃଥିବୀକୁ ଶୀତଳ କରିଦେଲା ଓ ତହୁଁତାରୁ ପ୍ରାୟ ପ୍ରତିଦିନ ବୃଷ୍ଟି ହେଉଅଛି । ମେଘାଚ୍ଛନ୍ନ ହେତୁରୁ ଗତ ମଙ୍ଗଳବାରର ଚନ୍ଦ୍ରଗ୍ରହଣ ଆଦୌ ଦୃଷ୍ଟ ହେଲା ନାହିଁ । ନଦୀମାନଙ୍କରେ ଅଳ୍ପପାଣି ଆସିଲେହେଁ ଥଳ ଭାଙ୍ଗିଯାଇ ଘାଟ ଇଜାରଦାରଙ୍କର ମାନସ ପୂର୍ଣ୍ଣ କରି ଅଛି କାରଣ ସ୍ନାନପୂର୍ଣ୍ଣିମା ପୂର୍ବଦିନ ଆଉ ମହାନଦୀ ଓ କାଠଯୋଡିରେ ଡଙ୍ଗା ପଡିଥିଲା । କେବଳ କୁଆଖିଆରେ ପାଣି ନ ଯିବାରୁ ପୂର୍ବର ନଦୀମାନ ଶୁଖିଲା ପଡିଅଛି ।

---

ହାଇକୋର୍ଟରେ ଅପୀଲ ମକଦ୍ଦମାର କାଗଜ ସମସ୍ତ ଇଂରାଜୀରେ ତରଜମା ହୋଇ ଛପା ପୁସ୍ତକାକାରରେ ବାହାରିବାର ଖର୍ଚ୍ଚା ମାମଲତକାରଙ୍କୁ ଦେବାକୁ ପଡଇ ଓ ସେ ଖର୍ଚ୍ଚା ବିସ୍ତର ବାଧକ ହେବାରୁ ମାନ୍ୟବର ଜଜମାନେ ତାହା ଊଣା କରିବାର ସଂକଳ୍ପ ବହୁଦିନରୁ କରିଥିଲେ ସମ୍ପ୍ରତି ସାହେବମହୋଦୟମାନେ ସ୍ଥିର କରିଅଛନ୍ତି ଅପୀଲ ମକଦ୍ଦମାର ଛାପାପୁସ୍ତକର ଖର୍ଚ୍ଚା ପ୍ରତିପୃଷ୍ଠା ଟ ୨୯ ଙ୍କା ପରିବର୍ତ୍ତରେ ଟ ୧। ଅଣା କରିଅଛନ୍ତି । ଏଥିରେ ମାମଲତକାରଙ୍କର ଅନେକ ବ୍ୟୟ ଲାଘବ ହେବ । ଏହିପରି ନମ୍ବରୀ ଓ ଖାସ ଅପୀଲର ଖର୍ଚ୍ଚା ଊଣା ହେଲେ ଲୋକଙ୍କର ଅନେକ ଉପକାର ହେବ ଓ ଭରସା ହୁଅଇ ମାନ୍ୟବର ଜଜମାନେ ଶୀଘ୍ର ତହିଁର ବିଧାନ କରିବେ ।

---

ବାଲେଶ୍ବରରେ ଚୋରି ସଂଖ୍ୟା ଅବଧି ଊଣା ପଡ ନ ଥିବାର ସେଠା ସମ୍ବାଦପତ୍ରମାନଙ୍କରୁ ଜଣାଯାଏ । ଗତସପ୍ତାହରେ ସେଠା ଅଦାଲତର ସିରସ୍ତାଦାରଙ୍କ ବସାରେ ଚୋରି ହୋଇ ୨୦୦ ଶତଟଙ୍କାର ମାଲ ବାହାର ଗଲା ପୁଲିସ ତହିଁର କିଛି ନିର୍ଣ୍ଣୟ କରି ନାହାନ୍ତି । ବାଲେଶ୍ବରରେ ମଦଭାଟିସଂଖ୍ୟା ବୃଦ୍ଧି ହେବାରୁ ଚୋରି ବିସ୍ତର ହେବାର କଥିତ ହୁଅଇ ଏହା ଯୁକ୍ତିସିଦ୍ଧ ଅଟଇ ମାତ୍ର ଜଗଦୀଶବାବୁଙ୍କ ସମୟରେତ ସେହି ମଦଭାଟିମାନେ ଥିଲେ ତଥାଚ ଚୋରି ଊଣା ପଡିଥିଲା ଅତଏବ ପୁଲିସର ଯୋଗ୍ୟତା ଏବଂ ଅଯୋଗ୍ୟତା ଉପରେ ଚୋରିର ହ୍ରାସ ବୃଦ୍ଧି ନିର୍ଭର କରଇ ବୋଲିବାକୁ ହେବ । ବାସ୍ତବରେ ବାଲେଶ୍ବର ଚୋରି ଡକାଇତି ସକାଶ ପ୍ରାଚୀନକାଳରୁ ପ୍ରସିଦ୍ଧ ସେଠାରେ ସୁଖ୍ୟାତପ୍ରାପ୍ତ ବିଚକ୍ଷଣ ପୁଲିସ ପ୍ରଧାନ କର୍ମଚାରୀଙ୍କର ବିସ୍ତର ଆବଶ୍ୟକ ।

---

ସରଦାର ଅବଦୁର ରହମାନଙ୍କୁ କାବୁଲର ଅମିରତ୍ବରେ ବରଣ କରିବା ଉଦ୍ଦେଶ୍ୟରେ ଇଂରେଜ ଗବର୍ଣ୍ଣମେଣ୍ଟ ତାହାଙ୍କ ନିକଟକୁ ଦୂତ ପ୍ରେରଣ କରିଥିଲେ ଓ ପ୍ରକାଶ୍ୟରେ ସରଦାର ଦୂତଙ୍କୁ ଯଥା ସମ୍ମାନରେ ଗ୍ରହଣ ଏବଂ ତାହଙ୍କ ପ୍ରବେଶକୁ ଉତ୍ସବର ବିଷୟ କରିବାରୁ ସମସ୍ତେ

Digitized by srujanika@gmail.com

Split by PDF Splitter



ଆଶା କରୁଥିଲେ ଯେ ସରଦାର ଇଂରେଜଙ୍କ ଅନୁଗ୍ରହକୁ ଅବଲମ୍ବରେ ଶିରୋଧାର୍ଯ୍ୟ କରିବେ ମାତ୍ର କାର୍ଯ୍ୟତଃ ତାହା ଦେଖା ଯାଉ ନାହିଁ । ସେ ଆପଣା ନାମରେ ମୁଦ୍ରା ଚଳାଇ ଓ କାବୁଲର ସରଦାରମାନଙ୍କଠାରୁ ପତ୍ର ପଠାଇ ଆପଣାକୁ ଆପେ ଅମିର ହୋଇ ଇଂରେଜଙ୍କ ସହିତ ଆପଣା ଇଚ୍ଛାନୁସାରେ ବନ୍ଦୋବସ୍ତ କରିବାକୁ ବସିଅଛନ୍ତି । ଏବଂ କଥିତ ହୁଅଇ ଯେ ରୁଷିୟାର ସାହାଯ୍ୟରେ ତାହାଙ୍କର ଏପରି ସାହସ ହୋଇ ଅଛି । ଅବଦୁର ରହମାନଙ୍କ ଖତ ଆଉ କାହାକୁ ଗବର୍ଣ୍ଣମେଣ୍ଟ କାବୁଲର ଅମିରରୂ ଯାଚିବେ କିଛି ଜଣା ପଡ଼ୁ ନାହିଁ ଫଳତଃ କାବୁଲର ବନ୍ଦୋବସ୍ତ ଯୋଜ ଗବର୍ଣ୍ଣମେଣ୍ଟ ବଡ ବ୍ୟସ୍ତରେ ପଡ଼ି ଅଛନ୍ତି ।

———

ବିଲାତର ତାରସଂବାଦରୁ ଜଣାଯାଏ ଯେ ଚଳିତମାସ ତା ୧୦ ରିଖର ପାର୍ଲିମେଣ୍ଟ ସଭାରେ ପ୍ରଧାନ ମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବ ବିଲାତର ଆୟ ବ୍ୟୟ ବିଷୟରେ ଏକ ବକ୍ତୃତା କରିଥିଲେ ସେ କହିଲେ ଯେ ଆୟ ବ୍ୟୟର ଯେଉଁ ଅନୁମାନ ତାହାଙ୍କ ପୂର୍ବ କର୍ମଶ୍ଚି କରିଅଛନ୍ତି ତାହା ଠିକଅଛି କେବଳ ଟାକ୍ସ ସମ୍ପର୍କରେ କିଛି ପରିବର୍ତ୍ତନ କରିବାର ଅଛି । କାରଣ ଯାହା କିଛି ଉଦ୍ବୃତ୍ତ ଥିଲା ଅଭିରକ୍ତ ବଜେଟ ତାହା ଖାଇ ଯାଇଅଛି ଏବଂ ଭାରତବର୍ଷର ଆୟ ବ୍ୟୟର ଅବସ୍ଥା ଦୃଷ୍ଟିରେ କିଛି ଉଦ୍ବୃତ୍ତ ଟଙ୍କା ରହିଁକ ଦେବାର ଅବଶ୍ୟକ ହୋଇଅଛି । ଏହି ଉଦ୍ଦେଶ୍ୟରେ ଇନ୍‌କମ୍ ଟାକ୍ସ ଇତ୍ୟାଦି ବୃଦ୍ଧିଦ୍ୱାରା ସେ ହିସାବ କରି ଦେଖିଅଛନ୍ତି ଯେ ଟ ୩୮,୦୦,୦୦୦୲ ଙ୍କା ଉଦ୍ବୃତ୍ତ ହେବ । ଏଥିରୁ ସ୍ପଷ୍ଟ ବୋଧ ହୁଅଇ ଯେ କାବୁଲ ଯୁଦ୍ଧର ବ୍ୟୟର କୌଣସି ଅଂଶ ଇଂଲଣ୍ଡ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ତେବେ ସେ ଅଂଶର ପରିମାଣ କେତେ ଏହା ଜାଣିବାକୁ ବାକି ରହିଲା ଓ ଭରସା ହୁଅଇ ତାହା ଅଳ୍ପଦିନରେ ପ୍ରକାଶ ପାଇବ । ଏହି ବ୍ୟୟ ଭାରରୁ ଇଂଲଣ୍ଡକୁ ରକ୍ଷା କରିବା କାରଣ ଲର୍ଡ ଲିଟନ ଓ ସରଜନ ଷ୍ଟ୍ରାଚି ଯେତେ ଚେଷ୍ଟା କଲେ କିଛି ସଫଳ ହେଲା ନାହିଁ ।

———

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ପ୍ରେରିତ ସୂତ୍ରରେ ପାଠକଙ୍କୁ ଯେ ବଙ୍ଗଳା ଗବର୍ଣ୍ଣମେଣ୍ଟ ରାଜା ଶୌରେନ୍ଦ୍ରମୋହନ ଠାକୁରଙ୍କ ସ୍ଥାପିତ ଯୋଡ଼ାସାଙ୍କୋ ଦେଶୀୟ ସଙ୍ଗୀତ ବିଦ୍ୟାଳୟର ସାହାଯ୍ୟ ନିମିତ୍ତ ମାସକୁ ଟ ୨୫ ଙ୍କା ଲେଖାଏ ଦାନ ଦେବାକୁ ମଞ୍ଜୁର କରି ଅଛନ୍ତି । ରାଜା ଶୌରେନ୍ଦ୍ରମୋହନ ଦେଶୀୟ ସଙ୍ଗୀତର ପ୍ରଚାର ନିମିତ୍ତ ଯେତେ ଶ୍ରମ ଓ ବ୍ୟୟ କରୁ ଅଛନ୍ତି ତଦ୍ଦୃଷ୍ଟିରେ ମାସକୁ ଟ ୨୫ ଙ୍କା ସାହାଯ୍ୟ ସାମାନ୍ୟ ହେଲେହେଁ ଏହାଦ୍ୱାରା ଯେ ମାନ୍ୟବର ସର୍ ଇଡ଼େନ୍‌ସାହେବ ଦେଶୀୟ ସଙ୍ଗୀତର ସାହାଯ୍ୟ ପାଇବାର ଦାବି ସ୍ୱୀକାର କରି ଅଛନ୍ତି ଏଥିପାଇ ସେ କୃତଜ୍ଞତାର ଭାଜନ ହୋଇ ଅଛନ୍ତି ସନ୍ଦେହ ନାହିଁ । ଅମ୍ଭେମାନେ ଆଶା କରୁଁ ଯେ ସଙ୍ଗୀତପ୍ରିୟ ଧନାଢ୍ୟ ଦେଶୀୟ ବ୍ୟକ୍ତିମାନେ ଏହାଦ୍ୱାରା ଉତ୍ସାହିତ ହୋଇ ଆପଣା ଏଲାକାରେ ଗୋଟିଏ ୨ ସଙ୍ଗୀତ ବିଦ୍ୟାଳୟ ସ୍ଥାପନ କରିବାକୁ ପ୍ରବୃତ୍ତ ହେବେ ଏବଂ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ ମଧ୍ୟ ଏଥିରେ ଯୋଗଦେବେ । ଆମ୍ଭମାନଙ୍କ ବିବେଚନାରେ ଅନ୍ତତଃ ପ୍ରତ୍ୟେକ ଜିଲାରେ ଗୋଟିଏଲେଖାଏ ଦେଶୀୟ ସଙ୍ଗୀତ ବିଦ୍ୟାଳୟ ସ୍ଥାପନ ହେବାର ଉଚିତ ତାହାହେଲେ କ୍ରମଶଃ ପରିମାଣରେ ଏ ବିଦ୍ୟାର ପୁନରୁଦ୍ଧାର ଓ ଉନ୍ନତି ହୋଇ ପାରେ ମୟୂରଭଞ୍ଜ, କଣ୍ଡପଡ଼ା, ଆଳି ଓ ମଧୁପୁର ପ୍ରଭୃତି କେତେ ଏ ବିଷୟରେ ଯତ୍ନ ଥିବାର ଏବଂ ବିଦ୍ୟାଳୟ ସ୍ଥାପନ କରିବା କିମ୍ବା ଅନ୍ୟ ପ୍ରକାରରେ ଶିକ୍ଷାର୍ଥୀଙ୍କୁ ଉତ୍ସାହ ଦେବାର ସମୟ ସମୟରେ ଶୁଣଯାଏ ମାତ୍ର କାହାରଦ୍ୱାରା ଅଦ୍ୟାପି କୌଣସି ଯୋଗ୍ୟ ହୋଇ କାହାରିବାର ଦେଖାଗଲା ନାହିଁ ରାଜା ଶୌରେନ୍ଦ୍ରମୋହନଙ୍କ ଆଦର୍ଶରେ କାର୍ଯ୍ୟ କରି ଗୋଟିଏ ନାହିଁ କୀର୍ତ୍ତି ରଖନ୍ତୁ ସେମାନଙ୍କଠାରେ ଏହି ପ୍ରାର୍ଥନା ।

—❋—

## ଗଡଜାତରେ ଦେଓ୍ୱାନ ନିଯୁକ୍ତ ।

ଗଡଜାତ ରାଜାମାନଙ୍କ ପାଖରେ ଜଣେ ୨ ସୁଶିକ୍ଷିତ ଦେଓ୍ୱାନ ରଖାଇବାର ପ୍ରସ୍ତାବ ଅମ୍ଭେମାନେ ଏବଂ ଅମ୍ଭମାନଙ୍କର ସହଯୋଗିମାନେ ବହୁଦିନରୁ କରି ଆସୁଅଛୁଁ । ଏତେଦିନେ ଗଡଜାତର ବର୍ତ୍ତମାନ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସ୍ମିଥସାହେବ ତାହା କାର୍ଯ୍ୟରେ ପରିଣତ କରିବାକୁ ପ୍ରବୃତ୍ତ ହେବାର ଦେଖି ଅମ୍ଭେମାନେ ବଡ ଆନନ୍ଦିତ ହୋଇଅଛୁଁ । ଗଡଜାତର ରାଜାମାନଙ୍କ ଶାସନକାର୍ଯ୍ୟ ସ୍ୱଳ୍ପମରେ ଅଶିକ୍ଷା ଓ ହିତାହିତ ଜ୍ଞାନଶୂନ୍ୟ ଅଥବା ଅପରିଣାମଦର୍ଶୀ ସଙ୍ଗମାନଙ୍କ ଦୁଷ୍ଟ ଅମଲଙ୍କ ଅପହରଣରୁ ରକ୍ଷା କରିବାର ଉପାୟାନ୍ତର ନାହିଁ । ଅତି ବିଚକ୍ଷଣ ରାଜାଙ୍କ ପକ୍ଷରେ ମଧ୍ୟ ଜଣେ ସୁଶିକ୍ଷିତ ଦେଓ୍ୱାନ ଅତ୍ୟନ୍ତ ପ୍ରୟୋଜନ ଓ ଢେଙ୍କାନାଳର ମୃତ ମହାରାଜା ବାବୁ ବନମାଳିସିଂହଙ୍କ ହେନୟାର ରହିଁର ପ୍ରତ୍ୟକ୍ଷ ପ୍ରମାଣ ଦର୍ଶାଇ ଅଛନ୍ତି । ଭୂତପୂର୍ବ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ରେବେନସାସାହେବ ଏଥିର କାର୍ଯ୍ୟକାରିତା ଉତ୍ତମରୂପେ ହୃଦୟଙ୍ଗମ କରି ନ ପାରି କମିଟୀ ଉପରେ ନିର୍ଭର କରିଥିଲେ ଓ କମିଟୀଦ୍ୱାରା ଯେପ୍ରକାର ଫଳ ହେଲା ତାହା ଦଶପଲ୍ଲା ଓ ବଡମ୍ବାର ଅବସ୍ଥାରୁ ସ୍ପଷ୍ଟ ପ୍ରକାଶ । ବାସ୍ତବରେ ଯେସ୍ଥଳେ ମୃଗଲକ୍ଷିରେ ଅବଧି କମିଟୀର ମେମ୍ବର ହେବା ଯୋଗ୍ୟ ନିରପେକ୍ଷ ସ୍ୱାଧୀନ ଏବଂ ନିଃସ୍ୱାର୍ଥ ଲୋକର ଅଭାବ ଜଣାଯାଏ ସେସ୍ଥଳେ ଗଡଜାତରେ ସେପରି ଲୋକର ଆଶା କରିବା ବୃଥା । ସୁତରାଂ କମିଟୀଦ୍ୱାରା ଗଡଜାତର ଶାସନକାର୍ଯ୍ୟ ଚଳାଇବା ଉତ୍ତମ୍ ନାହିଁ । ଯାହାହେଉ ଶ୍ରୀଯୁକ୍ତ ସ୍ମିଥସାହେବ ଯେ କମିଟୀର କଲ୍ଲ ନ ହୋଇ ଦେଓ୍ୱାନ ନିଯୁକ୍ତ କରିବାର ନିୟମ କରିଅଛନ୍ତି ତହିଁରେ ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଏ ଉପାୟଦ୍ୱାରା ଗଡଜାତର ମୁଖ ଉଜ୍ଜ୍ୱଳ ଦେଖିବାର ଅମ୍ଭେମାନେ ଆଶା କରୁଁ । ସମ୍ପ୍ରତି ତାଳଚେର ସକାଶେ ଗବର୍ଣ୍ଣମେଣ୍ଟଙ୍କର ଅନୁମତିକ୍ରମେ ଜଣେ ଦେଓ୍ୱାନ ନିଯୁକ୍ତ ହେବାର ସ୍ଥିର ହୋଇ ତହିଁପାଇଁ ରାଜା ଏ ନଗରକୁ ଆସିଅଛନ୍ତି ପ୍ରାୟ ଏହି ସପ୍ତାହରେ ଜଣେ ଉପଯୁକ୍ତ ଦେଓ୍ୱାନ ମାସକୁ ଟ ୨୦୦୲ ଙ୍କା ବେତନରେ ନିଯୁକ୍ତ ହେବେ ଏପରି ଦଶପଲ୍ଲା ଓ ବଡମ୍ବା ସକାଶେ ରିପୋର୍ଟ ହୋଇଅଛି ମଞ୍ଜୁର ଆସିଲେ ଟ ୧୦୦୲ ଙ୍କା ବେତନରେ ଜଣେ ଲେଖାଏ ଦେଓ୍ୱାନ ନିଯୁକ୍ତ ହେବେ । ଏପରି ଅନ୍ୟାନ୍ୟ କଷ୍ଟରେ ଏରୂପର ହେଲେ ହୁଦ୍ଧନ ହେବ ଶ୍ରୀଯୁକ୍ତ ସ୍ମିଥସାହେବ ଯେ ସ୍ଥଳେ ସ୍ୱୟଂ ଏ ପ୍ରସ୍ତାବ କରିଅଛନ୍ତି ସେ ସ୍ଥଳରେ ସେ ଯେ ଉପଯୁକ୍ତ ବାଛି ଦେଓ୍ୱାନୀ ପଦରେ ନିଯୁକ୍ତ କରିବେ ତହିଁରେ ସନ୍ଦେହ ନାହିଁ ।

———

## ବାକି ତହସିଲଦାରଙ୍କ ମୋକଦ୍ଦମା ।

ଅମ୍ଭେମାନେ ଗତ ସପ୍ତାହରେ ଏ ମୋକଦ୍ଦମାର ଉଦନ୍ତ ଗୋପନରେ ହେବାର ଲେଖିଥିଲୁଁ ତହିଁର ବାହିର ଜଣେ ପତ୍ରପ୍ରେରକ

Digitized by srujanika@gmail.com

Split by PDF Splitter



ଲେଖିଅଛନ୍ତି କି "ତାହା ନାମ ମାତ୍ର ଗୋପନ ପ୍ରକୃତରେ ବାଙ୍କିରେ ଉତ୍ତମରୂପେ ପ୍ରକାଶ ପାଇଲାରୁ ଯେଉଁମାନେ ସାକ୍ଷୀ ଦେବାକୁ ଯାଇଅଛନ୍ତି ସେମାନଙ୍କ ସତ୍ୟପଥରେ ଅଟଳ ରହିବାର ଉପାୟ କରିବାକୁ ଆବଶ୍ୟକ ହେଲା ମଧ୍ୟ ପ୍ରତିବନ୍ଦ କଷ୍ଟକୁ ଏକପ୍ରକାର ଗୁପ୍ତଭାବ କହିଅଛି" । ବାସ୍ତବରେ ଏକଥା ଅସଙ୍ଗତ ବା ଆଶ୍ଚର୍ଯ୍ୟ ନୁହଇ । ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଉପରେ କେତେକ ଜଣ ସପଥ ପୂର୍ବକ ଦୋଷାରୋପ କଲେ । କମିଶ୍ନର ସାହେବ ଗୋପନରେ ଜମାଦାର ପଠାଇ ବାଙ୍କିରୁ ଗୁହା ତଲବ କଲେ ! କଟେଶ୍ୱରେ କେବଳ ହାକିମ ଓ ଜମାଦାର ଜାଣିଲେ ସୁତରାଂ ତାହା ଗୋପନ ରହିପାରିଲା ମାତ୍ର ମୋଫସଲରେ ଦଶଜଣ ଗୁହାଙ୍କୁ ଜମାଦାର ଡାକିବାକୁ ଯିବାରେ ଗଏ ଜଣ ତାହା ଶୁଣି ପାଇଲେ ଏଥିକୁ ସେ କଥା କେପରି ଗୋପନରେ ରହନ୍ତା ପୁଣି ଜମାଦାର ଗୁହାମାନଙ୍କୁ ବିଜୁଳୀଡାକଦ୍ୱାରା ଆଣି ପାରନ୍ତା ନାହିଁ ଦଶଜଣଙ୍କୁ ଡାକି ଏକଷ୍ଟ କରି ଏକଦିନର ବାଟ ଆଣିବାକୁ ହେଲେ ଅନାହତ ଦୁଇ ଏକଦିନ ବିଳମ୍ବ ହେଲା ଏଥିରେ ଗୁହାମାନେ କୌଣସି ପକ୍ଷରୁ ଉପଦେଶ ପାଇଲେ ଅଥବା ଆପଣା ମଧ୍ୟରେ ପରାମର୍ଶ କରି କୌଣସି କଥା କହିବାକୁ ପ୍ରସ୍ତୁତ ହେଲେ ତହିଁରେ କଟିଷ୍ଟ କି ହୋଇ ପାରେ ? ଏଥି ମଧ୍ୟରେ ଏ ମୋକଦମାର କଥା ଏଠାରୁ କଲିକତା ପର୍ଯ୍ୟନ୍ତ ଯାଇ ଅସିଲାଣି କାରଣ ଗତ ସୋମବାରର ଡେଲିନିୟୁସରେ ଏପରି ନାଲିଶ ହେବାର ସଂବାଦ ଲେଖା ଅଛି । ସୁତରାଂ ଗୋପନ କେଉଁଠାରେ ହେଲା । ଆମ୍ଭେମାନେ ଅନୁମାନ କରୁଁ କି କମିଶନର ସାହେବ ଯେବେ ଆପେ ଅବା ଅସିଷ୍ଟାଣ୍ଟଙ୍କଦ୍ୱାରା ତତ୍‌କ୍ଷଣାତ୍ ସରଜମିନ ତଦାରକ କରିଥାନ୍ତେ ଗୁହାମାନଙ୍କୁ କ୍ଷଣମାତ୍ର ଅବକାଶ ନ ଦେଇ ତାହାଙ୍କ ଜବାନବନ୍ଦୀ ନେଇଥାନ୍ତେ ତେବେ ଯଥାର୍ଥ କାର୍ଯ୍ୟ ହୋଇଥାନ୍ତା । ଉଚ୍ଚପଦସ୍ଥ କର୍ମଚାରିଙ୍କ ବିରୁଦ୍ଧରେ ଅଧୀନ ଲୋକମାନେ ନିର୍ଭୟରେ ସାକ୍ଷ୍ୟ ଦେବେ ଏପରି ସହଜରେ ଆଶା କରା ଯାଇ ନ ପାରେ କେବେ ଯେ ସ୍ଥଳରେ ଅତ୍ୟାଚାରର ଲହରି କୂଳ ବୁଡ଼ାଇ ଉଚ୍ଚ ଭୂମିକୁ ପ୍ଲାବିତ କରେ ସେ ସ୍ଥଳରେ ପ୍ରପୀଡ଼ିତ ବ୍ୟକ୍ତିମାନେ ଆଗ ପଛକୁ ଦୃଷ୍ଟି ରଖି ନ ପାରି ପ୍ରକୃତ କଥା କହି ଦିଅନ୍ତି । ସେ ଯାହା ହେଉ ଆମ୍ଭେମାନେ ଶୁଣିଲୁଁ ଯେ ଗତ ସୋମବାର ପ୍ରାୟ ୩୦ ଣ ଲୋକର ଜୋବାନବନ୍ଦୀ ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟପ୍ରଣ୍ଟେଣ୍ଟ ଗ୍ରହଣ କରି ଥିଲେ ଏବଂ ଜନରବ ଏହି ଯେ ସେମାନେ ୨।୩ ଜଣ ଛଡ଼ା ତହସିଲଦାରଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସମସ୍ତର ପୋଷକତା କରିଅଛନ୍ତି । ଗୁପ୍ତଭାବରେ ଜୋବାନବନ୍ଦୀ ହୋଇଥିବାରୁ ତହିଁର ବିବରଣ ପାଠକମାନଙ୍କୁ ଜଣାଇ ନ ପାରୁଁ । ଅତଃପର କି ହେବ ତାହା ଜାଣିବାକୁ ଇଚ୍ଛା ବଢ଼ିଲା । ଏଥିପାଇଁ ଆମ୍ଭେମାନେ ବିଚାର କରୁଁ ଯେ ଆଉ ଗୋପନରେ ତଦନ୍ତ କରିବାର ଚେଷ୍ଟା ନ କରି ଶୀଘ୍ରକୁ କମିଶନର ସାହେବ ପ୍ରକାଶ୍ୟ ବିଚାର ଆରମ୍ଭ କରନ୍ତୁ ।

———

ରାମାୟଣ ବାଳକାଣ୍ଡ ମହର୍ଷି ବାଲ୍ମୀକିକୃତ ମୂଳଗ୍ରନ୍ଥର ଅବିକଳ ଅନୁବାଦ । ଶ୍ରୀ ଫକୀରମୋହନ ସେନାପତି ପ୍ରଣୀତ—ଏହି ପୁସ୍ତକ ଖଣ୍ଡିଏ ଆମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ସୁତରାଂ ତହିଁ ସମ୍ପର୍କରେ ଆମ୍ଭମାନଙ୍କର କିଛି କହିବାର ଅଧିକାର ନାହିଁ । ଓଡ଼ିଆଭାଷା ଏବଂ ଓଡ଼ିଶାର ଲୋକଙ୍କ ଉନ୍ନତି ସକାଶେ ସର୍ବଦା ଯତ୍ନବାନ୍ ଥିବା କଥିତରେ ତହିଁର କୃତଜ୍ଞତାସ୍ୱରୂପ ଏ ପୁସ୍ତକ ଶ୍ରୀଯୁକ୍ତ ବିମ୍ସ ସାହେବଙ୍କୁ ଉତ୍ସର୍ଗିତ ହୋଇଅଛି । ଆମ୍ଭେମାନେ ଦେଖୁଁ ଯେ ଓଡ଼ିଆଭାଷାରେ ରାମାୟଣ ଗ୍ରନ୍ଥର ଅଭାବ ନାହିଁ ବଳରାମଦାସଙ୍କ ରାମାୟଣ ପୁରାଣସ୍ୱରୂପ ପଠିତ ହୁଅଇ ଏବଂ କୃଷ୍ଣସିଂହଙ୍କ ରାମାୟଣ ସେହି ଉଦ୍ଦେଶରେ ପ୍ରଣୀତ ଏବଂ ଉତ୍କୃଷ୍ଟ ହୋଇଥିଲେହେଁ ତହିଁର ଆଦର ତେତେ ବଢ଼ି ନାହିଁ । ଏପରି ବିଚିତ୍ରରାମାୟଣ ସୂଚିତରାମାୟଣ ଆଧ୍ୟାତ୍ମିକ ରାମାୟଣ ଇତ୍ୟାଦି ଅନେକ ଗ୍ରନ୍ଥ ଭାଷାରେ ଅଛି । ଏତେ ରାମାୟଣ ଥିବା ପ୍ରତ୍ୟକ୍ଷେ ଗ୍ରନ୍ଥକାର କି ଭାବି ଆଉ ଖଣ୍ଡେ ରାମାୟଣ ଲେଖିବାକୁ ପ୍ରବୃତ୍ତ ହେଲେ ତାହା ବୁଝାଇ କହିଥିଲେ ଆମ୍ଭମାନଙ୍କର ସଂଶୟ ଦୂର ହୁଅନ୍ତା ଆମ୍ଭେମାନେ ମନେକରୁଁ କି ଏଥିରେ ଯେତେ ଶ୍ରମ କରି ଅଛନ୍ତି କୌଣସି ନୂତନ ବିଷୟରେ ସେ ଶ୍ରମକୁ ନିଯୋଗ କରିଥିଲେ ଅଧିକ ସାଧାରଣ ଉପକାର ହୁଅନ୍ତା । ଯେଉଁମାନଙ୍କର ପୁସ୍ତକ ପ୍ରକାଶ କରିବାର ସମୟ ଓ ସଙ୍ଗତି ଅଛି ତାହାଙ୍କଠାରେ ଆମ୍ଭେମାନେ କିଛି ଅଧିକ ଆଶା କରୁଁ ଯାହାହେଉ ସମାଲୋଚିତ ପୁସ୍ତକ ମନ୍ଦ ହୋଇ ନାହିଁ । ଆମ୍ଭେମାନେ ତହିଁର କେତେକ ଅଂଶ ପଢ଼ି ଦେଖିଲୁଁ ଯେ ଏହା ସରଳଭାଷା ଓ ଛନ୍ଦରେ ରଚିତ ହୋଇଅଛି ଏବଂ ଗ୍ରନ୍ଥକାର ତହିଁର ମୂଲ୍ୟ ଅଳ୍ପପରିମାଣରେ ଧାର୍ଯ୍ୟ କରି ଥିବାରୁ ଅନୁମାନ ହେଉଅଛି ଯେ ସେ ଲାଭର ପ୍ରତ୍ୟାଶା ନ କରି ରାମାୟଣର ଅତି ଚମତ୍କାର ଓ ନିର୍ଦ୍ଦୋଷ ନୀତି ଓ ଚରିତ ସର୍ବସାଧାରଣଙ୍କର ହୃଦୟଙ୍ଗମ କରିବା ଉଦ୍ଦେଶରେ ଏହା ପ୍ରଣୟନ କରି ଅଛନ୍ତି । ଆମ୍ଭମାନଙ୍କର ଏକାନ୍ତ ଆଶା ଯେ ତାହାଙ୍କର ଉଦ୍ଦେଶ୍ୟ ସଫଳ ହେଉ ।

———

## ସାପ୍ତାହିକ ସଂବାଦ ।

ଅଳ୍ପ ଦିନ ହେଲା ତାଳଚେର ବଡ଼ମ୍ବା ଓ ହିନ୍ଦୋଳର ରଜାମାନେ ଏ ନଗରକୁ ଆସି ଅଛନ୍ତି । ରଜାମାନଙ୍କର ସମୟ ସମୟରେ ନଗରକୁ ଆସି ଏଠା ରୀତି ଗତି ସମସ୍ତ ଦେଖି ଶିକ୍ଷାଲାଭ କରିବା ଉଚିତର ବିଷୟ ଅଟଇ ।

ମଞ୍ଜୁଷାର ହେଡ଼ଦେବାନ୍ ଶ୍ରୀ ନାରାୟଣବଡ଼ଯେନ ସାମନ୍ତ ଖଣ୍ଡପଡ଼ା ପ୍ରଭୃତି ଗଡ଼ଜାତ ବୁଲି ଏ ନଗରକୁ ଆସିଥିଲେ ସମ୍ପ୍ରତି କାର୍ଯ୍ୟ ଉପଲକ୍ଷରେ ଢେଙ୍କାନାଳକୁ ଯାଇଅଛନ୍ତି । ଏ ଜଣେ ବିଚକ୍ଷଣ ବ୍ୟକ୍ତି ଅଟନ୍ତି ।

ମୟୂରଭଞ୍ଜର ଜଣେ କର୍ମଚାରୀ ଲକ୍ଷ୍ମୀଧର ପଟ୍ଟନାୟକ ଆପଣା ବାସ ଗ୍ରାମ ଅନ୍ଧ ଏଲକା ହାଫିମେଲକଠାରୁ ଲେଖିଅଛନ୍ତି କି ସେଠାରେ ଏକବାଘ ମାତି ଥିବାରୁ ଏକରାତ୍ରରେ ଘର ପ୍ରସ୍ତୁତ କରି ଲୋକଟାଏ ଛେଳି ବାନ୍ଧି ଜଗି ବସିଥିଲେ । ବାଘ ଆସି ଛେଳିକୁ ଗ୍ରାସ କରିବା ସମୟରେ ଦୋନଳୀ ବନ୍ଧୁକର ଏକ ଗୁଳିରେ ତାହାର ବାହୁ ଭାଙ୍ଗି ଗଲା । ବାଘ ପଳାଇ ଜଙ୍ଗଲରେ ଲୁଚି ରହିଲା । ତହିଁ ଆରଦିନ ୨୦୦ ଜଣ ମନୁଷ୍ୟ ନେଇ ଦେଖିଲେ ଯେ ବାଘ ଠେଙ୍ଗା ହୋଇ ଜଙ୍ଗଲରେ ବସିଅଛି । ଲେଖକଙ୍କ ଘର ବନ୍ଧୁକ ନେଇ ଗୁଳି ମାରିବା ସମୟରେ ବାଘ ଦୌଡ଼ି ଆସି ଏକଗ୍ରସ୍ତତାରେ ତାହାଙ୍କୁ ବନ୍ଧୁକ ସହିତ ତଳେ ପକାଇ ଦେଲା ତହିଁ ଉତ୍ତାରୁ ରାମ ମିଶ୍ର ନାମକ ଏକ ବ୍ରାହ୍ମଣର ଦୁଇବାହୁ ଧରି ଛିଣ୍ଡି ଦେଇ ଅନ୍ୟ ଏକ ସ୍ଥାନରେ ଲୁଚି ରହିଲା । ଏ ଦୁଇଜଣଙ୍କୁ କେବଳ ନଖାଘାତ କରିଅଛି ତହିଁରେ ବ୍ରାହ୍ମଣର ପୀଡ଼ା ଅତ୍ୟନ୍ତ ହୋଇଅଛି । ଏଥି ଉତ୍ତାରୁ ବାଘ ଲୁଚିଥିବା ଜଙ୍ଗଲ ପାଖରେ ଥିବା ଏକ ଆମ୍ବବୃକ୍ଷରେ ଲେଖକ ଚଢ଼ି ସେଠାରୁ ଏକଗୁଳିରେ ବାଘର ବେକଶିର ଭାଙ୍ଗି ଦେଲେ ଓ ଅନ୍ୟ ଗୁଳିରେ ତାହାର ପ୍ରାଣ ନେଲେ । ବାଘଟି ଲମ୍ବ ଫୁ ୮ ଟି ଏବଂ ଉଚ୍ଚ ଫୁ ୩ ଟି ଥିଲା ।

ବାଲେଶ୍ୱର ସମ୍ବାଦବାହିକା ସେଠାର ନୂତନ କଲେକ୍ଟର ମାଜିଷ୍ଟ୍ରେଟ ବୁକ୍ ସାହେବଙ୍କର ପ୍ରଶଂସା କରି ଲେଖି ଅଛନ୍ତି କି ଏହାଙ୍କଠାରେ ପ୍ରଜାବତ୍ସଳତାର ଲକ୍ଷଣ ଦେଖା ଯାଉଅଛି କର୍ମଚାରିଙ୍କ ପ୍ରତି ଅନ୍ତଃକରଣରେ ବିଶେଷ ଦୟାଳୁ ଅଟନ୍ତି ଏବଂ ସରକାରୀ କାର୍ଯ୍ୟ ନିକାସି ପକ୍ଷରେ ବିଲକ୍ଷଣ ପଟୁ । ଏହାଙ୍କର ଇଚ୍ଛା ଯେ ଓଡ଼ିଶାବାସିମାନେ ଆପଣା ପ୍ରଦେଶୀୟ ରାଜ କାର୍ଯ୍ୟରେ ନିଯୁକ୍ତ ହେଉନ୍ତୁ ଓ ଅନ୍ୟ ଦେଶୀୟ ଲୋକ ତାହାଙ୍କ ଅନ୍ନ ନ ନେଉନ୍ତୁ । ଆମ୍ଭେମାନେ ନୂତନ ସାହେବଙ୍କ ସୁଖ୍ୟାତି ଶୁଣି ବଡ଼ ଆନନ୍ଦ ହେଲୁଁ ।

Digitized by srujanika@gmail.com

Split by PDF Splitter

16



ଉତ୍କଳଦର୍ପଣ ଲେଖିଅଛନ୍ତି କି ଅଦ୍ୟ ପ୍ରାତଃକାଳରେ ସ୍ନାନ ଶ୍ୟାମାନନ୍ଦ ଦେଙ୍କ ଭଟ୍ଟନ୍ଦ୍ରଙ୍କ ଉତ୍ତର ଦକ୍ଷିଣ ଉଭୟ ପାର୍ଶ୍ୱରେ ଏକ ଅମ୍ବ ବଗିଚାରେ ମଧୁ ବର୍ଷଣ ହୋଇଥିଲା । ଅମ୍ବ ବୃକ୍ଷର ପତ୍ର ସବୁରେ ଅନେକ ମଧୁ ଲାଗି ଥିବାର ଆମ୍ଭେମାନେ ଦେଖି ଅଛୁଁ ଏବଂ ଯେଉଁମାନେ ସେହି ସମୟରେ ସେଠାରେ ଉପସ୍ଥିତ ଥିଲେ ସେମାନଙ୍କ ଉପରେ ମଧ୍ୟ ମଧୁ ପତିତ ହୋଇ ଥିଲା । ଏଥି ନିମନ୍ତେ ଅନେକ ସ୍ନାନ ପରେ ପତ୍ର ଖରୁ ମଧୁ ଲେହନ କରି ଚାଟିକୁ ଅସି ଖଦ ହଲୁ ଥିବାର ଦେଖା ଯାଇ ଅଛି କନ୍ତୁ ଏପରି ମଧୁ ବର୍ଷଣର ପ୍ରକୃତ କାରଣ ଅମ୍ଭେମାନେ କିଛି ସ୍ଥିର କରି ପାରୁ ନାହୁଁ ।

ବାବୁ ପ୍ରମଥନାଥ ବୋଷ ଛଅଲିତକଲ ସର୍ଭେ (ଭୂଗର୍ଭ ପରିମାଣ) ବିଭାଗର ଡେପୁଟିଏ ଶ୍ରେଣୀଭୁକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି । ଏପର୍ଯ୍ୟନ୍ତ ବୁଇଜଣ ଶିକ୍ଷିତ ଦେଶୀୟ କୌଣସି ବ୍ୟକ୍ତିକୁ ଉକ୍ତ ମହକୁମାରେ ଉଚ୍ଚ କରୁ ନ ଥିଲେ ଏଣିକି ଯୋଗ୍ୟ କାର୍ଯ୍ୟ ପିଠିବାର ଦେଖି ଅନନ୍ଦିତ ହେଲୁଁ ।

ଅଏରଲଣ୍ଡର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ବଙ୍ଗଳାରୁ ଯେତେ ଟଙ୍କା ଦେବା ହୋଇ ଯାଇଥିଲା ତବଲିନନଗରର ଲର୍ଡ ମେୟର ତାହା ଭୁଗଙ୍କତ ସହିତ ଶ୍ୱୀକାର କରି ଲେଖିଅଛନ୍ତି ଯେ ଅଳ୍ପ ଦିନ ଅଭ୍ୟନ୍ତରରେ ଭାରତବର୍ଷର ପୁନର୍ବାର ଦୁର୍ଭିକ୍ଷର କ୍ଳେଶ ହେବାର ସମ୍ଭାବନା ଅଛି । ଏଥି ମଧ୍ୟରେ ଅଳ୍ପ ଯେତେ ଟଙ୍କା ଉଠିବ ତାହା ପଠାଇ ଦେଲେ ବଡ଼ ଉପକାର ହେବ । ଅମ୍ଭେମାନେ ଅଶା କରୁଁ ଯେ ଦାନଶୀଳ ଲୋକମାନେ ଏମନ୍ତ କାର୍ଯ୍ୟରେ ତତ୍ପର ହେବେ ।

ମାନ୍ଦ୍ରାଜରେ ମେଡିକଲ କଲେଜରେ ଜଣେ ସ୍ତ୍ରୀଲୋକ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସ୍ୱାଧୀନ ବ୍ୟବସାୟ ଚଳାଇ ଅଛନ୍ତି । ସମ୍ପ୍ରତି କଟକଦେଶର ମହାରାଣୀଙ୍କର ପୀଡ଼ା ହେବାରୁ ସେଠାରୁ ଏହି ଡାକ୍ତରଣୀ ପାଇ ଚିକିତ୍ସା କରାଇ ମହାରାଣୀଙ୍କୁ ଅରୋଗ୍ୟ କରାଇ ବିଶେଷ ପୁରସ୍କାର ଲାଭ କରି ଅଛନ୍ତି । ଉକ୍ତ ପରିବାରଙ୍କ ପକ୍ଷରେ ସ୍ତ୍ରୀଡାକ୍ତରଙ୍କ ସାହାଯ୍ୟ ବଡ଼ ମୂଲ୍ୟବାନ୍ ଘଟଇ ।

ଶ୍ରେଷ୍ଠ ପରମ୍ପରା ସ୍ଥାନରେ ପାଦ ନାମକ ସ୍ଥାନର ଉଚ୍ଚ ଶ୍ରେଣୀର ଇଂରାଜୀ ସ୍କୁଲ ସ୍ଥାପିତ କରିବା ନିମିତ୍ତ ବାବୁ ରାଜମୋହନ ରାୟ ଚୌଧୁରୀ ବାର୍ଷିକ ଟ ୩୦୦ ଟଙ୍କା ଆୟ ହେବା ଲାଗି ସମ୍ପତ୍ତି ଦାନ କରିଅଛନ୍ତି । ଓ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରି ଅଛନ୍ତି ।

ଲକ୍ଷ୍ନୌ କଲେଜର ସଂସ୍କୃତ ଅଧ୍ୟାପକ ପଣ୍ଡିତ ଜନାର୍ଦ୍ଦନ କର୍ଣ୍ଣବ୍ୟେଶର ଉଦ୍ଧୃତ ବଡ଼ପଣରେ ଏକଖଣ୍ଡ ପୁସ୍ତକ ଲେଖି ଥିବାରୁ ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରି ତାହାଙ୍କୁ ଟ ୫୦ ଙ୍କା ପାରିତୋଷିକ ଦେଇ ଅଛନ୍ତି । ଏ ପୁସ୍ତକରେ ଅନିର୍ବାଚ୍ୟ ଦେଶୀୟ ମଧ୍ୟରେ ପଣ୍ଡିତ ମହାଶୟ ପ୍ରକାଶ କରିଅଛନ୍ତି କି ସୋଗଲ ଶୀଘ୍ର ହିନ୍ଦୁ ଧର୍ମର ଚଳନ୍ତି କି ଆଉ ଶାସ୍ତ୍ରାନୁମୋଦିତ ଅବସ୍ଥା ଅଛଇ ।

କଲିକତାର ସ୍ୱାସ୍ଥ୍ୟରକ୍ଷକଙ୍କ ବିଜ୍ଞାପନରୁ ଜଣା ଯାଏ ଯେ ଜଳରେ କାମ କରୁଥିବା ଜାହାଜଙ୍କ ମଧ୍ୟରେ ଗତ ବର୍ଷ ମୃତ୍ୟୁ ସଂଖ୍ୟା କି ୧୦୦୦ ଏ ପ୍ରତି କି ୪୫ ଏ ଥିଲା କିନ୍ତୁ କୂଳରେ କାମ କରୁଥିବା ଲୋକଙ୍କ ମୃତ୍ୟୁ ସଂଖ୍ୟା କେବଳ କି ୨୦ ଏ ଥିଲା । ଜାହାଜଙ୍କ ଅଗ୍ରର ବସ୍ତି ଥିବା ପ୍ରତ୍ୟେକ ତାହାଙ୍କ ମଧ୍ୟରେ ପାଳବାଦିକଠାରୁ ଦ୍ୱିଗୁଣ ହେବା ଅବର୍ଣ୍ଣ ଘଟଇ । କିନ୍ତୁ ଉହ୍ୟ ନୁଅଇ ଯେ ନଦୀଜଳରେ କାମ କରିବା ଏବଂ ତାହାର ଖାଇବାରୁ ମୃତ୍ୟୁସଂଖ୍ୟା ଅଧିକ ହୁଅଇ ।

ଭାରତବର୍ଷର ପୂର୍ତ୍ତକାର୍ଯ୍ୟ ବିଭାଗର ମେମ୍ବର ସର ଅଣ୍ଡ୍ରୁ କ୍ଲାର୍କ ଦରବ ଯିବାରୁ ଅମ୍ଭେମାନେ ଅଶା କରିଥିଲୁଁ ଯେ ଏ ପଦଟି ଏକାବେଳକେ ଉଠିଯାଇ ଭାରତବର୍ଷର ଗୋଟିଏ ଅନର୍ଥକ ବ୍ୟୟ ଅଦୃଶ୍ୟ ହେବ ମାତ୍ର ତାହା ହେଲା ନାହିଁ । ସର ଅଣ୍ଡ୍ରୁ କ୍ଲାର୍କ ଚଳିତରୁ ଫେରିଆସି କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି । କଥିତ ହୁଅଇ ଯେ ଲର୍ଡ ରିପନ ଏ ବିଭାଗର କାର୍ଯ୍ୟପ୍ରଣାଳୀ ନୂତନ ପ୍ରକାର କରିବାର କଳ୍ପନା କରି ଅଛନ୍ତି ଓ ସାହାଯ୍ୟ ନିମିତ୍ତ ତାହାଙ୍କୁ ରଖି ଅଛନ୍ତି ନୂତନ ନିୟମ କ ହେବ ଦେଖିବାରେ ଅସିବ ।

## ପତ୍ରପ୍ରେରକଙ୍କପ୍ରତି ।

ଶୃଙ୍ଗବାଇଶ ସମ୍ବାଦଦାତା—ଏପରି ଭାଷାରେ ଅମ୍ଭେ ଆପଣଙ୍କୁ ଚିହ୍ନିପାରିଲୁଁ ନାହିଁ । ଆପଣଙ୍କର ନାମ ସ୍ୱାକ୍ଷର କରିବା ଏବଂ ପରିଚୟ ଦେବାର ଉଚିତ ଥିଲା ।

## ପ୍ରେରିତ ପତ୍ର ।

To THE EDITOR OF THE UTKUL DIPIKA.

SIR,—

Baboo Peary Mohan Acharjea who deserves our best thanks for having established a Higher Class English school in this town, has engaged Baboo Digendra Nath Dutt as its Head master. Baboo Digendra seems to be a very intelligent and efficient teacher; we hear that he distinguished himself in the First Arts' Examination of 1878, by securing 92 marks out of the maximum 100, in mathematics. The Cuttack Academy should be proud of Baboo Digendra Nath.

Baboo Digendra Nath pointed out certain defects in the construction of the 31st proposition of the First Book of Euclid, as given in Mr Todhunter's "Elements of Euclid" and sent his remarks, and at the same time proposing another easier and new method for the demonstration of the said proposition, to Mr. Todhunter the distinguished Professor of St John's College, Cambridge, who has acknowledged his error and thanking Baboo Digendra Nath for his suggestions, has consented to make the correction as suggested by him, in the subsequent Editions of the Book and accepted the new method as proposed by him, as being quite satisfactory.

We congratulate Baboo Digendra Nath on his being thus praised by Mr. Todhunter for his good taste in mathematics.

Dated The 22nd June, 1880.

I remain Sir, yours faithfully

AMRITALAL BANERJEA.


ବିଜ୍ଞାପନ

# କାଟ୍ୟାପ୍ୟା ।

ଅର୍ଥାତ୍

ମହାକବି କାଳିଦାସଙ୍କ ରଚିତ ଉକ୍ତ ଗ୍ରନ୍ଥ ଲକ୍ଷପ୍ରଦ ଶ୍ଲୋକ ସମ୍ବାଦ ସହିତ ଅଉ ଗ୍ରହାଭିଧାନ, ନକ୍ଷତ୍ରାଭିଧାନ ଓ ରାଶି-ଦିଧାନ ଏକତ୍ରରେ ମୁଦ୍ରିତ ମୂଲ୍ୟ ଟ ୦ / କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀମଦ୍ଭାଗବତ

ଏକାଦଶସ୍କନ୍ଧ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ

ମୂଲ୍ୟ ଟ ୦ ।/

ନୂତନ ପଦ୍ୟପୁସ୍ତକ ।

# ପ୍ରେମଲହରୀ ।

ମୂଲ୍ୟ ... ... ... ... ଟ ୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବଂ କଟକକଲେଜିର ପ୍ରଧାନପଣ୍ଡିତ ଶ୍ରୀ ଗୋବିନ୍ଦରାମ ମୁଖୋପାଧ୍ୟାୟ ନିକଟରେ ପ୍ରାପ୍ତବ୍ୟ ।

NOTICE.

The undermentioned property of Autmaccory Andinarayanum Chetty will be sold by public auction at the places mentioned below on 14th July from 10 A. M. A deposit of 25 per cent. to be paid immediately by the highest bidder on confirmation of sale and the rest in the Registrars Office.

2 Cargo boats No. 18 and 19 and one Jolly boat at Jobra Ghaut.

At Bhootmondy one Godown and Dwelling House.
At Rahma one Godown and Dwelling House
At Irsama One Godown.
At Cuttack Two Godowns and Dwelling House.
} Ranihat. Cuttack.

G. SIVA RAM DASS.


## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଦାମୋଦର ରାଉତ | କଟକ | କମ୍ପା | ଟ ୩୧ |
| „ ଦ୍ୱାରିକାନାଥ ଚକ୍ରବର୍ତ୍ତୀ | „ | „ | ଟ ୩୧ |
| „ ରାମଗୋପାଳ ଭଞ୍ଜଦେବ ବେହେରା | | „ | ଟ ୨।୯ |
| ଶ୍ରୀଯୁକ୍ତ ଡି କମିଶନର | ଉଦବାଳ | ଅଗ୍ରିମ | ଟ ୨।୯ |
| ବାବୁ ଚନ୍ଦ୍ରକାନ୍ତ ଘୋଷ | କଟକ | କମ୍ପା | ଟ ୨୧ |
| „ ବନମାଳୀ ସିଂହ | ଦେଙ୍କାନାଳ | „ | ଟ ୨।୯ |
| ଶ୍ରୀ ଶ୍ରୀ ରାଜା ବାହାଦୁର ଦେଙ୍କାନାଳ | | „ | ଟ ୨।୯ |
| ଶ୍ରୀ ଶ୍ରୀ ରାଜା ବାହାଦୁର ଖଣ୍ଡପଡ଼ା | | „ | ଟ ୨୧ |
| ବାବୁ ଶିବପ୍ରସାଦ ସିଂହ | ଯାଜପୁର | „ | ଟ ୧।୶ |

ଏହି ଉତ୍କଳଦୀପିକା କଟକ କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୯ ଶ | ସଂ ୨୭ ସଂଖ୍ୟା

ତା ୩ ରିଖ ମାହେ ଜୁଲାଇ ସନ ୧୮୮୦ ମସିହା । ମୁ । ଆଷାଢ ଦ ୨୨ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୨୲
ମଫସଲପାଁଇ ଡାକମାସୁଲ ଟ ୧୷

ଏ ସପ୍ତାହରେ ବୃଷ୍ଟି ଆଦୌ ବନ୍ଦ ନାହିଁ । ପ୍ରତିଦିନ ଭିଣା ଅଧିକ ବୃଷ୍ଟି ହେଉଅଛି ଏଥି ମଧ୍ୟରେ ଗତ ଶନିବାର ରାତ୍ରିଠାରୁ ରବିବାର ରାତ୍ରି ପର୍ଯ୍ୟନ୍ତ ଅଧିକ ଜଳ ବର୍ଷି ଥିଲା ଓ ତହିଁ ହେତୁରୁ ନଦୀମାନେ ବିଶେଷ ବୃଦ୍ଧି ହୋଇ ଅଛନ୍ତି । କାଠଯୋଡିରେ ଫୁ ୨୩ ଟି ପର୍ଯ୍ୟନ୍ତ ଜଳ ଉଠିଅଛି । ଋତୁର ଆରମ୍ଭରେ ଏପ୍ରକାର ବୃଷ୍ଟି ଓ ନଦୀବୃଦ୍ଧି ଦେଖି ଭବିଷ୍ୟତ ପ୍ରତି ଲୋକଙ୍କ ମନରେ ସନ୍ଦେହ ଜାତ ହେଉଅଛି । ଭାର ତ୍ତ ଆପାତତଃ ଯୋଗର ବଦୃ ହୋଇଅଛି । ଭାରତବର୍ଷର ସକଳ ସ୍ଥାନରେ ଏହିପ୍ରକାର ଅଧିକ ବୃଷ୍ଟି ହୋଇଥିବାର ସମ୍ବାଦ ଆସୁ ଅଛି ।

---

କାବୁଲରୁ ଯେସମସ୍ତ ସମ୍ବାଦ ଏ ସପ୍ତାହରେ ଆସି ଅଛି ତହିଁରୁ ଜଣା ଯାଏ ଯେ ପୁଣି ଲଢ଼ାଇ ଲାଗିବାର ଉଦ୍ୟମ ହେଉ ଅଛି । ଅବଦୁର ରହିମାନ ଖାନଙ୍କ ସଙ୍ଗେ ସନ୍ଧି କଥା କିଛି ଠିକଣା ନାହିଁ ଓ ସରଦାର ଓ ଲୋକମାନେ ଯୁଦ୍ଧସଜ୍ଜା କରିବାରେ ମାତି ଅଛନ୍ତି । ପ୍ରଥମେ ଯେଉଁକଥା କହି ଯାଏ ତାହା ପଛକୁ ସତ୍ୟଜ୍ଞାତ ହେବା ବଡ଼କଠିନ ଏହା ସ୍ୱତଃସିଦ୍ଧ କଥା ଓ ଏହି କାବୁଲ ଯୁଦ୍ଧ ଏଥିର ଅନ୍ୟତର ପ୍ରମାଣ ଅଟଇ । ଯୁଦ୍ଧ ଆରମ୍ଭ କରିବା ସମୟରେ ରାଜକର୍ମଚାରିମାନେ ପରିଣାମରେ କି ହେବ ତାହା ଚିନ୍ତା କରିଥିଲେ ଅକାରଣ ଏତେ ଧନ ଓ ପ୍ରାଣ ନଷ୍ଟ ଓ ତହିଁ ଉତ୍ତାରୁ ହରବର ଘଟନ୍ତା ନାହିଁ ।

---

ଆମ୍ଭମାନଙ୍କର ଆଯୁବ୍ୟୟର ମନ୍ତ୍ରୀ ସରଜାନ ଷ୍ଟ୍ରାଚୀ ସାହେବଙ୍କ ଆସନ ଟଳିବାର ସମ୍ବାଦ ଆସି ଅଛି । ପ୍ରେସ କମିଶନର ଜଣାଇ ଅଛନ୍ତି କି ସରଜାନ ଆଗାମୀ ଶୀତକାଳରେ ଅବସର ପାଇବା କାରଣ ବଡ଼ଲାଟର ସେକ୍ରେଟାରୀଙ୍କୁ ପ୍ରାର୍ଥନା କରିଥିଲେ ତଦନୁସାରେ ତାହାଙ୍କ କର୍ମରେ ମେଜର ଏବଲିନ ବେରିଙ୍ଗ ସାହେବ ନିଯୁକ୍ତ ହୋଇ ଅଛନ୍ତି ଏବଂ ଅନୁମାନ ହୁଅଇ ଆଗାମୀ ନବେମ୍ବରମାସରେ ଏ ପରିବର୍ତ୍ତନ ସଂଘଟିତ ହେବ । ସରଜନଙ୍କ ବଦଳ ସମ୍ବାଦ ଶୁଣି ସମସ୍ତେ ଆନନ୍ଦିତ ହେବେ ସନ୍ଦେହ ନାହିଁ କିନ୍ତୁ ଏହି ଶୀଘ୍ର ପାଞ୍ଚ ମାସରେ କିଛି ଆପଦ ନ ଘଟାଇଲେ ହୁଏ ।

---

ଡାଲଟେରର ରାଜା କମିଶନରଙ୍କଟେଷ୍ଟର ହେଡ଼ କରାନି ବାବୁ ଜଗବନ୍ଧୁ ଘୋଷଙ୍କୁ ଆପଣାର ଦେବାନ ନିଯୁକ୍ତ କରିବା ସକାଶେ ଶ୍ରୀଯୁକ୍ତ କମିଶନରଙ୍କ ନିକଟରେ ଆବେଦନ କରିବାରୁ ସାହେବ ତାହା ମଞ୍ଜୁର କରି ଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଅନୁମତି ହେଲେ ବାବୁ ସେ କର୍ମରେ ନିଯୁକ୍ତହୋଇ ଯିବେ । ଜଗବନ୍ଧୁ ବାବୁଙ୍କ ଚରିତ୍ର ଏବଂ ଯୋଗ୍ୟତାର ପରିଚୟ ଦେବା ଅନାବଶ୍ୟକ କାରଣ ତାହା ସମସ୍ତଙ୍କୁ ଉତ୍ତମ ରୂପେ ବିଦିତ ଅଛି ଏବଂ ରାଜାସାହେବ ଏହାଙ୍କୁ ଆପଣାର ମନ୍ତ୍ରିତ୍ୱରେ ବରଣ କରିବାଦ୍ୱାରା ପ୍ରଶଂସାର କାର୍ଯ୍ୟ କରି ଅଛନ୍ତି । ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ନୂତନମନ୍ତ୍ରିଙ୍କଯୋଗେ ରାଜା ଆପଣା ରାଜ୍ୟର ବିଶେଷ ଉନ୍ନତି କରିପାରିବେ ।

---

ପୁଣି ଅଫିମ ରାଜସ୍ୱ ହେତୁ ପାର୍ଲିମେଣ୍ଟ ସଭାରେ ତର୍କବିତର୍କ ହୋଇଥିଲା । ବମ୍ବେଇରୁ ଆସିଥିବା ଏକ ତାର ସମ୍ବାଦରୁ ଜଣା ଯାଏ ଯେ ଗତ ମାସ ତା ୪ ରିଖରେ ପିସ ସାହେବ ଅଫିମ ରାଜସ୍ୱର ପ୍ରତିବାଦକରି କ୍ରମଶଃ ତାହା ଉଠାଇ ଦେବାର ପ୍ରସ୍ତାବ କଲେ । ଆଉ ଜଣେ ରକ୍ଷଣଶୀଳ ସମ୍ପ୍ରଦାୟର ସଭ୍ୟ ଏଥିର ସମର୍ଥନ କରିବାରୁ ତର୍କବିତର୍କ ଆରମ୍ଭ ହେଲା । ସରଜନ କାମ୍ପଲ ସାହେବ କହିଲେ କି ଅଫିମ ରାଜସ୍ୱ ଆପତ୍ତି ଜନକ ଅଟଇ । ମାତ୍ର ତାହା ରହିତ କଲେ କେବଳ ଅନ୍ୟଦେଶମାନଙ୍କଦ୍ୱାରା ଉକ୍ତ ବ୍ୟବସାୟ ପୋଷିତ ହେବ ଲର୍ଡହାର୍ଟିଂଟନ ଏ ବିଷୟର ଗୁରୁତ୍ୱ ସ୍ୱୀକାର କରି କହିଲେ ଭାରତବର୍ଷ ରାଜସ୍ୱ ବିପଦଗ୍ରସ୍ତ ହେବା ଭଳି କୌଣସି କାର୍ଯ୍ୟ କରିବାକୁ ସେ ବର୍ତ୍ତମାନ ସମ୍ମତ ହେବେ ନାହିଁ । ଆଉ ଭାରତବର୍ଷ ମସ୍ତକରେ ହସ୍ତଦେଇ ଶସ୍ତା ନୀତି ପ୍ରଚାର କରିବା କଥାକୁ ସେ ନିନ୍ଦାକରି କହିଲେ କି ଯେଉଁ ଟାକ୍ସମାନ ଭାରତବର୍ଷବାସିଙ୍କ ପ୍ରତି ପୀଡାଜନକ ହୋଇଅଛି ଅଗ୍ରେ ସେହି ସମସ୍ତ ଉଠାଇ ଦେବାକୁ ଗବର୍ଣ୍ଣମେଣ୍ଟ ବାଧ୍ୟ ଅଛନ୍ତି । ଶ୍ରୀଯୁକ୍ତ ଫସେଟ ସାହେବ ଓ ଗ୍ଲାଡଷ୍ଟୋନ

Digitized by srujanika@gmail.com

ସାହେବମାନେ ଲର୍ଡ଼ହାର୍ଟିଂଟନଙ୍କପକ୍ଷ ସମର୍ଥନ କଲେ ଓ ଢେରେକ ବାଦାନୁବାଦ ଉତ୍ତାରୁ ଏ ପ୍ରସ୍ତାବଟି ପରିତ୍ୟକ୍ତ ହେଲା । ସମ୍ପ୍ରତି ପାର୍ଲିମେଣ୍ଟ ସଭାରେ ଭାରତର ବନ୍ଧୁମାନେ ପ୍ରବଳ ପକ୍ଷ ହୋଇଅଛନ୍ତି ସୁତରାଂ ଆମ୍ଭମାନଙ୍କର ଶୀଘ୍ର ଅପକାର ହେବାର ସମ୍ଭାବନା ନାହିଁ ନୋହିଲେ ଏତେବେଳେ ସ୍ୱାର୍ଥ ବିପକ୍ଷଦଳ ଆପଣା ଗୌରବରକ୍ଷା ସକାଶେ ଦୁଃଖିନୀ ଭାରତର ସ୍ୱତ୍ୱ ଅପହରଣ କରିବାକୁ କୁଣ୍ଠିତ ହେଉ ନାହାନ୍ତି ।

---

ଏଥି ପୂର୍ବେ ମେକଣ୍ଟାର ସାହେବ ମହାନଦୀ ଓ କାଠଯୋଡ଼ୀ ନଦୀରେ ଯାତ୍ରିକମାନଙ୍କର ଦୁଇ ପଇସା ଘାଟ ନିୟମ କରିଥିବାର ଅମ୍ଭେମାନେ କମିଶନର ସାହେବଙ୍କର କ୍ଷମତାଧାରରେ ଅଣିବାରୁ ସାହେବ ପ୍ରଶଂସିତ ସ୍ୱବିଚାର ପୂର୍ବକ ତାହା ରହିତ କରି ପୂର୍ବବତ ଏକପଇସା ନିୟମ ଧାର୍ଯ୍ୟ ରଖିବାର ଅମ୍ଭେମାନେ ପାଠକବର୍ଗଙ୍କୁ ଜଣାଇ ଅଛୁଁ । ବର୍ତ୍ତମାନ ଘାଟର ନିୟମ ସଂକ୍ରାନ୍ତରେ ଅମ୍ଭେମାନେ ଆଉ ଗୋଟିଏ ଗୁଜାର ଶୁଣୁଅଛୁଁ ତାହା ଏହି—ଯେଉଁ ଦୁଃଖୀ ସଦ୍ୟ ଉପାର୍ଜ୍ଜିମାନେ ଆପଣା ଦୁଃଖ ଧନ୍ଦା ସକାଶେ ପ୍ରତିଦିନ ନଦୀ ପାର ହୁଅନ୍ତି ସେମାନଙ୍କର ମାସିକ ୮° । ହାରଖ ପୂର୍ବେ ଥିଲା, ଏବର୍ଷ ତାହା ରହିତ ହୋଇଥିବାରୁ ଇଜାରଦାରମାନେ ସେ ଦୁଃଖୀ ଲୋକଙ୍କଠାରୁ ପ୍ରତିଦିନ ଏକପଇସା ଲେଖାଏ ନେଉଅଛନ୍ତି ଓ ଏହା ସେମାନଙ୍କୁ ବାଧୁଅଛି । ୨୦ ବର୍ଷରୁ ଉର୍ଦ୍ଧ କାଳ ହେବ ଦୁଃଖିମାନଙ୍କ ସକାଶେ ଉପର୍ଯ୍ୟୁକ୍ତ କୋହଳ ହାରଖ ପ୍ରଚଳ ଥିଲା ଓ ପୂର୍ବ ଇଜାରଦାରମାନେ ଅନ୍ତର ଅନୁଗ୍ରହ କରି ସେମାନଙ୍କଠାରୁ ମାସକୁ ଏକକାଳୀନ ୮° । ନ ନେଇ ପ୍ରତିଦିନ ଅଧଲାଏ ଲେଖାଏ ନେଉଥିଲେ । ଏ ବର୍ଷ ସେ ହାରଖ ରହିତ ହେବାର ଅମ୍ଭେମାନେ ଲେଶମାତ୍ର କାରଣ ଦେଖୁ ନାହୁଁ । କେହି କହନ୍ତି ଗବର୍ଣ୍ଣମେଣ୍ଟରୁ ଯେ ନୂତନ ନିୟମାବଳୀ ଆସିଅଛି ତହିଁରେ ଏ ହାରଖର ପ୍ରସଙ୍ଗ ନାହିଁ କିନ୍ତୁ ଗବର୍ଣ୍ଣମେଣ୍ଟ ସର୍କ୍ୟୁଲରରେ ମେକଣ୍ଟାର ସାହେବ ଓ କମିଶନର ସାହେବଙ୍କୁ ଅଧିକାର ପ୍ରଦତ୍ତ ହୋଇଅଛି ଯେ ସେମାନେ ସ୍ଥାନ ବିଶେଷର ଅବସ୍ଥା ଦୃଷ୍ଟିରେ ହାରଖ ଊଣା ଅଧିକ କରି ପାରିବେ । ଯେସ୍ଥଳେ ଦୁଃଖୀ ସଦ୍ୟଉପାର୍ଜ୍ଜିଙ୍କପାଇଁ ମାସିକ ସୁବିଧା ହାରଖ ୨୦ ବର୍ଷରୁ ଚଳି ଆସୁଅଛି ସେ ସ୍ଥଳେ ଉକ୍ତ ଅଧିକାର ସୂତ୍ରେ ସେ ହାରଖକୁ ପ୍ରବଳ ରଖିବାର ମେକଣ୍ଟାର ସାହେବଙ୍କର ଉଚିତ ଥିଲା । ଅମ୍ଭେମାନେ ଶୁଣିଲୁଁ ଠିକାଦେବହେରମାନେ ତାଙ୍କଠାରେ ଏ ବିଷୟର ଆବେଦନ କରିଅଛନ୍ତି ଓ ଭରସା କରୁଁ ସେ ବହିତ ବିବେଚନା କରି ଓ ଦୁଃଖିମାନଙ୍କ ପ୍ରତି ସଦୟ ହୋଇ ଉପର୍ଯ୍ୟୁକ୍ତ ହାରଖ ପ୍ରବଳ କରିବେ । ଏଥିରେ ଇଜାରଦାର ବା ସରକାରର ତାଦୃଶ କ୍ଷତି ହେବ ନାହିଁ ଅଥଚ ଦୁଃଖିମାନଙ୍କର ବଡ ଉପକାର ହେବ ।

---

ଉପଯୁକ୍ତ କର୍ମଚାରୀ ନିଯୋଗ ।

ଏଠା କଲେକ୍ଟରୀ ଓ ଫୌଜଦାରୀରେ ଦୁଇଜଣ ମୋହରିର କେତେଦିନ ପୂର୍ବେ ନିଯୁକ୍ତ ହୋଇଥିଲେ । ଅମ୍ଭେମାନେ ଶୁଣିଲୁଁ ସେମାନଙ୍କ ବାହାଲି ନକଶା ଯିବାରୁ ଶ୍ରୀଯୁକ୍ତ କମିଶ୍ନର ସାହେବ ଆପତ୍ତି କରିଅଛନ୍ତି କି ସେମାନେ ପ୍ରବେଶିକା ପରୀକ୍ଷା ପାଶ କରି ନାହାନ୍ତି କିମ୍ବା ଇଂରେଜୀ ଉତ୍ତମରୂପ ଜାଣନ୍ତି ନାହିଁ । ଅମ୍ଭମାନଙ୍କ ବିବେଚନାରେ ଏ ଆପତ୍ତି ଯୁକ୍ତିଯୁକ୍ତ ଅଟଇ । ଯଦ୍ୟପି ମୋହରରୀ କର୍ମ ଚଳାଇବା ପାଇଁ ଇଂରେଜୀ ବିଦ୍ୟା ଆବଶ୍ୟକ ନ ହେଲେ ହେଁ ତଥାପି ଇଂରେଜୀ ଶିକ୍ଷିତ ଲୋକ ନିଯୁକ୍ତ କରିବାର ବାଞ୍ଛନୀୟ ଓ ଶ୍ରେୟସ୍କର । ବର୍ତ୍ତମାନ୍ ସର୍କ୍ୟୁଲର ଓ ଗବର୍ଣ୍ଣମେଣ୍ଟଙ୍କର ଆଜ୍ଞା ନିୟମାବଳୀ ଇତ୍ୟାଦି ଇଂରେଜୀରେ ଆସୁଅଛି ଓ ହାକିମମାନେ ଅନେକ ଆଜ୍ଞା ଇତ୍ୟାଦି ଇଂରେଜୀରେ ଲେଖନ୍ତି । ଇଂରେଜୀ ଜାଣିବା ମୋହରିର ଏସବୁ ବୁଝି ପାରି ସୁଚାରୁରୂପେ କର୍ମ କରିବ ଓ ପ୍ରତ୍ୟେକ ଇଂରେଜୀ ଲେଖିତ ବିଷୟ ବୁଝିବା ପାଇଁ ଦରମାଙ୍କଠାକୁ ନ ଦଉଡ଼ିବ । ଦ୍ୱିତୀୟତଃ ଶିକ୍ଷିତ ଲୋକଙ୍କୁ ନିଯୁକ୍ତ କରିବାଦ୍ୱାରା ଶିକ୍ଷାର ଉନ୍ନତି ଓ ଉତ୍ସାହ ହୁଅଇ । ଯେଉଁମାନେ ସ୍କୁଲରେ ଦୁଇଅକ୍ଷର ପଢ଼ି କେତେଦିନ ଚାଇବନବସୀ କରି କର୍ମ ପାଇବେ ଓ ଶିକ୍ଷିତ ବ୍ୟକ୍ତିମାନେ ନିରାଶ ହେବେ ଏଥିରେ କିପରି ଶିକ୍ଷାର ଉତ୍ସାହ ହେବ ? ତୃତୀୟତଃ ନିମ୍ନସ୍ଥ ପଦରେ ନିଯୁକ୍ତ ଥିବା ବ୍ୟକ୍ତିମାନେ କ୍ରମେ ଉପରସ୍ଥ ପଦକୁ ଉନ୍ନତି ଲଭନ୍ତି କିମ୍ବା ଲଭିବାର ଉଚିତ । ପ୍ରଥମରୁ ଉପଯୁକ୍ତ ଲୋକ ନିଯୁକ୍ତ କଲେ ସେମାନଙ୍କ ପଦୋନ୍ନତି ପକ୍ଷରେ କିଛି ବାଧା ନ ରହିବ ଓ ଉନ୍ନତି ଲଭିଲେ ସେମାନଙ୍କଦ୍ୱାରା ଉଚ୍ଚ ପଦର କର୍ମ ସୁଚାରୁରୂପେ ଚଳିବ ।

ଉପର୍ଯ୍ୟୁକ୍ତ ହେତୁମାନଙ୍କ ଦୃଷ୍ଟିରେ ଅମ୍ଭେମାନେ କମିଶ୍ନର ସାହେବଙ୍କର ଆପତ୍ତିର ଅନୁମୋଦନ କରୁଅଛୁଁ । ଅମ୍ଭେମାନେ କହୁଁ ମୋହରର ଚାହିଁକ ତାଇବନବସିରେ ଉପଯୁକ୍ତ ଲୋକ ନିଯୁକ୍ତ କରିବାର ଅବଶ୍ୟକ । ଶିକ୍ଷିତ ବ୍ୟକ୍ତି କଚେରୀ କର୍ମରୁ ଅନଭିଜ୍ଞ ଥିଲେ କେତେଦିନ ପର୍ଯ୍ୟନ୍ତ ତାହାଦ୍ୱାରା କର୍ମ ଉତ୍ତମରୂପେ ଚଳି ପାରଇ ନାହିଁ । ଏଣେ ତାଇବନବସମାନେ କଚେରୀ କର୍ମରୁ ଜ୍ଞାତ ହୋଇଥାନ୍ତି ଓ ସେମାନେ ଅନେକ ଦିନ ଅବେତନରେ କର୍ମ କରିଥିବାରୁ ସେମାନଙ୍କ ପ୍ରତି ମମତା ହୁଅଇ ଓ ସେମାନଙ୍କର ଦାବି ମଧ୍ୟ ଯଥାର୍ଥ ଅଟଇ । ଏଣୁ କରି ସେମାନେ ସୁଶିକ୍ଷିତ ନ ଥିଲେହେଁ କର୍ମ ପାଇଯାନ୍ତି ଓ ଶିକ୍ଷିତଲୋକେ ରହିଯାନ୍ତି । ଏ ହେତୁ ତାଇବନବିସିରେ ଉପଯୁକ୍ତ ଲୋକ ନିଯୁକ୍ତ କରିବାର ଆବଶ୍ୟକ । ଏହି କଟକ ଜିଲାରେ ଶ୍ରୀଯୁକ୍ତ ନୋଲନ ସାହେବ ନିୟମ କରିଥିଲେ ଯେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛଡ଼ା ଆଉ କେହି ତାଇବନବିସିରେ ନିଯୁକ୍ତ ହୋଇ ନ ପାରିବ ଓ ସେ ଏ ନିୟମାନୁସାରେ କେତେକ ଜଣ ଭଦ୍ରରୂପ ବ୍ୟକ୍ତିଙ୍କୁ ତାଇବନବିସିରେ ନିଯୁକ୍ତ କରିଥିଲେ । ମାତ୍ର ସେ ନିୟମ ଆଉ ବର୍ତ୍ତମାନ ନାହିଁ । ଅତଏବ ଅମ୍ଭେମାନେ କମିଶ୍ନର ସାହେବଙ୍କୁ ଅନୁରୋଧ କରୁଁ ଯେ ସେ ସେପରି ସୁନିୟମକୁ ସକଳ ଜିଲାରେ ପ୍ରବଳ କରାଇବାର କିଛି ବ୍ୟବସ୍ଥା କରନ୍ତୁ ।

---

ବଙ୍ଗପ୍ରଦେଶର ନାଳ ସଡ଼କ ।

ବଙ୍ଗଳାର ନାଳସମ୍ପର୍କୀୟ ସନ ୧୮୭୮।୭୯ ର ବାର୍ଷିକ ସମାଚାର ଇଣ୍ଡିଆ ଗେଜେଟରେ ବାହାରିଅଛି ଓ ତହିଁର ଫଳ ଦେଖି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଭାରି ସନ୍ତୁଷ୍ଟ ହୋଇଅଛନ୍ତି ବଙ୍ଗଳା ନାଳର କାର୍ଯ୍ୟକାରିତା ପ୍ରତି ଯେ କିଛି ସନ୍ଦେହ ଥିଲା ତାହା କ୍ରମଶଃ ଅଦୃଶ୍ୟ ହୋଇ ନାଳଦ୍ୱାରା ରାଜସ୍ୱ ବୃଦ୍ଧି ହେବାର ସମ୍ପୂର୍ଣ୍ଣ ଆଶା ଦେଖାଯାଏ । ଏଥିର ସାରକଥାମାନ ପାଠକଙ୍କ ଜ୍ଞାତ ସକାଶେ ଏଠାରେ ଉଦ୍ଧୃତ କରୁଅଛୁଁ ।

ବଙ୍ଗପ୍ରଦେଶରେ ସନ ୧୮୭୮।୭୯ ସାଲ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚକୋଟି ଟଙ୍କା ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚ ହୋଇଅଛି । ଏଥିର ସୁଧସ୍ୱରୂପ ଗବର୍ଣ୍ଣମେଣ୍ଟ ବଙ୍ଗଳାକୁ ଉକ୍ତ ସନରେ ଟ୨୮,୭୯,୭୦୭ କ୍ଷୋଦେଣ ହୋଇଥିଲା । ଏଥକୁ ନାଳଦ୍ୱାରା

Digitized by srujanika@gmail.com